

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17



Vol. 33 | ISSUE 310 ଭାଗ ୩୩ | ସଂଖ୍ୟା ୩୧୦ | Monday 2 February 2026 | Page 8 Rs. 5.00 | ଭୁବନେଶ୍ୱର ସୋମବାର ୨ ଫେବୃଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


ଭିଜନ ମୋଦି

# ବିକଶିତ ଭାରତର ସ୍ୱପ୍ନ




## ଟଙ୍କାକର ହିସାବ




**ଟଙ୍କାକର ଆୟ**
- ଋଣ ଓ ଅନ୍ୟାନ୍ୟ ଦାତା- ୨୪ ପ.
- କର୍ପୋରେଟ୍ ଟିକସ- ୧୮ ପ.
- ଆୟ କର- ୨୧ ପ.
- ସୀମା ଶୁଳ୍କ- ୪ ପ.
- କେନ୍ଦ୍ରୀୟ ଉତ୍ପାଦନ ଶୁଳ୍କ– ୬ ପ.
- ଜିଏସଟି ଓ ଅନ୍ୟାନ୍ୟ ଟିକସ– ୧୫ ପ.
- ଅଣଟିକସ– ୧୦ ପ.
- ଅଣପୁଞ୍ଜି ଋଣ- ୨ ପ.

**ଟଙ୍କାକର ବ୍ୟୟ**
- ଟିକସ ଓ ଶୁଳ୍କରେ ରାଜ୍ୟ ଭାଗ- ୨୨ ପ.
- ସୁଧ ଦେୟ- ୨୦ ପ.
- କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା– ୮ ପ.
- ଫାଇନାନ୍ସ କମିଶନ ଓ ଅନ୍ୟ ଟ୍ରାନ୍ସଫର- ୭ ପ.
- କେନ୍ଦ୍ରୀୟ ଯୋଜନା– ୧୭ ପ.
- ପ୍ରତିରକ୍ଷା- ୧୧ ପ.
- ପ୍ରମୁଖ ସବ୍‌ସିଡି- ୬ ପ.
- ସାଧାରଣ ପେନସନ- ୨ ପ.
- ଅନ୍ୟାନ୍ୟ ଖର୍ଚ୍ଚ– ୭ ପ.




## ବଳ ଦେବ ନିର୍ମଳାଙ୍କ 'ରିଫର୍ମ ଏକ୍ସପ୍ରେସ୍'

- ଆୟ ୩୪.୯୬ ଲକ୍ଷ କୋଟି, ବ୍ୟୟ ୫୦.୬୫ ଲକ୍ଷ କୋଟି
- ପରିବହନ କ୍ଷେତ୍ରକୁ ୧୫ ପ୍ରତିଶତ ଅଧିକ ଅର୍ଥ
- ଦେଶର ଅଭିବୃଦ୍ଧିକୁ ଆଗେଇ ନେବ ତିନି 'କର୍ତ୍ତବ୍ୟ'
- ଆୟ କର ସ୍ଲାବ୍ ଅପରିବର୍ତ୍ତିତ
- ଆୟ କର ଲୁଚାଇଲେ ଅଧିକ ଟିକସ ଦେବାକୁ ହେବ
- ଗରିବ ଚାଷୀ ଓ ମହିଳା ସଶକ୍ତିକରଣକୁ ଗୁରୁତ୍ୱ
- ଜନଜାତି କଲ୍ୟାଣ ପାଇଁ ପରିବର୍ତ୍ତନଶୀଳ ବଜେଟ୍
- ମେକ୍ ଇନ୍ ଇଣ୍ଡିଆ ଓ ଆତ୍ମନିର୍ଭର ଭାରତକୁ ମିଳିବ ଗତି
- ପ୍ରତ୍ୟେକ ଘରେ ସମୃଦ୍ଧିକୁ ସୁନିଶ୍ଚିତ କରିବା ଲକ୍ଷ୍ୟ

**ନୂଆଦିଲ୍ଲୀ,୧।୨:** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସଂସଦରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନା କରିଛନ୍ତି। ରେକର୍ଡ ନବମ ଥର ପାଇଁ ବଜେଟ୍ ଘୋଷଣା କରିବା ଅବସରରେ କେନ୍ଦ୍ର ମନ୍ତ୍ରୀ ବିକଶିତ ଭାରତକୁ ଗୁରୁତ୍ୱ ଦେଇଛନ୍ତି। ଆଗାମୀ ଦିନରେ କିପରି ଭାରତ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ଉନ୍ନତିର ଶିଖର ଛୁଇଁବ, ସେଦିଗରେ ଅନେକ ଯୋଜନା ହାତକୁ ନିଆଯାଇଛି। ତେବେ ଏ ବାବଦ ଖର୍ଚ୍ଚ ତୁଲାଇବା ସକାଶେ କେନ୍ଦ୍ର ସରକାର ପାଖାପାଖି ୧୮୭ ବିଲିୟନ୍ ଡଲାର୍ ଅର୍ଥାତ୍ ୧୭ ଲକ୍ଷ କୋଟି ଟଙ୍କା ଋଣ କରିବେ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଏହା ଜିଡିପିର ୪.୪ ପ୍ରତିଶତ। ୮୫ ମିନିଟ୍ ଅବଧି ବିଶିଷ୍ଟ ଅଭିଭାଷଣ ସମୟରେ କେନ୍ଦ୍ର ଅର୍ଥ ମନ୍ତ୍ରୀ କହିଥିଲେଯେ ସରକାର ଆଗାମୀ ଆର୍ଥିକ ବର୍ଷରେ ୪୪.୯୬ ଲକ୍ଷ କୋଟି ଟଙ୍କା ଆୟ କରିବାକୁ ଥିବା ବେଳେ ବିଭିନ୍ନ କ୍ଷେତ୍ରରେ ୫୦.୬୫ ଲକ୍ଷ କୋଟି ବ୍ୟୟ ଯୋଜନା କରିଛନ୍ତି। ରିପୋର୍ଟ ଅନୁସାରେ, କେନ୍ଦ୍ର ସରକାର ପ୍ରାୟ ୧୭.୨ ଟ୍ରିଲିୟନ ଟଙ୍କା ବା ୧୮୭ ବିଲିୟନ ଡଲାର ଅର୍ଥ ଋଣ କରିବେ, ଯାହା ଗତ ୨୦୨୫-୨୦୨୬ ଆର୍ଥିକ ବର୍ଷ ପାଇଁ ଉଦ୍ଦିଷ୍ଟ ବଜେଟ୍ ତୁଳନାରେ ପ୍ରାୟ ୧୭ ପ୍ରତିଶତ ଅଧିକ। ଚଳିତ ଆର୍ଥିକ ବର୍ଷରେ ସରକାର ୧୪.୬୧ ଲକ୍ଷ କୋଟି ଟଙ୍କା ଋଣ କରିବା ଲକ୍ଷ୍ୟ ରଖିଥିଲେ।

ସେହିପରି ଅର୍ଥମନ୍ତ୍ରୀ ତାଙ୍କ ବଜେଟ୍ ଭାଷଣରେ କହିଛନ୍ତି ଯେ ଗତ କିଛି ବର୍ଷ ହେଲା ଦେଶର ବଣ୍ଡ କାରବାର ବୃଦ୍ଧି ପାଇଛି। ବିଭିନ୍ନ ରାଜ୍ୟ ସରକାରଙ୍କ ସମେତ ଅନ୍ୟ ସଂସ୍ଥା ବଣ୍ଡ ସାହାଯ୍ୟରେ ➪ପୃଷ୍ଠା-୬

## କ'ଣ ଶସ୍ତା ଓ କ'ଣ ମହଙ୍ଗା

### ଶସ୍ତା



- ଅତ୍ୟାବଶ୍ୟକୀୟ ଔଷଧ
- ୧୭ଟି ଜୀବନ ରକ୍ଷାକାରୀ ଔଷଧ
- ସ୍ମାର୍ଟଫୋନ, ଇଭି ବ୍ୟାଟେରୀ ଓ ସୌର ପ୍ୟାନେଲ
- ଚମଡ଼ା ଜୋତା ଓ ବ୍ୟାଗ
- ବିଦେଶ ଭ୍ରମଣ
- ବିଦେଶରେ ଶିକ୍ଷା
- କ୍ରୀଡା ଉପକରଣ
- ଖାଦ୍ୟ ପାନୀୟ
- ବାୟୋଗ୍ୟାସ ଆଧାରିତ ସିଏନଜି
- ବିମାନରେ ବ୍ୟବହୃତ ସାମଗ୍ରୀ
- ପରମାଣୁ ଶକ୍ତି ପ୍ରକଳ୍ପ ପାଇଁ ଆମଦାନୀ ହେଉଥିବା ସାମଗ୍ରୀ
- ଜୀବନ ରକ୍ଷାକାରୀ ଔଷଧ
- ମାଇକ୍ରୋୱେଭ୍ ଓଭେନ
- ଟେଲିଭିଜନ ଓ ରେଫ୍ରିଜରେଟର
- ଟେକ୍ସଟାଇଲ୍ ସାମଗ୍ରୀ
- କଫି






### ମହଙ୍ଗା



- ମଦ, ସିଗାରେଟ, ପାନ ମସଲା ଓ ତମାଖୁ ଜାତୀୟ ପଦାର୍ଥ
- ବିଦେଶୀ ପ୍ରିମିୟମ୍ କାର
- କସମେଟିକ୍ସ, ଲଗଜରୀ ବ୍ୟୁଟି ସାମଗ୍ରୀ
- ସୁନା ଓ ରୁପା, ଖଣିଜ ଦ୍ରବ୍ୟ
- ଏଫ୍‌ଆଣ୍ଡଓ ଟ୍ରେଡିଂ
- ଛତା (ଗାର୍ଡେନ୍ ଛତା ବ୍ୟତୀତ)




## କେଉଁ କ୍ଷେତ୍ରରେ କେତେ ଖର୍ଚ୍ଚ ହେବ

ଆଜି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି। ୫୩ ଲକ୍ଷ କୋଟିରୁ ଅଧିକ ଟଙ୍କାର ବଜେଟ ଉପସ୍ଥାପନ ହୋଇଥିବା ବେଳେ ଫୋକସରେ ରହିଛି ପରିବହନ। ଏଥିସହ ପ୍ରତିରକ୍ଷା, ଗ୍ରାମୀଣ ବିକାଶ, କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପାଇଁ ବଜେଟରେ ବଡ଼ ବ୍ୟୟ ଅଟକଳ କରାଯାଇଛି।

୧- ପରିବହନ- ୫, ୯୮,୫୨୦ କୋଟି
୨- ପ୍ରତିରକ୍ଷା– ୫,୯୪,୫୮୫ କୋଟି
୩- ଗ୍ରାମୀଣ ବିକାଶ– ୨,୭୩,୧୦୮ କୋଟି
୪- ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ- ୨,୫୫, ୨୩୪ କୋଟି
୫- କୃଷି କାର୍ଯ୍ୟକ୍ରମ – ୧,୬୨,୬୭୧ କୋଟି
୬- ଶିକ୍ଷା – ୧,୩୯, ୨୮୯ କୋଟି
୭- ଶକ୍ତି – ୧,୦୯, ୦୨୯ କୋଟି
୮- ସ୍ୱାସ୍ଥ୍ୟ – ୧,୦୪,୫୯୯ କୋଟି
୯- ସହରୀ ବିକାଶ – ୮୫,୫୨୨ କୋଟି
୧୦- ଆଇଟି ଓ ଟେଲିକମ – ୭୪,୫୬୦ କୋଟି
୧୧- ବାଣିଜ୍ୟ ଓ ଶିଳ୍ପ – ୭୦,୨୯୬ କୋଟି
୧୨- ସାମାଜିକ କଲ୍ୟାଣ – ୬୨, ୩୬୨ କୋଟି
୧୩- ବିଜ୍ଞାନ ଭିତ୍ତିକ ବିଭାଗ – ୫୫,୭୫୬ କୋଟି
୧୪- ଟିକସ ପ୍ରଶାସନ – ୪୫, ୫୦୦ କୋଟି
୧୫- ବୈଦେଶିକ ବ୍ୟାପାର – ୨୨, ୧୧୯ କୋଟି
୧୬- ଅର୍ଥ – ୨୦, ୬୪୯ କୋଟି
୧୭- ଉତ୍ତର ପୂର୍ବର ବିକାଶ – ୬,୮୧୨ କୋଟି

## ଟ୍ରେଡର୍‌ଙ୍କ ପସନ୍ଦ ଆସିଲାନି ବଜେଟ୍
## ଶେୟାର୍ ମାର୍କେଟ୍ ରକ୍ତରଞ୍ଜିତ

ଆଜି କେନ୍ଦ୍ର ଅର୍ଥ ମନ୍ତ୍ରୀ ୨୦୨୬-୨୭ ପାଇଁ ବଜେଟ୍ ଉପସ୍ଥାପନ କରିଥିବା ବେଳେ ଏହା ଶେୟାର୍ ମାର୍କେଟ୍‌ରେ ନିବେଶ କରୁଥିବା ଟ୍ରେଡର୍‌ଙ୍କୁ ପସନ୍ଦ ଆସିନାହିଁ। କାରଣ ବଜେଟ୍‌ର ତ୍ୱରିତ ପ୍ରତିକ୍ରିୟା ସ୍ୱରୂପ ମାର୍କେଟ୍‌ରେ ଲକ୍ଷ ଲକ୍ଷ କୋଟି ଟଙ୍କା ବୁଡ଼ିଯାଇଛି। ଏପରିକି ଦେଶର ୫୦ଟି ପ୍ରମୁଖ କମ୍ପାନୀକୁ ନେଇ ଗଠିତ ନିଫ୍ଟି ୫୦ ଇଣ୍ଡେକ୍ସରେ ପ୍ରାୟ ୨ ପ୍ରତିଶତ ଅର୍ଥାତ୍ ପାଖାପାଖି ୫୦୦ ପଏଣ୍ଟ୍ ହ୍ରାସ ଘଟିଛି। ସେହିପରି ସେନ୍ସେକ୍ସରେ ପାଖାପାଖି ୧୫୦୦ ଓ ବ୍ୟାଙ୍କ୍ ନିଫ୍ଟିରେ ୧୨୦୦ ପଏଣ୍ଟ୍ ହ୍ରାସ ଘଟିଥିବା ➪ପୃଷ୍ଠା-୬

## ରେଳ ପାଇଁ ରେକର୍ଡ ୨.୯୩ ଲକ୍ଷ କୋଟି

**ନୂଆଦିଲ୍ଲୀ,୧।୨:** ୨୦୨୬-୨୭ ଆର୍ଥିକ ବର୍ଷର ବଜେଟରେ ରେଳବାଇକୁ ମିଳିଛି ରେକର୍ଡ ପରିମାଣର ଅନୁଦାନ। କେନ୍ଦ୍ର ସରକାର ରେଳ ବିଭାଗକୁ ଦେଇଛନ୍ତି ୨.୭୮ ଲକ୍ଷ କୋଟି ଟଙ୍କା। ପୂର୍ବରୁ କୌଣସି ବଜେଟରେ ରେଳ ବିଭାଗକୁ ଏତେ ପରିମାଣର ଅନୁଦାନ ମିଳି ନଥିଲା। ରେଳ ଭିତ୍ତିଭୂମିକୁ ସୁଦୃଢ଼ କରି ଅର୍ଥନୀତିକ କାର୍ଯ୍ୟକଳାପକୁ ବୃଦ୍ଧି କରିବା, ଭିତ୍ତିଭୂମୀ କ୍ଷମତାକୁ ବୃଦ୍ଧି କରିବା ଓ ନିଯୁକ୍ତି ସୁଯୋଗକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ଏତେ ପରିମାଣର ବ୍ୟୟବରାଦ କରିଛନ୍ତି।



- ହାଇସ୍ପିଡ ଡାଇମଣ୍ଡ ହେବ ୫ ଦକ୍ଷିଣ ଭାରତ ରାଜ୍ୟ
- ସୁରକ୍ଷା ଓ ରକ୍ଷଣାବେକ୍ଷଣକୁ ଫୋକସ

ଗତ ଆର୍ଥିକ ବର୍ଷରେ ରେଳବାଇକୁ ମୋଟ ୨.୫୫ ଲକ୍ଷ କୋଟି ଟଙ୍କାର ଅନୁଦାନ ଦିଆଯାଇଥିଲା। ଏହା ମଧ୍ୟରେ ପୁଞ୍ଜିଗତ ବ୍ୟୟର ପରିମାଣର ୨.୫୨ ଲକ୍ଷ କୋଟି ଥିଲା। ୨୦୨୬-୨୦୨୭ ଆର୍ଥିକ ବର୍ଷ ପାଇଁ ପୁଞ୍ଜିଗତ ଖର୍ଚ୍ଚକୁ ୨.୭୮ ଲକ୍ଷ କୋଟି କରାଯାଇଛି। ତେବେ ମୋଟ ଉପରେ ରେଳବାଇ ଭିତ୍ତିଭୂମି ପାଇଁ ୨.୯୩ ଲକ୍ଷ କୋଟିର ବ୍ୟବସ୍ଥା ହୋଇଛି। ରେଳବାଇକୁ ମିଳିଥିବା ଅନୁଦାନ ନେଇ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଚେନ୍ନାଇ, ବେଙ୍ଗାଲୁରୁ ଓ ହାଇଦ୍ରାବାଦ ମିଳିତ ଭାବେ ଗୋଟିଏ ହାଇସ୍ପିଡ ଟ୍ରାଏଙ୍ଗଲ୍ କିମ୍ବା ଦକ୍ଷିଣ ହାଇସ୍ପିଡ ଡାଇମଣ୍ଡରେ ପରିଣତ ହେବେ। ଏହା ସମସ୍ତ ୫ ଦକ୍ଷିଣ ଭାରତୀୟ ରାଜ୍ୟ- କର୍ଣ୍ଣାଟକ, ତେଲଙ୍ଗାନା, ଆନ୍ଧ୍ର, ତାମିଲନାଡୁ ଓ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀର ମେରୁଦଣ୍ଡ ଭାବେ ଉଭା ହେବ।

ଚେନ୍ନାଇ-ବେଙ୍ଗାଲୁରୁ ଯାତ୍ରା ସମୟ କେବଳ ୧ ଘଣ୍ଟା ୧୩ ମିନିଟକୁ ଖସି ଆସିବ। ବେଙ୍ଗାଲୁରୁରୁ ହାଇଦ୍ରାବାଦର ଯାତ୍ରା ସମୟ ୨ ଘଣ୍ଟା ଓ ଚେନ୍ନାଇ-ହାଇଦ୍ରାବାଦ ମଧ୍ୟରେ ଯିବା ଆସିବା କରିବାକୁ ୨ ଘଣ୍ଟା ୫୫ ମିନିଟ ସମୟ ଲାଗିବ। ଚେନ୍ନାଇ, ବେଙ୍ଗାଲୁରୁ ଓ ହାଇଦ୍ରାବାଦ ହେଉଛନ୍ତି ପ୍ରମୁଖ ଅର୍ଥନୀତିକ କେନ୍ଦ୍ର। ଏଗୁଡ଼ିକ ବଡ଼ ସହର ଓ ଆଇଟି ହବ। ➪ପୃଷ୍ଠା-୬

## ଓଡ଼ିଶା ପାଇଁ ୩ ଗୁରୁତ୍ୱପୂର୍ଣ୍ଣ ଘୋଷଣା

ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ସଂସଦରେ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ କରିଥିବା ବେଳେ ଏଥିରେ ଓଡ଼ିଶା ପାଇଁ ୩ଟି ଘୋଷଣା ରହିଛି। ବଜେଟ୍‌ରେ ସେ ଯୁବ ଶକ୍ତି ଉପରେ ଗୁରୁତ୍ୱ ଦେଇଛନ୍ତି। ଓଡ଼ିଶା ପାଇଁ ଘୋଷଣା ହୋଇଛି ଦୁର୍ଲ୍ଲଭ ମୃତ୍ତିକା କରିଡର (ରେୟାର ଆର୍ଥ କରିଡର) ଯାହାକି ଓଡ଼ିଶା ବ୍ୟତୀତ କେରଳ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ ଭଳି ଖଣିଜ ସମ୍ପଦଭରା ରାଜ୍ୟରେ ସ୍ଥାପନ କରାଯିବ। ଏହାଦ୍ୱାରା ସମ୍ପୃକ୍ତ ରାଜ୍ୟଗୁଡ଼ିକରେ ଖଣିଜ ଉତ୍ତୋଳନ ପରିମାଣ ବଢ଼ିବା ସହ ପରବର୍ତ୍ତୀ ପ୍ରକ୍ରିୟା ଓ ଉତ୍ପାଦନ ବୃଦ୍ଧି ପାଇବ। ସେହିପରି ଜଳପଥରେ ପରିବହନକୁ ବଜେଟ୍‌ରେ ଗୁରୁତ୍ୱ ମିଳିଛି। ଏ କ୍ଷେତ୍ରରେ କେନ୍ଦ୍ର ସରକାର ୨୦ଟି ନୂତନ ଜାତୀୟ ଜଳପଥ ଆଗାମୀ ୫ ବର୍ଷରେ କାର୍ଯ୍ୟକ୍ଷମ କରିବେ ବୋଲି ଘୋଷଣା କରିଛନ୍ତି। ଜାତୀୟ ଜଳପଥ-୫ରେ ଓଡ଼ିଶାକୁ ସାମିଲ କରାଯିବ। ଖଣିଜ ସମ୍ପଦଭରା ତାଳଚେର ଓ ଅନୁଗୁଳ ସହ ଶିଳ୍ପନଗରୀ କଳିଙ୍ଗନଗରରୁ ପାରାଦୀପ ଓ ଧାମରା ଆଦି ଏଥିରେ ସାମିଲ ହେବ। ଏଥିପାଇଁ ଆଞ୍ଚଳିକ ତାଲିମ ପ୍ରତିଷ୍ଠାନ ପ୍ରତିଷ୍ଠା କରାଯିବ, ଯେଉଁଠାରେ ଆବଶ୍ୟକ ମାନବ ସମ୍ବଳକୁ ତାଲିମ ପ୍ରଦାନ କରାଯିବ। ➪ପୃଷ୍ଠା-୬

- ପ୍ରତିଷ୍ଠା ହେବ ବିରଳ ମୃତ୍ତିକା ଖଣିଜ କରିଡର
- ରାଜ୍ୟରେ ହେବ ଜାତୀୟ ଜଳମାର୍ଗ-୫
- ଟର୍ଟଲ୍ ଟ୍ରେଲ୍ ଓ କଇଁଚ ସୁରକ୍ଷାସ୍ଥଳୀର ବିକାଶ

## ବିକଶିତ ଭାରତ ଯାତ୍ରାର ମୂଳଦୁଆ



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଭିଡିଓ ବାର୍ତ୍ତା ମାଧ୍ୟମରେ କେନ୍ଦ୍ର ବଜେଟ୍ ୨୦୨୬ ଉପରେ ମନ୍ତବ୍ୟ ରଖିଛନ୍ତି। ସେ କହିଛନ୍ତି ଯେ ଆଜିର ବଜେଟ୍ ଐତିହାସିକ ଓ ଏହା ଦେଶର ମହିଳାଙ୍କ ସଶକ୍ତ ମନୋବଳକୁ ପ୍ରତିଫଳିତ କରୁଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଜଣେ ମହିଳା ଅର୍ଥମନ୍ତ୍ରୀ ଭାବେ କ୍ରମାଗତ ନବମ ଥର ପାଇଁ ଦେଶର ବଜେଟ୍ ଉପସ୍ଥାପନ କରି ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ତାଙ୍କ ଦ୍ୱାରା ଉପସ୍ଥାପିତ ବଜେଟ୍ ଅପାର ସୁଯୋଗର ଏକ ପ୍ରଶସ୍ତ ପଥ, ଯାହା ବର୍ତ୍ତମାନର ସ୍ୱପ୍ନକୁ ପୂରଣ କରିବ ଏବଂ ଭାରତର ଉଜ୍ଜ୍ୱଳ ଭବିଷ୍ୟତର ମୂଳଦୁଆକୁ ସୁଦୃଢ଼ କରିପାରିବ। ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବା ଦିଗରେ ଭାରତର ଉଚ୍ଚ ଯାତ୍ରାର ଆଧାର ଭାବେ ଏହି ବଜେଟ୍ କାର୍ଯ୍ୟ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଯେଉଁ ସଂସ୍କାର ଏକ୍ସପ୍ରେସ ଉପରେ ଭାରତ ଯାତ୍ରା କରୁଛି, ତାହା ଏହି ବଜେଟ୍ ମାଧ୍ୟମରେ ନୂତନ ଶକ୍ତି ଓ ନୂତନ ଗତି ହାସଲ କରିବ। ଗ୍ରହଣ କରାଯାଇଥିବା ପଥପ୍ରଦର୍ଶକ ସଂସ୍କାର ଭାରତର ଆକାଂକ୍ଷୀ, ସାହସୀ ଓ ପ୍ରତିଭାବାନ ଯୁବକମାନଙ୍କୁ ଉଡ଼ାଣ ପାଇଁ ଏକ ଖୋଲା ➪ପୃଷ୍ଠା-୬

## ଯୁବ ସମାଜକୁ ଆତ୍ମବିଶ୍ୱାସୀ କରିବ

**ଭୁବନେଶ୍ୱର:** ଆଜି କେନ୍ଦ୍ର ବଜେଟ୍ ଉପସ୍ଥାପିତ ହୋଇଥିବା ବେଳେ ଏଥିରେ ଯୁବପିଢ଼ି ପାଇଁ ଅନେକ କିଛି ବ୍ୟବସ୍ଥା କରାଯାଇଥିବାରୁ ଏହା ଯୁବସମାଜକୁ ଆତ୍ମବିଶ୍ୱାସୀ କରିବ ବୋଲି ପ୍ରତିକ୍ରିୟାରେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋନପୁରଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ବଜେଟ୍ ଅଭିବୃଦ୍ଧିମୂଳକ। ସମାଜର ସବୁ ବର୍ଗର ଲୋକଙ୍କ ଅଭିବୃଦ୍ଧି ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। ଯୁବଶକ୍ତିର ବିକାଶ ଉପରେ ସ୍ୱତନ୍ତ୍ର ଫୋକସ୍ ରହିଛି। ଦେଶର ଆର୍ଥିକ ଅଭିବୃଦ୍ଧିକୁ ଜାରି ରଖିବା ପାଇଁ ମୋଦି ସରକାର ଅଦ୍ୟାବଧି ୩୫୦ଟି ଢାଞ୍ଚାଗତ ସଂସ୍କାର ଆଣିଛନ୍ତି। ଏହା ସ୍ୱାଧୀନ ଭାରତର ଅର୍ଥନୈତିକ ଇତିହାସରେ ଏକ ବିରଳ ଅଧ୍ୟାୟ।



ବିଶେଷକରି ଓଡ଼ିଶା ପାଇଁ ରେୟାର-ଆର୍ଥ କରିଡର, ପୂର୍ବତଟ ବିକାଶ କରିଡରରେ ପୂର୍ବ ଉପକୂଳରେ ଥିବା ପର୍ଯ୍ୟଟନ ଓ ଅର୍ଥନୈତିକ ହବ୍ ଘୋଷଣା ଦ୍ୱାରା ଏହାର ଉପକୂଳ ଭୌଗୋଳିକ ଏବଂ ଅର୍ଥନୈତିକ ସଂଯୋଗ ହେତୁ ଓଡ଼ିଶା ଲାଭାନ୍ୱିତ ହେବ। ୫ଟି ପୂର୍ବୋଦୟ ରାଜ୍ୟ (ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ)ରେ ୫ଟି ପର୍ଯ୍ୟଟନସ୍ଥଳୀ ସୃଷ୍ଟି କରାଯିବ ଏବଂ ସର୍ବସାଧାରଣ ପରିବହନ ପାଇଁ ୪୦୦୦ ଇ-ବସ୍ ଯୋଗାଇ ଦିଆଯିବ। ଏହାଛଡ଼ା ବନ୍ୟଜନ୍ତୁ ପର୍ଯ୍ୟଟନ ଓ ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ କଇଁଛ ଟ୍ରେଲ୍ ବିକଶିତ କରାଯିବ। ବଜେଟରେ ଏହି ପ୍ରକୃତି ଭିତ୍ତିକ ପର୍ଯ୍ୟଟନ ଯୋଜନ, ପରିବେଶ ଅନୁକୂଳ ପର୍ଯ୍ୟଟନ ଭିତ୍ତିଭୂମି ଉପରେ ଧ୍ୟାନ କେନ୍ଦ୍ରିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଏହାଛଡ଼ା କୃଷି କ୍ଷେତ୍ରରେ ଓଡ଼ିଶାକୁ ଆଗୁଆ କରିବା ପାଇଁ ବି କେନ୍ଦ୍ର ଅର୍ଥ ମନ୍ତ୍ରୀ ଗୁରୁତ୍ୱ ଦେଇଥିବାରୁ ପ୍ରଧାନମନ୍ତ୍ରୀ ଓ ଅର୍ଥ ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହାଛଡ଼ା ଆସନ୍ତା ୫ ବର୍ଷ ମଧ୍ୟରେ ୧୦ ହଜାର କୋଟିର ବ୍ୟୟବରାଦ ସହ 'ବାୟୋଫାର୍ମା ଶକ୍ତି' ପାଇଁ ଘୋଷଣା କରାଯାଇଛି। ଏଥିସହ କେମିକାଲ୍ ପାର୍କ ପାଇଁ ୬୦୦ କୋଟି, ଇନଫ୍ରାଷ୍ଟ୍ରକଚର ରିସ୍କ ଗ୍ୟାରେଣ୍ଟି ଫଣ୍ଡ ବାବଦରେ ୧ ହଜାର କୋଟି, ଏମ୍‌ଏସ୍‌ଏମ୍‌ଇ ଅଭିବୃଦ୍ଧି ➪ପୃଷ୍ଠା-୬

## ଜନହିତକର ଓ ନିଯୁକ୍ତିଭିତ୍ତିକ



**ନୂଆଦିଲ୍ଲୀ:** 'କେନ୍ଦ୍ର ବଜେଟ୍ ୨୦୨୬-୨୭' ଏକ ଭବିଷ୍ୟତବାଦୀ, ଯୁବଶକ୍ତି-କୈନ୍ଦ୍ରିକ, ଜନହିତକର ଓ ନିଯୁକ୍ତିଭିତ୍ତିକ। ଦେଶର ଅଭିବୃଦ୍ଧି ସାମର୍ଥ୍ୟର ସମ୍ପୂର୍ଣ୍ଣ ବିନିଯୋଗ, ସବୁ ବର୍ଗର ଲୋକଙ୍କ ସାମଗ୍ରିକ ବିକାଶ ଏବଂ 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବା ପାଇଁ ଲୋକଭିମୁଖୀ ବଜେଟ୍ ଉପସ୍ଥାପନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ବଜେଟ୍ ପୂର୍ବ-ଭାରତ ବିଶେଷକରି ଓଡ଼ିଶାର ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ସେ ଆଶା ରଖିଛନ୍ତି। ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପ୍ରଧାନ କହିଛନ୍ତି ଯେ 'ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା, ସମସ୍ତଙ୍କ ଆଶା-ଆକାଂକ୍ଷା ପୂରଣ କରି ସାମର୍ଥ୍ୟ ବଢ଼ାଇବା ଏବଂ ପ୍ରତିଟି ପରିବାର ଓ ସମ୍ପ୍ରଦାୟ ପାଖରେ ସମ୍ବଳ, ସୁଯୋଗ ଓ ସୁବିଧା ପହଞ୍ଚାଇବା'- ଏହି ୩ଟି କର୍ତ୍ତବ୍ୟ ଦ୍ୱାରା ଅନୁପ୍ରାଣିତ ଏହି ବିକଶିତ ଭାରତ ବଜେଟ୍ ସବୁ କ୍ଷେତ୍ରରେ ସର୍ବାଙ୍ଗୀନ ବିକାଶ ଆଣିବ। ଏହି ବଜେଟ୍ ସବ କା ସାଥ୍, ସବ କା ବିକାଶ ମନ୍ତ୍ର ଉପରେ ଗୁରୁତ୍ୱ ଦେଇଛି, ଯାହା ଗରିବ ଓ ମଧ୍ୟବିତ୍ତ ପରିବାରକୁ ବିଶେଷ ଫାଇଦା ଦେବ। ଏହା ଭାରତର ପରବର୍ତ୍ତୀ ପର୍ଯ୍ୟାୟର ଅଭିବୃଦ୍ଧି ➪ପୃଷ୍ଠା-୬

# ଅବ୍ୟକ୍ତ ମୋହ



ଜୟଶ୍ରୀ ପଟ୍ଟନାୟକ



ଶିବାନୀ! ତୁମକୁ ଆଜି ସବୁକଥା ଖୋଲିକି କହିବାକୁ ହେବ। କେତେଦିନ ଆଉ ଅପେକ୍ଷା କରିବ ବାପା ମା ଙ୍କର ନିଷ୍ପତ୍ତିକୁ। ତୁମେ ତ ପାଠ ପଢ଼ିଛ, ଚାକିରି କରିଛ, ଘରେ ବି ତ ଆମ ଭଲପାଇବା କଥା ଜାଣିଛନ୍ତି ପୁଣି କୋଉ କଥା ପାଇଁ ଅମଙ୍ଗ ସେମାନେ? ମୁଁ ତ ଚାକିରି କରୁଛି ସୁଦୂର କଳାହାଣ୍ଡିରୁ ବଦଳି ହୋଇ ଆସି ଭୁବନେଶ୍ୱରରେ ଚାକିରି କରିଲି। ଘର ଭଡ଼ା ନେଇ ରହିଲି। ଆମେ ଚଳିବା ପାଇଁ ରୋଷେଇ ଠାରୁ ଘରେ ଆବଶ୍ୟକ ପଡୁଥିବା ଯାବତୀୟ ଜିନିଷ ପତ୍ର କରିଲି। ବ୍ରାହ୍ମଣ ଘର ହୋଇବି ଘରେ ତୁମ ପ୍ରସ୍ତାବରେ ସମସ୍ତଙ୍କୁ ରାଜି କରେଇଲି। ତୁମ ଘର ଲୋକେ ଆମ ପ୍ରସ୍ତବରେ ଯଦି ରାଜି ନ ହେବେ ତେବେ ଆମ ସମ୍ପର୍କ, ଭଲ ପାଇବାକୁ କଣ ଅଧୁରା କାହାଣୀ କହି ଭୁଲିଯିବା। ସାରା ଜୀବନ ତୁମେ ମୋତେ ମୁଁ ତୁମକୁ ପାଖରେ ନ ପାଇବାର ବିରହରେ ନୂଆ ଜୀବନ ଗଢ଼ି ପାରିବା। ଯୋଉ ମୁହୂର୍ତ୍ତ ମାନ ଏକାଠି ସାଙ୍ଗ ହୋଇ ବିତାଇଥିଲେ ତାହା ଭୁଲିପାରିବା? କୁହ ଜବାବ ଦିଅ। ନିରବ ରହିଲେ ମୁଁ ଜାଣିବି ଯେ ତୁମେ ବାପା ମା ଙ୍କ କଥାକୁ କାଟି ପାରିବନି। ତୁମ ମନ ଭିତରେ ଯାହା ଅଛି ତାକୁ ବ୍ୟକ୍ତ କର ଅନ୍ତତଃ ମୁଁ ଜାଣିବାକୁ ଚାହେଁ ଆମ ସମ୍ପର୍କ ଆଗକୁ ବଢ଼ିବ କି ଏଇଠୁ ଶେଷ ହୋଇଯିବ। ବୟସ ହେଲାଣି ବୋଲି ଆମ ଘରେ ବ୍ୟସ୍ତ ହେଲେଣି। ମୋ ପରେ ସାନ ଭଉଣୀ ଅଛି ତା କଥା ପୁଣି ବୁଝିବାକୁ ହେବ। ଜୀବନର ପ୍ରତ୍ୟେକ କଥା ସମୟ ସହିତ ତାଳ ଦେଇ କରିବାକୁ ହୁଏ। ପାଠ ହେଉ ଚାକିରି ବାହାଘର କି ସନ୍ତାନ। ପ୍ରତ୍ୟେକ ମଣିଷର କିଛି ଦାୟିତ୍ୱ ଥାଏ ତାକୁ ସମ୍ପୂର୍ଣ୍ଣ କରିବା ପାଇଁ ମନ ଚାହେଁ। ଆମେ ବି ସେହି ଦାୟିତ୍ୱ ରେ ବନ୍ଧା। ଦାୟିତ୍ୱ ମୁକ୍ତ କଲେ ଘର ଲୋକ ଶାନ୍ତିରେ ସମୟ କାଟିବେ।

କିଛି କହି ପାରୁ ନ ଥୁଲା ଶିବାନୀ କାହା କଥାରେ ସମ୍ମତି ଜଣାଇବ ଏପଟେ ବାପା ମା ସେପଟେ ଭଲ ପାଇବା। ସେଦିନ ଘରେ କଥା ପଡୁ ପଡୁ ବାପା ମା କିଛି ନ କହିବା ଆଗରୁ ବିବାହିତ ବଡ଼ ଭଉଣୀ କହିଦେଲା ତୁ ପଛକେ ଛୋଟ ଚାକିରି କରୁଥିବା ପୁଅକୁ ବାହା ହେ କିନ୍ତୁ ନିଜ ଜାତିର ସ୍ୱାଭିମାନ ରଖେ। ନିଜ ଜାତିରେ କଣ ପିଲା ନାହାନ୍ତି ଯେ ଉଚ୍ଚ ଜାତିରେ ବାହା ହେବୁ? ତୁ ପରା ଓ ଏ ଭି ରେ ଶିକ୍ଷକତା କରୁଛୁ, ତୋତେ କଣ ପ୍ରସ୍ତାବ ମିଳିବନି? ଶିବାନୀ ଯୁକ୍ତି କରିଥିଲା ଶିବାଶିଷ ଜଣେ ଆସିଷ୍ଟାଣ୍ଟ ଡ଼ାଇରେକ୍ଟର

ଜଣେ ରିସର୍ଚ୍ଚ ଫେଲୋ ତା ଛଡା ଭଲ ପାଇବାରେ ଉଚ୍ଚ ନୀଚ ଜାତି ଭେଦ ଏସବୁର ପ୍ରଶ୍ନ କାହିଁକି ଉଠୁଛି। ବାହାଘର ପାଇଁ ସମ୍ମତି କେବଳ ଲୋଡ଼ିଥିଲା ଶିବାନୀ। କାଠ ଗଡ଼ା ରେ ଛିଡା ହୋଇ ଭଲ ପାଇବା ପାଇଁ ପଚାରୁଥିବା ପ୍ରଶ୍ନ ମାନଙ୍କର ଉତ୍ତର ଦେବା ପାଇଁ ନୁହେଁ। ଦୁନିଆରେ କିଏ ଭଲ ପାଉନି ଯେ? ବାପାଙ୍କ ଆଡେ ଚାହିଁଲା ଶିବାନୀ ବାପା କାଳେ କିଛି ହୁଁ କି ଚୁଁ କହିବେ ବୋଲି। ବୋଉ କାଳେ ବାପାଙ୍କୁ ବୁଝେଇ ରାଜି କରେଇବ ବୋଲି। ହେଲେ ସେମିତି କିଛି ଘଟିଲାନି ସେଦିନ। ଶିବାଶିଷ ସେପଟେ ଅପେକ୍ଷା କରିଛି ଶିବାନୀର ଉତ୍ତରକୁ। ଗୋଟିଏ ସପ୍ତାହ ର ସମୟ ମାଗିଛି। ଶିବାଶିଷ ବହୁତ ସିଧା ସାଧା ପିଲା। କୁଟିଳ ଜଟିଳ ମନ ନୁହେଁ ତାର। ସାଧାରଣ ଘରର ପୁଅ। ଭୁବନେଶ୍ୱର ରେ ଚାକିରି। ବଦଳିର ପ୍ରଶ୍ନ ନାହିଁ କହିଥିଲା ତୁମକୁ ସମ୍ବଲପୁର ରୁ ବଦଳି କରି ଭୁବନେଶ୍ୱର କିମ୍ବା ତା ଆଖ ପାଖ ଓ ଏ ଭି କୁ ନେଇ ଆସିବି, ଖୁସିରେ ରଖିବି।

ହଜିଯାଉଥିଲା ଶିବାନୀ କିଛି ସମୟ ଗୋଟେ ଅବ୍ୟକ୍ତ ମୋହ ରେ। ପଞ୍ଜୁରୀ ଭିତରେ ଶୁଆ ଟିକୁ ଦେଖି ଭାବୁଥିଲା ଖାଦ୍ୟ, ପାନୀୟ ସବୁ ଦେଲା ପରେ ବି ଶୁଆଟି ପିଞ୍ଜରା ବନ୍ଧ ହୋଇ ଯାହା ଯିଏ ଶିଖାଉଛି ତାକୁ କହୁଚି। ହେଲେ ସ୍ୱାଧୀନତା ହରେଇ ପିଞ୍ଜରାରେ ନିଜକୁ ଆବଦ୍ଧ କରି ରଖିଛି। ନିଜ ଇଚ୍ଛା ମୁତାବକ ଜୀବନ ଜିଇଁ ପାରୁଛି ନା ଉନ୍ମୁକ୍ତ ଆକାଶରେ ଉଡ଼ି ପାରୁଛି। ଦେଖ ଶିବାନୀ! ଜୀବନ ତୁମର, ନିଷ୍ପତ୍ତି ତୁମର ସପ୍ତାହକ ଭିତରେ ତୁମ ନିଷ୍ପତ୍ତି ଜଣାଇଲେ ମୁଁ ପ୍ରସ୍ତୁତ ହେବି ନଚେତ ଆମ ଭଲ ପାଇବାରେ ବିଶ୍ୱାସ ଓ ଭରସା ନ ଥିଲା ବୋଲି ଭାବିନେବି। ଏହା ତୁମପାଇଁ ପରୀକ୍ଷାର ସମୟ ନୁହେଁ ବରଂ ଭାବି ଚିନ୍ତି ଭବିଷ୍ୟତ ଗଢ଼ିବାର କଥା। ତୁମ ଜୀବନ ତୁମର। ତୁମେ କଷ୍ଟରେ ରହିଲେ କେହି ତୁମକୁ ପଚାରିବେନି କଣ ହୋଇଛି ବୋଲି କି ବିରହରେ ଲୁହ ଢାଳିଲେ କେହି ବୁଝେଇ ଦେବେନି ମନକୁ। ଆମେ ଗଢ଼ିଥିବା ରାସ୍ତାରେ ଆମେ ହିଁ ପଥଚାରୀ। ଯଦି ରାସ୍ତା ଠିକ ଅଛି ଚାଲିବାରେ ଅସୁବିଧା ନାହିଁ ଏ ରାସ୍ତା ଆମର ଭଲ ପାଇବାର। ଦୁଇ ଜଣଙ୍କର ଏକା ନିଷ୍ପତ୍ତି ର ରାସ୍ତା। ଏ ରାସ୍ତା ଆମକୁ ଚାଲିବାକୁ ହେବ ହାସ ହାତରେ ହାତଟିଏ ରଖି ଆଗକୁ ଚାଲିବାରେ। ତୁମ ନିଷ୍ପତ୍ତିକୁ ମୁଁ ଅପେକ୍ଷା କରିଛି। ଯାଅ ଭାବ ସାଙ୍ଗ ସାଥୀଙ୍କ ସହ ଆଲୋଚନା କର ଏବଂ ମୋତେ ଜଣାଅ।

ସପ୍ତାହକ ପରେ କିଛି ଆଉ ଭାବି ନ ଥିଲା ଶିବାନୀ ନା ବାପା ନା ଭଉଣୀ ନା ପରିବାର ନିଜ ଭଲ ପାଇବାକୁ ସ୍ୱୀକୃତି ଦେବାପାଇଁ ଫୋନ କରିଥିଲା ଶିବାଶିଷ କୁ। ତୁମେ ପ୍ରସ୍ତୁତ କର ମୁଁ ଆସୁଚି। କେମିତି ଗୋଟିଏ ଅବ୍ୟକ୍ତ ମୋହ ରେ ହସି ଉଠୁଥିଲା ଶିବାଶିଷ। ହୃଦୟର ଡାକ ସତେ କେତେ ଆପଣାର ଏଇୟା ଭାବିକି।

**ଗଙ୍ଗନଗର, ଭୁବନେଶ୍ୱର**
**ମୋବାଇଲ: ୭୯୭୮୧୧୦୪୭୪**



# ଚିନ୍ତୁର ସାହସ

ପବିତ୍ର ବେହେରା



ଜଙ୍ଗଲର ମଝିରେ, ଉଚ୍ଚ ଶାଳ ଗଛ ଓ ଏକ ଛୋଟ ନଦୀ ପାଖରେ, ଏକ ଛୋଟ ହରିଣ ରହୁଥିଲା ତା'ର ନାମ ଚିନ୍ତୁ। ଚିନ୍ତୁ ଦୟାଳୁ ଓ ନମ୍ର,ଭଦ୍ର ଥିଲା, କିନ୍ତୁ ବହୁତ ଲଜ୍ଜାଳୁ। ସେ ପ୍ରାୟ ସମୟରେ ଦୂରରୁ ଅନ୍ୟ ପଶୁମାନଙ୍କୁ ଦେଖୁଥିଲା।

ବଡ଼ ହାତୀ ଶକ୍ତିଶାଳୀ ଓ ବୁଦ୍ଧିମାନ ଥିଲା। ରାଣୀ ବାଘୁଣୀ ଗର୍ବର ସହିତ ଜଙ୍ଗଲରେ ଘୁରୁଥିଲା। ମାଙ୍କଡ ନିର୍ଭୟରେ ଗଛରୁ ଗଛକୁ ଡେଇଁ ଡେଇଁ ଖେଳୁଥିଲା। ଭଲ୍ଲୁକ, କାଉ, ବଗ, ସାରସ, କଜଳପାତି, ଶାଗୁଣା, ଅହିରାଜ ସର୍ପ ଚିନ୍ତୁ ସମସ୍ତଙ୍କୁ ପସନ୍ଦ କରୁଥିଲା, କିନ୍ତୁ ମନେମନେ ଭାବୁଥିଲା"ମୁଁ ଛୋଟ ଛୁଆ ଟେ, ମୁଁ କଣ ବିଶେଷ କରିପାରିବି?"

ପ୍ରତି ରାତିରେ, ଚିନ୍ତୁ ତାଙ୍କ ମା' ପାଖରେ ଖୋଲା ଆକାଶ ତଳେ ଶୋଉଥିଲା। ଝିଙ୍କାରି ପୋକର ଗୀତ, ପେଚାର ଡାକ ଓ ପତ୍ରମାନଙ୍କର ସରସରାହଟ ଶୁଣୁଥିଲା। ଜହ୍ନ ଆକାଶରେ ହସୁଥିଲା।

ଗ୍ରୀଷ୍ମ ଦିନ ଆସିଲା। ନଦୀ ଧୀରେ ଧୀରେ ଶୁଖିବାକୁ ଲାଗିଲା। ପଶୁମାନେ ଚିନ୍ତା ରେ ପଡିଲେ , କ'ଣ କରିବେ!?

ଗୋଟେ ରାତିରେ, ଚିନ୍ତୁ କିଥି ଶବ୍ଦ ଶୁଣିଲା - ଟପ୍...ଟପ୍... ସେ ଧୀରେ ଧୀରେ ଶବ୍ଦଟିକୁ ଅନୁସରଣ କରି ଘନ ଝାଡ଼ି ପଛରେ ଏକ ଛୋଟ ଲୁଚିଥିବା ପାଣିର ଝରଣା ଖୋଜି ପାଇଲା। ଚିନ୍ତୁଙ୍କ ହୃଦୟ ଜୋରେ ଧକ୍ ଧକ୍ ହେବାକୁ ଲାଗିଲା। "ଯଦି କେହି ମୋ କଥା ଶୁଣିବେ ନାହିଁ?" ସେ ଭାବିଲା।

ତେବେ ସେ ମା'ଙ୍କ କଥା ମନେ ପକାଇଲା - "ସାହସୀ ହେବା ମାନେ ଉଚ୍ଚ ସ୍ୱରରେ କଥା କହିବା ନୁହେଁ, ସଠିକ୍ କାମ କରିବା।"

କମ୍ପିଥିବା ପାଦ କିନ୍ତୁ ଦୃଢ଼ ମନ ସହିତ, ଚିନ୍ତୁ ହାତୀଙ୍କ ପାଖକୁ ଗଲା। "ମୁଁ...ମୁଁ ପାଣି ଖୋଜିଛି," ଚିନ୍ତୁ ଧୀରେ କହିଲା।

ହାତୀ ଧ୍ୟାନଦେଇ ଶୁଣିଲା। "ମୋତେ ଦେଖାଅ।"

ଶୀଘ୍ର ବାଘ, ମାଙ୍କଡ, ମୟୂର ଓ ଛୋଟ ଠେକୁଆ ମାନେ ଚିନ୍ତୁଙ୍କ ପଛେ ପଛେ ଚାଲିଲେ। ଚିନ୍ତୁ ସମସ୍ତଙ୍କୁ ଝାଡ଼ି ମାଧମରେ ସେଇ ଝରଣା ପାଖକୁ ନେଲା।

ସମସ୍ତେ ଖୁସିରେ ଆଶ୍ଚର୍ଯ୍ୟ ହେଲେ।

"ତୁମେ ଆମକୁ ବଞ୍ଚାଇଦେଲ ଚିନ୍ତୁ!" ପଶୁମାନେ କହିଲେ। ରାଣୀ ବାଘ ଆଦରର ସହିତ ମୁଣ୍ଡ ଆଉଁସି ସାବାସୀ ଦେଲେ। "ନିରବ ହୃଦୟରେ ମଧ ସତ୍ୟ ସାହସ ଥାଏ।" ସେ ରାତିରେ, ଜଙ୍ଗଲ ଶାନ୍ତିରେ ଶୋଇଗଲା। ତାରାମଣ୍ଡଳ ତଳେ ଶୋଇଥିବା ଚିନ୍ତୁ ମନେମନେ ବୁଝିଲା, ବଡ଼ କିମ୍ବା ଉଚ୍ଚ ସ୍ୱର ନ ହେଲେ ମଧ, ପରିବର୍ତ୍ତନ ଆଣିହେବ।

"ପ୍ରତ୍ୟେକ ଶିଶୁର ମନରେ ଶକ୍ତି ଅଛି। ନିଜ ହୃଦୟରେ ବିଶ୍ୱାସ ରଖ। ତୁମ ସାହସ ତୁମକୁ ପଥ ଦେଖାଇବ।"

ଏହା ଭାବି, ଚିନ୍ତୁ ମିଠା ସ୍ୱପ୍ନରେ ବୁଡିଗଲା ।

ନୀତି: ନିଜ ଉପରେ ବିଶ୍ୱାସ ରଖ। ଛୋଟ ପଦକ୍ଷେପ ମଧ ବଡ଼ ପରିବର୍ତ୍ତନ ଆଣିପାରେ।

**ବକ୍ସି ବଜାର, ବାଟଗାଁ,**
**ନାକଟିଦେଉଳ, ରେଢ଼ାଖୋଲ, ସମ୍ବଲପୁର**
**ମୋବାଇଲ: ୭୭୫୧୦୭୫୩୫୦**

# ଜୀବନର ଆତ୍ମଲିପି

ଡକ୍ଟର ଲକ୍ଷ୍ମଣ ସାହୁ



ମନ ତୁମର ଶତ୍ରୁ ନୁହେଁ, ଏହା କେବଳ ପ୍ରଶିକ୍ଷିତ ହେବାକୁ ଚାହେଁ। ଯେତେବେଳେ ତୁମେ ମାନସିକ ଅଭ୍ୟାସ ଆରମ୍ଭ କର, ସେତେବେଳେ ତୁମେ ତୁମର ନିଜ ମନର ଗଭୀରରେ ଏକ ନୂତନ ଯାତ୍ରା ଆରମ୍ଭ କର। ଦେଖିବାକୁ ଗଲେ ଏଠାରେ, ମନ ହେଉଛି ମାଧମ ଓ ଲକ୍ଷ୍ୟ। ସେହି ଚିନ୍ତାଧାରା ସହିତ ଲଢ଼ିବା ନାହିଁ, ଆଲୋଚନା କରିବା ଆବଶ୍ୟକ ରହିଛି। ସାଧାରଣ ଲୋକମାନେ ପ୍ରାୟତଃ ମୋତେ ପଚାରନ୍ତି ଯେ ମନକୁ ତାଲିମ ଦେବା କାହିଁକି ଏତେ କଷ୍ଟକର ହଏ। ଉତ୍ତରରେ କହେ " ସତ୍ୟ ହେଉଛି, ଏହା ବିଶ୍ୱର ସବୁଠାରୁ ସୁନ୍ଦର କଳା। କିନ୍ତୁ ଏଥିପାଇଁ କିଛି ଧୈର୍ଯ୍ୟ ଓ ସ୍ଥିର ପ୍ରୟାସ ଆବଶ୍ୟକ। ଯେତେବେଳେ ଆମେ ମାନସିକ ଅଭ୍ୟାସ ଆରମ୍ଭ କରୁ, ଆମେ ଆମ ନିଜ ମନ ଭିତରେ ଏକ ଗଭୀର ଯାତ୍ରା ଆରମ୍ଭ କରୁ। ଏଠାରେ, ମନ ଓ ଲକ୍ଷ୍ୟ ଉଭୟଆମର ଉପକରଣ। ତେଣୁ ଚ୍ୟାଲେଞ୍ଜଗୁଡ଼ିକ ସ୍ୱାଭାବିକ।

ଆରମ୍ଭରେ ଆମର ମନ ଏକ ଖେଳୁଆଡ଼ ପିଲା ପରି। ମନ ଏଠାକୁ ସେଠାକୁ ଦୌଡ଼ୁଥିବା ବେଳେ ଦୁଇଟି ମୁଖ୍ୟ ପ୍ରତିବନ୍ଧକ ରହିଛି। ପ୍ରଥମେ ବିଚଳନ, ଓ ଦ୍ୱିତୀୟରେ ମାନସିକ ଆଳସ୍ୟ। ଆରମ୍ଭରୁ କହିଛି ମନ ଏକ ଖେଳୁଆଡ଼ ପିଲା ପରି, ସେ ଏଠାକୁ ସେଠାକୁ ଦୌଡ଼ୁଛି। କିନ୍ତୁ ଧୀରେ ଧୀରେ ସେ ବିଚଳନ ଉତ୍ତେଜନାରେ ପରିଣତ ହୁଏ, ସେତେବେଳେ ଆମେ ଆମର ଶାନ୍ତି ହାସଲ କରିବାର ଲକ୍ଷ୍ୟକୁ ହରାଇ ଦେଉଛେ। ଏପରି ମୁହୂର୍ତ୍ତରେ ନିଜ ସହିତ ସଂଘର୍ଷ କରିବା ବୃଥା।

ବରଂ ଏପରି ପରିସ୍ଥିତିରେ କେବଳ ଗଭୀର, ଅଗଭୀର ନିଶ୍ୱାସ ନେବାକୁ ହେବ। "ମୁଁ ଚାପରୁ ମୁକ୍ତ ହେଉଛି," ପରି ସକାରାତ୍ମକ ବକ୍ତବ୍ୟ ବାରମ୍ବାର ବ୍ୟବହାର କରିବାକୁ ହେବ। ଯଦି ମନ ତଥାପି ମନା କରେ, ତେବେ ଅଭ୍ୟାସ ବନ୍ଦ କରନ୍ତୁ। ସର୍ବଦା ମନେରଖନ୍ତୁ ଯେ ମନ ଆପଣଙ୍କର ଶତ୍ରୁ ନୁହେଁ, ଏହା କେବଳ ତାଲିମ ପାଇବାକୁ ଚାହେଁ। ତେଣୁ କେତେକ ସମୟରେ କେବଳ ଆପଣଙ୍କ ଅଭ୍ୟାସର ଉଦ୍ଦେଶ୍ୟ ମନେ ରଖିବା ଯଥେଷ୍ଟ। ଆଉ କେତେକ ସମୟରେ କିଛି ସମୟ ପାଇଁ ଦୟାଳୁ ଭାବରେ ଆପଣଙ୍କ ଅଭ୍ୟାସକୁ ଛାଡ଼ି ଦେବା ବୁଦ୍ଧିମାନର କାର୍ଯ୍ୟ। ଅଭ୍ୟାସର ଅର୍ଥ କଠୋରତା ନୁହେଁ, ବରଂ ସଚେତନ ନମନୀୟତା।

ଦ୍ୱିତୀୟ ପ୍ରତିବନ୍ଧକ ହେଉଛି ଆଳସ୍ୟ, ଯାହାକୁ "ମାନସିକ ନିମଜ୍ଜା" ବୋଲି କୁହାଯାଏ। ଅନେକ ସମୟରେ ଆମର ମନ ଏତେ ଶାନ୍ତ ଓ ଆରାମଦାୟକ ହୋଇଯାଏ। ଆମର ଶକ୍ତି ସ୍ତର ହ୍ରାସ ପାଏ। ଆମେ ଭାବୁଛେ ଆମେ ବହୁତ ଶାନ୍ତ। କିନ୍ତୁ ବାସ୍ତବରେ ଆମେ "ସଚେତନ" ନୁହଁ। ଆମର ଲକ୍ଷ୍ୟ କେବଳ ଶାନ୍ତି ନୁହେଁ, ବରଂ ଆମର ଲକ୍ଷ୍ୟ ସ୍ଥିରତା ସହିତ ସତର୍କତା ହେବା ଉଚିତ୍। ତୀକ୍ଷ୍ଣତା ବିନା ଶାନ୍ତି ଗଭୀର ନିଦ୍ରାରେ ରହିବା ପରି। ଯଦି ଆମେ ଅଧିକ ସମୟ ପାଇଁ ଏକ ଆରାମଦାୟକ ଅବସ୍ଥାରେ ରହିଥାଉ, ତେବେ ମନର ତୀକ୍ଷ୍ଣତା ହ୍ରାସ ପାଇବା ଆରମ୍ଭ କରେ। ଯାହା ଫଳରେ ଆମେ ବର୍ତ୍ତମାନର ମୁହୂର୍ତ୍ତକୁ ଦୂରେଇ ଦେବା ଆରମ୍ଭ କରୁଛେ। ଏହି ଅବସ୍ଥାରୁ ବାହାରିବାର ରାସ୍ତା ମଧ କରୁଣାରେ ପରିପୂର୍ଣ୍ଣ ହେବା ଉଚିତ୍। ତେଣୁ ଏପରି ପରିସ୍ଥିତିରେ ଏକ ଉଜ୍ଜ୍ୱଳ ଆଲୋକ କଳ୍ପନା କରନ୍ତୁ, ଯେପରି ଚେତନା ଭିତରୁ ଆଲୋକିତ ହେଉଛି। ଆଧାତ୍ମିକ ପ୍ରବୃତ୍ତି ଥିବା ଲୋକମାନେ ଜଣେ ମହାନ କିମ୍ବା ପବିତ୍ର ବ୍ୟକ୍ତିଙ୍କୁ ମନେ ରଖିପାରିବେ। କିମ୍ବା କଳ୍ପନା କରନ୍ତୁ ଯେ ଆପଣଙ୍କର ଚେତନା ହାଲୁକା ହୋଇ ଆକାଶ ଆଡକୁ ଉଠୁଛି।

ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଅଭ୍ୟାସର ପଥ ଭିନ୍ନ ହୋଇପାରେ। କିନ୍ତୁ ଅଭ୍ୟାସର ସୌନ୍ଦର୍ଯ୍ୟ ପ୍ରଥମେ ନିଜକୁ ଜାଣିବା ଓ ଧୈର୍ଯ୍ୟର ସହିତ ଆପଣଙ୍କ ପାଇଁ କ'ଣ କାମ କରେ ତାହା ଖୋଜିବାରେ ରହିଛି। ଯେତେବେଳେ ଆପଣ ନିଜକୁ ଟ୍ରାକ୍ ଦୂରକୁ ଯାଉଥିବା କିମ୍ବା ଆଳସ୍ୟ ଭିତରକୁ ପଶି ଆସୁଥିବା ଅନୁଭବ କରନ୍ତି, ସେତେବେଳେ ସକ୍ରିୟ ଓ ସଚେତନ ହେବା ପାଇଁ ବନ୍ଦ କରନ୍ତୁ ଓ ଆପଣଙ୍କ ମନକୁ ପୁନଃନିର୍ଭର କରନ୍ତୁ।

ଜୀବନ ପ୍ରବାହ ମଧରେ ଯଦି ଅର୍ଥ ପୂର୍ବନିର୍ଦ୍ଧାରିତ ହୋଇଥାନ୍ତା, ତେବେ ମଣିଷ କେବଳ ଏକ ଯନ୍ତ୍ର ହୋଇଥାନ୍ତା। ଅର୍ଥହୀନତା ହିଁ ତାକୁ ନିଜର କାର୍ଯ୍ୟ, ସଂଘର୍ଷ ଓ ପ୍ରତିବଦ୍ଧତା ମାଧମରେ ନିଜର ଅର୍ଥ ସୃଷ୍ଟି କରିବାର ସାହସ ଦିଏ। କହିବା ବାହୁଲ୍ୟ ତୁମେ ଭବିଷ୍ୟତର କାରିଗର। ନିଜ ଡଙ୍ଗାରେ ନିଜେ ନାଉରୀ। ଯାହା ହୋଇପାରେ ତାହା ପାଇଁ ଅନୁତାପ କରିବା ଶକ୍ତିର ଅପଚୟ , କାରଣ ମାନବତାର ସତ୍ୟ ଅତୀତର ସମ୍ଭାବନାରେ ନୁହେଁ , ବରଂ ଏହା ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟରେ ବାସ କରେ। ମାନବତା ସ୍ୱାଧୀନତାର ଉତ୍ତରାଧିକାରୀ ହୁଏ ନାହିଁ , ବରଂ ଏହା ସ୍ୱାଧୀନତାର ଖୋଲା ଆକାଶରେ ଜନ୍ମ ଭଳି ପ୍ରତିପାଳିତ ହୁଏ। ଏହି ସ୍ୱାଧୀନତା ଏକ ଉତ୍ସବ ନୁହେଁ। ଏକ ସାନ୍ତ୍ୱନାଦାୟକ ଉପହାର ନୁହେଁ, ବରଂ ଏକ ଅନିବାର୍ଯ୍ୟ ଏକପ୍ରକାର ଅବସ୍ଥା , ଯାହାଠାରୁ ରକ୍ଷା ପାଇବା ଅସମ୍ଭବ।

ଏହି ଜଗତରେ ପ୍ରବେଶ କରିବା ମୁହୂର୍ତ୍ତରୁ, ଜଣେ ମଣିଷ ନିଜର ପ୍ରତ୍ୟେକ ନିଷ୍ପତ୍ତି, କାର୍ଯ୍ୟ ଓ ନୀରବତାର ସମ୍ପୂର୍ଣ୍ଣ ଦାୟିତ୍ୱ ବହନ କରେ। ସେମାନେ କହିପାରିବେ ନାହିଁ ଯେ ପରିସ୍ଥିତି ସେମାନଙ୍କୁ ବାଧ କରିଛି। କାରଣ ବାଧବାଧକତା ମଧ ଏକ ପସନ୍ଦ, ଯେ ଏକ ନିଷ୍ପତ୍ତିକୁ ନୀରବ କରେ। ମଣିଷ ପ୍ରଥମେ ଅସ୍ତିତ୍ୱରେ ଥାଏ। ଯଦି ତା'ପରେ ସେମାନଙ୍କର କାର୍ଯ୍ୟର ଅଗ୍ନିଶିଖା ମାଧମରେ, ନିଜକୁ ପରିଭାଷିତ କରେ। ସେମାନଙ୍କ ପାଇଁ କୌଣସି ପୂର୍ବ ଲିଖିତ ଅର୍ଥ ନାହିଁ, କୌଣସି ପୂର୍ବନିର୍ଦ୍ଧାରିତ ଭାଗ୍ୟ ନାହିଁ ଯାହା ସେମାନଙ୍କୁ କ'ଣ ହେବା ଉଚିତ୍ ତାହା କହିଦେବ। ସେମାନେ ଯାହା କରନ୍ତି ତାହା ହୋଇଯାଆନ୍ତି।

କାରଣ ସେମାନଙ୍କର ଉଦ୍ଦେଶ୍ୟ ଜନ୍ମ ଦ୍ୱାରା ନିର୍ଣ୍ଣୟ ହୁଏ ନାହିଁ , ସେମାନେ ସେମାନଙ୍କର କାର୍ଯ୍ୟ ମାଧମରେ ଏହାକୁ ଆକାର ଦିଅନ୍ତି। ଏପରିକି ସେମାନେ କରୁଥିବା ପ୍ରତ୍ୟେକ ପସନ୍ଦ ବ୍ୟକ୍ତିଗତ ନୁହେଁ, ବରଂ ମାନବଜାତି ପାଇଁ ଏକ ଘୋଷଣା ହୋଇଯାଏ ଯେ ଜଣେ ମଣିଷ କ'ଣ କରିପାରିବ ଓ କ'ଣ ହେବା ଉଚିତ୍। ଏହି ସ୍ୱାଧୀନତା ସେମାନଙ୍କୁ ଭୟଭୀତ କରେ। ସେଥିପାଇଁ ସେମାନେ କିଛି ଆଇନ, କିଛି ଈଶ୍ୱର ବିଶ୍ୱାସ, କିଛି ବ୍ୟବସ୍ଥାକୁ ସେମାନଙ୍କ ନିଷ୍ପତ୍ତିର ଭାର ବହନ କରିବାକୁ ଆଗ୍ରହୀ ହୁଅନ୍ତି ଯଥାର୍ଥ।



କିନ୍ତୁ ଉତ୍ତମ ସତ୍ୟ ହେଉଛି ଏପରି କୌଣସି ସମର୍ଥନ ନାହିଁ। ଯେତେବେଳେ ଜଣେ ବ୍ୟକ୍ତି ସ୍ୱୀକାର କରେ ଯେ ସେମାନଙ୍କର କୌଣସି ବାହାନା ନାହିଁ, ଦୋଷ ଦେବା ପାଇଁ କୌଣସି ଉଚ୍ଚ କର୍ତ୍ତୃପକ୍ଷ ନାହିଁ, ସେତେବେଳେ ସେମାନେ ସେମାନଙ୍କର ନଗ୍ନ ଅସ୍ତିତ୍ୱର ସମ୍ମୁଖୀନ ହୁଅନ୍ତି। ସେଠାରୁ ଚିନ୍ତା ସୃଷ୍ଟି ହୁଏ। କିନ୍ତୁ ଏହି ଚିନ୍ତା ଦୁର୍ବଳତା ନୁହେଁ; ଏହା ଚେତନାର ପ୍ରମାଣ ଓ କେବଳ ସଚେତନ ପ୍ରାଣୀମାନଙ୍କର ଥିବା ମର୍ଯ୍ୟାଦାର ଘୋଷଣା। ପ୍ରାୟତଃ ସେମାନେ କୁହନ୍ତି, "ମୁଁ ଠିକ୍ ଏହିପରି," କିମ୍ବା "ପରିସ୍ଥିତି ଏହିପରି ଥିଲା," କିମ୍ବା "ସମାଜ ମୋତେ ଏପରି କରିଦେଇଛି।"

କିନ୍ତୁ ଏହା ଆତ୍ମ-ପ୍ରତାରଣା, କାରଣ ପ୍ରତ୍ୟେକ ମୁହୂର୍ତ୍ତରେ ସେମାନଙ୍କ ପାଖରେ ବାଛିବାର ଶକ୍ତି ଅଛି। ଏପରିକି ଶକ୍ତିକୁ ମଧ ଏକ ବାଛିବା ଅସ୍ୱୀକାର କରିବାର ଶକ୍ତି ଅଛି। ଜୀବନ ନିଜେ ଅର୍ଥହୀନ, ଏହା ଏହାର ସର୍ବୋତ୍ତମ ସମ୍ଭାବନା। ଯଦି ଅର୍ଥ ପୂର୍ବନିର୍ଦ୍ଧାରିତ ହୋଇଥାନ୍ତା, ତେବେ ମଣିଷ କେବଳ ଏକ ଯନ୍ତ୍ର ହୋଇଥାନ୍ତା। ନିର୍ଦ୍ଦେଶ ପାଳନ କରୁଥିବା ଏକ ବସ୍ତୁ ପାଲଟି ଯାଇଥାନ୍ତା। କିନ୍ତୁ ଏହି ଅର୍ଥହୀନତା ସେମାନଙ୍କୁ ସେମାନଙ୍କର କାର୍ଯ୍ୟ, ସଂଘର୍ଷ ଓ ସେମାନଙ୍କର ପ୍ରତିବଦ୍ଧତା ମାଧମରେ ନିଜର ଅର୍ଥ ସୃଷ୍ଟି କରିବାର ସାହସ ଦିଏ।

ମଣିଷ ଏକଲା। କିନ୍ତୁ ଏହି ଏକାକୀତା ନିରାଶା ନୁହେଁ।ବରଂ, ଏହା ସୃଷ୍ଟିର ଏକ ସ୍ଥାନ। ଏହି ନିର୍ଜନତାରେ, ସେମାନେ ନିଜକୁ ସୃଷ୍ଟି କରନ୍ତି, ନିଜକୁ ଉଚ୍ଚ କରନ୍ତି। ସେ ଯାହା ବାଛିଥାନ୍ତି , ତାହା ହୋଇଯାଆନ୍ତି। ଏହା ତାଙ୍କର ଗୌରବ ଯେ, କୌଣସି ଗ୍ୟାରେଣ୍ଟି ବିନା, କୌଣସି ଚରମ ସତ୍ୟ ବିନା, ସେ ଅର୍ଥ ବାଛିବାକୁ ସାହସ କରନ୍ତି। ସୂକ୍ଷ୍ମାତିସୂକ୍ଷ୍ମଦୃଷ୍ଟିରେ ବିଚାର କଲେ " ଜୀବନର ଅର୍ଥ ଦିଆଯାଇ ନାହିଁ, ବରଂ ଜୀବନର ଅର୍ଥ ତିଆରି ହୁଏ। "ଭାବି ନିଅ ଏହି ଦାୟିତ୍ୱ ଅନ୍ୟ କାହା ଉପରେ ନାହିଁ, କେବଳ ଆମ ଉପରେ ରହିଛି।

ତେଣୁ ପ୍ରତିଦିନ ଗୋଟିଏ ଛୋଟ ପଦକ୍ଷେପ ନେଇ ତୁମର ଭୟକୁ ଦୂର କର, ଶେଷରେ ତୁମେ ନିଶ୍ଚିତ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ। ଭାଗ୍ୟ କେବଳ ସେମାନଙ୍କ ପାଇଁ ପଥ ପ୍ରଶସ୍ତ କରେ , ଯେଉଁମାନେ ଗତିଶୀଳ ଓ ଯେଉଁମାନଙ୍କର ନିଜକୁ ଚ୍ୟାଲେଞ୍ଜ କରିବାର ସାହସ ଅଛି।

ଜୀବନର ପ୍ରକୃତ ସାର କେବଳ ସୁରକ୍ଷା ଓ ଆରାମର ସୀମା ମଧରେ ସୀମିତ ରହିବା ନୁହେଁ, ବରଂ ନିରନ୍ତର ଚ୍ୟାଲେଞ୍ଜର ନିଆଁରେ ନିଜକୁ ପରିପୂର୍ଣ୍ଣ କରିବା। ପ୍ରତ୍ୟେକ ମୁହୂର୍ତ୍ତରେ ଉନ୍ନତ ହେବା ପାଇଁ ଚେଷ୍ଟା କରିବା। ଆମେ ଏପରି ପରିବେଶ, ବୃତ୍ତି କିମ୍ବା ପରିସ୍ଥିତିର ଶିକୁଳି ଦ୍ୱାରା ଆବଦ୍ଧ ହୋଇ ରହିଥାଉ , ଯାହା ନୂତନ ଜ୍ଞାନର ଆଲୋକ କିମ୍ବା ପ୍ରଗତି ପାଇଁ ଦ୍ୱାର ପ୍ରଦାନ କରେ ନାହିଁ। ତେବେ ଆମର ଉତ୍ସାହ ଧୀରେ ଧୀରେ ହ୍ରାସ ପାଏ।କୌତୁହଳର ଶିଖା ଲିଭିଯାଏ। ଏପରିକି ଆତ୍ମବିଶ୍ୱାସର ସ୍ତମ୍ଭ ବୁଡିବାକୁ ଲାଗେ।

ମାନବ ସ୍ୱଭାବର ପ୍ରକୃତି ହେଉଛି ଅସୀମ ବିସ୍ତାର। ନିରନ୍ତର ଶିକ୍ଷା। ଆମର ସୀମା ଅତିକ୍ରମ କରିବାର ଆବଶ୍ୟକତା। ଏଥିପାଇଁ ଆତ୍ମ-ପ୍ରତିଫଳନ ଆବଶ୍ୟକ। ଆଜି ଆମେ କିଛି ନୂତନ ଗ୍ରହଣ କରିଛୁ କି ଓ ଆମେ ଗତକାଲି ଅପେକ୍ଷା ଅଧିକ ଶକ୍ତିଶାଳୀ ହୋଇଛୁ କି ?

ଯେପରି ଏକ ଦ୍ରୁତ ପ୍ରବାହିତ ନଦୀର ପଥ ଅବରୋଧିତ ହେଲେ ପ୍ରଦୂଷିତ ହୋଇଯାଏ। ସେହିପରି, ପ୍ରଗତି ପଥ ପରିତ୍ୟାଗ କରିବା ଦ୍ୱାରା ଜଣେ ବ୍ୟକ୍ତିର ଅନ୍ତଃସ୍ୱାର୍ଥ କ୍ଲାନ୍ତ ଏବଂ ହତାଶ ହୋଇଯାଏ। ତେଣୁ କେବେବି ଆପଣଙ୍କର ଗତିକୁ ଧୀର ହେବାକୁ ଦିଅନ୍ତୁ ନାହିଁ। ଜୀବନର ସବୁଠାରୁ କଠୋର ସତ୍ୟ ହେଉଛି କୌଣସି ବିପଦ ନ ନେବା। ଯଦି ଆମେ କେବଳ ସୁରକ୍ଷାର ଭ୍ରମ ପାଇଁ ଆମର ସ୍ୱପ୍ନକୁ ବଳିଦାନ ଦେଉ, ତେବେ ଏହା ଆମ ଆତ୍ମା ପ୍ରତି ଆମେ କରୁଥିବା ସବୁଠାରୁ ବଡ଼ ଅନ୍ୟାୟ ହେବ।

କାରଣ ବ୍ୟକ୍ତିଗତ ବିକାଶର ପ୍ରସ୍ଫୁଟିତତା ସର୍ବଦା ସଂଘର୍ଷ ଓ ଅସ୍ୱସ୍ତିର ମାଟିରେ ପ୍ରସ୍ଫୁଟିତ ହୁଏ। ଯେତେବେଳେ ଆମେ କଠିନ



ଚ୍ୟାଲେଞ୍ଜର ସମ୍ମୁଖୀନ ହେଉ, କେବଳ ସେତେବେଳେ ଆମର ସୁପ୍ତ ଶକ୍ତି ଜାଗ୍ରତ ହୁଏ , ସେଠି ଆମର ପ୍ରକୃତ ସମ୍ଭାବନା ପ୍ରକାଶିତ ହୁଏ। ଜୀବନର ଶେଷ ପର୍ଯ୍ୟନ୍ତ ଶିକ୍ଷାର ଏହି ପ୍ରକ୍ରିୟା ଅବିରତ ଜାରି ରହିବା ଉଚିତ୍। କାରଣ ବୟସ ଓ ଅଭିଜ୍ଞତାର ଯେକୌଣସି ପର୍ଯ୍ୟାୟରେ, ନୂତନ ଦକ୍ଷତା, ମୌଳିକ ଧାରଣା ଓ ଅଭିନବ ଦୃଷ୍ଟିକୋଣ ଆମକୁ ଜୀବନଶକ୍ତିର ଭାବନା ଦିଏ। ନିଜକୁ ଶିକ୍ଷା ଓ ତାଲିମ ଦେବା ହେଉଛି ସର୍ବୋତ୍ତମ ବିନିଯୋଗ।

ଯାହାର ଲାଭାଂଶ ଅଶେଷ ଶକ୍ତି ରୂପରେ ମିଳିଥାଏ। ତୁମର କାମ କେବଳ ଟଙ୍କା ରୋଜଗାରର ଏକ ମାଧମ ହେବା ଉଚିତ୍ ନୁହେଁ, ବରଂ ଏହା ତୁମର ଆଗ୍ରହର ସାର। ଜୀବନର ଉଚ୍ଚ ଉଦ୍ଦେଶ୍ୟକୁ ମଧ ପ୍ରତିଫଳିତ କରିବା ଉଚିତ୍। ଯେତେବେଳେ ତୁମେ ଏପରି ଲକ୍ଷ୍ୟ ପ୍ରତି ଉତ୍ସର୍ଗୀକୃତ ହୁଅ ଯାହା ତୁମର ବୁଦ୍ଧିକୁ ବିସ୍ତାର କରେ ଓ ତୁମକୁ ଚ୍ୟାଲେଞ୍ଜ କରେ, ସେତେବେଳେ କଠିନ ପରିଶ୍ରମ ମଧ ଆନନ୍ଦରେ ପରିଣତ ହୁଏ। ଏହା କ୍ଳାନ୍ତିକର ହୋଇପାରେ, କିନ୍ତୁ ହୃଦୟ ବିଦାରକ ନୁହେଁ, କାରଣ ତୁମେ ଜାଣ ଯେ ତୁମର ସମୟର ଯାତ୍ରା ଅର୍ଥପୂର୍ଣ୍ଣ ପାଲଟିଯାଏ।

ପ୍ରତିଦିନ ଗୋଟିଏ ଛୋଟ ପଦକ୍ଷେପ ନେଇ, ତୁମର ଭୟକୁ ଦୂର କରି, ଶେଷରେ ତୁମକୁ ତୁମର ଗନ୍ତବ୍ୟସ୍ଥଳକୁ ନେଇଯାଏ। ମନେରଖ, ଭାଗ୍ୟ କେବଳ ସେମାନଙ୍କ ପାଇଁ ପଥ ପ୍ରସ୍ତୁତ କରେ ଯେଉଁମାନେ ଗତିଶୀଳ ଓ ଯେଉଁମାନେ ନିଜକୁ ଚ୍ୟାଲେଞ୍ଜ କରିବାର ସାହସ ରଖନ୍ତି। କେବଳ ଏପରି ବ୍ୟକ୍ତିମାନେ ସେମାନଙ୍କର ପ୍ରକୃତ ଆତ୍ମକୁ ଆବିଷ୍କାର କରିପାରିବେ। ତେଣୁ ବର୍ତ୍ତମାନର ସନ୍ତୋଷ ଦ୍ୱାରା ବିଚଳିତ ହୁଅ ନାହିଁ , ସ୍ୱପ୍ନ ଦେଖୁଥାଅ, ପ୍ରଶ୍ନ ପଚାର ଓ ଆଗକୁ ବଢ଼ିଚାଲ। କାରଣ ତୁମର ପ୍ରକୃତ ସମ୍ଭାବନା ତୁମର ବର୍ତ୍ତମାନର ସାହସର ସୀମା ଅପେକ୍ଷା ବହୁତ ବଡ଼ ଓ ଅସୀମ ପାଲଟି ଯାଇଛି।

ଅତଏବଜୀବନ ସେମାନଙ୍କ ପାଇଁ ପଥ ପ୍ରଶସ୍ତ କରେ ଯେଉଁମାନେ ନିରନ୍ତର ଆଗକୁ ବଢ଼ିଥାନ୍ତି। ଯେଉଁମାନଙ୍କର ନିଜକୁ ଚ୍ୟାଲେଞ୍ଜ କରିବାର ସାହସ ଥାଏ। କେବଳ ସେମାନେ ହିଁ ନିଜର ପ୍ରକୃତ ସ୍ୱଭାବ ଓ ସମ୍ଭାବନାକୁ ଅନୁଭବ କରିପାରିବେ। ତେଣୁ ନିଷ୍କର୍ଷରେ କହିରଖେ ଆପଣ ଯେଉଁଠାରେ ଅଛନ୍ତି ସେଠାରେ ସ୍ଥିର ହୁଅନ୍ତୁ ନାହିଁ। ହିମାଳୟ ସଦୃଶ୍ୟ ବଡ଼ ସ୍ୱପ୍ନ ଦେଖନ୍ତୁ, ପ୍ରଶ୍ନ ପଚାରନ୍ତୁ, ଶିଖିବା ପାଇଁ ଜିଜ୍ଞାସା ବଜାୟ ରଖନ୍ତୁ ଓ ପୂର୍ଣ୍ଣ ଆତ୍ମବିଶ୍ୱାସ ସହିତ ଜୀବନର ଛାୟା ଚିତ୍ରରେ ଆଗକୁ ବଢ଼ି ଚାଲନ୍ତୁ...!!!

**ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪**
**ମୋବାଇଲ୍: ୯୦୪୦ ୧୫୧୪୭୫**

# ୮ ଦିନରେ ନନ୍ଦନକାନନରେ ମଲେଣି ୫ ବଉଳା କୁମ୍ଭୀର

### କାରଣ ଖୋଜି ପାଉନାହାନ୍ତି ବିଶେଷଜ୍ଞ




**ବାରଙ୍ଗ,୧।୨(ସଂଚାର ବ୍ୟୁରୋ):** ଗତ ସପ୍ତାହକ ମଧ୍ୟରେ ବାରଙ୍ଗ ନନ୍ଦନକାନନରେ ୫ଟି ବଉଳା କୁମ୍ଭୀରଙ୍କର ମୃତ୍ୟୁ ହୋଇଛି। ଏହାକୁ ନେଇ ନନ୍ଦନକାନନ କର୍ତ୍ତୃପକ୍ଷ ଚିନ୍ତା ପ୍ରକାଶ କରିଥିଲେ ହେଁ ଖବର ଲେଖାଯିବା ପର୍ଯ୍ୟନ୍ତ ଏପରି ମୃତ୍ୟୁର କୌଣସି କାରଣ ମିଳିପାରିନାହିଁ। କୁମ୍ଭୀରଗୁଡ଼ିକର ମୃତଦେହକୁ ବ୍ୟବଚ୍ଛେଦ କରାଯିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ତେବେ ଏହା ପୂର୍ବରୁ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମୃତ ଓ ଜୀବିତ କୁମ୍ଭୀରଙ୍କ ରକ୍ତ ନମୁନା ସଂଗ୍ରହ କରିବା ସହ ସେଗୁଡ଼ିକୁ ପରୀକ୍ଷା ପାଇଁ ପଠାଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ଗତ ୨୩ରୁ ୩୦ ତାରିଖ ମଧ୍ୟରେ ୫ଟି ଲୁଣିପାଣି କୁମ୍ଭୀରଙ୍କର ମୃତ୍ୟୁ ହୋଇଛି। କୁମ୍ଭୀରଙ୍କ ମୃତ୍ୟୁ ପୂର୍ବରୁ ଦୁର୍ବଳତା ଏବଂ ଭୋକ ହ୍ରାସ ଲକ୍ଷଣ ପ୍ରକାଶ ପାଇଥିଲା। କିନ୍ତୁ ସେମାନଙ୍କ ଦେହରେ କୌଣସି ବାହ୍ୟ ଆଘାତ କିମ୍ବା ଅସ୍ୱାଭାବିକ ଆକ୍ରମଣାତ୍ମକ ଆଚରଣ ପରିଲକ୍ଷିତ ହୋଇନଥିଲା ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ କହିଛନ୍ତି। ପ୍ରଥମ କୁମ୍ଭୀରର ମୃତ୍ୟୁ ପରେ ତୁରନ୍ତ 'ସେଣ୍ଟର୍ ଫର୍ ୱାଇଲ୍ଡ ଲାଇଫ ହେଲଥ୍' ସହ ପରାମର୍ଶ କରାଯାଇଥିଲା। ସେମାନଙ୍କ ପରାମର୍ଶ ଅନୁଯାୟୀ, କୁମ୍ଭୀରମାନଙ୍କୁ ପ୍ରତିରୋଧକ ଓ ସହାୟକ ପଦକ୍ଷେପ ଭାବେ ଆଣ୍ଟିବାୟୋଟିକ୍ ଚିକିତ୍ସା ଯୋଗାଯାଇଥିଲା। ଏକକାଳୀନ ଖୁଆଡ଼କୁ ସମ୍ପୂର୍ଣ୍ଣ ସଫା କରାଯାଇଥିଲା। ଏଥିସହ କୁମ୍ଭୀରଙ୍କ ଖୁଆଡ଼ରେ ପରିଚ୍ଛନ୍ନତା ବଜାୟ ରଖିବା ଓ ଜୈବ ସୁରକ୍ଷା ପଦକ୍ଷେପକୁ ସୁଦୃଢ଼ କରିବା ସକାଶେ ନିୟମିତ ଜୀବାଣୁନାଶକ ଦ୍ରବଣ ସିଞ୍ଚନ ବି ଜାରି ରହିଛି। ତେବେ ବୃତ୍ତାନ୍ତ ପରୀକ୍ଷା ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ କହିଛନ୍ତି।

### ସୁବର୍ଣ୍ଣପୁର ସୁଭଦ୍ରା ଶକ୍ତିମେଳାରେ ମୁଖ୍ୟମନ୍ତ୍ରୀ

# ଏସ୍‌ଏଚ୍‌ଜି ଓଡ଼ିଶା ବିକାଶ ଯାତ୍ରାର ଅଂଶୀଦାର

- ୧୮୪୮ ଏସ୍‌ଏଚ୍‌ଜିଙ୍କୁ ୧୨୬ କୋଟିର ସୁଧ-ମୁକ୍ତ ଋଣ
- ୨୭୬ କୋଟିର ୫୮ ପ୍ରକଳ୍ପ ଭେଟି
- ସୁବର୍ଣ୍ଣପୁର ପାଇଁ ୬୩୩ କୋଟିର ନୂଆ ପ୍ରକଳ୍ପ



**ଭୁବନେଶ୍ୱର,୧।୨(ସଂଚାର ବ୍ୟୁରୋ):** ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ସଦସ୍ୟାମାନେ କେବଳ ଲାଭାର୍ଥୀ ନୁହନ୍ତି, ସେମାନେ ଓଡ଼ିଶା ବିକାଶ ଯାତ୍ରାରେ ଅଂଶୀଦାର। ସେମାନଙ୍କ କଠିନ ପରିଶ୍ରମ, ଶୃଙ୍ଖଳା ଏବଂ ଉଦ୍ୟୋଗୀ ମନୋଭାବ ଗ୍ରାମୀଣ ଅର୍ଥନୀତିରେ ପରିବର୍ତ୍ତନ ଆଣିଛି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁବର୍ଣ୍ଣପୁରଠାରେ ଆୟୋଜିତ ସୁଭଦ୍ରା ଶକ୍ତିମେଳା କାର୍ଯ୍ୟକ୍ରମରେ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଖଲିଆପାଲିସ୍ଥିତ ସନ୍ଥକବି ଭୀମ ଭୋଇଙ୍କ ସମାଧି ପୀଠ ପରିଦର୍ଶନ କରି ପରିଚାଳନା କମିଟିର ସଦସ୍ୟ ଓ ସାଧୁଙ୍କ ସହ ଆଲୋଚନା କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ସାମାଜିକ ଓ ଆଧ୍ୟାତ୍ମିକ ଚେତନାକୁ ଦିଗ୍‌ଦର୍ଶନ ଦେଇଥିବା ସନ୍ଥକବି ଭୀମ ଭୋଇଙ୍କ ସମ୍ମାନାର୍ଥେ ତାଙ୍କ ସମାଧି ପୀଠର ବ୍ୟାପକ ବିକାଶ କରାଯିବ। ଏଥିନିମନ୍ତେ ୩୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏଥିସହ ମୁଖ୍ୟମନ୍ତ୍ରୀ ୬୩୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ଘୋଷଣା କରିଛନ୍ତି। ଏଥିରେ ମାରୁଦାଗୋଚ୍ଛାଠାରେ ୫୫୭ କୋଟି ଟଙ୍କାରେ ନଦୀଗର୍ଭ ଜଳାଶୟ ନିର୍ମାଣ, ୧୧.୨୩ କୋଟି ଟଙ୍କାରେ ସଂସ୍କୃତି ଭବନଠାରେ ଓପନ୍ ଏୟାର ଥିଏଟର ନିର୍ମାଣ, ୨୫.୨୮ କୋଟି ଟଙ୍କାରେ ଗାନ୍ଧୀ ଷ୍ଟାଡିଅମର ନବୀକରଣ, ୪.୨୩ କୋଟି ଟଙ୍କାରେ ବ୍ଲକ୍ ଛକ ଜଙ୍କସନ ରୋଡ଼ର ଉନ୍ନତିକରଣ କାର୍ଯ୍ୟ ଆଦି ସାମିଲ୍।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୭୬ କୋଟି ଟଙ୍କାର ୫୮ଟି ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏଥିରେ ୧୭୩ କୋଟି ଟଙ୍କା ବ୍ୟୟରେ ୨୪ଟି ପ୍ରକଳ୍ପର ଶିଳାନ୍ୟାସ ଓ ୧୦୩ କୋଟି ଟଙ୍କା ବ୍ୟୟରେ ୩୪ଟି ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। ଏସବୁ ପ୍ରକଳ୍ପଗୁଡ଼ିକ ସଡ଼କ, ପାନୀୟ ଜଳ, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଗ୍ରାମୀଣ ବିକାଶ ଓ ସହରାଞ୍ଚଳ ବିକାଶ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୁଭଦ୍ରା ଶକ୍ତି ମେଳା ଅବସରରେ ମୁଖ୍ୟମନ୍ତ୍ରୀ ସୁବର୍ଣ୍ଣପୁର ଜିଲ୍ଲାର ୧୮୪୮ଟି ଏସ୍‌ଏଚ୍‌ଜିକୁ ୧୨୬ କୋଟି ଟଙ୍କାର ସୁଧ-ମୁକ୍ତ ଋଣ ପ୍ରଦାନ କରିଛନ୍ତି। ଏହି ଆର୍ଥିକ ସହାୟତା ମହିଳା ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକୁ ଆହୁରି ମଜବୁତ୍ କରିବା ସହ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହନ ଦେବ। ଏହାଛଡ଼ା ସେମାନଙ୍କ ଜୀବିକା ବୃଦ୍ଧିରେ ଏହା ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଶା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ବିକାଶ ପ୍ରକ୍ରିୟାରେ ସବୁ ବର୍ଗର ଲୋକେ ସାମିଲ ହେଉଛନ୍ତି। ଏଥିପାଇଁ ସେମାନଙ୍କୁ ମଧ ସଶକ୍ତ କରାଯାଉଛି। ବିକାଶ ଯେପରି ପ୍ରତିଟି ଲୋକଙ୍କ ପାଖରେ ପହଞ୍ଚିବ, ତାହା ବିଜେପି ସରକାର ସୁନିଶ୍ଚିତ କରୁଛି। ଗ୍ରାମାଞ୍ଚଳ ପାଇଁ ରାସ୍ତା, ପାନୀୟ ଜଳ ଯୋଗାଣ, ଜଳସେଚନ ଓ ଗୃହ ସୁବିଧା ଉନ୍ନତ ହେଉଛି। ସହରାଞ୍ଚଳ ପାଇଁ ନାଗରିକ ସୁବିଧା ଓ ସାର୍ବଜନୀନ ସେବାକୁ ମଧ ଉନ୍ନତ କରାଯାଉଛି।

## ଆଜି ଆସୁଛନ୍ତି ରାଷ୍ଟ୍ରପତି

● ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବେ



**ଭୁବନେଶ୍ୱର,୧।୨(ସଂଚାର ବ୍ୟୁରୋ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଓ ଛତିଶଗଡ଼ରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଆସନ୍ତାକାଲି ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବାକୁ ଥିବା ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ୩ ତାରିଖରେ ବାଲେଶ୍ୱରରେ ଫକିର ମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ଏଥିସହ ସେ ଏହାର ନବନିର୍ମିତ ଅଡିଟୋରିୟମକୁ ମଧ ଉଦଘାଟନ କରିବେ। ସେହିପରି ଆସନ୍ତା ୪ ତାରିଖରେ ରାଷ୍ଟ୍ରପତି ଭଞ୍ଜବିହାର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବେ ଏବଂ ରାଇରଙ୍ଗପୁରର ମାହୁଲଡିହାସ୍ଥିତ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ସହ ଭାବବିନିମୟ କରିବେ। ସେ ସରକାରୀ ଆୟୁର୍ବେଦ ମେଡିକାଲ କଲେଜ ଏବଂ ଡାକ୍ତରଖାନା, ଓୟୁଏଟି କ୍ୟାମ୍ପସ, ତୀରନ୍ଦାଜୀ କେନ୍ଦ୍ର, ସହରୀ ସୌନ୍ଦର୍ଯ୍ୟକରଣ ଏବଂ ଡ୍ରେନେଜ ଅପଗ୍ରେଡେସନ ପ୍ରକଳ୍ପ, ବିଭିନ୍ନ ସିଏସଆର ପ୍ରକଳ୍ପ ଓ ରାଇରଙ୍ଗପୁରରେ ଏମଏସସିବି ବିଶ୍ୱବିଦ୍ୟାଳୟ ସୂଚନା ପ୍ରଯୁକ୍ତିବିଦ୍ୟା କ୍ୟାମ୍ପସ ଭଳି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା ଆସନ୍ତା ୬ ତାରିଖରେ ରାଷ୍ଟ୍ରପତି ଶିମିଳିପାଳଠାରେ ଆଦିବାସୀ ସମ୍ପ୍ରଦାୟର ମହିଳା ଓ ଯୁବକମାନଙ୍କ ସହ ଭାବବିନିମୟ କରିବେ। ସେ ଭୁବନେଶ୍ୱରରେ ଗ୍ଲୋବାଲ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟୱାର୍କ ସହଯୋଗରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ 'ବ୍ଲାକ୍‌ସ୍ୱାନ୍ ସମ୍ମିଟ୍, ଇଣ୍ଡିଆ'ରେ ମଧ ଯୋଗଦେବେ। ପରେ ୭ ତାରିଖରେ ସେ ଛତିଶଗଡ଼ର ଜଗଦଲପୁରରେ 'ବସ୍ତର ପାଣ୍ଡୁମ ୨୦୨୬' ମହୋତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଥିବା ଜଣାପଡ଼ିଛି।

## ପୂର୍ବତନ ଏମ୍‌ପି ସୁଶୀଳା ତିରିଆଙ୍କ ପରଲୋକ



**ବାରିପଦା,୧।୨ (ସଂଚାର ବ୍ୟୁରୋ):** ମୟୂରଭଞ୍ଜର ପୂର୍ବତନ ଏମ୍‌ପି ତଥା ବରିଷ୍ଠ କଂଗ୍ରେସ ନେତ୍ରୀ ସୁଶୀଳା ତିରିଆ(୭୦)ଙ୍କ ରବିବାର ପରଲୋକ ଘଟିଛି। ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଡିସେମ୍ବର ୫ତାରିଖରେ ଅସୁସ୍ଥ ହୋଇ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ମୟୂରଭଞ୍ଜ ଜିଲା କଲୁଆଖାମନ ଗ୍ରାମରେ ୧୯୫୬ରେ ଜନ୍ମିତ ସ୍ୱର୍ଗତ ତିରିଆ ସ୍ୱାଧୀନତା ସଂଗ୍ରାମୀ ପରିବାରରୁ ପ୍ରତିନିଧିତ୍ୱ କରୁଥିଲେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ବିଏ ଡିଗ୍ରୀ ହାସଲ କରିଥିଲେ। ୨୪ ବର୍ଷ ବୟସରେ ସୁଶୀଳା ଯୁବ କଂଗ୍ରେସରେ ଯୋଗ ଦେଇଥିଲେ। ୧୯୮୩ -୧୯୮୪ ରେ ଯଥାକ୍ରମେ ମୟୂରଭଞ୍ଜ ଜିଲାର ସଭାପତି ଏବଂ ଉପସଭାପତି ହୋଇଥିଲେ। ୧୯୮୬ରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ୧୯୯୪ରେ ସେ ଦଶମ ଲୋକସଭା ନିର୍ବାଚନରେ ଅନୁସୂଚିତ ଜନଜାତି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ମୟୂରଭଞ୍ଜରୁ ବିଜୟୀ ହୋଇଥିଲେ।

# ୨୦୨୬ ବଜେଟ ବିକଶିତ ଭାରତର ରୋଡମ୍ୟାପ: ମନମୋହନ



**ଭୁବନେଶ୍ୱର,୧।୨(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆଜି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୬-୨୦୨୭ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ବଜେଟ୍ ଉପସ୍ଥାପନ କରିଛନ୍ତି। ଏହି ବଜେଟ୍‌ରେ ଅର୍ଥ ମନ୍ତ୍ରୀ ଦେଶର ଚାଷୀ, ମହିଳା, ଯୁବବର୍ଗ, ବେତନଭୋଗୀ, ମଧବିତ୍ତ, ବ୍ୟବସାୟ, ଏମ୍‌ଏସ୍‌ଏମ୍‌ଇ, ସ୍ୱାସ୍ଥ୍ୟ ସେବା, ନିଯୁକ୍ତି, ଶିକ୍ଷା, ପ୍ରତିରକ୍ଷା ପରି ସବୁ କ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି। ଦେଶର ପ୍ରତି କୋଣରେ ବିକାଶର ନୂତନ ଆଶାର କିରଣ ଉଜ୍ଜୀବିତ କରିଛି। ଭାରତ ଏବେ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ପାଲଟିଥିବା ବେଳେ ତୃତୀୟ ବୃହତ୍ତମ ଅର୍ଥନୀତି ହେବା ଦିଗରେ ଆଗେଇ ଚାଲିଛି। ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ଏହି ବଜେଟରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଛି। ବଜେଟ୍‌ରେ ଆୟୁର୍ବେଦଠାରୁ ଆରମ୍ଭ କରି ଏଆଇ ଟେକ୍ନୋଲୋଜିକୁ ଗୁରୁତ୍ୱ ଦିଆଯାଇଛି। ଗତ ୧୨ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନୀତି ଯୋଗୁ ସାରା ବିଶ୍ୱରେ ଅସ୍ଥିରତା ସତ୍ତ୍ୱେ ଭାରତର ଅଭିବୃଦ୍ଧି ବଢ଼ି ଚାଲିଛି। ଆଜି ଘୋଷିତ ବଜେଟ୍ ୨୦୪୭ ବିକଶିତ ଭାରତ ଗଠନ ପାଇଁ ଏକ ଶ୍ରେଷ୍ଠ ରୋଡମ୍ୟାପ ହେବା ସହ ସବୁବର୍ଗର ଆଶା ପୂରଣ କରିପାରିବାରେ ସକ୍ଷମ ହେବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାମଲ କହିଛନ୍ତି ଯେ ଚଳିତ ବଜେଟ୍‌ରେ ଭିତ୍ତିଭୂମି ନିର୍ମାଣ ପାଇଁ ବ୍ୟୟବରାଦ ୧୨ ଲକ୍ଷ କୋଟି ଟପିଥିବା ବେଳେ ସାମାଜିକ କ୍ଷେତ୍ରରେ ମଧ ବ୍ୟୟବରାଦ ବଢ଼ିଛି। ସେହିପରି କେନ୍ଦ୍ର ସରକାର କୌଣସି ଯୋଜନାକୁ ବନ୍ଦ କରିନାହାନ୍ତି। ବରଂ ବଜେଟରେ ବିଭିନ୍ନ ସାମଗ୍ରୀକୁ ଶସ୍ତା କରିବା ସହ ଆୟକର ସ୍ଲାବକୁ ଅପରବର୍ତ୍ତିତ ରଖି କେନ୍ଦ୍ର ଅର୍ଥମନ୍ତ୍ରୀ ସାଧାରଣ ବର୍ଗକୁ ଆଶ୍ୱସ୍ତ କରିଛନ୍ତି।

## ନିରାଶ କରିଛି ଡବଲ ଇଞ୍ଜିନ: ନବୀନ



**ଭୁବନେଶ୍ୱର,୧।୨(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଜି ଉପସ୍ଥାପିତ ବଜେଟ୍‌କୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ନବୀନ ତାଙ୍କ ସୋସିଆଲ ମିଡିଆ 'ଏକ୍ସ'ରେ ଲେଖିଛନ୍ତି ଯେ ବଜେଟ୍ ନେଇ ସେ ସମ୍ପୂର୍ଣ୍ଣ ନିରାଶ ହୋଇଛନ୍ତି। ବଜେଟ୍‌ରେ ଓଡ଼ିଶା ଓ ରାଜ୍ୟବାସୀଙ୍କ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ହୋଇପାରିନାହିଁ। ଓଡ଼ିଶାବାସୀଙ୍କ ଆଶା ଥିଲା ଯେ ଡବଲ ଇଞ୍ଜିନ ସରକାର ଭିତ୍ତିଭୂମି, ନିଯୁକ୍ତି ସୃଷ୍ଟି ଓ ରାଜ୍ୟ ପାଇଁ ଅତିରିକ୍ତ ଆବଣ୍ଟନ ଉପରେ ଧ୍ୟାନ ଦେଇ ଅଭିବୃଦ୍ଧି ଗତି ପ୍ରଦାନ କରିବ। କିନ୍ତୁ ଏ କ୍ଷେତ୍ରରେ ରାଜ୍ୟବାସୀ ହାତରେ କେବଳ ନିରାଶା ହିଁ ପଡ଼ିଛି। ଅବଶ୍ୟ ଓଡ଼ିଶାରେ ରେୟାର ୟାର୍ଥ କରିଡର ପ୍ରତିଷ୍ଠା ପ୍ରସ୍ତାବ ସ୍ୱାଗତଯୋଗ୍ୟ। ଓଡ଼ିଶା ଅନେକ ପ୍ରମୁଖ ଖଣିଜ ପଦାର୍ଥର ଅଗ୍ରଣୀ ଉତ୍ପାଦକ ଓ ଏହାର ସମୃଦ୍ଧ ସମ୍ପଦ ମାଧ୍ୟମରେ ରାଜ୍ୟ ରାଷ୍ଟ୍ର ନିର୍ମାଣରେ ସର୍ବଦା ଯୋଗଦାନ ଦେଇପାରିବ। ଖଣିଜ ସମୃଦ୍ଧ ଅଞ୍ଚଳ ଓ ଶିଳ୍ପ କେନ୍ଦ୍ରଗୁଡ଼ିକୁ ବନ୍ଦର ସହିତ ସଂଯୋଗ କରିବା ପାଇଁ ପୁଣିଥରେ ଜାତୀୟ ଜଳପଥ ଘୋଷଣା କରାଯାଇଛି। କିନ୍ତୁ ଏହା ଏକ ଦଶନ୍ଧି ପୁରୁଣା ପ୍ରସ୍ତାବ, ଯେଉଁଥିରେ ଅଦ୍ୟାବଧି କୌଣସି ଅଗ୍ରଗତି ହୋଇପାରିନାହିଁ। ଏଥିସହ ସହରଗୁଡ଼ିକ ମଧ୍ୟରେ ୭ଟି ହାଇ-ସ୍ପିଡ୍ ରେଳ କରିଡରକୁ 'ସମ୍ପ୍ରସାରିତ ସଂଯୋଗକାରୀ' ଭାବେ ବିକଶିତ କରିବା ନେଇ ଘୋଷଣା ହୋଇଥିଲେ ବି ଏଥିରେ ଓଡ଼ିଶା ସ୍ଥାନ ପାଇନାହିଁ।

# ବଜେଟ୍ ଦିଶାହୀନ, ନୀତିହୀନ: ଭକ୍ତ



**ଭୁବନେଶ୍ୱର,୧।୨(ସଂଚାର ବ୍ୟୁରୋ):** କେନ୍ଦ୍ରୀୟ ବଜେଟ୍ ଦିଶାହୀନ, ଦୃଷ୍ଟିହୀନ ଓ ନୀତିହୀନ। ଯୁବକ, ଚାଷୀ, ଗରିବ, ମଧବିତ୍ତଙ୍କ ପାଇଁ ବଜେଟ୍ରେ କିଛି ନାହିଁ। ନୀତିସମ୍ପନ୍ନ ବଜେଟ୍ ହେବା କଥା, କିନ୍ତୁ ହୋଇନି ବୋଲି କହିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ଗତ ବର୍ଷର ବଜେଟ୍‌ର ଲକ୍ଷେ କୋଟି ଟଙ୍କା ସରକାର ଖର୍ଚ୍ଚ କରିପାରିନାହାନ୍ତି। ଋଣ ଭାର ୧୯୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏବେ ପୁଣି ୧୭.୨ ଲକ୍ଷ କୋଟି ଟଙ୍କାର ଋଣ କରିବେ। ୧୨ ବର୍ଷରେ ଏମିତି କ'ଣ କଲେ ଯେ ଋଣ ଭାର ବଢ଼ିଗଲା ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ଆଜିର ବଜେଟ୍‌ଟି କେବଳ ପୁଞ୍ଜିପତିଙ୍କ ପାଇଁ ଉଦ୍ଦିଷ୍ଟ। ସାଧାରଣ ଲୋକଙ୍କ ପାଇଁ ଏଥିରେ କିଛି ବି ନାହିଁ। ପ୍ରଦେଶ କଂଗ୍ରେସ ଏପରି ବଜେଟ୍‌କୁ ଏହାକୁ ସମ୍ପୂର୍ଣ୍ଣ ନିନ୍ଦା କରୁଛି ବୋଲି ଶ୍ରୀ ଦାସ କହିଛନ୍ତି। ବଜେଟ୍ ଉପରେ ପ୍ରତିକ୍ରିୟା ଦେବାକୁ ଯାଇ ଶ୍ରୀ ଦାସ କହିଛନ୍ତି ଯେ ଗତ ୧୨ ବର୍ଷ ହେଲା ଯୁବପିଢ଼ି ହତାଶ ହୋଇଆସିଛନ୍ତି। ଆଜିର ବଜେଟ୍‌ରେ ବି ଯୁବପିଢ଼ିଙ୍କ ପାଇଁ କିଛି ନାହିଁ। ନିଯୁକ୍ତି ପାଇଁ କିଛି ବି ବ୍ୟବସ୍ଥା ହୋଇନାହିଁ। ରେଲୱେ ଫ୍ରେଟ ଜରିଆରେ ଓଡ଼ିଶା କେନ୍ଦ୍ର ସରକାରଙ୍କୁ ଅନେକ ରାଜସ୍ୱ ଦେଉଛି। ହେଲେ ସେହି ଅନୁପାତରେ ଓଡ଼ିଶାକୁ କିଛି ବି ମିଳିନି। ଫଳତଃ ଓଡ଼ିଶାବାସୀ ହତାଶ, ନିରାଶ ଓ ପ୍ରତାରିତ ହୋଇଛନ୍ତି। ପୂର୍ବତଟ ଫ୍ରେଟ କରିଡର ଘୋଷଣା କରାଯାଇଛି, କିନ୍ତୁ ଏହା କାହା ସ୍ୱାର୍ଥରେ ହୋଇଛି ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ୩୪ଟି କୋଇଲା ଖାଦାନ ମାଇନିଂ ଲିଜ୍ ଦିଆଯାଇଛି। ଫ୍ରେଟ କରିଡ଼ରରେ ଜନସାଧାରଣଙ୍କ ସୁବିଧା ହେବନାହିଁ। ଆଦାନୀ, ଅମ୍ବାନୀଙ୍କ କୋଇଲା, କଞ୍ଚାମାଲ ପରିବହନ ସକାଶେ ଏହି ବ୍ୟବସ୍ଥା ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି।

● ବଜେଟ୍‌ରେ ଏନ୍‌ଡବ୍ଲ୍ୟୁ-୫ ଉପରେ ଗୁରୁତ୍ୱ

## ଓଡ଼ିଶାର ଗ୍ରୀନ୍ ଲଜିଷ୍ଟିକ୍ସ କ୍ଷେତ୍ରରେ ଯୁଗାନ୍ତକାରୀ ପଦକ୍ଷେପ



**ଭୁବନେଶ୍ୱର,୧।୨(ସଂଚାର ବ୍ୟୁରୋ):** କେନ୍ଦ୍ର ବଜେଟ୍‌ରେ ଜାତୀୟ ଜଳପଥ, ବିଶେଷକରି ଜାତୀୟ ଜଳପଥ-୫ (ଏନ୍‌ଡବ୍ଲ୍ୟୁ-୫)ର ବିକାଶ ଉପରେ ଦିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ। ଏହି ଘୋଷଣା ରାଜ୍ୟରେ ଏକ ସ୍ଥାୟୀ, ମିତବ୍ୟୟୀ ଏବଂ ଭବିଷ୍ୟତ-ଉପଯୋଗୀ ଲଜିଷ୍ଟିକ୍ସ ବ୍ୟବସ୍ଥା ଗଠନ ଦିଗରେ ନିର୍ଣ୍ଣାୟକ ପଦକ୍ଷେପ ବୋଲି ସେ କହିଛନ୍ତି। ଓଡ଼ିଶାର ପ୍ରମୁଖ ଶିଳ୍ପ କେନ୍ଦ୍ର ଏବଂ ପାରାଦୀପ ଓ ଧାମରା ଭଳି ରଣନୈତିକ ବନ୍ଦର ସହ ସଂଯୋଗ କରୁଥିବା ଏନ୍‌ଡବ୍ଲ୍ୟୁ-୫ର ବିକାଶ ଦ୍ୱାରା ପଣ୍ୟଦ୍ରବ୍ୟ ପରିବହନରେ ସୁବିଧା ହେବ। ଏଥିସହ ସଡ଼କ ଓ ରେଳ ଭିତ୍ତିଭୂମି ଉପରେ ପଡ଼ୁଥିବା ଅତିରିକ୍ତ ଚାପ ମଧ କମିବ। 'ଜାତୀୟ ଜଳପଥ-୫ର ବିକାଶ ଓଡ଼ିଶାର 'ବନ୍ଦର-ଭିତ୍ତିକ ଶିଳ୍ପାୟନ' ଏବଂ 'ଗ୍ରୀନ୍ ମୋବିଲିଟି' (ସବୁଜ ପରିବହନ) ଲକ୍ଷ୍ୟ ସହ ସମ୍ପୂର୍ଣ୍ଣ ସମାନ। କୋଇଲା, ଖଣିଜ ପଦାର୍ଥ ଏବଂ ଇସ୍ପାତ ପରିବହନ ଆଭ୍ୟନ୍ତରୀଣ ଜଳପଥ ମାଧ୍ୟମରେ ହେଲେ ଲଜିଷ୍ଟିକ୍ସ ଖର୍ଚ୍ଚ କମିବା ସହ ଭାରତର ଜଳବାୟୁ ଓ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ଦିଗରେ ଏହା ବହୁଳ ସହାୟକ ହେବ। ଏହାଦ୍ୱାରା ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧି ଘଟିବା ସହ ଲଜିଷ୍ଟିକ୍ସ କ୍ଷେତ୍ରରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଥିସହ ଆଭ୍ୟନ୍ତରୀଣ ଶିଳ୍ପ କ୍ଲଷ୍ଟର ଓ ଉପକୂଳ ବନ୍ଦରଗୁଡିକ ମଧ୍ୟରେ ବହୁମୁଖୀ ସଂଯୋଗୀକରଣ ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି ସେ ଆଶା କରିଛନ୍ତି।

# ଓଡ଼ିଶାକୁ କେନ୍ଦ୍ର ଅନୁକରଣ କରିବାର ଥିଲା



ଦେଶରେ ପ୍ରଚଳିତ ହୋଇଥିବା ଅର୍ଥନୀତିକୁ ବଜେଟ ସୂଚିତ କରେ। କେନ୍ଦ୍ର ବଜେଟରେ ଲୁଚି ରହିଥିବା ଅର୍ଥନୀତିଟି ବିକାଶ ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା ବେଳେ ଓଡିଶା ବଜେଟରେ ଥିବା ଅର୍ଥନୀତିଟି ବିକାଶ ପାଇଁ ଅନୁକୂଳ ହୋଇଛି। ଆଜି ସଂସଦ ଭବନରେ ଉପସ୍ଥାପିତ ହୋଇଥିବା କେନ୍ଦ୍ର ବଜେଟରେ ଆସନ୍ତା ବର୍ଷ ୨୦୨୬-୨୭ ପାଇଁ ସମୁଦାୟ ଋଣ ପରିମାଣ ୧୭ ଲକ୍ଷ ୮୧ ହଜାର ୪୬୩ କୋଟି ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ସମୁଦାୟ ପ୍ରଭାବୀ ପୁଞ୍ଜିନିବେଶ ଖର୍ଚ୍ଚ ପାଇଁ ମାତ୍ର ୧୭ ଲକ୍ଷ ୧୪ ହଜାର ୫୨୩ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। ଓଡ଼ିଶା ଲୋକ କଥାରେ ଗୋଟେ ଭଲ ଅର୍ଥନୈତିକ ବାରଣ ରହିଛି, 'ଋଣ କରି ଘିଅ ଖାଇବା'। ଅର୍ଥାତ କୌଣସି ବ୍ୟକ୍ତିବିଶେଷ ଋଣ କରି ଘିଅ ଖାଇଲେ ତାଙ୍କୁ ଦରିଦ୍ରତା ପଶ୍ଚାଧାବନ କରେ। ଗୋଟିଏ ସୁସ୍ଥ ଅର୍ଥନୀତିରେ ପୁଞ୍ଜିନିବେଶ ଋଣ ପରିମାଣଠାରୁ ଅତି କମ୍‌ରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ବୃଦ୍ଧି ହାରଠାରୁ ଊର୍ଦ୍ଧ୍ୱ ରହିବ। କେନ୍ଦ୍ର ବଜେଟ୍ ପୂର୍ବରୁ ଉପସ୍ଥାପିତ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଆସନ୍ତା ବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ହାର ପ୍ରାୟ ୭ ପ୍ରତିଶତ ଧାର୍ଯ୍ୟ ହୋଇଛି। ତେଣୁ କେନ୍ଦ୍ର ବଜେଟରେ ପୁଞ୍ଜି ନିବେଶ ପରିମାଣ ଋଣ ପରିମାଣଠାରୁ ଅତି କମରେ ୭ ପ୍ରତିଶତ ଅଧିକ ହେବାର ଥିଲା। କିନ୍ତୁ ଆଜି ଘୋଷିତ ବଜେଟ୍‌ରେ ତାହା ପ୍ରତିଫଳିତ ହୋଇନାହିଁ। ବରଂ ଋଣ ପରିମାଣ ପୁଞ୍ଜିନିବେଶଠାରୁ ଅଧିକ ପ୍ରସ୍ତାବ ଦିଆଯିବା ଦୁର୍ଭାଗ୍ୟପୂର୍ଣ୍ଣ। କେନ୍ଦ୍ର ବଜେଟରେ ଆସନ୍ତା ବର୍ଷ ପାଇଁ ପୁଞ୍ଜିନିବେଶ ପରିମାଣ ଅତି କମ୍‌ରେ ୧୯ ଲକ୍ଷ କୋଟି ଟଙ୍କା ଆବଶ୍ୟକ ହେଉଥିବା ବେଳେ କେନ୍ଦ୍ର ଅର୍ଥମନ୍ତ୍ରୀ ଏଥିପାଇଁ ମାତ୍ର ୧୭ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। ଅର୍ଥାତ ଦେଶର ବଜେଟ ନୀତି ଦାରିଦ୍ର୍ୟର ପିଛା କରୁଛି ବୋଲି କୁହାଯାଇପାରେ। ଏଥିରୁ କେନ୍ଦ୍ର ସରକାରଙ୍କ 'ଋଣ କରି ଘିଅ ଖାଇବା' ନୀତି ସ୍ପଷ୍ଟ ହୋଇଛି। ଏପରି ସ୍ଥିତିରେ ଦେଶର ବଜେଟ୍ ନୀତିରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ଓଡ଼ିଶା ବଜେଟ ନୀତି ରାଜ୍ୟର ଅର୍ଥନୈତିକ ପ୍ରଗତି ପାଇଁ ଖୁବ ଅନୁକୂଳ ହୋଇଛି। ଚଳିତ ବର୍ଷ ପାଇଁ ଓଡ଼ିଶା ବିଧାନସଭାରେ ମଞ୍ଜୁର ହୋଇଥିବା ସଂଶୋଧିତ ବଜେଟ୍‌ରେ ପୁଞ୍ଜିନିବେଶ ପରିମାଣ ଋଣ ପରିମାଣଠାରୁ ଢେର ଅଧିକ ରହିବା ଏକ ସୁସ୍ଥ ଅର୍ଥନୈତିକ ବିକାଶକୁ ସ୍ୱାଗତ କରିଛି। ତେଣୁ ଆଜିର ବଜେଟ୍ ଉପସ୍ଥାପନ ପୂର୍ବରୁ କେନ୍ଦ୍ର ସରକାର ଓଡ଼ିଶା ବଜେଟ୍‌କୁ ଅନୁସରଣ କରିବା ଦରକାର ଥିଲା।

ଆନନ୍ଦ ମହାପାତ୍ର, ଶକ୍ତି ସମୀକ୍ଷକ

## ବୃଦ୍ଧିମୁଖୀ ଓ ସୁଧାରମୁଖୀ ବଜେଟ୍




କେନ୍ଦ୍ର ବଜେଟ୍ ୨୦୨୬-୨୭ ଏକ ବୃଦ୍ଧିମୁଖୀ ଓ ସୁଧାରମୁଖୀ ବଜେଟ୍, ଯାହା ଆର୍ଥିକ ଶାସନକୁ ସୁନିଶ୍ଚିତ କରିବା ସହ ଦୀର୍ଘମିଆଦୀ ଦେଶ ଗଠନକୁ ଗୁରୁତ୍ୱ ଦେଇଛି। ମାନୁଫ୍ୟାକ୍ଚରିଂ, ଏମ୍‌ଏସ୍‌ଏମ୍‌ଇ, ସେବା କ୍ଷେତ୍ର ଓ ଆର୍ଥିକ କ୍ଷେତ୍ରର ସୁଧାର ଉପରେ ସରକାରଙ୍କ ଲଗାତାର ଗୁରୁତ୍ୱ, ରେକର୍ଡ କ୍ୟାପିଟାଲ୍ ବ୍ୟୟ ଓ ବିଶ୍ୱସନୀୟ ଆର୍ଥିକ ସଂକୋଚନ ପଥ ସହ ଦେଶର ମାକ୍ରୋ-ଆର୍ଥିକ ସ୍ଥିରତା ଓ ନିବେଶକଙ୍କ ଆତ୍ମବିଶ୍ୱାସକୁ ଦୃଢ଼ କରିଛି। 'ମେକ୍ ଇନ୍ ଇଣ୍ଡିଆ', ଉର୍ଜା ପରିବର୍ତ୍ତନ ଓ ଏମ୍‌ଏସ୍‌ଏମ୍‌ଇ ଋଣ ବିସ୍ତାର ସମ୍ବନ୍ଧୀୟ କୌଶଳଗତ ପଦକ୍ଷେପ, ଦୀର୍ଘକାଳୀନ ଲାଭ ବୃଦ୍ଧି ଓ ରୋଜଗାର ସୃଷ୍ଟିକୁ ସମର୍ଥନ କରିବ। ଅବଶ୍ୟ ସାମୟିକ ଭାବେ ଏସ୍‌ଟିଟିରେ ବୃଦ୍ଧି ଟ୍ରେଡିଂ ଖର୍ଚ୍ଚ ବଢ଼ାଇପାରେ, କିନ୍ତୁ ବଣ୍ଡ ମାର୍କେଟ୍‌ର ଗଭୀରତା। ବୃଦ୍ଧି, ସଞ୍ଚୟର ଆର୍ଥିକୀକରଣ ଓ ଦୀର୍ଘମିଆଦୀ ପୁଞ୍ଜି ଗଠନକୁ ପ୍ରୋତ୍ସାହନ ଦେଇଥିବା ବିସ୍ତୃତ ପଦକ୍ଷେପଗୁଡ଼ିକ ନିବେଶକଙ୍କୁ ସକାରାତ୍ମକ ଫଳାଫଳ ଦେଇପାରିବ। ମୋଟାମୋଟି ଭାବେ ଏହି ବଜେଟ୍ ଅନୁମାନମୂଳକ ବ୍ୟାପାର ଅପେକ୍ଷା ଦୀର୍ଘମିଆଦୀ, ଲକ୍ଷ୍ୟଭିତ୍ତିକ ନିବେଶକୁ ପ୍ରାଥମିକତା ଦେଇ ଭାରତକୁ ଏକ ଦୃଢ଼ ଓ ଆକର୍ଷଣୀୟ ନିବେଶର ଲକ୍ଷ୍ୟସ୍ଥଳ ଭାବେ ଆହୁରି ସୁଦୃଢ଼ କରିଛି।

ତ୍ରିନାଥ ଲେଙ୍କା, ପରିଚାଳନା ନିର୍ଦ୍ଦେଶକ, ୱାଲେଟ୍‌୪ୱେଲ୍ଥ

# ନୃତ୍ୟଗୀତରେ ଜମିଲା ତୃତୀୟ ପଥ ଉତ୍ସବ

● ଝୁମାଇଲେ ରୁକୁ ସୁନା ଓ ପ୍ରୀତିରେଖା, ହସାଇଲେ ପ୍ରଜ୍ଞାନ ଓ ଶଙ୍କର



**ଭୁବନେଶ୍ୱର,୧।୨(ସଂଚାର ବ୍ୟୁରୋ):** ନୃତ୍ୟ ଓ ଗୀତରେ ଦୁଲୁକିଲା ଇନ୍‌ଫୋସିଟି-ଶିଖରଚଣ୍ଡୀ ରାସ୍ତା। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆୟୋଜିତ ଚଳିତ ବର୍ଷର ତୃତୀୟ ପଥ ଉତ୍ସବରେ ଯୁବ ଦର୍ଶକମାନେ ବେଶ୍ ଝୁମିଛନ୍ତି। ଦୀର୍ଘ ଏକ କିମି ବ୍ୟାପୀ ମେଳିଥିଲା ମନୋରଞ୍ଜନ ପସରା। ଭୋର ସାଢ଼େ ୫ଟାରୁ ପଥ ଉତ୍ସବର ବାଦ୍ୟ ଯନ୍ତ୍ର ବାଜିଉଠିଥିଲା। ଧୀରେ ଧୀରେ ଦର୍ଶକଙ୍କ ଭିଡ଼ ବଢ଼ିଚାଲିଥିଲା। ଫଳତଃ ୬ଟା ବେଳକୁ ଇନ୍‌ଫୋସିଟି-ଶିଖରଚଣ୍ଡୀ ରାସ୍ତା ଲୋକାରଣ୍ୟ ହୋଇପଡ଼ିଥିଲା। ପାଖାପାଖି ୨୦ ହଜାର ଦର୍ଶକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

କାର୍ଯ୍ୟକ୍ରମରେ ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ବିଏମ୍‌ସି ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିଶନର ତଥା ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ, ଅତିରିକ୍ତ କମିଶନରଙ୍କ ସହ ଅନ୍ୟ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷଅଧ୍ୟକ୍ଷା, ବହୁ କର୍ପୋରେଟର ମଞ୍ଚାସୀନ ଥିଲେ।

ତୃତୀୟ ପଥ ଉତ୍ସବ ମଞ୍ଚ ଉପରେ ଥିବା ଗଛରେ ପାଣି ଦେଇ ଅତିଥିମାନେ ସବୁଜ ଭୁବନେଶ୍ୱରର ବାର୍ତ୍ତା ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅତିଥିଙ୍କ ଅଭିଭାଷଣ ପରେ ଆରମ୍ଭ ହୋଇଥିଲା ତୃତୀୟ ପଥ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ। ମଞ୍ଚ ଉପରକୁ ପ୍ରଥମେ ଆସିଥିଲେ ଓଲିଉଡର ଜଣାଶୁଣା କମେଡିଆନ ପ୍ରଜ୍ଞାନ ଓଝା ଓ ଶଙ୍କର ପ୍ରଧାନ। ପ୍ରଜ୍ଞା-ଶଙ୍କର ଯୋଡ଼ିଙ୍କ ହାସ୍ୟରସଭରା କାର୍ଯ୍ୟକ୍ରମରେ ଦର୍ଶକମାନେ ହସି ହସି ବେଦମ୍ ହୋଇଥିଲେ। ପରେ ମଞ୍ଚରେ ଧୂମ୍ ମଚାଇଥିଲେ ଜଣାଶୁଣା କଣ୍ଠଶିଳ୍ପୀ ରୁକୁ ସୁନା, ଦୀପ୍ତିରେଖା ପାଢ଼ୀ। ହଜାର ହଜାର ଯୁବକଯୁବତୀ ରୁକୁଙ୍କ ସମ୍ବଲପୁରୀ ଗୀତରେ ନାଚି ପୂରା କାର୍ଯ୍ୟକ୍ରମର ମଜା ନେଇଥିଲେ।

ସେପଟେ ଦ୍ୱିତୀୟ ମଞ୍ଚରେ ପୁଲିସ କମିଶନର ସୁରେଶ ଦେବଦତ୍ତ ସିଂ, ଚଳଚ୍ଚିତ୍ର ତାରକା ସବ୍ୟସାଚୀ ମିଶ୍ର, ଶୀତଲ, ପ୍ରେମାନନ୍ଦ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲେ। ଏଠାରେ 'ଜୀବନ ଜିନ୍ଦାବାଦ' ଉପରେ ସଚେତନ କରାଯାଇଥିଲା। ଡିଜେର ତାଳେ ତାଳେ ମତୁଆଲା ହୋଇଥିଲେ ଦେଖଣାହାରୀ। ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଅତିରିକ୍ତ କମିଶନର ରତ୍ନାକର ସାହୁ ଓ କୈଳାସ ଚନ୍ଦ୍ର ଦାସ।

## ଲୋକାଭିମୁଖୀ ବଜେଟ୍: ଅନୀଲ ଅଗରୱାଲ୍



**ଭୁବନେଶ୍ୱର,୧।୨(ସଂଚାର ବ୍ୟୁରୋ):** ଆଜି କେନ୍ଦ୍ର ବଜେଟ୍ ଘୋଷଣା ହୋଇଥିବା ବେଳେ ଏହାକୁ ସ୍ୱାଗତ କରିଛନ୍ତି ବେଦାନ୍ତ ମୁଖ୍ୟ ଅନୀଲ ଅଗରୱାଲ୍। ସେ କହିଛନ୍ତି ଯେ ଏହା ଏକ ଲୋକାଭିମୁଖୀ ବଜେଟ। ଏଥିରେ ସାଧାରଣ ପୁଞ୍ଜି ନିବେଶ ଓ ଉତ୍ପାଦନ ବୃଦ୍ଧି ଉପରେ ସ୍ପଷ୍ଟ ଧ୍ୟାନ ଦେବା ସହ ଯୁବପିଢ଼ିଙ୍କ ପାଇଁ ସେମାନଙ୍କର ଜୀବିକା ଉନ୍ନତ କରିବା, ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ଏବଂ ଚିକିତ୍ସା ସହ ପର୍ଯ୍ୟଟନ ଭଳି ନିଯୁକ୍ତି କ୍ଷେତ୍ରଗୁଡ଼ିକୁ ଆଗକୁ ନେବା ପାଇଁ ଯଥେଷ୍ଟ ସୁଯୋଗ ସୃଷ୍ଟି କରାଯାଇଛି। ତା'ଛଡ଼ା ଗୁରୁତ୍ୱପୂର୍ଣ୍ଣ ଖଣିଜ ଓ ବିରଳ ମୃତ୍ତିକା ପ୍ରତି ସରକାରଙ୍କ ଆଗ୍ରହ ସ୍ୱାଗତଯୋଗ୍ୟ। ଓଡ଼ିଶା, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ କେରଳରେ ଖଣି, ପ୍ରକ୍ରିୟାକରଣ, ଗବେଷଣା, ବିକାଶ ଓ ଉତ୍ପାଦନ ପାଇଁ ବିରଳ ମୃତ୍ତିକା କରିଡର ଅଭିବୃଦ୍ଧି, ନିଯୁକ୍ତି ଓ ଖଣିଜ ସୁରକ୍ଷାକୁ ବୃଦ୍ଧି କରିବ ବୋଲି ଶ୍ରୀ ଅଗରୱାଲ୍ ଆଶା ପ୍ରକାଶ କରିଛନ୍ତି।

## ସମାଜସେବୀ ସୁଧାକରଙ୍କ ପରଲୋକ



**ଯାଜପୁର,୧।୨(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ବଡ଼ କାଏମା ପଞ୍ଚାୟତର ଜଣାଶୁଣା ବରିଷ୍ଠ ସମାଜସେବୀ ସୁଧାକର ସାହୁ(୫୮)ଙ୍କର ପରଲୋକ ଘଟିଛି। ସେ କିଛିଦିନ ତଳେ ଅସୁସ୍ଥତା ଅନୁଭବ କାରଣରୁ ତାଙ୍କୁ ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ବଡ଼ ମେଡ଼ିକାଲକୁ ନିଆଯାଇଥିଲା। କିନ୍ତୁ ସେଠାରେ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ଆସିବାରୁ ଶ୍ରୀ ସାହୁଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ସନ୍ଧ୍ୟା ୬ଟା ୩୨ ମିନିଟ୍‌ରେ ପରଲୋକ ଗମନ କରିଛନ୍ତି। ଆଜି ଜାରକା ମୁଖ୍ୟ ବଜାରରୁ ତାଙ୍କ ଗୋପ ନଗରସ୍ଥିତ ବାସଭବନ ପର୍ଯ୍ୟନ୍ତ ଶତାଧିକ ଶୁଭେଚ୍ଛୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ନେଇଥିଲେ। ତାଙ୍କ ବାସଭବନରେ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଅନ୍ତିମ ଦର୍ଶନ କରିଥିଲେ। ପରେ କେଲୁଅ ନଦୀ ମଶାଣିରେ ପରିବାରବର୍ଗ ଆତ୍ମୀୟସ୍ୱଜନ ଓ ଶୁଭେଚ୍ଛୁଙ୍କ ଉପସ୍ଥିତିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ସତ୍ୟଜିତ୍ ମୁଖାଗ୍ନି ଦେଇଥିଲେ। ଶ୍ରୀ ସାହୁ ଏକ ଘରୋଇ ସ୍କୁଲରେ ଶିକ୍ଷକତା କରିବା ସହ ସମାଜସେବା ଜାରି ରଖିଥିଲେ। ପରେ ରାଜନୀତିରେ ପାଦ ଥାପିଥିବା ଶ୍ରୀ ସାହୁଙ୍କ ଉଦ୍ୟମ କ୍ରମେ ୨୦୧୨ରେ ତାଙ୍କ ଧର୍ମପତ୍ନୀ ମମତା ସାହୁ ୨୦୧୭ ପର୍ଯ୍ୟନ୍ତ ବଡ଼ କାଏମାର ସରପଞ୍ଚ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ପରି ଜଣେ ପରୋପକାରୀ, ମିଷ୍ଟଭାଷୀ, ନମ୍ର ଓ ଭଦ୍ର ବ୍ୟକ୍ତିଙ୍କ ପରଲୋକରେ କାଏମା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ସୋମବାର ୨ ଫେବୃଆରୀ ୨୦୨୬, ଭୁବନେଶ୍ୱର
Monday 2 February 2026, Bhubaneswar

# ବିଜେପିର ବଙ୍ଗ ଦଖଲ ଅଭିଯାନ



ପଶ୍ଚିମବଙ୍ଗର ରାଜନୈତିକ ମଞ୍ଚରେ ୨୦୨୬ ବିଧାନସଭା ନିର୍ବାଚନ ପାଇଁ ବିଗୁଲ ବାଜିଲାଣି। ରାଜନୈତିକ ଶକ୍ତିଗୁଡ଼ିକ ନିଜ ନିଜ ସ୍ତରରେ ପ୍ରସ୍ତୁତି ଆରମ୍ଭ କରିସାରିଲେଣି। ମାର୍ଚ୍ଚ-ଏପ୍ରିଲ ମାସରେ ଅନୁଷ୍ଠିତ ହେବାକୁ ଥିବା ଏହି ନିର୍ବାଚନକୁ ସାମ୍ନାରେ ରଖି ଭାରତୀୟ ଜନତା ପାର୍ଟି (ବିଜେପି) ଯେମିତି ସବୁ ଶକ୍ତି ଲଗେଇ ଦେଇଛି। ୨୦୨୧ରେ ୭୭ଟି ଆସନ ଓ ପ୍ରାୟ ୩୮ ପ୍ରତିଶତ ଭୋଟ ପାଇ ମୁଖ୍ୟ ବିରୋଧୀ ଦଳ ହୋଇଥିଲେ ମଧ, ତୃଣମୂଳ କଂଗ୍ରେସର ୨୧୫ ଆସନର ବିପୁଳ ବିଜୟ ଆଗରେ ବିଜେପିର ସରକାର ଗଠନ ସ୍ୱପ୍ନ ଅଧୁରା ରହିଥିଲା। କିନ୍ତୁ ଏଥର ପରିସ୍ଥିତି ଭିନ୍ନ। କେନ୍ଦ୍ରୀୟ ନେତୃତ୍ୱର ନିର୍ଦ୍ଦେଶରେ ବିଜେପି ପଶ୍ଚିମବଙ୍ଗକୁ ଦଖଲ କରିବା ପାଇଁ କଠୋର, ବହୁମୁଖୀ ଓ ସୁସଂଗଠିତ ପ୍ରୟାସ ଚଳାଉଛି।

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କର ସାମ୍ପ୍ରତିକ ବାରମ୍ବାର ପଶ୍ଚିମବଙ୍ଗ ଗସ୍ତ ଏହି ଦଖଲ ଅଭିଯାନରେ ଶୀର୍ଷରେ ରହିଛି। ଉତ୍ତର ୨୪ ପରଗଣା, ଶିଲିଗୁଡ଼ି, ବ୍ୟାରାକପୁର ଆଦି ବିଭିନ୍ନ ସ୍ଥାନରେ କର୍ମୀ ସମ୍ମିଳନୀ କରି ସେ ତୃଣମୂଳ ସରକାରକୁ ଦୁର୍ନୀତିଗ୍ରସ୍ତ, ଅନୁପ୍ରବେଶକାରୀଙ୍କୁ ଆଶ୍ରୟଦାତା ଓ ଜାତୀୟ ନିରାପତ୍ତା ପାଇଁ ବିପଦସ୍ୱରୂପ ବୋଲି କହି ରାଜନୈତିକ ଆକ୍ରମଣ କରିଛନ୍ତି। ସେ ସ୍ପଷ୍ଟ ଦାବି କରିଛନ୍ତି—ବିଜେପି ସରକାର ଗଠନ କଲେ ୪୫ ଦିନ ଭିତରେ ସୀମାନ୍ତରେ ବେଡ଼ା ସମ୍ପୂର୍ଣ୍ଣ କରାଯିବ ଏବଂ ଭୋଟ ଶତାଂଶ ୫୦ ପ୍ରତିଶତକୁ ପହଞ୍ଚିବ। ଉତ୍ତରବଙ୍ଗରେ ସେ ଗତ ଦଖଲ କରିବାର ଆତ୍ମବିଶ୍ୱାସ ମଧ ପ୍ରକାଶ କରିଛନ୍ତି। ଏହି ବାର୍ତ୍ତା କେବଳ ନିର୍ବାଚନୀ ନୁହେଁ, ଜାତୀୟ ନିରାପତ୍ତା ଓ ହିନ୍ଦୁତ୍ୱର ସହିତ ଜଡ଼ିତ।

ବିଜେପିର କୌଶଳ ଅତ୍ୟନ୍ତ ସୁପରିକଳ୍ପିତ। ଦିଲ୍ଲୀରୁ ପ୍ରାୟ ୩୦ ଜଣ କେନ୍ଦ୍ରୀୟ ନେତା ଓ କର୍ମୀଙ୍କୁ ନେଇ 'କ୍ରାକ୍ ଟିମ' ଗଠନ କରାଯାଇ ପଶ୍ଚିମବଙ୍ଗକୁ ପଠାଯାଇଛି। ସେମାନେ ରାଜ୍ୟରେ କ୍ୟାମ୍ପ କରି ସଂଗଠନକୁ ଶକ୍ତିଶାଳୀ କରୁଛନ୍ତି। ଅଭ୍ୟନ୍ତରୀଣ ଐକ୍ୟ ଜୋରଦାର କରାଯାଉଛି, ତୃଣମୂଳ ସ୍ତରରେ ଭୋଟରଙ୍କୁ ପ୍ରଭାବିତ କରାଯାଉଛି। ଦଳର ନୂଆ ଜାତୀୟ ସଭାପତି ନିତିନ ନବୀନଙ୍କ ବଙ୍ଗ ଗସ୍ତ ମଧ ଏହି ଦଖଲ ଅଭିଯାନର ଅଂଶ। ପ୍ରାର୍ଥୀ ଚୟନରେ ମଧ କଠୋରତା ଆଣାଯାଉଛି—ବିଧାନସଭା ଫଳାଫଳ ଆଧାରରେ ଲୋକସଭା ଟିକଟ ଦେବାର ନିଷ୍ପତ୍ତି ନେଇଛି ବିଜେପି।

ଏହି ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗଗୁଡ଼ିକ ହେଲା ଦୁର୍ନୀତି, ସୀମାନ୍ତ ଅନୁପ୍ରବେଶ, ରାଜନୈତିକ ହିଂସା ଓ ତୋଷଣ ନୀତି। ବିଜେପି ଏଗୁଡ଼ିକୁ ଜାତୀୟ ନିରାପତ୍ତା ସହିତ ଯୋଡ଼ି ତୃଣମୂଳକୁ ଚାପରେ ରଖୁଛି। ବିଶେଷକରି ଉତ୍ତରବଙ୍ଗ ଓ ଦକ୍ଷିଣବଙ୍ଗର କିଛି ଅଂଶରେ ହିନ୍ଦୁ ଭୋଟକୁ ଏକତ୍ରିତ କରିବାର ଚେଷ୍ଟା ଚାଲିଛି। ତଥାପି ବିଜେପି ପାଇଁ ଏହି ଅଭିଯାନ ଏତେ ସହଜ ନୁହେଁ ବୋଲି ଆକଳନ କରାଯାଉଛି। ମମତା ବନ୍ଦ୍ୟୋପାଧ୍ୟାୟଙ୍କ 'ଦିଦି' ଇମେଜ୍ ଏବେ ମଧ ଅତୁଟ ରହିଛଇ। ତୃଣମୂଳର ଗ୍ରାମୀଣ ସଂଗଠନ ଶକ୍ତିଶାଳୀ, ମହିଳା ଓ ସଂଖ୍ୟାଲଘୁ ଭୋଟବ୍ୟାଙ୍କ ବି ବଡ, ଯାହାକୁ ଭାଙ୍ଗିବା ଏତେ ସହଜ ହେବନି। ସାମ୍ପ୍ରତିକ ମୁଡ ଅଫ ଦି ନେସନ ସର୍ଭେ କହୁଛି, ତୃଣମୂଳ ଏବେ ମଧ ଆଗରେ। ବିଜେପିର ସ୍ଥାନୀୟ ନେତୃତ୍ୱରେ ଅସନ୍ତୋଷ ଓ କନ୍ଦଳର ଅଭିଯୋଗ ଉଠୁଛି। ରାଜନୈତିକ ହିଂସାର ଇତିହାସ ମଧ ବିଜେପିର ବିଜୟ ପଥରେ ବାଧକ ସାଜିଛି।

ବଙ୍ଗ ଦଖଲ ପାଇଁ ବିଜେପିର ଏହି ଅଭିଯାନ କେବଳ ଏକ ରାଜ୍ୟ ଜୟର ନୁହେଁ, ଜାତୀୟ ଛବିରେ ଆଧିପତ୍ୟର ପ୍ରଶ୍ନ ସହ ମଧ ଜଡ଼ିତ। ପଶ୍ଚିମବଙ୍ଗ ଜୟ କଲେ ସୋନାରଙ୍କର ସବୁ ରାଜ୍ୟରେ ବିଜେପି ସ୍ୱପ୍ନ ସାକାର ସହଜ ହୋଇପାରିବ କିନ୍ତୁ ତୃଣମୂଳର ଶକ୍ତ ଘାଟି ଭାଙ୍ଗିବା ସହଜ ନୁହେଁ। ଏହି ଲଢ଼େଇ କେବଳ ଆସନର ନୁହେଁ, ଆଦର୍ଶ, ପରିଚୟ ଓ ଉନ୍ନୟନର

# ଗାନ୍ଧିଜୀଙ୍କ ବେଶ ବଦଳାଇଥିଲା ଓଡ଼ିଶା

ଡ଼ଃ. ଅରୁନ୍ଧତୀ ଦେବୀ



ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅନେକ ଶ୍ରଦ୍ଧା, ଆବେଗ ଓ ଦେଶ ମାତୃକାର ପାଇଁ ଭାବପ୍ରବଣତା ଓଡ଼ିଶା ସହିତ ରହିଛି। ଶ୍ରୀକ୍ଷେତ୍ର ସହିତ ମହାତ୍ମା ଗାନ୍ଧୀଙ୍କର ସ୍ମୃତି ଜଡ଼ିତ ରହିଛି ଏହି ସ୍ମୃତିକୁ ଚିର ସ୍ମରଣୀୟ ରଖିବା ପାଇଁ ଶନିବାର ଶ୍ରୀକ୍ଷେତ୍ରରେ ଗାନ୍ଧୀଜୀଙ୍କ ପୁରୀ ଆଗମନର ଶତବାର୍ଷିକୀ ଉଦ୍‌ଯାପନ ସମାରୋହ ପାଳନ ହେବା ଏଥିରେ ବିଶିଷ୍ଟ ଗାନ୍ଧୀବାଦ, ଗାନ୍ଧୀପ୍ରେମୀ ଓ ବୁଦ୍ଧିଜୀବୀମାନେ ଯୋଗଦେବେ। ୧୯୨୧ ମାର୍ଚ୍ଚ ୨୬ରେ ଗାନ୍ଧିଜୀ ପୁରୀ ଆସିଥିଲେ।

ଗାନ୍ଧିଜୀ ଓଡ଼ିଶାକୁ ଆସି ବୁଲିକରି ଯିବା ପରେ ନିଜ ବେଶ ପୋଷାକ ବଦଳାଇଥିଲେ। ଧୋତି ବଦଳରେ ଅଣ୍ଟା ଉପରକୁ ଲୁଗା ଓ ସାର୍ଟ ବଦଳରେ ଖୋଲା ଦେହରେ ଚାଦର ପିନ୍ଧିଥିଲେ। ଗାନ୍ଧୀଙ୍କ ବେଶପୋଷାକ ବଦଳିଯିବା ନେଇ ତାଙ୍କୁ ପଚରାଯିବାରୁ ସେ କହିଥିଲେ, ଓଡ଼ିଶାର ଦାରିଦ୍ର୍ୟ ମୋ'ବେଶ ପୋଷାକ ବଦଳାଇ ଦେଲା। ବିହାରର ଚମ୍ପାରଣ ନୁହେଁ ବରଂ ଓଡ଼ିଶା ସବୁଠୁ ଅଧିକ ଦୁର୍ଦ୍ଦଶା ଭୋଗୁଥିବା ରାଜ୍ୟ। ୧୯୨୧ ମସିହା ମାର୍ଚ୍ଚ ୨୩ରେ ଗାନ୍ଧୀ କଟକ କାଠଯୋଡ଼ିରେ ସଭା କରିବା ପରେ ୨୫ ତାରିଖରେ ଭଦ୍ରକ, ୨୬ ତାରିଖ ସକାଳେ ସତ୍ୟବାଦୀ ଓ ସନ୍ଧ୍ୟାରେ ଆସି ପୁରୀରେ ପହଞ୍ଚିଥିଲେ। ପୁରୀରେ ତାଙ୍କୁ ସ୍ୱାଗତ କରିବା ପାଇଁ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ। ୨୭ ତାରିଖ ସକାଳେ ସେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ସେହିଦିନ ସନ୍ଧ୍ୟାରେ ଶରଧାବାଲିରେ ଏକ ବିରାଟ ସଭା ଆୟୋଜିତ ହୋଇଥିଲା। ଏହାପରେ ସେ ପୁରୀ ଜିଲ୍ଲାର ଦାରିଦ୍ର୍ୟ ରୂପ ଦେଖିଥିଲେ। ଅଭାବ କେତେ କଷ୍ଟଦାୟକ ତାହା ଦେଖି ଗାନ୍ଧିଜୀ ଭାବ ପ୍ରବଣ ଓ ବ୍ୟଥିତ ହୋଇଯାଇଥିଲେ। ଏହାପରେ ଗାନ୍ଧିଜୀ ଶ୍ରୀମନ୍ଦିର ମ୍ୟାନେଜର ସଖୀଚାନ୍ଦଙ୍କ ଅନାଥ ଆଶ୍ରମ ଭ୍ରମଣରେ ଯାଇ ଭୂୟସୀ ପ୍ରଶଂସା କରିଥିଲେ। ୨୮ ତାରିଖରେ ଗାନ୍ଧୀଜୀଙ୍କ ମୌନବ୍ରତ ଥିଲା। ୨୯ ତାରିଖ ସକାଳୁ ସେ ପୁରୀ ଛାଡ଼ିଥିଲେ। ନିଜ ତିନିଦିନ ଭ୍ରମଣରେ ଗାନ୍ଧିଜୀ ଆର୍ଥିକ, ଭୌଗୋଳିକ ଓ ସାମାଜିକ ଦୃଷ୍ଟିକୋଣରୁ ପୁରୀକୁ ହୃଦୟଙ୍ଗମ କରିବାକୁ ପ୍ରଚେଷ୍ଟା କରିଥିଲେ।

ଏହା ବ୍ୟତୀତ ସେ ୧୯୨୭ରେ ଦୁଇଦିନ ପାଇଁ ଏବଂ ୧୯୩୪ ମସିହାରେ ହରିଜନ ପଦଯାତ୍ରାରେ ପୁରୀ ଆସିଥିଲେ। ପଦଯାତ୍ରା ଅବସରରେ ଚନ୍ଦନପୁର ବଜାରରେ ଶୋଇଥିବାବେଳେ ସେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଏକ ଚିଠି ଲେଖିଥିଲେ। ଚିଠିରେ ଉଲ୍ଲେଖ ଥିଲା, ଏହି ପଦଯାତ୍ରା କେବଳ ପଦଯାତ୍ରା ନୁହେଁ, ଲୋକଙ୍କୁ ଜାଣିବା ଓ ମିଶିବା ଉଦ୍ଦେଶ୍ୟରେ ଏହି ଯାତ୍ରା କରୁଛି। ସେଠାରୁ ସେ ନିଜ ସ୍ତ୍ରୀ କସ୍ତୁରବାଙ୍କ ନିକଟକୁ 'ରାମ ଗୀତା' ନାମକ ଏକ ବହି ପଠାଇଥିଲେ। ଗାନ୍ଧିଜୀଙ୍କ ଜୀବନଶୈଳୀ ସମ୍ପର୍କିତ ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ଶହେ ଭାଗ ବିଶିଷ୍ଟ 'କଲେକ୍ଟେଡ ୱାର୍କ୍ସ ଅଫ ମହାତ୍ମା ଗାନ୍ଧୀ'ରେ ଏହି ସମସ୍ତ ପ୍ରସଙ୍ଗ ସମ୍ପର୍କରେ ଉଲ୍ଲେଖ ରହିଛି। କେବଳ ଜାତିର ଜନକ ଭାବେ ନୁହେଁ ନିଜେ ଜୀବନ ତମାମ ଆଦର୍ଶ ଓ ମୂଲ୍ୟବୋଧକୁ ପାଥେୟ କରିଥିବା ସେହି ପୂଜ୍ୟପିତ୍ର ବାପୁଜୀଙ୍କୁ ମୁଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ମହାତ୍ମାଜୀ। ଅତୀତର ସ୍ୱର୍ଣ୍ଣଭିତ ବିଦ୍ୱାନମାନଙ୍କରେ ଆମ ପ୍ରାଚୀନ ଉତ୍କଳ: ନାନକ, ଶଙ୍କରାଚାର୍ଯ୍ୟ, ଶ୍ରୀଚୈତନ୍ୟଙ୍କ ଭଳି ବିଶ୍ୱଗୁରୁମାନଙ୍କୁ ସସମ୍ମାନେ ପାଛୋଟି ଆଣିଛି। ଆମେ ସେହି ଉତ୍କଳର ହତଭାଗ୍ୟ ବାସୀମାନେ ଆଜି କେବଳ ଆପଣଙ୍କ ହୃଦୟରେ କୃତଜ୍ଞତା ଜଣାଉଛୁ। ଆପଣଙ୍କ ନିକଟରେ ବାଡ଼ି ଦେଉଛୁ ଆମ ଭକ୍ତିର.... ପ୍ରେମର...ଲୁହର ଅଞ୍ଜଳି....।

**ସମ୍ପାଦିକା-ନିର୍ଦ୍ଦେଶିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ମୋବାଇଲ: ୯୯୩୭୬୭୨୮୧୦**



# 'ସକାଳର ପହିଲି ଗାଡ଼ିରେ, ଚାଲିଯିବି ତତେ ମୁଁ ଛାଡ଼ିରେ'

ନାଟ୍ୟ ସାରଥି ଅଭୟ କୁମାର ଦାସ



ଆଜିର ସମୟରେ ଭଜନ ଠାରୁ ଆଲବମ, ସମ୍ବଲପୁରୀ ଗୀତ ଠାରୁ ସଙ୍ଗୀତ ନିର୍ଦ୍ଦେଶନା ସବୁଠାରେ ନିଜ ସ୍ୱତନ୍ତ୍ରତାର ଛାପ ଛାଡ଼ି ଯାଇଥିବା ଅଭିଜିତ ମଜୁମଦାର ଆଉ ଯେ ନାହାନ୍ତି ଏହା ମୋ ପରି ଅନେକ ଓଡ଼ିଆଙ୍କ ପାଇଁ ବିଲକୁଲ ଅବିଶ୍ୱସନୀୟ। କହିବାକୁଗଲେ ସ୍ୱରକୁ ସ୍ୱରରେ ଖଞ୍ଜିବା, ତାଳ ସହ ଲୟକୁ ଯୋଡ଼ିବାରେ ସେ ଥିଲେ ସିଦ୍ଧହସ୍ତ। ସ୍ୱରରେ ଥିଲା ତାଙ୍କ ସମ୍ମୋହନୀ ମନ୍ତ୍ର। ସହରରୁ ଗାଁ, ଶିଶୁରୁ ବୃଦ୍ଧ ସମସ୍ତେ ଥିଲେ ତାଙ୍କ ସଙ୍ଗୀତର ସମର୍ପିତ ପ୍ରେମିକ। ଉତ୍କଳର ଅନ୍ୟ ନାମ ଥିଲେ ଅଭିଜିତ୍। ମେଲୋଡ଼ିର ମୁକୁଟବିହୀନ ସମ୍ରାଟ ଥିଲେ ଅଭିଜିତ। ପ୍ରକୃତ ପେଣ୍ଡୋଲ ତାଙ୍କ ବିନା ଶୂନ୍ୟ। ସଙ୍ଗୀତର ସୁର ତାଙ୍କ ବିନା ଅସମ୍ପୂର୍ଣ୍ଣ। ଓଡ଼ିଆ ସଙ୍ଗୀତ ଜଗତ ପୂର୍ବରୁ ଅନେକ କାଳଜୟୀ ପ୍ରତିଭାଙ୍କୁ ହରାଇଥିବାବେଳେ ଆଜି ପୁଣି ସମୟର କୋଳ ସହିତଛି ଆମ ସଙ୍ଗୀତ ଜଗତ। ସଙ୍ଗୀତ ଦୁନିଆକୁ ବିରାଟ ଶୂନ୍ୟତାରେ ହଜାଇ ଦେଇ ଚାଲିଯାଇଛନ୍ତି ଅଗୋଚର ରାଜକଙ୍କୁ।

ସଙ୍ଗୀତର ଏହି ଅଦ୍ଭୁତ ପୂର୍ବ ଅବିଶ୍ୱସନୀୟ ପ୍ରତିଭା ଅଭିଜିତ୍ ମଜୁମଦାର ୨୦୦୦ ମସିହାରେ 'କାଣିଆ କପିଳା' ସିନେମାରୁ ଚଳଚ୍ଚିତ୍ର ଜଗତରେ ପାଦ ଆପିଥିଲେ। ଗୀତିକାର ଅରୁଣ ମନ୍ତ୍ରୀଙ୍କ ସହିତ ପ୍ରଥମ ସିନେମାରେ କାମ କରିବା ପରେ ଆଉ ପଛକୁ ଚାହିଁ ନାହାନ୍ତି। ଉଭୟ ପ୍ରାୟ ୨୦ରୁ ଅଧିକ ଚଳଚ୍ଚିତ୍ରରେ ଏକାଠି କାମ କରିଛନ୍ତି। ଅଭିଜିତ ମଜୁମଦାର ରାତାରାତି ପ୍ରସିଦ୍ଧି ପାଇ ନଥିଲେ। ଏଥିପାଇଁ ତାଙ୍କୁ ଦୁଇ ଦଶନ୍ଧି ସଂଘର୍ଷ କରିବାକୁ ପଡ଼ିଥିଲା। ୧୯୯୧ ମସିହାରୁ ସଙ୍ଗୀତ ଜଗତରେ ପାଦ ଦେବା ପରେ ସଙ୍ଗୀତ ସାଧନା ପାଇଁ ସମ୍ବଲପୁର ଛାଡ଼ି କଟକ ଆସିଥିଲେ। ୧୯୯୭ ମସିହାରୁ ଗୌରୀଚରଣ ଗାରୀରେ ସାଧନା ଜାରି ରଖିଥିଲେ।

ଓଡ଼ିଆ ଜଥାଚିତ୍ର ସମେତ ଓଡ଼ିଆ ଆଧୁନିକ ଆଲବମ, ଭଜନ, ସମ୍ବଲପୁରୀ ଆଲବମ, ଓଡ଼ିଆ ଧାରାବାହିକ ଆଦିର ଗୀତ ମଧ ନିର୍ମାଣ କରିଯାଇଛନ୍ତି ଅଭିଜିତ। ଚଳଚ୍ଚିତ୍ର ଓ ଆଲବମ ବ୍ୟତୀତ ଅଭିଜିତ ଦୂରଦର୍ଶନରେ କାର୍ଯ୍ୟ କରିଛନ୍ତି। ବିଭିନ୍ନ ଟିଭି ସୋ କାର୍ଯ୍ୟକ୍ରମରେ କେବେ ଉପସ୍ଥାପକ ତ କେବେ ବିଚାରକ ଭାବ ନିଭାଉଛନ୍ତି। ବହୁ ଯୁବ କଣ୍ଠଶିଳ୍ପୀଙ୍କୁ ତିଆରି କରିଛନ୍ତି। ପ୍ରଥମ ବ୍ରେକ ଦେଇଛନ୍ତି। ଆଗକୁ ଯିବାର ବାଟ ଛାଡ଼ିଛନ୍ତି ଅନ୍ତାକ୍ଷରୀ, ମେଲୋଡ଼ି ଟାଇଟ୍ରୁ ଉଭଥ ଅଭିଜିତ ମଜୁମଦାର, ଲକଡାଉନ ଅନ୍ତାକ୍ଷରୀ, ବ୍ୟାଣ୍ଡ ବାଜା ବାରାତ ଉଭୟ ମଜୁମଦାର ଭଳି ଏକାଧିକ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମର ଉପସ୍ଥାପନାରେ ସବୁବେଳେ ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇପାରିଛନ୍ତି।

ହଜାର ବର୍ଷର ସହର କଟକ, ଏଠି ଅନେକ ସାରସ୍ୱତ ସାଧକ ନିଜ ସାଧନାକୁ ଆଗେଇ ନେଇଛନ୍ତି। କଟକ ଝାଞ୍ଜିରୀମଙ୍ଗଳାରେ ଦାଦାଙ୍କ ଅନେକ ସ୍ମୃତି ରହିଛି। ତାଙ୍କର କିଛି ଶୁଭେଚ୍ଛୁ ଯାହା ତାଙ୍କୁ ମନେପକାଇ ସ୍ମୃତି ଚାରଣ କରନ୍ତି ଲୁହଭିଜା କଣ୍ଠରେ, ଏଠାରେ ସଙ୍ଗୀତ ସାଧନା ସମୟରେ କାଳିଆ ଓ ଗଣେଶ ଭାଇ ମାନଙ୍କରେ ଦାଦାଙ୍କ ପୁରା ଟିମକୁ ଖାଇବାକୁ ଦେଉଥିଲେ। ଲୁଣିଆସାହିରେ ଥିବା ଏକ ଘରେ ପ୍ରାୟ ୧୭ ଜଣ ସାଙ୍ଗ ଗୋଟିଏ ଘରେ ରହି ସଙ୍ଗୀତ ସାଧନା କରୁଥିଲେ। ଝାଞ୍ଜିରୀମଙ୍ଗଳାସ୍ଥିତ ଲୁଣିଆସାହିରେ ୧୨ରୁ ଅଧିକ ସମୟ ରହି ଚଳଚ୍ଚିତ୍ର, ଯାତ୍ରା, ଆଲବମ ପାଇଁ ଗୀତ ଲେଖିଥିଲେ। ସଙ୍ଗୀତ ଜଗତରେ ପାଦ ଦେବା ପୂର୍ବରୁ ଅଭିଜିତ ଅଧ୍ୟାପନା କରୁଥିଲେ କିନ୍ତୁ ସଙ୍ଗୀତ ପ୍ରତି ଥିବା ରୁଚି ତାଙ୍କୁ ଏହି ବୃତ୍ତିରେ ବାନ୍ଧି ରଖିପାରି ନଥିଲା। ସଙ୍ଗୀତ କ୍ଷେତ୍ରରେ ଅଧିକ କାମ କରିବା ପାଇଁ ସେ ଚାକିରିରୁ ଇସ୍ତଫା ଦେଇ କଟକ ଚାଲିଆସିଥିଲେ। ସଙ୍ଗୀତ ଜଗତକୁ ଆସିବା ପୂର୍ବରୁ ସେ ଅଭିନୟ କରୁଥିଲେ।



ମନେରହିବେ ଅଭିଜିତ ଦାଦା

ସଙ୍ଗୀତକାର ଅଭିଜିତ ମଜୁମଦାରଙ୍କୁ ହରାଇ ଝୁରୁଛି ଜନ୍ମମାଟି ସମ୍ବଲପୁର। ଏଠାରେ ତାଙ୍କ ସ୍କୁଲ, କଲେଜ ଜୀବନ ସହିତ ସଙ୍ଗୀତ ଜୀବନର ମୂଳଦୁଆ ବି ପଡ଼ିଥିଲା। ତତ୍କାଳୀନ ଜିଏମ କଲେଜ ମଞ୍ଚ ତାଙ୍କ କଳାପ୍ରତିଭାକୁ ଅଙ୍କୁରିତ ହେବାର ସୁଯୋଗ ନେଇଥିଲେ। ସମ୍ବଲପୁର ବୁଢ଼ାରଜା ହାଇସ୍କୁଲରେ ସେ କିଛି ଦିନ ଶିକ୍ଷକତା କରିବା ପରେ ପଦମାଣପୁର ମହିଳା ମହାବିଦ୍ୟାଳୟରେ ଅଧ୍ୟାପନା କରିଥିଲେ। ଧମୁଧଡ଼କା ମେଲୋଡ଼ି ଗୀତ ହେଉ ବା ଆଇଟମ ନମ୍ବର ହେଉ, ରୋମାଣ୍ଟିକ ଗୀତ ହେଉ କି ଭଜନ ହେଉ, ସବୁ ପ୍ରକାରର ଗୀତ ସ୍ୱରରେ ଶ୍ରୋତାଙ୍କୁ ବାନ୍ଧି ରଖିବାର କଳାକୌଶଳ ଜାଣୁଥିବା ପ୍ରଚଣ୍ଡ ପ୍ରତିଭାଦୀପ୍ତ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଥିଲେ ଅଭିଜିତ ମଜୁମଦାର। 'ଦାଦା' ନାମରେ ଲୋକପ୍ରିୟ ଅଭିଜିତଙ୍କ ପ୍ରତିଭା କେବଳ ସଙ୍ଗୀତ ନିର୍ଦ୍ଦେଶନା କିମ୍ବା କଣ୍ଠଦାନରେ ସୀମିତ ନଥିଲା। କବିତା, କାହାଣୀ ଲେଖିବା ସହିତ ଅଭିନୟରେ ବି ସେ ରୁଚି ରଖୁଥିଲେ। ତାଙ୍କ ମୁହଁ ଥିଲା ସବୁବେଳେ ହସ ହସ। ସେବେ କେବେ ତେବେବେଳେ ଗୀତର ସ୍ୱରରେ ଶ୍ରୋତାଙ୍କ ଆଖି ପତା ଲୁହରେ ଭିଜାଉଛନ୍ତି ତ ଆଉ କେବେ ଗୀତରେ ଗୀତରେ ଖୁବ ହସାଉଛନ୍ତି। ସେ ଗଣେଶ ପୂଜା ହେଉ କି ଦଶହରା, ତାଙ୍କ ଗୀତ ନ ବାଜିଲେ ସବୁ ଫିକା ଲାଗୁଥିଲା। ଏମିତିକି ନିର୍ବାଚନୀ ଗୀତ ପାଇଁ ବି ଖୋଜା ପଡ଼ୁଛି ଦାଦା। ପିଲାଠୁ ବୟସ୍କ ସମସ୍ତଙ୍କ ମୁହଁରେ ଓଡ଼ିଆ ସଙ୍ଗୀତ ଦୁନିଆର ମେଲୋଡ଼ି କିଙ୍ଗ ଭାବେ ପରିଚିତ ଥିଲେ ସେ। ଯାହାଙ୍କ ଗୀତ ବାଜିଲେ ଆପେ ଆପେ ଝୁମିଯାନ୍ତି ଶ୍ରୋତା। କଣ୍ଠର ଯାଦୁର ବାନ୍ଧି ରଖିବାର କଳା ତାଙ୍କୁ ଜଣାଥିଲା। ସେଥିପାଇଁ ଚାରି ଦଶନ୍ଧି ଧରି ଓଡ଼ିଆ ସଙ୍ଗୀତର ତାଳରେ ତାଳରେ ଝୁମାଇବାରେ ନିପୁଣ ବୋଲି ବାରମ୍ବାର ପ୍ରମାଣିତ କରି ଆସିଥିଲେ ସେ।

ଅଭିଜିତ ପଟ୍ଟନାୟକ ଅଧିକ ସିନେମାରେ ସଙ୍ଗୀତ ନିର୍ଦ୍ଦେଶନା ଦେଇ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି। ଅଧିକାଂଶ ସିନେମାର ଗୀତ ଶ୍ରୋତାଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ସେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ସିନେମା ମଧ୍ୟରେ ଅଛି, କାଣିଆ କପିଳା, ରଖିବ ଯଦି ସେ ମରିବ କିଏ, ମୋ ସୁନା ପୁଅ, ମୁନ୍ନା ଏ ଲଭ ଷ୍ଟୋରି, ତୋ ବିନା ଭଲ ଲାଗେନା, ଶୁଭ ବିବାହ, ଶ୍ୱଶୁର ଘର ଜିନ୍ଦାବାଦ, ଓମ୍ ନଃ ଶିବାୟ, ତୁ ଥା ମୁଁ ଯାଉଛି ରୁଷି, ବାଜୁଙ୍ଗା ଟୋକା, କିଛି ଖଟା କିଛି ମିଠା, ଆଇନ କାନୁନ, ମାଟ୍ରିକ ଫେଲ, ରଙ୍ଗିଲା ଟୋକା, ଲଭ ମାଷ୍ଟର, ଜଗୁ ଅଟୋବାଲା, ଲଭ ହେଲା ଏମିତି, ଡଉକା ଛକା, ଟାର୍ଗେଟ, ସଲାମ ସିନେମା, ରୁଦ୍ର ଅଦେଖା ସମ୍ରାଟ, ହରି ଓମ୍ ହରି, ଡାହା ବାଲୁଙ୍ଗା, ଟଙ୍କା ତତେ ସଲାମ, କେହି ଜଣେ ଭଲ ଲାଗେରେ, ପୁଣି ଦେଖା ହେବ ଆର ଜନମରେ, ସ୍ମାଇଲ ପ୍ଲିଜ୍, ଆମେ ତ ତୋକା ଷଣ୍ଢମାର୍କା, ସମର୍ପିଣ ସମର୍ପିଣ-୨, ଗାଞ୍ଜା ଲଢ଼େଇ, ଜିଏ ଯାହା କହୁ ମୋର ତୋ, ଭଉଁରି, ଇଏ ବି ତୁ ହି ତୁ, ନୂଆ ନୂଆ ପ୍ରେମରେ, କିଏ ଦେବ ଟକ୍କର, ଆଶିକି, ସମୟ ବଡ଼ ବଳବାନ ଇତ୍ୟାଦି।

ବଲିଉଡର ଲୋକପ୍ରିୟ କଣ୍ଠଶିଳ୍ପୀ ବାବୁଲ ସୁପ୍ରିୟଙ୍କ କଣ୍ଠରେ ଏକଦା ବେଶ ଲୋକପ୍ରିୟ ହୋଇଥିଲା ଏକ ସଫଟ ରୋମାଣ୍ଟିକ ଗୀତ 'ସକାଳର ପହିଲି ଗାଡ଼ିରେ, ଚାଲିଯିବି ତତେ ମୁଁ ଛାଡ଼ିରେ'। ସେ ଗୀତର ସ୍ୱର ସଂଯୋଜନା କରିଥିବା ଅଭିଜିତ ମଜୁମଦାର ଆଜି ସକାଳୁ ସକାଳୁସରେ ଏ ଦୁନିଆକୁ ଛାଡ଼ି ଚାଲିଯାଇଛନ୍ତି। ଅଭିଜିତଙ୍କ ଦେହାନ୍ତ ଓଡ଼ିଆ ସଙ୍ଗୀତ ଜଗତରେ ଏକ ଅପୂରଣୀୟ ଶୂନ୍ୟ ସ୍ଥାନ ସୃଷ୍ଟି କରିଛି। ଭଲ କଳାକାର ସବୁବେଳେ ଜନ୍ମ ହୁଅନ୍ତି ନାହିଁ ସଙ୍ଗୀତ ଜଗତରେ ସେ ଯେଉଁ ନୂଆ ଅଧ୍ୟାୟ ସୃଷ୍ଟି କରିଥିଲେ ବୋଧ ହୁଏ ଆଉ କେହି ଏମିତି କରିପାରିବେ ନାହିଁ। ତାଙ୍କ ପାର୍ଥିବ ଶରୀର ସିନା ରହିବ ନାହିଁ ତାଙ୍କ ସଙ୍ଗୀତ ଆମ ସମସ୍ତଙ୍କ ହୃଦୟରେ ସବୁବେଳେ ପାଇଁ ଛାପ ଭିତରେ ହିଁ ରହିବାର ନିଶ୍ଚୟ।

**ଗୋଟରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୬୧୪୨୭୬**

# ଓଡ଼ିଆ ଅସ୍ମିତା ଓ ମଧୁବାବୁ

ରଘୁନାଥ ମହାପାତ୍ର

ଗତ କେତେ ବର୍ଷ ହେଲା ଓଡ଼ିଆ ଅସ୍ମିତା କଥା ସଭା ସମିତିରେ ବହୁତ କୁହାଯାଉଛି ଏବଂ ରାଜନେତାମାନେ ଏହାକୁ ଆୟୁଧ କରି ଶାସନ କ୍ଷମତାକୁ ଆସିଛନ୍ତି। କ୍ଷମତାରେ ନଥିଲାବେଳେ କହୁଥିଲେ ଏଣିକି ସବୁ ସରକାରୀ କାଗଜପତ୍ର ଓଡ଼ିଆରେ ହେବ। ଦୋକାନ, ବଜାର, ରାସ୍ତାଘାଟର ସବୁ ସାଇନ ବୋର୍ଡ଼ ଓଡ଼ିଆରେ ଲେଖାଯିବ। କିନ୍ତୁ କାହିଁ? ସରକାର ଆସିବା ଅଠର ମାସ ହୋଇଗଲାଣି କିନ୍ତୁ କିଛି ତ ବଦଳି ନାହିଁ, ଦୋକାନ ମାନଙ୍କରେ, ଅଫିସ ମାନଙ୍କରେ ସେହି ଇଂରାଜୀ ଭାଷାରେ ସାଇନବୋର୍ଡ଼ ଝୁଲୁଛି। ସରକାରୀ ଫାଇଲ ଇଂରାଜୀରେ ଲେଖା ହେଉଛି ଇଂରାଜୀରେ ଚିଠି ସାଧାରଣ ଲୋକ ପାଖକୁ ଯାଉଛି। ଭାଉ ହାଣ୍ଡିରୁ ଗୋଟିଏ ପରି ଉଦାହରଣ ଗୋଟିଏ ଏଠାରେ ଉଲ୍ଲେଖ କରୁଛି ତାହା ହେଉଛି ଓଡ଼ିଶା ସାହିତ୍ୟ ଏକାଡ଼େମୀର ପୁରସ୍କାର ଘୋଷଣା ଆଠ ବର୍ଷ ହେଲା ହୋଇପାରୁନାହିଁ। ଅନୁଷ୍ଠାନରେ କିଏ ସଭାପତି ହେବ ସେ କଥା ସରକାର ଠିକଣା କରିପାରୁ ନାହାନ୍ତି। ଯେଉଁ ଅନୁଷ୍ଠାନ ଆମ ଭାଷା ସାହିତ୍ୟର ପ୍ରାଣ କେନ୍ଦ୍ର, ଯେଉଁଠାରୁ ଓଡ଼ିଆ ଅସ୍ମିତାର ପ୍ରଚାର ପ୍ରସାର ହେବା କଥା ସେ ସବୁ ଅନୁଷ୍ଠାନର ଦୁରବସ୍ଥା ଦେଖିଲେ ମନେ ହେଉଛି ଜନସାଧାରଣଙ୍କ ପ୍ରତି ସରକାରଙ୍କ ଏହା ଏକ ପ୍ରବଞ୍ଚନା।

ଓଡ଼ିଆ ଜାତିର ଅସ୍ମିତା ଲକ୍ଷ୍ୟ କରିବା ପାଇଁ ମଧୁବାବୁ କ'ଣ କରିଥିଲେ ସେ ବିଷୟରେ ଆପଣମାନେ ଅଳ୍ପ ବହୁତେ ଜ୍ଞାତ ଥିବେ। ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ପରିଚାଳନା ଭାର ରାଜାଙ୍କ ଠାରୁ କାଢ଼ି ନେଇ ଇଂରେଜ ସରକାରଙ୍କ ହାତରେ ନ୍ୟସ୍ତ କରିବା ପାଇଁ ତତ୍କାଳୀନ କମିସନର ଆଦେଶ ଦେଇଥିଲେ କାରଣ ସେତେବେଳେ ପୁରୀ ରାଜବଂଶରେ କୌଣସି ରାଜା ନଥିଲେ। ଯିଏ ଥିଲେ ସେ ହେଉଛନ୍ତି ରାଣୀ ସୂର୍ଯ୍ୟମଣି ପାଟମହାଦେଈଙ୍କର ପୋଷ୍ୟପୁତ୍ର ମାତ୍ର ଚାରି ବର୍ଷର ଶିଶୁ।

ଏହି ଆଦେଶ ପାଇବା ପରେ ସୂର୍ଯ୍ୟମଣି ପାଟମହାଦେଈ ମଧୁସୂଦନ ଦାସଙ୍କର ଶରଣାପନ୍ନ ହୋଇଥିଲେ। ମଧୁବାବୁ ହେଉଛନ୍ତି ଖ୍ରୀଷ୍ଟ ଧର୍ମାବଲମ୍ବୀ। ତଥାପି ଓଡ଼ିଆ ଜାତିର ଅସ୍ମିତା ରକ୍ଷା କରିବା ପାଇଁ ଜଗନ୍ନାଥ ମନ୍ଦିରକୁ ଇଂରେଜ ସରକାରଙ୍କ ହାତକୁ ଟେକି ନ ଦେବା ପାଇଁ ସେ ମକଦ୍ଦମା କରିବେ ବୋଲି ହାତକୁ ନଦେବା ପାଇଁ ସେ ମକଦ୍ଦମା କରିବେ ବୋଲି ରାଣୀଙ୍କୁ ପ୍ରତିଶ୍ରୁତି ଦେଲେ ଏବଂ କୌଣସି ହାଇକୋର୍ଟରେ କେଶ କରି ସରକାରଙ୍କ ଆଦେଶ ନାମାକୁ ଖାରଜ କଲେ। ଆମ ଜଗନ୍ନାଥ ଇଂରେଜ ସରକାରଙ୍କ



ପରିଚାଳନାରୁ ରକ୍ଷା ପାଇ ପୁରୀ ରାଜାଙ୍କ ହାତରେ ରହିଲା।

ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ମଧୁବାବୁଙ୍କ ଦୀର୍ଘ ଦିନର ସଂଗ୍ରାମ ଫଳରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହୋଇଥିଲା। ସେତେବେଳେ ମଧ ଲୋକମାନଙ୍କର ଓଡ଼ିଆ ଅସ୍ମିତା ପ୍ରତି ଆଗ୍ରହ ନଥିଲା। ସେ ସମ୍ପର୍କରେ ୧୯୧୨ ମସିହାରେ ଉତ୍କଳ ସମ୍ମିଳନୀର ୮ମ ଅଧିବେଶନରେ ସେ ଯେଉଁ ଭାଷଣ ଦେଇଥିଲେ ତାହା ଏଠାରେ ଉଲ୍ଲେଖ କରିବା ଅତ୍ୟନ୍ତ ପ୍ରାସଙ୍ଗିକ ହେବ। କାରଣ ଜାତୀୟ ଜୀବନ ଓ ବ୍ୟକ୍ତିଗତ ଜୀବନ ବିଷୟରେ ଯାହା ଉଲ୍ଲେଖ କରିଛନ୍ତି ତାହା ଆଜିର ରାଜନେତା ଜନସେବକ, ଦେଶ ସେବକମାନେ ହୃଦୟଙ୍ଗମ କରିବା ଉଚିତ।

'ସମ୍ମିଳନୀର ପ୍ରଥମ ଅବସ୍ଥାରେ ସମ୍ମିଳନୀ ସହିତ ମୋର କିଛି ସମ୍ପର୍କ ନଥିଲା। ନାନା ପ୍ରକାର ଆଶା ମନରେ ଉଦିତ ହୋଇଥିଲା। କିନ୍ତୁ ଆଶା ପରିପୂର୍ଣ୍ଣ ହୋଇନାହିଁ। ସୁତରାଂ ମୁଁ ସମ୍ମିଳନୀ ବିଷୟରେ ଅତି ଅଳ୍ପ କିଛୁ ଏହି ପର୍ଯ୍ୟନ୍ତ ବୁଝି ଅଛି ଯେ ସମ୍ମିଳନୀ ହେଉଛି ଜାତିର ସତ୍ତା ଓ ମନୁଷ୍ୟ ପ୍ରାଣରେ ଜାତୀୟ ଜୀବନ ଉଦ୍ରେକ କରିବା ଏହାର ଉଦ୍ଦେଶ୍ୟ। ପ୍ରତ୍ୟେକ ବ୍ୟକ୍ତିର

ମଧୁବାବୁ ହେଉଛନ୍ତି ଖ୍ରୀଷ୍ଟ ଧର୍ମାବଲମ୍ବୀ। ତଥାପି ଓଡ଼ିଆ ଜାତିର ଅସ୍ମିତା ରକ୍ଷା କରିବା ପାଇଁ ଜଗନ୍ନାଥ ମନ୍ଦିରକୁ ଇଂରେଜ ସରକାରଙ୍କ ହାତକୁ ଟେକି ନ ଦେବା ପାଇଁ ସେ ମକଦ୍ଦମା କରିବେ ବୋଲି ହାତକୁ ନଦେବା ପାଇଁ ସେ ମକଦ୍ଦମା କରିବେ ବୋଲି ରାଣୀଙ୍କୁ ପ୍ରତିଶ୍ରୁତି ଦେଲେ ଏବଂ କୌଣସି ହାଇକୋର୍ଟରେ କେଶ କରି ସରକାରଙ୍କ ଆଦେଶ ନାମାକୁ ଖାରଜ କଲେ। ଆମ ଜଗନ୍ନାଥ ଇଂରେଜ ସରକାରଙ୍କ ପରିଚାଳନାରୁ ରକ୍ଷା ପାଇ ପୁରୀ ରାଜାଙ୍କ ହାତରେ ରହିଲା।

ଦୁଇଗୋଟି ଜୀବନ। ପ୍ରଥମ ବ୍ୟକ୍ତିଗତ ଜୀବନ, ଦ୍ୱିତୀୟ ଜାତୀୟ ଜୀବନ। ମୁଁ ଖାଉଛି, ପିନ୍ଧୁଛି, ଅର୍ଥ ଉପାର୍ଜନ କରୁଛି, ମୋ ପିଲା ବଡ଼ଲୋକ ହେବ, ଏ ଇଚ୍ଛା ବ୍ୟକ୍ତିଗତ ଜୀବନର ଇଚ୍ଛା ମାତ୍ର ଜାତୀୟ ଜୀବନ ତାହା ନୁହେଁ। ଉଦାହରଣ ଦିଏ ଯେତେବେଳେ ଜଣେ କହେ ମୁଁ ଓଡ଼ିଆଙ୍କ ମାଂସ ରେ ସେତେବେଳେ ସମସ୍ତଙ୍କ ରକ୍ତ ଗରମ ହେବା ଏଥିରୁ ଜାତୀୟ ଜୀବନ ଅଛି, ବୋଲି ପରିଚୟ ମିଳିଲା କିନ୍ତୁ ଆମ୍ଭମାନଙ୍କର ଜାତୀୟ ଜୀବନ ବଡ଼ ଶିଥିଳ। ତାକୁ ଉତ୍ତେଜିତ କରି ବ୍ୟକ୍ତିଗତ ଜୀବନ ପରି ବଳବାନ କରିବାକୁ ହେବ ଏହା ହିଁ ସମ୍ମିଳନୀର ଉଦ୍ଦେଶ୍ୟ।

ମୁଁ ଓଡ଼ିଆ, ଓଡ଼ିଶାରେ ଜନ୍ମ ଗ୍ରହଣ କରିଅଛି ଏବଂ ବାସ କରୁଅଛି। ଉତ୍କଳ ମାତାଙ୍କ କୋଳରେ ମୋର ଅସ୍ଥି ମାଂସ ରହିବ। ଯେଉଁମାନେ କୀର୍ତ୍ତି କରିଯାଇଛନ୍ତି, ସେମାନେ ମୋର ପୂର୍ବ ପୁରୁଷ। ତାଙ୍କର କୀର୍ତ୍ତି ରକ୍ଷାର ଭାର ମୋ ଉପରେ ନ୍ୟସ୍ତ। ପ୍ରତ୍ୟେକ ଲୋକ ମନରେ ଏହିପରି ଭାବ ସଞ୍ଚାର କରିବା ସମ୍ମିଳନୀର ଉଦ୍ଦେଶ୍ୟ। ବ୍ୟକ୍ତିଗତ ଜୀବନ ସ୍ୱାର୍ଥପରତା ପରିପୂର୍ଣ୍ଣ, ମାତ୍ର ଜାତୀୟ ଜୀବନରେ ସ୍ୱାର୍ଥ ନାହିଁ। ମୁଁ ବଡ଼ ଲୋକ ହେବି, ମୋ ପୁଅ ସୁଖରେ ଜୀବନ ଯାପନ କରିବ ଏହା ବ୍ୟକ୍ତିଗତ ଜୀବନ। ମୁଁ ମରିବି, ମୋତେ କେହି ଚିହ୍ନିବେ ନାହିଁ, ମୋର ମୃତ୍ୟୁ ପରେ ମୋର ନାମ ଲେଶ ମାତ୍ର ରହିବ ନାହିଁ। ମୋର ଶରୀର ବଳ, ମୋର ଶରୀରର ରକ୍ତ ଜାତିକୁ ବଳବାନ କରିବ, ଏହା ହିଁ ଜାତୀୟ ଜୀବନ। ସମ୍ମିଳନୀ ଜାତୀୟ ଜୀବନର ସନ୍ତାନ ସ୍ୱରୂପ। ମନେ କରନ୍ତୁ ଉପେନ୍ଦ୍ର ଭଞ୍ଜ ଏହିଠାରେ ଜନ୍ମ ଗ୍ରହଣ କରିଥିଲେ। କୋଟି କୋଟି ଓଡ଼ିଆ ତାଙ୍କୁ ଆମ ଜାତିର କବି ବୋଲି କହୁଛନ୍ତି। କିନ୍ତୁ ଉପେନ୍ଦ୍ରଭଞ୍ଜଙ୍କ ପିତା ମାତାଙ୍କର ନାମ ତାଙ୍କ ବାଲ୍ୟକାଳର କଥା ଅଧିକାଂଶ ଲୋକ କହିପାରିବେ ନାହିଁ। ମାତ୍ର ସମସ୍ତେ କହନ୍ତି ଆମର ଉପେନ୍ଦ୍ରଭଞ୍ଜ 'ମୁଁ ପ୍ରଶ୍ନ କରେ, ତୁମର କିପରି ହେଲେ?' ଜାତି କହିବା ଜାତିର ଯୋଗ୍ୟ ସୁ ସନ୍ତାନ ଏବଂ କୁ ସନ୍ତାନ ବାପ ମାଆଙ୍କର। ଏହା ଜାତିର ବିଚାର ଅଟେ।

ମାଳତୀ ଲତା ଆସ୍ତୁଳରେ ଉଠେ ମୋଟ ହୁଏ। ଶେଷରେ ଆମ୍ଭଗଛକୁ ମାରି ପକାଏ। ଆମ୍ବ ଗଛର ଫଳ ଅନେକ ଲୋକ ଖାଉଥିଲେ। ଆମ୍ବ ବଉଳର ସୁଗନ୍ଧ କମ ଲୋକ ପାଉଥିଲେ। ମାଳତୀ ଫୁଲର ସୁଗନ୍ଧ ସହସ୍ର ଲୋକଙ୍କୁ ମୋହିତ କରୁଅଛି। ଜାତୀୟ ଜୀବନ ଯେତେବେଳେ ବ୍ୟକ୍ତିଙ୍କୁ ମାଳତୀ ଲତା ପରି ବେଢ଼ି ଧରିବ ସେତେବେଳେ ବ୍ୟକ୍ତି ମରିବ, କିନ୍ତୁ ମାଳତୀର ସୁଗନ୍ଧ ଚାରିଆଡ଼େ ମହକିବ। ପରି ନିଜ ସକାଶେ ଜୀବନ ଧାରଣ କରିବା ମନୁଷ୍ୟ ଜୀବନର କଦାପି ଉଦ୍ଦେଶ୍ୟ ନୁହେଁ। ଈଶ୍ୱର ଏହି ଉଦ୍ଦେଶ୍ୟରେ କାହାକୁ ସୃଷ୍ଟି କରିନାହାନ୍ତି।'

ମଧୁବାବୁଙ୍କର ଏହି ଭାଷଣଟି ପଢ଼ିବାପରେ ଦେଶ ସେବକ, ରାଜନେତାମାନେ ବିଚାର କରିବା ଉଚିତ ସେମାନେ ବ୍ୟକ୍ତିଜୀବନ ସମୃଦ୍ଧ କରିବା ପାଇଁ ଆସିଛନ୍ତି ନା ଜାତୀୟ ଜୀବନ ସମୃଦ୍ଧ କରିବା ପାଇଁ ଆସିଛନ୍ତି? ଏହି ପ୍ରଶ୍ନ ନିଜ ନିଜକୁ ପଚାରନ୍ତୁ ତାପରେ ଦେଶ ସେବା କରନ୍ତୁ। ଦେଶ ସେବା ଏକ ମହତର କାର୍ଯ୍ୟ। ଯାହାଦ୍ୱାରା ଜାତୀୟ ଜୀବନ ସମୃଦ୍ଧ ହେବ। ଲକ୍ଷ ଲକ୍ଷ ଲୋକ ଉପକୃତ ହେବେ ତେବେ ଯାଇ ଆପଣ ଏ ଜାତି ନିକଟରେ ଚିର ସ୍ମରଣୀୟ ହୋଇ ରହିବେ।

**'ସତ୍ୟ ଶ୍ରୀ ନିବାସ' ତାରାଚାନ୍ଦ ପାଟଣା, କଟକ**
**ମୋବାଇଲ: ୯୪୩୭୬୩୨୭୫୦**

# ନିର୍ମଳାଙ୍କ ୯ମ ବଜେଟ୍



## ଉପସ୍ଥାପନା ପୂର୍ବରୁ ରାଷ୍ଟ୍ରପତିଙ୍କୁ ଦେଲେ ବଜେଟ୍ ଫାଇଲ୍
## ଶୁଭକାମନା ସହ ନିର୍ମଳାଙ୍କୁ ଦହି ଖୁଆଇଲେ

**ନୂଆଦିଲ୍ଲୀ,୧।୨ :** ସଂସଦରେ ଆଜି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ବଜେଟ ପେଡ଼ି ଖୋଲିବା ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଦହି-ଚିନି ଖୁଆଇଛନ୍ତି। କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବାହାରିବା ପୂର୍ବରୁ ଦହି-ଚିନି ଖାଇବା ଶୁଭ ହୋଇଥାଏ। ଅର୍ଥମନ୍ତ୍ରୀ ଭାବେ ସଂସଦରେ ଏହା ତାଙ୍କର ନବମ ବଜେଟ୍ ଉପସ୍ଥାପନ। ଏହି ବଜେଟକୁ ପୂର୍ବରୁ ମଞ୍ଜୁରୀ ଦେଇଥିଲେ ରାଷ୍ଟ୍ରପତି। ବଜେଟ ଉପସ୍ଥାପନ ପୂର୍ବରୁ ଅର୍ଥମନ୍ତ୍ରୀଙ୍କୁ ଦହିଚିନି ଖୁଆଇଥିଲେ ରାଷ୍ଟ୍ରପତି। ତେବେ ବଜେଟ୍ ପୂର୍ବରୁ ଆଜି ବଜେଟ୍ ଫାଇଲ୍ ସହ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତିଙ୍କୁ ଭେଟିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ରାଷ୍ଟ୍ରପତିଙ୍କୁ ବଜେଟ୍ କପି ପ୍ରଦାନ କରାଯାଇଥିବା ବେଳେ ୨୦୨୬-୨୭ ବଜେଟକୁ ମଞ୍ଜୁରୀ ଦେଇଛନ୍ତି।

● ଆରମ୍ଭ ହେବ ଆୟୁର୍ବେଦର ଯୁଗ !

## ଦେଶରେ ଖୋଲିବ ୩ ଆୟୁର୍ବେଦିକ ଏମ୍ସ



ବିଶ୍ୱବ୍ୟାପୀ ସ୍ୱୀକୃତି ପାଇଥିବା ପ୍ରାଚୀନ ଯୋଗ ଏବଂ ଆୟୁର୍ବେଦ ପ୍ରଣାଳୀ ଉପରେ ଗୁରୁତ୍ୱ ଦିଆଯିବ। ଆୟୁର୍ବେଦକୁ ଆହୁରି ମଜବୁତ କରିବା ପାଇଁ ସରକାର ତିନୋଟି ନୂତନ ଅଖିଳ ଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନ ପ୍ରତିଷ୍ଠା ଘୋଷଣା କରିଛନ୍ତି। ଏହି ପ୍ରତିଷ୍ଠାନଗୁଡ଼ିକ ପାରମ୍ପରିକ ଔଷଧରେ ଗବେଷଣା, ତାଲିମ ଏବଂ ଚିକିତ୍ସାକୁ ପ୍ରୋତ୍ସାହିତ କରିବେ। ଔଷଧର ଗୁଣବତ୍ତା ଏବଂ ଉପଲବ୍ଧତାକୁ ଉନ୍ନତ କରିବା ପାଇଁ ଆୟୁଷ ଫାର୍ମାସିଗୁଡ଼ିକୁ ମଧ୍ୟ ଉନ୍ନତ କରିବାର ଯୋଜନା ରହିଛି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରକାଶ କରିଛନ୍ତି।

## ପର୍ଯ୍ୟଟନ, ୱାର୍ଲ୍ଡ ଟ୍ରେକିଂ ଏବଂ କ୍ରୀଡା ପାଇଁ ବଡ଼ ଘୋଷଣା

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରବିବାର ସଂସଦରେ ସାଧାରଣ ବଜେଟ୍ ୨୦୨୬ ଉପସ୍ଥାପନ କରୁଛନ୍ତି। ଅର୍ଥମନ୍ତ୍ରୀ ତାଙ୍କ ଭାଷଣରେ ପର୍ଯ୍ୟଟନ, ବିଶ୍ୱ ଟ୍ରେକିଂ ଏବଂ ହାଇକିଂ ଏବଂ କ୍ରୀଡା ପାଇଁ ଯୋଜନାଗୁଡ଼ିକର ରୂପରେଖ ଦେଇଛନ୍ତି। ପର୍ଯ୍ୟଟନ ଲାଗି ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ହସ୍ପିଟାଲିଟି ସ୍ଥାପନ କରାଯିବ। ୨୦ଟି ଲୋକପ୍ରିୟ ପର୍ଯ୍ୟଟନ ସ୍ଥାନରେ ୧୦,୦୦୦ ଗାଇଡଙ୍କ ଦକ୍ଷତା ବୃଦ୍ଧି ପାଇଁ ଏକ ଯୋଜନା ଆରମ୍ଭ ହେବ। ନ୍ୟାସନାଲ୍ ଡେଷ୍ଟିନେସନ ଡିଜିଟାଲ୍ ନଲେଜ୍ ଗ୍ରୀଡ୍ ସ୍ଥାପନ ହେବ। ୱାର୍ଲଡ ଟ୍ରେକିଂ ଏବଂ ହାଇକିଂ ପାଇଁ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଜମ୍ମୁ ଏବଂ କାଶ୍ମୀର, ଆରାକୁ ଉପତ୍ୟକାରେ ମାଉଣ୍ଟେନ ଟ୍ରେଲ୍ସ ନିର୍ମାଣ ହେବ। ଓଡ଼ିଶା, କର୍ଣ୍ଣାଟକ ଏବଂ କେରଳରେ ଟର୍ଟଲ ଟ୍ରେଲ୍ସ ବିକଶିତ କରାଯିବ। ଧୋଲାଭିରା ଭଳି ୧୫ଟି ପ୍ରତ୍ନତାତ୍ତ୍ୱିକ ସ୍ଥାନକୁ ସାଂସ୍କୃତିକ ସ୍ଥଳ ଭାବରେ ବିକଶିତ କରାଯିବ। କ୍ରୀଡାରେ ଖେଲୋ ଇଣ୍ଡିଆ ମିଶନ୍ ପ୍ରତିଷ୍ଠା କରାଯିବ। ଏହି ପଦକ୍ଷେପ ଅଧୀନରେ ଆଗାମୀ ୧୦ ବର୍ଷ ମଧ୍ୟରେ କାର୍ଯ୍ୟ କରାଯିବ। ତାଲିମ କେନ୍ଦ୍ର ପ୍ରତିଷ୍ଠା କରାଯିବ। ପ୍ରଶିକ୍ଷକ ଏବଂ ସହାୟକ କର୍ମଚାରୀମାନଙ୍କୁ ବ୍ୟବସ୍ଥିତ ଭାବରେ ତାଲିମ ଦିଆଯିବ। ପ୍ରତିଯୋଗିତା ଏବଂ ଲିଗ୍ ଅନୁଷ୍ଠିତ ହେବ। ତାଲିମ ଏବଂ ପ୍ରତିଯୋଗିତା ପାଇଁ କ୍ରୀଡା ଭିତ୍ତିଭୂମି ବିକଶିତ କରାଯିବ।



## ସି-ପ୍ଲେନ୍ ପ୍ରୋଜେକ୍ଟ ଘୋଷଣା



## ନିର୍ମାଣ ହେବ ୭ଟି ହାଇସ୍ପିଡ୍ ରେଲୱେ କରିଡର

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ବଜେଟ୍ ଉପସ୍ଥାପନ କରିଛନ୍ତି। ଏହି ବଜେଟ୍ ବିକଶିତ ଭାରତ ଗଠନ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅର୍ଥନୀତିକ ବିକାଶ ପାଇଁ ସହଜ ଓ ଶୀଘ୍ର ଗମନାଗମନ ଉପରେ ଫୋକସ ଦେଇଛନ୍ତି କେନ୍ଦ୍ର ସରକାର। ଦେଶରେ ୭ଟି ହାଇସ୍ପିଡ୍ ରେଲୱେ କରିଡର ନିର୍ମାଣ ହେବ। ବାରାଣସୀ-ସିଲିଗୁଡ଼ି, ଦିଲ୍ଲୀ-ବାରାଣସୀ, ମୁମ୍ବାଇ-ପୁନେ, ବେଙ୍ଗାଲୁରୁ-ଚେନ୍ନାଇ, ପୁନେ- ହାଇଦ୍ରାବାଦ, ହାଇଦ୍ରାବାଦ-ବେଙ୍ଗାଲୁରୁ, ହାଇଦ୍ରାବାଦ-ଚେନ୍ନାଇ ହାଇସ୍ପିଡ୍ ରେଲୱେ କରିଡର ହେବ। ସେହିପରି ଛୋଟ ସହରରେ ତୀର୍ଥସ୍ଥଳକୁ ବିକଶିତ କରାଯିବ। ୫ ବର୍ଷରେ ୨୦ ନୂଆ ଜଳପଥ ନିର୍ମାଣ କରିବୁ ବୋଲି କହିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ।

## କ୍ଲାଉଡ୍ କମ୍ପାନିଗୁଡ଼ିକୁ ୨୧ ବର୍ଷ ପାଇଁ ଟିକସ ଛାଡ଼

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ବଜେଟ୍ ୨୦୨୬ ଉପସ୍ଥାପନ କରିଛନ୍ତି। ବଜେଟ୍ ଭାଷଣରେ ସେ ଟେକ୍ନୋଲୋଜି ଓ ଡିଜିଟାଲ୍ ସେକ୍ଟରକୁ ଦେଶର ବିକାଶ ମଜଭୁତ ସ୍ତମ୍ଭ ବୋଲି କହିଛନ୍ତି। ବଜେଟରେ କ୍ଲାଉଡ୍ ଓ ଏଆଇ ସହ ଜଡିତ କମ୍ପାନିଗୁଡ଼ିକ ପାଇଁ ବଡ଼ ଘୋଷଣା କରାଯାଇଛି। ସରକାର କହିଛନ୍ତି ଯେ, ବିଦେଶୀ କ୍ଲାଉଡ୍ କମ୍ପାନିଗୁଡ଼ିକୁ ୨୦୪୭ ଯାଏ ଟ୍ୟାକ୍ସ ଛାଡ଼ ମିଳିବ।

ଏହି ଟିକସ ଛାଡ଼ ସେହି କମ୍ପାନିଗୁଡ଼ିକୁ ମିଳିବ, ଯେଉଁମାନେ ଭାରତରେ ନିର୍ମିତ ଡାଟା ସେଣ୍ଟର ବ୍ୟବହାର କରିବେ। ଏହି କମ୍ପାନିଗୁଡ଼ିକ ଭାରତରୁ ସାରା ଦୁନିଆର ଗ୍ରାହକଙ୍କୁ କ୍ଲାଉଡ୍ ସର୍ଭିସ ପ୍ରଦାନ କରିବେ। ଯଦି କୌଣସି ବିଦେଶୀ କମ୍ପାନି ଭାରତୀୟ ଗ୍ରାହକଙ୍କୁ ଭାରତୀୟ ରିସେଲରଙ୍କ ଜରିଆରେ ସର୍ଭିସ୍ ଦିଅନ୍ତି, ତେବେ ବି ଏହି ଟିକସ ଛାଡ଼ର ଲାଭ ପାଇପାରିବେ।

ସରକାରଙ୍କ ଘୋଷଣା ଅନୁସାରେ, ଏହି ନିଷ୍ପତ୍ତି ଭାରତରେ ନିବେଶକୁ ବଢ଼ାଇବ। ବଡ଼ ଡାଟା ସେଣ୍ଟର ନିର୍ମାଣ କରାଯିବ। ଏଆଇ ସହ ଜଡ଼ିତ ସେବା ବୃଦ୍ଧି ପାଇବ। ଏହାଦ୍ୱାରା ଯୁବପିଢ଼ିଙ୍କ ପାଇଁ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଡାଟାର ଆବଶ୍ୟକତା ଲଗାତାର ବୃଦ୍ଧି ପାଉଛି। ଏଆଇ ଦୁନିଆରେ ଡାଟା ସେଣ୍ଟର ଅତ୍ୟନ୍ତ ଜରୁରୀ ହୋଇଛି। ଯଦି କମ୍ପାନିଗୁଡ଼ିକ ଭାରତରେ ଡାଟା ସେଣ୍ଟର ବ୍ୟବହାର କରିବେ, ତେବେ ଆପ ଓ ଓ୍ୱେବସାଇଟ୍ ସ୍ପିଡ୍ ବଢ଼ିପାରେ। ଏହି ଫଳକ ଖାସକରି ଗେମିଂ, ଭିଡିଓ ଓ କ୍ଲାଉଡ୍ ଆଧାରିତ ଆପ୍ସରେ ଦେଖିବାକୁ ମିଳିବ। କମ୍ପାନିଗୁଡ଼ିକର ପରିଚାଳନା ଖର୍ଚ୍ଚ ମଧ୍ୟ କମ ହେବ। ଭାରତରେ ଡାଟା ସେଣ୍ଟର ରହିବା ଦ୍ୱାରା ନିୟମ ଅନୁପାଳନ ସହଜ ହେବ। ଏହାଦ୍ୱାରା ୟୁଜର ଡାଟା ଉପରେ ସରକାରୀ ନିରୀକ୍ଷଣ ବଢ଼ିବ।

**ଇଣ୍ଟରନେଟ୍ ୟୁଜରଙ୍କ ଉପରେ ପଡ଼ିବ ପ୍ରଭାବ**



## ଚାଷକାମରେ ଏଆଇ ପ୍ରୟୋଗ

ଭାରତୀୟ କୃଷକ ଏବେ ଲାଭବାନ ହେବେ। ବଢ଼ିବ ସେମାନଙ୍କ ଆୟ। ବଜେଟରେ ଏପରି କିଛି ଘୋଷଣା କରିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଅର୍ଥମନ୍ତ୍ରୀ କହିଛନ୍ତି ଯେ, କୃଷିକୁ ଡିଜିଟାଲକରଣ କରାଯିବ। ଏକ ପବ୍ଲିକ୍ ଡିଜିଟାଲ ନେଟୱର୍କ ପ୍ରତିଷ୍ଠା ହେବ। କୃଷିକ୍ଷେତ୍ରରେ ଏଆଇର ପ୍ରୟୋଗ କରାଯିବ। ଚାଷ ଏବଂ ଚାଷୀଙ୍କୁ ଏହା ସାହାଯ୍ୟରେ ସଶକ୍ତ କରାଯିବ। କିପରି ସେମାନଙ୍କ ଜୀବନଜୀବିକା ବୃଦ୍ଧି କରାଯାଇପାରିବ ସେନେଇ ସରକାର ଫୋକସ କରୁଛନ୍ତି। କୃଷକଙ୍କ ସମସ୍ୟାର ସମାଧାନ ପାଇଁ ଏକ ସମନ୍ୱୟ ପ୍ଲାଟଫର୍ମର ବିକାଶ ହେବ। ଆହୁରି ମଧ ଭାସିନି ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇ ଡିଜିଟାଲ ଗ୍ରୀନ୍ ଯୋଜନା ହେବ। ଏଥିରେ ବିଭିନ୍ନ ଭାଷାରେ କୃଷକଙ୍କ ସମସ୍ୟାର ସମାଧାନ କରାଯିବ। ସେହିପରି ମାଟି ଏବଂ ପାଣିପାଗ ବାବଦରେ କୃଷକଙ୍କୁ ସମସ୍ତ ସୂଚନା ଦିଆଯିବ। ଉତ୍ପାଦନ ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ। ସେହିପରି କୃଷକମାନେ ଏକ୍ସପର୍ଟଙ୍କ ପରାମର୍ଶ ମଧ ନେଇପାରିବେ।



## ୨୪ ଥର ଉଚ୍ଚାରଣ କରିଛନ୍ତି 'ଟାରିଫ'

**ନୂଆଦିଲ୍ଲୀ, ୧।୨:** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍ ଅଭିଭାଷଣରେ ବାରମ୍ବାର 'ଟାରିଫ' ଶବ୍ଦ ଉଚ୍ଚାରଣ କରିଛନ୍ତି। କେବଳ ଟାରିଫ ନୁହେଁ ଏପରି ଅନେକ ଶବ୍ଦ ଅଛି ଯାହାକୁ ସୀତାରମଣ ତାଙ୍କ ବଜେଟ୍ ଅଭିଭାଷଣରେ ବାରମ୍ବାର ଦୋହରାଇଛନ୍ତି। ନିର୍ମଳା ସୀତାରମଣ ବଜେଟ୍ ଅଭିଭାଷଣରେ 'ଆୟ' ଶବ୍ଦକୁ ସବୁଠୁ ଅଧିକ ୯୮ ଥର ଉଚ୍ଚାରଣ କରିଛନ୍ତି। ସେହିପରି 'ଡ୍ୟୁଟି' ଅର୍ଥାତ ଶୁଳ୍କ ଶବ୍ଦ ୫୧ ଥର କହିଛନ୍ତି। 'ହାର' ବା ରେଟ୍ ଶବ୍ଦ ୪୮ ଥର ଓ 'ଛୁଟ' ଶବ୍ଦକୁ ସୀତାରମଣ ଭାଷଣରେ ୩୧ ଥର ଦୋହରାଇଥିବା ବେଳେ 'ଡିଡକ୍ସନ' ଶବ୍ଦ ୩୪ ଥର ଉଚ୍ଚାରଣ କରିଛନ୍ତି। ସେବା ୪୧ ଥର, ବିଦେଶୀ ୨୦ ଥର, ଦଣ୍ଡ ୩୧, ସୀମା ଶୁଳ୍କ ୪୧, ବୃଦ୍ଧି ୧୮, ମାଲ ୪୭, ବୈଶ୍ୱିକ ୨୬, କ୍ରେଡିଟ୍ ୧୮, ରପ୍ତାନୀ ୧୭, ରାଷ୍ଟ୍ରୀୟ ୨୦, ଟାରିଫ ଶବ୍ଦ ୨୪ ଥର ଓ ନିର୍ମାଣ ଶବ୍ଦ ୨୯ ଥର ଉଚ୍ଚାରଣ କରିଛନ୍ତି। ନିର୍ମଳା ପ୍ରଥମଥର ରବିବାର ବଜେଟ୍ ଉପସ୍ଥାପନ କରିଛନ୍ତି।

## ୨୦୧୭ରେ ବଦଳିଥିଲା ୯୨ ବର୍ଷର ପରମ୍ପରା
### କେନ୍ଦ୍ର ବଜେଟ ଏବଂ ରେଳ ବଜେଟ ଏକାଠି ଉପସ୍ଥାପନ ହେଲା

**ନୂଆଦିଲ୍ଲୀ,୨।୧:** ପ୍ରଥମ ଥର ପାଇଁ ରବିବାର ଉପସ୍ଥାପିତ ହୋଇଛି ବଜେଟ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସକାଳ ୧୧ଟାରେ ସଂସଦରେ ବଜେଟ୍ ଉପସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର କ୍ଷମତାକୁ ଆସିବା ପରଠାରୁ ଭାରତର ସାଧାରଣ ବଜେଟର ଫର୍ମାଟ ବହୁତ ପରିବର୍ତ୍ତନ ହୋଇଛି। ଏହା ସହିତ ଜଡିତ ପରମ୍ପରାରେ ମଧ ପରିବର୍ତ୍ତନ ହୋଇଥିବା ଦେଖିବାକୁ ମିଳିଛି।

ଏହାର ଏକ ପ୍ରମୁଖ ଉଦାହରଣ ହେଉଛି ଭାରତର ରେଳ ବଜେଟ। ଯାହାର ପରମ୍ପରା ୨୦୧୭ରେ ପରିବର୍ତ୍ତନ କରାଯାଇଥିଲା। ପୂର୍ବରୁ, ଭାରତୀୟ ରେଳବାଇ ପାଇଁ ଏକ ପୃଥକ ରେଳ ବଜେଟ ଉପସ୍ଥାପନ କରାଯାଉଥିଲା। ମୋଦି ସରକାର କ୍ଷମତାକୁ ଆସିବା ପରେ ନୀତି ଆୟୋଗ ସରକାରଙ୍କୁ ଏହି ଦଶନ୍ଧି ପୁରୁଣା ପରମ୍ପରାକୁ ସମାପ୍ତ କରିବାକୁ ପରାମର୍ଶ ଦେଇଥିଲା ଏବଂ ବହୁତ ବିଚାର-ବିମର୍ଶ ପରେ ଏହାକୁ ହଠାତ ବନ୍ଦ କରିଦିଆଯାଇଥିଲା। ମୋଦି ସରକାର ରେଳ ବଜେଟକୁ ସାଧାରଣ ବଜେଟ ସହିତ ମିଶ୍ରଣ କରିବା ପୂର୍ବରୁ ଏହା ଏକ ପୃଥକ ପରମ୍ପରା ଥିଲା, ଯାହା ୧୯୨୪ ରୁ ୨୦୧୬ ପର୍ଯ୍ୟନ୍ତ ବ୍ରିଟିଶ ଶାସନ ସମୟରୁ ଆରମ୍ଭ ହୋଇଥିଲା। ସ୍ୱାଧୀନତା ପୂର୍ବରୁ ପ୍ରଚଳିତ ଏହି ପରମ୍ପରା ବନ୍ଦ ହୋଇଯାଇଥିଲା। ସାଧାରଣ ବଜେଟର ଗୋଟିଏ ଦିନ ପୂର୍ବରୁ ରେଳ ବଜେଟ ଉପସ୍ଥାପିତ ହେଉଥିଲା। ମୋଦି ସରକାର ଏହି ୯୨ ବର୍ଷର ପରମ୍ପରାକୁ ସମାପ୍ତ କରି କେନ୍ଦ୍ର ବଜେଟ ଏବଂ ରେଳ ବଜେଟକୁ ଏକାଠି ଉପସ୍ଥାପନ କରିବା ଆରମ୍ଭ କରିଥିଲେ, ଯାହା ଆଜି ପର୍ଯ୍ୟନ୍ତ ଜାରି ରହିଛି।

୨୦୧୭ରେ ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ପ୍ରଥମ ଥର ପାଇଁ ସାଧାରଣ ବଜେଟ ସହିତ ରେଳ ବଜେଟ ଉପସ୍ଥାପିତ କରିଥିଲେ। ତାପରଠାରୁ ନିର୍ମଳା ସୀତାରମଣ ଅର୍ଥମନ୍ତ୍ରୀ ଭାବେ ବଜେଟ ଉପସ୍ଥାପନ କରିଆସୁଛନ୍ତି। ମୋଦିଙ୍କ କାର୍ଯ୍ୟକାଳ ମଧ୍ୟରେ ୨୦୨୬ ବଜେଟ ତାଙ୍କର ଲଗାତାର ନବମ ବଜେଟ ହେବ। ଏହି ବର୍ଷର ବଜେଟ ଶୁଳ୍କ ଏବଂ ବାଣିଜ୍ୟ ଯୁଦ୍ଧ ସହିତ ଜଡିତ ବିଶ୍ୱ ଅନିଶ୍ଚିତତା ମଧ୍ୟରେ ଉପସ୍ଥାପିତ ହେଉଛି।

## ବଜେଟ ପ୍ରତିକ୍ରିୟା

### ପ୍ରତ୍ୟେକ କ୍ଷେତ୍ର ପାଇଁ ନୂତନ ସମ୍ଭାବନା ରଖିଛି: ଶାହ



ଚଳିତ ବଜେଟ୍ ଉତ୍ପାଦନଠାରୁ ଭିତ୍ତିଭୂମି, ସ୍ୱାସ୍ଥ୍ୟଠାରୁ ପର୍ଯ୍ୟଟନ ଏବଂ ଗ୍ରାମଠାରୁ ସହର ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ସେ କହିଛନ୍ତି, ଏହି ବଜେଟ୍ ଯୁବପିଢ଼ି, ମହିଳା ଏବଂ କୃଷକମାନଙ୍କୁ କେନ୍ଦ୍ରରେ ରଖିଛି, ଯାହା ସେମାନଙ୍କୁ ପ୍ରଗତି ଏବଂ ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ସକ୍ଷମ କରିଥାଏ। ଡେଭଲପ ଇଣ୍ଡିଆ ବଜେଟ୍ ପ୍ରତ୍ୟେକ ଗ୍ରାମ, ସହର ଏବଂ ସହରରେ ବିକାଶର ଆଲୋକ ଆଣିବ। ଗ୍ରାମାଞ୍ଚଳ ହେଉ କିମ୍ବା କୃତ୍ରିମ ବୁଦ୍ଧିମତ୍ତା ଭଳି ଆଧୁନିକ ପ୍ରଯୁକ୍ତିବିଦ୍ୟା, ଏହି ବଜେଟ୍ ପ୍ରତ୍ୟେକ କ୍ଷେତ୍ରକୁ ଆଗକୁ ନେବାର ଦୃଷ୍ଟିକୋଣକୁ ପ୍ରତିଫଳିତ କରେ। କ୍ରୀଡ଼ାଠାରୁ ଧାର୍ମିକ ସ୍ଥଳ ଏବଂ ତୀର୍ଥସ୍ଥଳ ପର୍ଯ୍ୟନ୍ତ, ଏହା ପ୍ରତ୍ୟେକ କ୍ଷେତ୍ର ପାଇଁ ନୂତନ ସମ୍ଭାବନା ରଖିଛି। ସେ କହିଛନ୍ତି, ଏହି ବଜେଟ୍ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବା ଲକ୍ଷ୍ୟକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି। ଏହି ବଜେଟ୍ ଆଗାମୀ ୨୫ ବର୍ଷ ପାଇଁ ଏକ ସ୍ପଷ୍ଟ ରୋଡ୍‌ମ୍ୟାପ ପ୍ରତିଫଳିତ କରେ, ଯାହା ଦେଶକୁ ଆଗକୁ ବଢ଼ିବା ପାଇଁ ସଠିକ ଦିଗ ପ୍ରଦାନ କରିବ।

### ଦେଶର ସମସ୍ୟା ପ୍ରତି ଅନ୍ଧ ଏହି ବଜେଟ୍: ରାହୁଲ



କେନ୍ଦ୍ରୀୟ ବଜେଟ୍ କୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ତୀବ୍ର ସମାଲୋଚନା କରିଛନ୍ତି। ଦେଶ ବର୍ତ୍ତମାନ ଯେଉଁ ସୁଧାର ଆବଶ୍ୟକ ମନେ କରୁଛି ସେ ଦିଗରେ କୌଣସି ଘୋଷଣା ନାହିଁ। ଭାରତର ପ୍ରକୃତ ସମସ୍ୟା ପ୍ରତି ଏହି ବଜେଟ୍ ସମ୍ପୂର୍ଣ୍ଣ ଅନ୍ଧ ବୋଲି ରାହୁଲ ଗାନ୍ଧୀ କହିଛନ୍ତି। ଏଥିସହିତ ଦେଶରେ ଯୁବକଙ୍କ ବେକାରୀ ସମସ୍ୟା, ଉତ୍ପାଦନ ଫେଲ୍ ମାରିବା ଏବଂ କୃଷକଙ୍କର ଅଭାବୀ ବିକ୍ରି ସମସ୍ୟାକୁ ନେଇ ରାହୁଲ ବଜେଟକୁ ସମାଲୋଚନା କରିଛନ୍ତି। ବଜେଟ୍ ଉପରେ ପ୍ରତିକ୍ରିୟା ଦେଇ ରାହୁଲ କହିଛନ୍ତି ବିନା ଚାକିରିରେ ଯୁବକ, ହ୍ରାସ ପାଉଥିବା ଉତ୍ପାଦନ, ନିବେଶକଙ୍କ ପୁଞ୍ଜି ପ୍ରତ୍ୟାହାର, ପରିବାରର ସଞ୍ଚୟ ହ୍ରାସ ପାଉଛି, କୃଷକ ଅଭାବୀ ବିକ୍ରିର ଶିକାର ହେବା, ଆସନ୍ନ ବିଶ୍ୱ ବିପଦ, ଏ ସମସ୍ତ ଘଟଣାକୁ ଅଣଦେଖା କରାଯାଇଛି। ଏହା ଏମିତି ଏକ ବଜେଟ୍ ଯାହା ସୁଧାର କରିବାକୁ ଚାହୁଁନି ଓ ଭାରତର ପ୍ରକୃତ ସମସ୍ୟା ବିଷୟରେ ଅବଗତ ନାହିଁ ବୋଲି ରାହୁଲ ଗାନ୍ଧୀ।

### ମହଙ୍ଗା ବଜାର ରୋକିବାକୁ କିଛିନାହିଁ: ଖଡ଼୍‌ଗେ



ଗରିବଙ୍କ ପାଇଁ ଏଥିରେ କିଛି ନାହିଁ। ମହଙ୍ଗା ବଜାରକୁ ରୋକିବା ପାଇଁ ସେମାନେ କୌଣସି ସମାଧାନ, ସକାରାତ୍ମକ ପ୍ରସ୍ତାବ କିମ୍ବା ଦୃଢ଼ ପଦକ୍ଷେପ ବିଷୟରେ ଉଲ୍ଲେଖ କଲେନାହିଁ। ଅର୍ଥନୈତିକ ସର୍ଭେରେ ବାଣିଜ୍ୟ ଅସ୍ଥିରତା ଭାରତ ପାଇଁ ଏକ ବଡ଼ ଆହ୍ୱାନ ବୋଲି କୁହାଯାଇଥିଲା। ତେବେ ବଜେଟରେ ଏହି ସମସ୍ୟାକୁ ସ୍ୱୀକାର କରିବାକୁ ବଡ଼ କୁଣ୍ଠା ପ୍ରକାଶ କରାଯାଇଛି। ସେହିଭଳି ଖସୁଥିବା ମୁଦ୍ରା ମୂଲ୍ୟକୁ ରୋକିବା ପାଇଁ ସେମାନଙ୍କ ପାଖରେ କୌଣସି ଯୋଜନା ନାହିଁ। ଖଡ଼ଗେ ଆହୁରି କହିଛନ୍ତି, ବଜେଟରେ ଗ୍ରାହକଙ୍କ ଚାହିଦାକୁ ପୁନଃ ବଢ଼ାଇବାକୁ କୌଣସି ଉଦ୍ଦେଶ୍ୟ ଦେଖାଯାଉ ନାହିଁ। ଘରୋଇ ସଞ୍ଚୟରେ ହ୍ରାସ ଏବଂ ବ୍ୟକ୍ତିଗତ ଋଣର ବର୍ଦ୍ଧିତ ବୋଝକୁ ମଧ୍ୟ ଅଣଦେଖା କରାଯାଇଛି।

### ନିରାଶାଜନକ ବଜେଟ: ଅଖିଳେଶ



କେନ୍ଦ୍ର ସରକାର ୨୦୨୬ ବଜେଟକୁ ସମାଲୋଚନା କରିଛନ୍ତି ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ। ବଜେଟ୍ ଏବଂ ସେୟାର ବଜାର ହ୍ରାସକୁ ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ଭାଜପା ବଜେଟ୍ ର ଫଳାଫଳ ଆସିଛି, ସେୟାର ବଜାର କ୍ରାସ୍ ହୋଇଛି। ଏହି ବଜେଟ୍ ସାଧାରଣ ଲୋକଙ୍କ ଆଶା ପୂରଣ କରେ ନାହିଁ। ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ସତ୍ତ୍ୱେ, କୌଣସି ଟିକସ ରିହାତି ପ୍ରଦାନ କରାଯାଇ ନାହିଁ, ଯାହା ମଧ୍ୟବିତ୍ତ ବର୍ଗ ଏବଂ ସାଧାରଣ ଲୋକଙ୍କ ଉପରେ ବୋଝ ବୃଦ୍ଧି କରିବ। ବଜେଟ୍ ରେ ବେକାର ଯୁବକ, ଚାଷୀ, ଶ୍ରମିକ, ଛୋଟ ବ୍ୟବସାୟ ଏବଂ ଅବହେଳିତଙ୍କ ପାଇଁ କଠିନ ବ୍ୟବସ୍ଥା ନାହିଁ। ସେ ଏହାକୁ ନିରାଶାଜନକ ବୋଲି କହିଛନ୍ତି। ସାମାଜିକ ସୁରକ୍ଷା ଏବଂ ନିଯୁକ୍ତି ଭଳି ପ୍ରସଙ୍ଗ କେବଳ ଔପଚାରିକତା ହୋଇଗଲାଣି।

### ଦୂରଦୃଷ୍ଟିହୀନ ଏବଂ ଜନବିରୋଧୀ ବଜେଟ: ମମତା



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ବଜେଟକୁ ତୀବ୍ର ସମାଲୋଚନା କରି ଏହାକୁ ଏକ 'ହମ୍ପଟି ଡମ୍ପଟି ବଜେଟ' ବୋଲି ଆଖ୍ୟା ଦେଇଛନ୍ତି। ଏହି ବଜେଟରେ ପଶ୍ଚିମବଙ୍ଗ ପାଇଁ କୌଣସି ଆର୍ଥିକ ସହାୟତା ପ୍ରଦାନ କରାଯାଇନାହିଁ। ସେ କହିଛନ୍ତି, ଏହି ବଜେଟ ଦିଗହୀନ, ଦୂରଦୃଷ୍ଟିହୀନ ଏବଂ ଜନବିରୋଧୀ। ଏହା ମହିଳା, କୃଷକ, ଶିକ୍ଷା ଏବଂ ଅନୁସୂଚିତ ଜାତି ଓ ଜନଜାତି ବିରୋଧୀ।

### କେରଳ ନାଁ ଜମା ନେଲେନି: ଥରୁର



ବଜେଟକୁ କିଛି ମାତ୍ରାରେ ସମାଲୋଚନା କରିଛନ୍ତି କଂଗ୍ରେସ ନେତା ଶଶି ଥରୁର। କେରଳ ହେଉଛି ଆୟୁର୍ବେଦର ଏକ ଲମ୍ବା ପରମ୍ପରା ଥିବା ଦେଶ, କିନ୍ତୁ ଅର୍ଥମନ୍ତ୍ରୀ କେରଳର ନାମ ନେଇ ନଥିଲେ ବୋଲି କଂଗ୍ରେସ ନେତା ଶଶି ଥରୁର କହିଛନ୍ତି। ସେ କହିଥିଲେ ଯେ ଅର୍ଥମନ୍ତ୍ରୀ ନଡ଼ିଆର ନାମ ଉଲ୍ଲେଖ କରିଥିଲେ। 'ନଡ଼ିଆ' ହୁଏତ କେରଳକୁ ବୁଝାଏ। ସେ କହିଥିଲେ ଯେ, କେରଳ ହେଉଛି ନଡ଼ିଆର ସବୁଠାରୁ ବଡ଼ ଉତ୍ପାଦକ। ବାରାଣସୀ ଏବଂ ପାଟନାର ନାମ ନିଆଯାଇଥିଲା, କିନ୍ତୁ କେରଳର ନାମ ଦିଆଯାଇ ନଥିଲା। ଭାଷଣରେ ବହୁତ କମ ସୂଚନା ଥିଲା, ହୁଏତ ବିସ୍ତୃତ ଡକ୍ୟୁମେଣ୍ଟ ହେବା ଉଚିତ। ସରକାରଙ୍କୁ ଟାର୍ଗେଟ କରି ଶଶି ଥରୁର କହିଛନ୍ତି ଯେ ସରକାରଙ୍କ ସମସ୍ୟା ହେଉଛି ଏହା ଅନେକ ପ୍ରତିଶ୍ରୁତି ଦିଏ, କିନ୍ତୁ କାର୍ଯ୍ୟାନ୍ୱୟନ ସମୟରେ କିଛି ହୁଏ ନାହିଁ।

### ସମ୍ଭାବ୍ୟ ଯୁଦ୍ଧ ନେଇ ଆମେରିକାକୁ ଇରାନର ଚେତାବନୀ
## ଆକ୍ରମଣକାରୀଙ୍କୁ ଉଚିତ ଜବାବ ମିଳିବ: ଖାମେନି

**ତେହେରାନ,୧।୨:** ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନି ଆମେରିକାକୁ ଚେତାବନୀ ଦେଇଛନ୍ତି। ଇରାନ ଉପରେ ଆମେରିକା ଆକ୍ରମଣ କଲେ, ଏହା ସମଗ୍ର ପଶ୍ଚିମ ଏସିଆରେ ସଂଘର୍ଷ ସୃଷ୍ଟି କରିବ। ଖାମେନି ରବିବାର ଏହି ବିବୃତ୍ତି ଦେଇଛନ୍ତି। ଖାମେନି କହିଛନ୍ତି, 'ଆମେରିକୀୟମାନେ ଜାଣିବା ଉଚିତ ଯେ, ଯଦି ସେମାନେ ଯୁଦ୍ଧ ଆରମ୍ଭ କରନ୍ତି, ତେବେ ଏଥର ଏହା ଏକ କ୍ଷେତ୍ରୀୟ ଯୁଦ୍ଧ ହେବ। ଆମେ ଉତ୍ତେଜନା ସୃଷ୍ଟିକାରୀ ନୁହଁ। ଆମେ କୌଣସି ଦେଶ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରୁନାହୁଁ, କିନ୍ତୁ ଆମେ ଭୟଭୀତ ନୁହେଁ।



ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଇରାନ ଉପରେ ଆକ୍ରମଣ ସମଗ୍ର ଅଞ୍ଚଳରେ ପ୍ରତିଫଳିତ ହେବ। ଏହାର ସ୍ପଷ୍ଟ ଅର୍ଥ ହେଉଛି ଯେ, ଇରାନ ପ୍ରତିଶୋଧ ସ୍ୱରୂପ ଆରବ ଦେଶଗୁଡ଼ିକରେ ଥିବା ଆମେରିକୀୟ ଘାଟିଗୁଡ଼ିକୁ ଟାର୍ଗେଟ କରିବ। ଇରାନ ଉପରେ ଆକ୍ରମଣ ପାଇଁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ମଧ୍ୟରେ ଖାମେନିଙ୍କ ଏହି ମନ୍ତବ୍ୟ ଆସିଛି। ସେପଟେ ଇରାନ ନିକଟ ଆରବ ସାଗରରେ ଆମେରିକାର ଯୁଦ୍ଧଜାହାଜ ମୁତୟନ ହୋଇଛି। ଇରାନର ସରକାରୀ ଟେଲିଭିଜନ ଆୟାତୋଲ୍ଲା ଅଲି ଖାମେନିଙ୍କ ମନ୍ତବ୍ୟ ପ୍ରକାଶ କରିଛି । ଏଥିରେ ଆକ୍ରମଣ କରିବାକୁ ଥିବା ଯେକୌଣସି ଦେଶକୁ ଉଚିତ ଜବାବ ଦେବ ଇରାନ।'

ଆମେରିକାର ଶତାଧିକ ସି-୧୭ ଏବଂ ସି-୫ ସାମରିକ ବିମାନ ଅସ୍ତ୍ରଶସ୍ତ୍ର ଧରି ଇରାନ ଚାରିପାଖରେ ଥିବା ଘାଟିରେ ପହଞ୍ଚିଛନ୍ତି। ଇରାନ ଜଳସୀମା ନିକଟରେ ଆମେରିକାର ଯୁଦ୍ଧଜାହାଜ ମୁତୟନ ଏବଂ ସାମରିକ କାର୍ଯ୍ୟକଳାପ ସମଗ୍ର ଅଞ୍ଚଳରେ ଉତ୍ତେଜନା ବୃଦ୍ଧି କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ଏବଂ ସାମରିକ କାର୍ଯ୍ୟକଳାପ ଚିନ୍ତା ବଢ଼ାଇ ଦେଇଛି। ଇରାନ ଉପରେ ଯେକୌଣସି ସମୟରେ ଆକ୍ରମଣ ହେବାର ଆଶଙ୍କା ବଢ଼ିଛି।

## ୯ ବଜେଟରେ ୯ ଶାଢ଼ି, ମଙ୍ଗଳଗିରିରୁ କାଞ୍ଚିଭରମ

**ନୂଆଦିଲ୍ଲୀ, ୧।୨:** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଯେତେବେଳେ ସଂସଦରେ ବଜେଟ୍ ଉପସ୍ଥାପନ କରିବାକୁ ପହଞ୍ଚନ୍ତି, ସେତେବେଳେ ତାଙ୍କ ବଜେଟ୍ ଭାଷଣ ସହ ତାଙ୍କ ପୋଷାକ ମଧ ଚର୍ଚ୍ଚାର ବିଷୟ ହୋଇଥାଏ। ସେ ପ୍ରତିବର୍ଷ ଭିନ୍ନ ଭିନ୍ନ ଶାଢ଼ି ପିନ୍ଧି ଭାରତୀୟ ହସ୍ତତନ୍ତ, ପାରମ୍ପରିକ କଳା ଏବଂ ସରଳତାର ବାର୍ତ୍ତା ଦେଇଥାନ୍ତି। ତାଙ୍କ ଶାଢ଼ିରେ ଏକ ଗମ୍ଭୀର, ଗରିମାମୟ ଏବଂ 'ଆତ୍ମନିର୍ଭର ଭାରତ'ର ପ୍ରତିଫଳନ ଦେଖିବାକୁ ମିଳେ। ସେ ତାଙ୍କର ୯ଟି ବଜେଟ୍ ଉପସ୍ଥାପନ ସମୟରେ ପିନ୍ଧିଥିଲେ ୯ଟି ସ୍ୱତନ୍ତ୍ର ଶାଢ଼ୀ।



● **୨୦୨୬: କାଞ୍ଚିଭରମ୍ ସିଲ୍କର ରାଜକୀୟ ଶୈଳୀ**

ଏହି ବର୍ଷ ବଜେଟ୍ ଉପସ୍ଥାପନ ସମୟରେ ସୀତାରମଣ ହାତବୁଣା 'କାଞ୍ଚିଭରମ୍ ସିଲ୍କ' ଶାଢ଼ି ପିନ୍ଧିଥିଲେ। ତାମିଲନାଡୁର ଏହି ପ୍ରସିଦ୍ଧ ବୁଣାକାରୀ ଶୈଳୀର ଶାଢ଼ିଟି ହାଲୁକା ରଙ୍ଗର ଥିଲା, ଯାହା ତାଙ୍କୁ ଏକ ବୃତ୍ତିଗତ ଏବଂ ପାରମ୍ପରିକ ଲୁକ୍ ଦେଉଥିଲା।

● **୨୦୨୫: ପଦ୍ମ ପୁରସ୍କାର ବିଜେତାଙ୍କ କଳାକୃତି**

୨୦୨୫ ବଜେଟ୍‌ରେ ସେ ଏକ 'ଅଫ୍-ହ୍ୱାଇଟ୍' ହ୍ୟାଣ୍ଡଲୁମ୍ ସିଲ୍କ ଶାଢ଼ି ପିନ୍ଧିଥିଲେ। ଏଥିରେ ମାଛ ଥିମ୍‌ର ସୂକ୍ଷ୍ମ କାରିଗରୀ ଏବଂ ସୁନେଲି ବର୍ଡର ଥିଲା। ବିଶେଷ କଥା ହେଉଛି, ଏହି ଶାଢ଼ିଟି ପଦ୍ମ ପୁରସ୍କାର ବିଜେତା ଦୁଲାରୀ ଦେବୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା।

● **୨୦୨୪: ସରଳତା ଓ ଭବ୍ୟତାର ସମନ୍ୱୟ**

୨୦୨୪-୨୫ ପୂର୍ଣ୍ଣାଙ୍ଗ ବଜେଟ୍ ସମୟରେ ସେ ଧଳା ରଙ୍ଗର ସିଲ୍କ ଶାଢ଼ି ସହ ବାଇଗଣୀ ଏବଂ ସୁନେଲି ବର୍ଡରର ଏକ କ୍ଲାସିକ୍ ଶୈଳୀ ଆପଣାଇଥିଲେ। ଏହା ଭାରତୀୟ ସିଲ୍କ ଶିଳ୍ପ ପ୍ରତି ତାଙ୍କର ସମ୍ମାନକୁ ଦର୍ଶାଉଥିଲା।

● **୨୦୨୪ ଅନ୍ତରୀଣ ବଜେଟ୍: କାନ୍ଥା କାରିଗରୀର ଯାଦୁ**

ନିର୍ବାଚନ ପୂର୍ବରୁ ଅନ୍ତରୀଣ ବଜେଟ୍ ବେଳେ ସେ ନୀଳ ରଙ୍ଗର 'ଟସର ସିଲ୍କ' ଶାଢ଼ି ପିନ୍ଧିଥିଲେ। ଏଥିରେ ପାରମ୍ପରିକ 'କାନ୍ଥା' କାରିଗରୀର ସୂକ୍ଷ୍ମ କାମ ହୋଇଥିଲା, ଯାହା ଦେଶୀ କାରିଗରଙ୍କ ଦକ୍ଷତାକୁ ପ୍ରତିପାଦିତ କରୁଥିଲା।

● **୨୦୨୩: କସୁତୀ କାମର ଚମତ୍କାରିତା**

୨୦୨୩ରେ ସେ ଲାଲ୍ ଏବଂ କଳା ରଙ୍ଗର ଏକ ଶାଢ଼ି ପିନ୍ଧିଥିଲେ, ଯେଉଁଥିରେ 'ଟେମ୍ପଲ ବର୍ଡର' ଏବଂ କର୍ଣ୍ଣାଟକର ପ୍ରସିଦ୍ଧ 'କସୁତୀ' ଧାଗାର କାମ ଥିଲା। ଏହି ଶାଢ଼ିଟି ସଂସଦରେ ଏକ ସଶକ୍ତ ସାଂସ୍କୃତିକ ବାର୍ତ୍ତା ଦେଇଥିଲା।

● **୨୦୨୨: ଓଡ଼ିଶାର ଗର୍ବ 'ବମ୍‌କାଇ'**

୨୦୨୨ ବଜେଟ୍ ବେଳେ ସେ ଓଡ଼ିଶାର ପ୍ରସିଦ୍ଧ 'ବମ୍‌କାଇ ସିଲ୍କ' ଶାଢ଼ି ପିନ୍ଧିଥିଲେ। ବ୍ରାଉନ୍ ରଙ୍ଗର ଏହି ଶାଢ଼ିରେ ଧଳା ରଙ୍ଗର ବର୍ଡର ଥିଲା, ଯାହା ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ କଳାକୁ ଜାତୀୟ ସ୍ତରରେ ଗୌରବାନ୍ୱିତ କରିଥିଲା।

● **୨୦୨୧: ପୋଚମ୍ପଲ୍ଲୀର ପରିଚୟ**

୨୦୨୧ରେ ଅର୍ଥମନ୍ତ୍ରୀ ଲାଲ୍ ଏବଂ ଅଫ୍-ହ୍ୱାଇଟ୍ ରଙ୍ଗର 'ପୋଚମ୍ପଲ୍ଲୀ ସିଲ୍କ' ଶାଢ଼ି ପିନ୍ଧିଥିଲେ। ତେଲଙ୍ଗାନାର ଏହି ସୂକ୍ଷ୍ମ ବୁଣାକାରୀ ଶୈଳୀ ତାଙ୍କ ବ୍ୟକ୍ତିତ୍ୱକୁ ଅଧିକ ପ୍ରଭାବଶାଳୀ କରିଥିଲା।

● **୨୦୨୦: ଶୁଭ ହଳଦିଆ ରଙ୍ଗ**

୨୦୨୦ରେ ସେ ଏକ ହଳଦିଆ ରଙ୍ଗର ସିଲ୍କ ଶାଢ଼ି ପିନ୍ଧିଥିଲେ, ଯେଉଁଥିରେ ସବୁଜ ରଙ୍ଗର ବର୍ଡର ଥିଲା। ଏହି ରଙ୍ଗ ସମୃଦ୍ଧି ଏବଂ ଶୁଭେଚ୍ଛାର ପ୍ରତୀକ ଭାବେ ଗ୍ରହଣ କରାଯାଇଥିଲା।

● **୨୦୧୯: ପ୍ରଥମ ବଜେଟ୍ ଓ ମଙ୍ଗଳଗିରି**

ନିଜର ପ୍ରଥମ ବଜେଟ୍ ଉପସ୍ଥାପନ ବେଳେ ସେ ଗୋଲାପି ରଙ୍ଗର 'ମଙ୍ଗଳଗିରି' ଶାଢ଼ି ପିନ୍ଧି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୁନେଲି ଜରି କାମ ଥିବା ଏହି ଶାଢ଼ି ତାଙ୍କର ଗମ୍ଭୀର ଓ ବୃତ୍ତିଗତ ରୂପକୁ ଉଜାଗର କରିଥିଲା।

ଏହିପରି ଭାବେ, ପ୍ରତିବର୍ଷ ନିର୍ମଳା ସୀତାରମଣ ନିଜ ଶାଢ଼ି ମାଧ୍ୟମରେ ଭାରତର ବିଭିନ୍ନ ପ୍ରାନ୍ତର ବୁଣାକାର ଓ କାରିଗରମାନଙ୍କୁ ସମ୍ମାନ ଜଣାଇବା ସହ ଭାରତୀୟ ସଂସ୍କୃତିକୁ ବିଶ୍ୱ ଦରବାରରେ ଉପସ୍ଥାପନ କରିଛନ୍ତି।

# ପାକିସ୍ତାନକୁ ଧୂଳି ଚଟାଇଲା ଭାରତ

୧୯ ବର୍ଷରୁ କମ ବିଶ୍ୱକପ



ବୁଲାୱାୟୋ,୧।୨: ୧୯ ବର୍ଷରୁ କମ ବିଶ୍ୱକପରେ ପାକିସ୍ତାନ ମୁହଁରୁ ବିଜୟ ଛଡ଼ାଇ ନେଇଛି ଭାରତ। ବେଦାନ୍ତ ତ୍ରିବେଦୀଙ୍କ ଅର୍ଦ୍ଧଶତକ ପରେ ଖିଲାନ ପଟେଲ୍ ଓ ଅଧିନାୟକ ଆୟୁଷ ମ୍ହାତ୍ରେଙ୍କ ଘାତକ ବୋଲିଂ ବଳରେ ଭାରତ ୫୮ ରନରେ ପାକିସ୍ତାନକୁ ହରାଇଛି। ବିଜୟ ସହ ଭାରତ ନିଜ ଗ୍ରୁପରେ ୪ରୁ ୪ ମ୍ୟାଚ୍ ଜିତି ଶୀର୍ଷକୁ ଉଠିଛି। ଏଥିସହ ଭାରତ ସେମି ଫାଇନାଲରେ ଗ୍ରୁପ ୧ରୁ ଆଫଗାନିସ୍ତାନକୁ ଭେଟିବ। ଏହା ଅନ୍ୟ ସେମିରେ ମୁହାଁମୁହିଁ ହେବେ ଗ୍ରୁପ ୧ରେ ଶୀର୍ଷରେ ଥିବା ଅଷ୍ଟ୍ରେଲିଆ ଓ ଗ୍ରୁପ ୨ରେ ଦ୍ୱିତୀୟରେ ଥିବା ଇଂଲଣ୍ଡ। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨୫୨ ରନ କରିଥିଲା। ଜବାବରେ ପାକିସ୍ତାନ ୧୯୪ ରନରେ ଅଲଆଉଟ୍ ହୋଇଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତର ଦୁଇ ଓପନର ବୈଭବ ସୂର୍ଯ୍ୟବଂଶୀ ଓ ଆରୋନ ଜର୍ଜ ଓପନିଂରେ ୪୭ ରନ ଯୋଡ଼ିଥିଲେ। ତେବେ ଏହି ସ୍କୋରରେ ଭାରତ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା। ସୂର୍ଯ୍ୟବଂଶୀ ୨୨ ବଲରୁ ୩୦ ରନ କରି ପାଭିଲିୟନ ଫେରିଥିଲେ। ୪୭ ରନରେ ୩ ଉଇକେଟ୍ ହରାଇବା ପରେ ବେଦାନ୍ତ ମାଲହୋତ୍ରା ଓ ବିହାନ ମାଲହୋତ୍ରା ଚତୁର୍ଥ ଉଇକେଟ୍ ପାଇଁ ୭୨ ରନ ଯୋଡ଼ି ଦଳର ସ୍ଥିତି ସୁଧାରିଥିଲେ। ଭାରତ ୨୫୨ ରନରେ ଅଲଆଉଟ୍ ହୋଇଥିଲା।

## ପାଣିରେ ବୁଡ଼ି ଛାତ୍ରର ମୃତ୍ୟୁ

ଜୟପୁର, ୧।୨ (ସଂଚାର ବ୍ୟୁରୋ): ଗାଧୋଉଥିବା ସମୟରେ ପାଣିରେ ବୁଡ଼ି ଛାତ୍ରର ମୃତ୍ୟୁ ହୋଇଥିବା ନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୁଲିସ ସୂଚନା ଅନୁଯାୟୀ ଆଜି ଅପରାହ୍ନ ସାଢ଼େ ୨ଟା ସମୟରେ ଜୟପୁର ସଦରଥାନା ଅନ୍ତର୍ଗତ ଉପର କୋଲାବ ଅଞ୍ଚଳର ଗୁରୁନାଥ ତାକ୍ରିଙ୍କ ପୁଅ ମହେଶ ତାକ୍ରି(୧୩) ତାଙ୍କ ସାଙ୍ଗମାନଙ୍କ ସହ ପାଣିରେ ଗାଧୋଉଥିବା ସମୟରେ ହଠାତ ବୁଡ଼ିଯାଇଥିଲେ। ସାଙ୍ଗମାନେ ନିକଟସ୍ଥ ବସ୍ତିରେ ଥିବା ଲୋକଙ୍କୁ କହିବା ପରେ ବସ୍ତିର ଲୋକେ ଆସି ମହେଶଙ୍କୁ ଉଦ୍ଧାର କରି ନିକଟସ୍ଥ ଏକ ଘରୋଇ ହସପିଟାଲକୁ ନେବା ପରେ ଡାକ୍ତର ଛାତ୍ର ମହେଶର ମୃତ୍ୟୁ ଘୋଷଣା କରିଥିଲେ। ଏନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ସଦର ଥାନା ଅଧିକାରୀ ସଚ୍ଚିଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

ମାଘ ପୂର୍ଣ୍ଣିମାରେ ପ୍ରୟାଗରାଜରେ ଶ୍ରଦ୍ଧାଳୁଙ୍କ ଭିଡ଼

## ପବିତ୍ର ବୁଡ଼ ପକାଇଲେ ୯୦ ଲକ୍ଷ ଭକ୍ତ



ପ୍ରୟାଗରାଜ,୧।୨ : ପ୍ରୟାଗରାଜରେ ଆୟୋଜିତ ହୋଇଥିବା ମାଘ ପୂର୍ଣ୍ଣିମାର ସ୍ନାନ ଉତ୍ସବରେ ପ୍ରାୟ ୯୦ ଲକ୍ଷ ଶ୍ରଦ୍ଧାଳୁ ସଙ୍ଗମ ଏବଂ ଗଙ୍ଗାରେ ପବିତ୍ର ବୁଡ଼ ପକାଇଛନ୍ତି। ପ୍ରବଳ ଥଣ୍ଡା ହେବା ସତ୍ତ୍ୱେ ଶନିବାର ମଧ୍ୟରାତ୍ରରୁ ଶ୍ରଦ୍ଧାଳୁମାନେ ମାଘ ମେଳାରେ ପହଞ୍ଚି ସ୍ନାନ ଜାରି ରଖିଛନ୍ତି। ଆଜି ସକାଳ ୮ ଟା ସୁଦ୍ଧା ପ୍ରାୟ ୯୦ ଲକ୍ଷ ଶ୍ରଦ୍ଧାଳୁ ଗଙ୍ଗା ଏବଂ ସଂଗମରେ ପବିତ୍ର ବୁଡ଼ ପକାଇଛନ୍ତି।

ବିଭାଗୀୟ କମିଶନର ସୌମ୍ୟ ଅଗ୍ରୱାଲ କହିଛନ୍ତି ଯେ, ୮୦୦ ହେକ୍ଟର ମେଳା ଅଞ୍ଚଳକୁ ୭ ଟି ସେକ୍ଟରରେ ବିଭକ୍ତ କରାଯାଇଛି। ୨୫,୦୦୦ରୁ ଅଧିକ ଶୌଚାଳୟ ନିର୍ମାଣ କରାଯାଇଥିବା ବେଳେ ୩୫୦୦ରୁ ଅଧିକ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ପୁଲିସ ଅଧୀକ୍ଷକ ନୀରଜ ପାଣ୍ଡେ କହିଛନ୍ତି ଯେ, ଶ୍ରଦ୍ଧାଳୁଙ୍କ ସୁରକ୍ଷା ଏବଂ ସୁଗମ ଆଗମନ ପାଇଁ ମେଳାରେ ୧୦ ହଜାରରୁ ଅଧିକ ପୁଲିସ କର୍ମୀଙ୍କୁ ନିୟୋଜିତ କରାଯାଇଛି। ଏଥିସହିତ ସୁଗମ ଟ୍ରାଫିକ୍ ବ୍ୟବସ୍ଥା ପାଇଁ ୧ ଲକ୍ଷରୁ ଅଧିକ ଯାନବାହାନ କ୍ଷମତା ବିଶିଷ୍ଟ ୪୨ଟି ଅସ୍ଥାୟୀ ପାର୍କିଂ ବ୍ୟବସ୍ଥା କରାଯାଇଛି। ସେ ଆହୁରି ମଧ କହିଛନ୍ତି ଯେ, ୨୦୨୫-୨୬ ମାଘ ମେଳା ପାଇଁ ସମସ୍ତ ଆବଶ୍ୟକୀୟ ମୌଳିକ ସୁବିଧା ସହିତ ମୋଟ ୧୨,୧୦୦ ଫୁଟ ଲମ୍ବା ଘାଟ ମଧ ନିର୍ମାଣ କରାଯାଇଛି।

## ହୋମଗାର୍ଡଙ୍କ ସନ୍ଦେହଜନକ ମୃତ୍ୟୁ



ଜଗତସିଂହପୁର,୧।୨(ସଂଚାର ବ୍ୟୁରୋ): ଡ୍ୟୁଟିବେଳେ ଚାଲିଗଲା ଜୀବନ। ସକାଳୁ ଘରକୁ ଫେରିପାରି ନ ଥିଲେ। ଜଗତସିଂହପୁରରେ ହୋମଗାର୍ଡଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଛି। ଘଟଣା ଘଟିଛି ଜଗତସିଂହପୁର ହାଟବଜାର ଅଞ୍ଚଳରେ। ମୃତ ହୋମଗାର୍ଡ ହେଲେ ତର୍ତ୍ତଣର କିଶୋର କୁମାର ଜେନା(୪୨)। ପୁଲିସ ସୂଚନା ଅନୁଯାୟୀ, କିଶୋର ୨୦୧୦ରେ ହୋମଗାର୍ଡରେ ଭର୍ତ୍ତି ହୋଇଥିଲେ। ଗତକାଲି ତାଙ୍କର ରାତି ଡ୍ୟୁଟି ଥିଲା। ସେ ରାତି ପାଟ୍ରୋଲିଂରେ ନିୟୋଜିତ ଥିଲେ। ଡ୍ୟୁଟି ସାରି ସକାଳ ଘରକୁ ଫେରିଥାନ୍ତେ। ଗତକାଲି ରାତିରେ ହାଟବଜାର ଅଞ୍ଚଳରେ ଡ୍ୟୁଟି କରୁଥିବା ବେଳେ ଟଳି ପଡ଼ିଥିଲେ। ଲୋକ ଦେଖି ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି କିଶୋରଙ୍କୁ ଉଦ୍ଧାର କରି ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ପୁଲିସ। ଗାଁ ଶ୍ମଶାନରେ କିଶୋରଙ୍କର ଶେଷକୃତ୍ୟ କରାଯାଇଥିଲା। ଜଗତସିଂହପୁର ଥାନା ଆଇଆଇସି ସରୋଜକାନ୍ତ ସାମଲ ଓ ଅନ୍ୟ ପୁଲିସ କର୍ମଚାରୀ ଶେଷ ସମ୍ମାନ ଜଣାଇଥିଲେ। ଏ ସଂକ୍ରାନ୍ତରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବା ବେଳେ ପୁଲିସ ଏ ନେଇ ଅଧିକ ଅନୁସନ୍ଧାନ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି। କେମିତି ଓ କେଉଁ ପରିସ୍ଥିତିରେ ମୃତ୍ୟୁ ଘଟିଲା ସେ ନେଇ ପୁଲିସ ତଦନ୍ତ ଚଳାଇଛି।

## କଟକରୁ ୫ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ

କଟକ,୧।୨(ସଂଚାର ବିରୋ): କଟକ ଜିଲ୍ଲାର ସମସ୍ତ ୧୪ଟି ବ୍ଲକର ଧାନ ଚାଷୀଙ୍କଠାରୁ ଆଜି ସୁଦ୍ଧା ୫ଲକ୍ଷ ୨୫ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରାଗଲାଣି। ରାଜ୍ୟ ସରକାର ଏହି ଜିଲ୍ଲାରୁ ମାର୍ଚ୍ଚ ୩୧ତାରିଖ ସୁଦ୍ଧା ୧୨ଲକ୍ଷ ୨ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ଶେଷ ସୁଦ୍ଧା ଲକ୍ଷ୍ୟ ଧାର୍ଯ୍ୟକୁ ଟପି ଯିବ ବୋଲି ଯୋଗାଣ ଅଧିକାରୀ ଚନ୍ଦ୍ରଶେଖର ପାତ୍ର ସୂଚନା ଦେଇଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ ଗତ ୭ତାରିଖ ଠାରୁ ସଦର ସବଡ଼ିଭିଜନରେ ଧାନ କିଣା ଆରମ୍ଭ ହୋଇଥିବା ବେଳେ ଆଠଗଡ ଓ ବାଙ୍କୀ ସବଡ଼ିଭିଜନରୁ ଗତ ଡିସେମ୍ବର ୨୬ ତାରିଖଠାରୁ ଧାନ କିଣା ଆରମ୍ଭ ହୋଇଥିଲା। ଏବେ ଜିଲ୍ଲାରେ ଖୋଲିଥିବା ୨୪୯ଟି ମଣ୍ଡି ମାଧ୍ୟମରେ ଏହି ଧାନ କିଣା ଯାଉଛି। ଯୋଗାଣ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ସିଏସଓ ଦୀପକ ବେହେରା, ମଧୁସ୍ମିତା ମହାପାତ୍ର, ପ୍ରୋଗ୍ରାମ ଅଧିକାରୀ ଯାମିନୀକାନ୍ତ ମହାପାତ୍ର ପ୍ରମୁଖ ଧାନ ମଣ୍ଡି ତଦାରଖ ଓ କିଣା ବିକା କରୁଛନ୍ତି।

## ବଲାଙ୍ଗୀର ଜିଲ୍ଲାରେ ଫେଲ ମାରିଛି ଯଶୋଦା ଯୋଜନା

ବଲାଙ୍ଗୀର, ୧।୨ (ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲାରେ ଅନାଥ ଶିଶୁଙ୍କ ପାଇଁ କାମ କରୁଥିବା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟରେ ଅନାଥ ଶିଶୁଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ଗୁଡ଼ିକ ଫେଲ୍ ମାରିଥିବା ଜଣାପଡ଼ିଛି। ଏଠାରେ ସୂଚନା ଯୋଗ୍ୟ ଯେ, ଘରର ମୁଖ୍ୟ ଆୟ ସ୍ରୋତକାରୀଙ୍କ ଯେ କୌଣସି କାରଣରୁ ମୃତ୍ୟୁ ହୋଇଥିଲେ ମାଟ୍ରିକ୍‌ରୁ ଅଧିକ ପାଠ ଯଥା ବୈଷୟିକ ଶିକ୍ଷା, ଉଚ୍ଚ ଶିକ୍ଷ୍ୟା, ବୃତ୍ତିଗତ ଶିକ୍ଷାରେ ପିତୃ ଓ ମାତୃହିନ ଶିଶୁମାନଙ୍କୁ ୯୦୦୦ ରୁ ୫୨୦୦୦ ପର୍ଯ୍ୟନ୍ତ ପାଠ୍ୟକ୍ରମ ଅନୁସାରେ ପ୍ରଦାନ କରାଯାଇଥାଏ। ରାଜ୍ୟ ସରକାର ଏହି ଯୋଜନାକୁ ଲୋକାଭିମୁଖୀ କରିବା ପାଇଁ ଯଶୋଦା ଯୋଜନା ନାମରେ ନାମିତ କରି ପ୍ରୋତ୍ସାହନ ରାଶି ପ୍ରଦାନ କରିବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବଲାଙ୍ଗୀର ଜିଲ୍ଲାରେ ଆବେଦନ କରିଥିବା ପିତୃ ଓ ମାତୃ ହିନ ଶିଶୁମାନେ ବର୍ଷେରୁ ଅଧିକ ସମୟ ହେବ ଆବେଦନ କରିଥିଲେ ମଧ ଏ ପର୍ଯ୍ୟନ୍ତ ଏ ପଇସା ପାଇପାରୁନାହାନ୍ତି। ସୂଚନା ଅନୁସାରେ ମିଳନ ପାଠାନ ନାମକ ଛାତ୍ର ଜାନୁଆରୀ ମାସରେ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି, ଆହୁରି ମଧ ସୁଭ୍ରଶିକ୍ଷା ପଣ୍ଡା ମଧ ଜିଲ୍ଲାପାଳଙ୍କୁ ମଧ ଅଭିଯୋଗ କରିଛନ୍ତି। ପୁଣି ଜିତେନ୍ଦ୍ର କୁମାର ବିଶିଙ୍କୁ ପାଠ ପଢ଼ାଉଥିବା ପୂର୍ଣ୍ଣେନ୍ଦୁ ବିଶ୍ୱାଳ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ କାର୍ଯ୍ୟାଳୟ ଓ ଅତିରିକ୍ତ ଜିଲ୍ଲା ପାଳ୍ କୁ ମଧ ବାରମ୍ବାର ସାକ୍ଷାତ କରିଥିଲେ ବି ଫଳ ମିଳୁନି। କିଛି ସହାୟତା ରାଶି ମିଳି ପାରୁନାହିଁ। ସୂଚନା ଅଧିକାର କର୍ମୀ ନୀଳମଣି ଯୋଶୀ କହିଛନ୍ତି ଗୋଟିଏ ସପ୍ତାହରେ ଏ ଟଙ୍କା ନ ମିଳିଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନ୍ଦୋଳନ କରି ଆମରଣ ଅନଶନ କରିବୁ।

● ଏନ୍‌ସିପିରେ ନାଟକବାଜୀ

## ପ୍ରଫୁଲ ପଟେଲ ହେବେ କିଙ୍ଗ ମେକର

ମୁମ୍ବାଇ, ୧।୨: ରାଜ୍ୟସଭା ସାଂସଦ ପ୍ରଫୁଲ ପଟେଲ ଏନ୍‌ସିପିର ସଭାପତି ହେବେ ବୋଲି ଯେଉଁ ଚର୍ଚ୍ଚା ହେଉଛି, ତାହାକୁ ସେ ଖଣ୍ଡନ କରିଛନ୍ତି। ରବିବାର ସୋଶାଲ ମିଡିଆରେ ଏକ ପୋଷ୍ଟ କରି ସେ କହିଛନ୍ତି ଯେ, ଏନେଇ ଯେଉଁ ଖବର ଗଣମାଧ୍ୟମରେ ଆସୁଛି, ତାହା ଭିତ୍ତିହୀନ ଓ ଏଥିରେ ଆଦୌ



ସତ୍ୟତା ନାହିଁ। ଏବେ ଏନ୍‌ସିପିର କାର୍ଯ୍ୟକାରୀ ସଭାପତି ଥିବା ପ୍ରଫୁଲ ପଟେଲ ଆହୁରି ଲେଖିଛନ୍ତି ଯେ ଏନ୍‌ସିପି ଏକ ଗଣତାନ୍ତ୍ରିକ ଅନୁଷ୍ଠାନ। ଆମର ସମସ୍ତ ବରିଷ୍ଠ ନେତା, କର୍ମକର୍ତ୍ତା ଓ ବିଧାୟକଙ୍କ ପରାମର୍ଶ ନେଇ ଏବଂ ଦଳର ସମସ୍ତ ସଦସ୍ୟଙ୍କ ଭାବନା ଓ ଇଚ୍ଛାକୁ ସମ୍ମାନ ଦେଇ ଏହି ସ୍ତରର (ଦଳର ସଭାପତି ଚୟନ) ନିଷ୍ପତ୍ତି ନିଆଯିବ। ଏକ ଜାତୀୟ ଦଳ ହୋଇଥିବାରୁ ଏଭଳି ପ୍ରସଙ୍ଗରେ ଆମକୁ ଏକ ପ୍ରକ୍ରିୟା ଦେଇ ଯିବାକୁ ହୋଇଥାଏ। ଗତ ଜାନୁଆରୀ ୨୮ ତାରିଖରେ ବାରାମତିରେ ଘଟିଥିବା ବିମାନ ଦୁର୍ଘଟଣାରେ ଏନ୍‌ସିପି ମୁଖ୍ୟ ତଥା ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ରହିଥିବା ଅଜିତ ପାୱାର (୬୬)ଙ୍କର ମୃତ୍ୟୁ ଘଟିଥିଲା। ଏହା ପରେ ଏନ୍‌ସିପିରେ ନେତୃତ୍ୱ ସଙ୍କଟ ଦେଖାଯାଇଛି। ଦଳର ଭବିଷ୍ୟତକୁ ନେଇ ଭିନ୍ନ ଭିନ୍ନ ଆକଳନ କରାଯାଉଛି। ଅଜିତ ପାୱାରଙ୍କ ମୃତ୍ୟୁର ୩ ଦିନ ପରେ ତାଙ୍କ ପତ୍ନୀ ତଥା ରାଜ୍ୟସଭା ସାଂସଦ ସୁନେତ୍ରା ପାୱାର ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଏନ୍‌ସିପି ବିଧାୟକ ଦଳର ନେତା ନିର୍ବାଚିତ ହେବା ପରେ ସେ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ତେଣୁ ଏବେ ଦଳ ଭିତରେ ଆଲୋଚନା ଚାଲିଛି ଯେ, ଦଳର ନେତୃତ୍ୱ ମଧ ସୁନେତ୍ରାଙ୍କ ହାତରେ ରହୁ। ଶରଦ ପାୱାରଙ୍କ ଦଳର ମିଶ୍ରଣ ନେଇ ଏନ୍‌ସିପିର ବରିଷ୍ଠ ନେତା ପ୍ରଫୁଲ ପଟେଲ ଓ ସୁନୀଲ ତଟକରେ ମୁହଁ ଖୋଲୁ ନାହାନ୍ତି। ତେବେ ନରହରି ଜିରୱାଲଙ୍କ ଭଳି ଦଳର କିଛି ନେତା ଦୁଇ ଦଳର ମିଶ୍ରଣ ଉପରେ ଜୋର ଦେଉଛନ୍ତି।

● ତୃତୀୟ କ୍ୱାନ-କି-ଡୋ ପ୍ରତିଯୋଗିତା ଉଦ୍‌ଯାପିତ

## ୫୦ରୁ ଉର୍ଦ୍ଧ୍ୱ କ୍ରୀଡାବିତ୍‌ଙ୍କ ଯୋଗଦାନ




କଟକ,୧।୨(ସଂଚାର ବିରୋ): କଟକ ଜିଲ୍ଲା କ୍ୱାନ-କି-ଡୋ ଆସୋସିଏସନ୍ ଆଠଗଡ ଆନୁକୂଲ୍ୟରେ ଆଠଗଡ ଏନ୍‌ଏସି କାର୍ଯ୍ୟାଳୟ ନିକଟସ୍ଥ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଆଠଗଡ ମାର୍ଶାଲ ଆର୍ଟ ଏକାଡେମୀର ସହାୟତାରେ ୩ୟ କ୍ୱାନ-କି-ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ଆଠଗଡ ଅଞ୍ଚଳର ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରର ବିଭିନ୍ନ ବର୍ଗରୁ ୫୦ଜଣରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରାରମ୍ଭରେ ଆସୋସିଏସନ୍ ର ସଭାପତି ରୁଦ୍ର ଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଅବସର ପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଏହି ପ୍ରତିଯୋଗିତାରେ ୨୫ଜଣ ପ୍ରତିଯୋଗୀଙ୍କୁ ସ୍ୱର୍ଣ୍ଣ, ୧୫ଜଣଙ୍କୁ ରୌପ୍ୟ ଓ ୧୦ଜଣଙ୍କୁ କାଂସ୍ୟ ପଦକ ପ୍ରଦାନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଆଠଗଡ ଏନ୍‌ଏସି ଅଧକ୍ଷା ସସ୍ମିତା ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠଗଡ କ୍ରୀଡା ସଂସଦର ସମ୍ପାଦକ ଶ୍ୟାମାନନ୍ଦ ମହାରଣା, କଟକଜିଲ୍ଲା କ୍ୱାନ-କି-ଡୋ ଆସୋସିଏସନର ସମ୍ପାଦକ ବଦ୍ରୀନାରାୟଣ ବାହିନୀପତି ପ୍ରମୁଖ ଯୋଗଦେଇ କୃତୀ କ୍ରୀଡାବିତଙ୍କୁ ପଦକ ବଣ୍ଟନ କରି ଉତ୍ସାହିତ କରିଥିଲେ।

## ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ତାରାତାରିଣୀ ଗସ୍ତ

ପୁରୁଷୋତ୍ତମପୁର,୧।୨(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲାର ପ୍ରସିଦ୍ଧ ଇଷ୍ଟଦେବୀ ମା' ତାରାତାରିଣୀଙ୍କ ପୀଠରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ କନ୍ୟାବିବାହ ଯୋଜନାରେ ସାମୂହିକ ବିବାହ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ। ଏନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।ଏହି ପ୍ରସ୍ତୁତିର କାର୍ଯ୍ୟକ୍ରମମାନ କିପରି ହୋଇଛି ସେଥିନେଇ ରବିବାର ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା ଆସି ତଦାରଖ କରିବା ସହ ପୂର୍ତ୍ତ ବିଭାଗୀୟ ଯନ୍ତ୍ରୀ ସୋନିଆ ପ୍ରଧାନଙ୍କ ସହ ଆଲୋଚନା କରିଥିଲେ। ଏହାସହ ଉପସ୍ଥିତ ଗଞ୍ଜାମ ଜିଲାପାଳ କିର୍ତ୍ତିଭାସନ, ଛତ୍ରପୁର ଉପଜିଲାପାଳ ଶୁଭାଶିଷ ବରାଳ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ବିଡିଓ ଶରତକୁମାର ପାତ୍ର, ଏସଡିପିଓ ସୁଜିତକୁମାର ନାୟକ ଓ ଆଇଆଇସି ରାଜେଶକୁମାର ନାୟକଙ୍କ ସହ ବିଭିନ୍ନ ସମ୍ପର୍କରେ ଆଲୋଚନା କରିଥିଲେ।

## ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଯାଜପୁରରେ ଜୋରଦାର ପ୍ରସ୍ତୁତି



ଯାଜପୁର,୧।୨(ସଂଚାର ବ୍ୟୁରୋ): ଆସନ୍ତା ୩ ତାରିଖରେ ମହାମହିମ ରାଷ୍ଟ୍ରପତିଙ୍କ ଯାଜପୁର ଗସ୍ତକୁ ନଜରରେ ରଖି ସହରରେ ସୁରକ୍ଷା ଓ ବ୍ୟବସ୍ଥାପନା ନେଇ ଚଞ୍ଚଳତା ବଢ଼ିଛି। ଏହା ପାଇଁ ଯାଜପୁର ସହର ସ୍ଥିତ କୁସୁମା ପାର୍କ ସମ୍ମୁଖ ପ୍ରଶାସନିକ ଭବନ ପଡିଆରେ ବାୟୁସେନାର ହେଲିକପ୍ଟର ଟ୍ରାୟାଲ ଲ୍ୟାଣ୍ଡିଂ ସମ୍ପର୍କିତ ଜୋରଦାର ପ୍ରସ୍ତୁତି ଚାଲିଥିବା ଦେଖିବାକୁ ମିଳିଛି।ଆଜି ଟ୍ରାୟାଲ ଲ୍ୟାଣ୍ଡିଂ ସୂଚନା ଥିବାରୁ ସକାଳୁଠାରୁ ପ୍ରଶାସନିକ କ୍ଷେତ୍ରରେ ଅସାମାନ୍ୟ ତତ୍ପରତା ଦେଖାଯାଇଥିଲା। ସ୍ଥାନୀୟ ପ୍ରଶାସନ, ପୋଲିସ ବିଭାଗ ଓ ବାୟୁସେନା କର୍ମୀମାନେ ମିଶି ପଡିଆକୁ ହେଲିପ୍ୟାଡ୍ ଭାବେ ପ୍ରସ୍ତୁତ କରିବାରେ ବ୍ୟସ୍ତ ରହିଥିଲେ। ସ୍ଥାନୀୟ ସୁରକ୍ଷା ବ୍ୟବସ୍ଥା କଠିନ କରାଯାଇଥିବା ସହିତ ପରିସରକୁ ସୁଚିତ୍ର ଓ ସୁରକ୍ଷିତ ରଖିବାକୁ ବିଶେଷ ଧ୍ୟାନ ଦିଆଯାଉଛି।ରାଷ୍ଟ୍ରପତିଙ୍କ ହେଲିକପ୍ଟର ଏହି ସ୍ଥାନରେ ଅବତରଣ କରିବାକୁ ଥିବାରୁ ବାୟୁସେନା ପକ୍ଷରୁ ପୂର୍ବ ଅଭ୍ୟାସ ଅତ୍ୟନ୍ତ ଜରୁରୀ ବୋଲି ଜଣାପଡ଼ିଛି। ଏହାକୁ ନଜରରେ ରଖି ଭୂମି ସମତଳକରଣ, ଚିହ୍ନିତ ଲ୍ୟାଣ୍ଡିଂ ଜୋନ୍ ସୃଷ୍ଟି ଓ ସୁରକ୍ଷା ଘେରା ବ୍ୟବସ୍ଥା କରାଯାଉଛି।ଏହି ଗସ୍ତକୁ ନେଇ ଯାଜପୁରରେ ଉତ୍ସାହ ଓ ଗର୍ବର ମହଲ ସୃଷ୍ଟି ହୋଇଥିବା ବେଳେ, ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ସୁଚାରୁ ଭାବେ ସମ୍ପନ୍ନ କରିବା ପାଇଁ ଯୁଦ୍ଧକାଳୀନ ତତ୍ପରତା ଜାରି ରହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିକଶିତ...

ଅନେକ ଅର୍ଥ ଋଣ ଆକାରରେ ନେଇଛନ୍ତି। ବଜେଟ୍ ପୂର୍ବରୁ ବିଶେଷଜ୍ଞମାନେ ଅନୁମାନ କରୁଥିଲେ ଯେ ସରକାର ୧୬ ଟ୍ରିଲିୟନ ଟଙ୍କାରୁ ୧୭.୫୦ ଟ୍ରିଲିୟନ ଟଙ୍କାର ଋଣ କରିବେ। ସେହିପରି ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ଦେଶରେ ଭିତ୍ତିଭୂମି ମଜବୁତ ହେବା ଜରୁରୀ। ଏଥିପାଇଁ ସରକାର ସାର୍ବଜନୀନ ପୁଞ୍ଜିଗତ ବ୍ୟୟକୁ ବଢ଼ାଇ ୧୨.୨୧ ଲକ୍ଷ କୋଟି ଟଙ୍କା କରିଛନ୍ତି, ଯାହାକି ଜିଡିପିର ୩.୧ ପ୍ରତିଶତ। ଗତ ୨୦୧୪-୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରରେ ପ୍ରଥମ ଥର ପାଇଁ ବଜେଟ୍ ଉପସ୍ଥାପନ ହୋଇଥିବା ବେଳେ ସେତେବେଳେ କ୍ୟାପେକ୍ସ ଏକ୍ସପେଣ୍ଡିଚର ୨.୨୬ ଲକ୍ଷ କୋଟି ଟଙ୍କା ଥିଲା। ଗତ ୧୧ ବର୍ଷରେ ସରକାର ଏଥିରେ ୧୦ ଲକ୍ଷ କୋଟି ଟଙ୍କାରୁ ଅଧିକ ବୃଦ୍ଧି କରିଛନ୍ତି।

ଆଜି ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି ଯେ ଭିତ୍ତିଭୂମି ବିକାଶ ଏବଂ ନିର୍ମାଣ ପର୍ଯ୍ୟାୟ ସମୟରେ ଘରୋଇ ଡେଭଲପର୍ସଙ୍କ ବିଶ୍ୱାସକୁ ସୁଦୃଢ଼ କରିବା ପାଇଁ ଇନଫ୍ରାଷ୍ଟ୍ରକଚର ରିସ୍କ ଗ୍ୟାରେଣ୍ଟି ଫଣ୍ଡ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏହା ଋଣଦାତାମାନଙ୍କୁ ଆଂଶିକ କ୍ରେଡିଟ୍ ଗ୍ୟାରେଣ୍ଟି ପ୍ରଦାନ କରିବ। ୨୦୨୬-୨୭ରେ ଋଣ ପ୍ରତି ଜିଡିପି ହାରାହାରି ଜିଡିପିର ୫୫.୬ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି, ଯାହା ପୂର୍ବ ଆର୍ଥିକ ବର୍ଷ ୨୦୨୫-୨୬ରେ ୫୬.୧ ପ୍ରତିଶତ ଥିଲା। ବଜେଟ୍ ୨୦୨୬-୨୭ରେ ଆର୍ଥିକ ନିଅଣ୍ଟ ଜିଡିପିର ୪.୩ ପ୍ରତିଶତ ଆକଳନ କରାଯାଇଛି। ଏହା ୨୦୨୫-୨୬ ଆର୍ଥିକ ବର୍ଷରେ ୪.୪ ପ୍ରତିଶତ ଥିଲା। ୨୦୨୬-୨୭ରେ ଅଣ-ଋଣପ୍ରାପ୍ତି ୩୬.୫ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି।

ଅର୍ଥ ମନ୍ତ୍ରୀ ତାଙ୍କ ବଜେଟ୍‌ରେ ସର୍ବାଧିକ ପରିବହନ କ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି। ଏହି କ୍ଷେତ୍ର ପାଇଁ ଆଗାମୀ ଆର୍ଥିକ ବର୍ଷରେ ସର୍ବାଧିକ ୫ ଲକ୍ଷ ୯୮ ହଜାର ୫୨୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି, ଯାହାକି ପୂର୍ବ ବର୍ଷ ତୁଳନାରେ ୧୫ ପ୍ରତିଶତ ଅଧିକ। ସେହିପରି ଦେଶ ପାଇଁ ସବୁବେଳେ ପ୍ରତିରକ୍ଷା କ୍ଷେତ୍ରର ଗୁରୁତ୍ୱ ରହିଥିବା ବେଳେ ପ୍ରଧାନମନ୍ତ୍ରୀ ମଧ କ୍ଷମତାକୁ ଆସିବା ପରଠାରୁ ଏ କ୍ଷେତ୍ର ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ତେଣୁ ଅର୍ଥମନ୍ତ୍ରୀ ଏହି କ୍ଷେତ୍ର ସକାଶେ ଦ୍ୱିତୀୟ ସର୍ବାଧିକ ଅର୍ଥାତ୍ ୫ ଲକ୍ଷ ୯୪ ହଜାର ୫୮୫ କୋଟି ଟଙ୍କାର ପ୍ରାବଧାନ କରିଛନ୍ତି।

ଅର୍ଥ ମନ୍ତ୍ରୀ ୧୦ ହଜାର କୋଟି ଟଙ୍କାର ବ୍ୟୟବରାଦ ସହ 'ବାୟୋଫାର୍ମା ଶକ୍ତି' ଓ ୪୦ ହଜାର କୋଟି ଟଙ୍କାର 'ଇଣ୍ଡିଆ ସେମିକଣ୍ଡକ୍ଟର ୨.୦' ମିଶନର ଶୁଭାରମ୍ଭ ହେବ ବୋଲି କହିଛନ୍ତି। ଆହୁରି ଏମଏସଏମଇ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ୧୦,୦୦୦ କୋଟି ଟଙ୍କାର ଗ୍ରୋଥ୍ ଫଣ୍ଡ୍ ଗଠନ କରାଯିବ। ଯୁବପିଢ଼ିକୁ ନିଯୁକ୍ତିକ୍ଷମ କରିବା ପାଇଁ 'ଇଟୁଇ' ମାନକ କମିଟି ଗଠନ ହେବା ସହ ଦେଶର ୧୫ ହଜାର ମାଧ୍ୟମିକ ବିଦ୍ୟାଳୟ ଓ ୫ ଶହ କଲେଜରେ 'ଏଭିଜିସି' ଲ୍ୟାବ୍ ପ୍ରତିଷ୍ଠା ହେବା ନେଇ ଘୋଷଣା କରାଯାଇଛି। ତା'ଛଡ଼ା ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏଁ ଛାତ୍ରୀନିବାସ ନିର୍ମାଣ, ଷ୍ଟେମ ଶିକ୍ଷା ବ୍ୟବସ୍ଥା କରାଯିବ।

ସେହିପରି ବିଭିନ୍ନ ସାମଗ୍ରୀ ଉପରୁ ଉତ୍ପାଦ ଶୁଳ୍କକୁ ୨୦ରୁ ୧୦ ପ୍ରତିଶତକୁ ହ୍ରାସ କରାଯିବା ଫଳରେ ସେସବୁ ଶସ୍ତା ହୋଇଛି। ଏଥିରେ ୭ଟି ଅତ୍ୟାବଶ୍ୟକ ଔଷଧ, ୧୭ଟି ଜୀବନ ରକ୍ଷାକାରୀ ଔଷଧ, ସ୍ମାର୍ଟଫୋନ୍, ବୈଦ୍ୟୁତିକ ସାମଗ୍ରୀ, ଇଭି ବ୍ୟାଟେରୀ, କଫି, ବିଦେଶ ଭ୍ରମଣ ଓ ବିଦେଶରେ ଶିକ୍ଷା ଆଦି ଶସ୍ତା ହେବ। ସେହିପରି ବିଦେଶୀ ପ୍ରିମିୟମ୍ କାର୍, କସ୍‌ମେଟିକ୍ସ, ସୁନା ଓ ରୁପା, ବିଦେଶୀ ଘଣ୍ଟା, ସିଗାରେଟ୍, ମଦ, ପାନମସଲା ଓ ତମାଖୁ ଜାତୀୟ ପଦାର୍ଥ ଆଦି ମହଙ୍ଗା ହୋଇଛି। ତେବେ ଚଳିତ ବଜେଟ୍‌ରେ ଆୟ କର ସ୍ଲାବ୍‌ରେ କୌଣସି ପ୍ରକାର ପରିବର୍ତ୍ତନ କରାଯାଇନାହିଁ। କିନ୍ତୁ ଭାରତ ବିସ୍ତାର ଯୋଜନାରେ ଚାଷକାର୍ଯ୍ୟରେ ବି କୃତ୍ରିମ ବୁଦ୍ଧିମତା (ଏଆଇ)ର ଉପଯୋଗ ହେବ ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି। ଏହାଛଡ଼ା ଗଭର୍ଣ୍ଣାନ୍ସରେ ମଧ ଏଆଇର ଉପଯୋଗ କରାଯିବା ସହ ଚାକିରି ଓ ନୂଆ ଉତ୍ସ ଖୋଜିବା ଦିଗରେ ଏହା ସହାୟତା କରିବ। ଦେଶର ଖଣିଜ ସମ୍ପଦର ସଦୁପଯୋଗ ଏବଂ ଆମଦାନୀ ଉପରେ ନିର୍ଭରଶୀଳତା କମାଇବା ପାଇଁ ଓଡ଼ିଶା, କେରଳ, ଆନ୍ଧ୍ର ପ୍ରଦେଶ ଏବଂ ତାମିଲନାଡୁରେ ସ୍ୱତନ୍ତ୍ର 'ରେୟାର ଆର୍ଥ କରିଡର' ପ୍ରତିଷ୍ଠା କରାଯିବ। ଗତ ବର୍ଷ ନଭେମ୍ବରରେ ଆରମ୍ଭ ହୋଇଥିବା 'ରେୟାର ଆର୍ଥ ପରମାନେଣ୍ଟ ମ୍ୟାଗ୍ନେଟ୍' ଯୋଜନାକୁ ଏହି ନୂତନ ପଦକ୍ଷେପ ଆହୁରି ସୁଦୃଢ଼ କରିବ ବୋଲି ଅର୍ଥ ମନ୍ତ୍ରୀ ଆଶା କରିଛନ୍ତି। ଏହାଛଡ଼ା ଏଣିକି ଆୟ ଲୁଚାଇଲେ ଦଣ୍ଡ ମିଳବ ନାହିଁ, ବରଂ ୩୦ ପ୍ରତିଶତ ଅତିରିକ୍ତ ଟିକସ ଆଦାୟ ବ୍ୟବସ୍ଥା ହୋଇଛି।

ଶ୍ରୀମତୀ ସୀତାରମଣ କହିଛନ୍ତି ଯେ ୨୦୨୬-୨୭ ବଜେଟ୍ ଦେଶରେ ଜାରି ରହିଥିବା ଅର୍ଥନୈତିକ ଅଭିବୃଦ୍ଧିକୁ କାଏମ ରଖିବା ସକାଶେ ମୁଖ୍ୟତଃ ତିନିଟି କର୍ତ୍ତବ୍ୟ ଉପରେ ପର୍ଯ୍ୟବସିତ ହୋଇଛି। ଏହି ତିନିଟି କର୍ତ୍ତବ୍ୟ ହେଲା, ପ୍ରତିଦ୍ୱନ୍ଦ୍ୱିତାର ସୀମା ବଢ଼ାଇବା, ଆଶା ପୂରଣ କରିବା ଓ ପ୍ରତି ପରିବାରକୁ ଏଥିରେ ଭାଗ ନେବାର ସୁଯୋଗ ଦେବା।

## ଓଡ଼ିଶା...

ଏଥିସହ ଏକ ଜାହାଜ ମରାମତି ଇକୋସିଷ୍ଟମ ବାରଣାସୀ ଏବଂ ପାଟନାରେ ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ଭାରତ ଆସନ୍ତା ୨୦୪୭ ସୁଦ୍ଧା ଜଳପଥରେ ୬ରୁ ୧୨ ପ୍ରତିଶତ ସାମଗ୍ରୀ ପରିବହନ କରିପାରିବ ବୋଲି ଲକ୍ଷ୍ୟ ରଖାଯାଇଛି। ଏହାଛଡ଼ା ବନ୍ୟପ୍ରାଣୀ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ପାଇଁ ସ୍ୱତନ୍ତ୍ର ଭ୍ରମଣ ପଥ ବା ଟ୍ରେଲ ନିର୍ମାଣ କରାଯିବ। ଏଥିରେ ଓଡ଼ିଶା ସହ କର୍ଣ୍ଣାଟକ ଓ କେରଳର ସମୁଦ୍ର କୂଳରେ ଥିବା କଇଁଛମାନଙ୍କ ଅଣ୍ଡାଦାନ ସ୍ଥଳକୁ ନେଇ ଟର୍ଟଲ ଟ୍ରେଲ୍ସ ଓ ପୁଲିକାଟ ହ୍ରଦ ନିକଟରେ ପକ୍ଷୀ ନିରୀକ୍ଷଣ ପାଇଁ ସ୍ୱତନ୍ତ୍ର ପଥ ପ୍ରସ୍ତୁତ କରାଯିବ ବୋଲି ଅର୍ଥ ମନ୍ତ୍ରୀ ଘୋଷଣା କରିଛନ୍ତି।

## ରେଳ...

ହାଇସ୍ପିଡ ଡାଇମଣ୍ଡ ଦ୍ୱାରା ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ଅଭିବୃଦ୍ଧି ହେବ। ଏହା ଦେଶ ତଥା ସେଠାରେ ରହୁଥିବା ଲୋକଙ୍କ ପାଇଁ ଲାଭଦାୟକ ହେବ।

ସେ କହିଛନ୍ତି, ମୋଟ ବଜେଟରୁ ୧ ଲକ୍ଷ କୋଟିରୁ ଅଧିକ ଟଙ୍କା ରେଳବାଇ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ଖର୍ଚ୍ଚ ହେବ। ଦୁର୍ଘଟଣା ସଂଖ୍ୟା ୯୫ ପ୍ରତିଶତ ହ୍ରାସ ପାଇଛି। ଏବେ ରକ୍ଷାଣବେକ୍ଷଣ ଉପରେ ଅଧିକ ଫୋକସ କରାଯାଉଛି। ଟ୍ରାକର ରକ୍ଷାଣବେକ୍ଷଣ, ଲୋକ ମେଣ୍ଟେନାନ୍ସ, ୱାଗନ, କୋଚ ମେଣ୍ଟେନାନ୍ସ, କବଚ କାମକୁ ତ୍ୱରାନ୍ୱିତ କରିବା, ସିସିଟିଭି ଲଗାଇବା, ଓଭରହେଡ ଇଲେକ୍ଟ୍ରିକାଲ ବ୍ୟବସ୍ଥାକୁ ଅପଗ୍ରେଡ କରିବା ଓ ନୂଆ ଷ୍ଟେସନ ପାଇଁ ଖର୍ଚ୍ଚ କରାଯିବ।

କେନ୍ଦ୍ର ସରକାର ୭ଟି ହାଇସ୍ପିଡ ରେଳ କରିଡର ତିଆରି କରିବେ। ମୁମ୍ବାଇ-ପୁଣେ, ପୁଣେ-ହାଇଦ୍ରାବାଦ, ହାଇଦ୍ରାବାଦ-ବେଙ୍ଗାଲୁରୁ, ହାଇଦ୍ରାବାଦ-ଚେନ୍ନାଇ, ଚେନ୍ନାଇ-ବେଙ୍ଗାଲୁରୁ, ଦିଲ୍ଲୀ-ବାରାଣସୀ ଓ ବାରାଣସି-ସିଲିଗୁଡ଼ି ଭଳି ୭ଟି ହାଇସ୍ପିଡ ରେଳ କରିଡର ତିଆରି କରାଯିବ ବୋଲି ଘୋଷଣା କରିଛନ୍ତି। ଏଥିପାଇଁ ବଜେଟରେ ବ୍ୟବସ୍ଥା କରାଯାଇଛି।

## ଶେୟାର୍...

ଦେଖାଯାଇଛି। ବଜେଟ୍ ଉପସ୍ଥାପନ ଆରମ୍ଭ ହେବାର ପ୍ରଥମ ଘଣ୍ଟାଏ ମଧ୍ୟରେ ମାର୍କେଟ୍‌ରେ ପ୍ରାୟ ଷ୍ଟକ୍ ଓ ଇଣ୍ଡେକ୍ସରେ ଲାଲ୍ ରଙ୍ଗ ଦେଖିବାକୁ ମିଳିଥିଲା। ବିଶେଷକରି ଏଣିକି ଫ୍ୟୁଚର୍ସ ଏଣ୍ଡ୍ ଅପ୍ସନ୍ସରେ ଟ୍ରେଡିଂ କରୁଥିବା ଟ୍ରେଡର୍‌ମାନଙ୍କୁ ପୂର୍ବାପେକ୍ଷା ଅଧିକ ଏସ୍‌ଟିଟି ଦେବାକୁ ପଡ଼ିବ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରୀ ଘୋଷଣା କରିବା ପରେ ବଡ଼ ବଡ଼ ନିବେଶକମାନେ ମାର୍କେଟ୍‌ରୁ ସେମାନଙ୍କ ପୁଞ୍ଜି ପ୍ରତ୍ୟାହାର କରିବା ଫଳରେ ଏହା କ୍ରାସ୍ ହୋଇଥିଲା।

## ଜନହିତକର...

ପାଇଁ 'ରିଫର୍ମ ଏକ୍ସପ୍ରେସ୍'କୁ ତ୍ୱରାନ୍ୱିତ କରିବ ବୋଲି ଶ୍ରୀ ପ୍ରଧାନ ଆଶା ପ୍ରକାଶ କରିଛନ୍ତି। ଏଥିସହ ଶିକ୍ଷା କ୍ଷେତ୍ର ପାଇଁ ବଜେଟ୍‌ରେ ପୂର୍ବ ବର୍ଷ ତୁଳନାରେ ୮ ପ୍ରତିଶତ ବୃଦ୍ଧି ହୋଇଥବା ଏ କ୍ଷେତ୍ରରେ ୧ ଲକ୍ଷ ୩୯ ହଜାର ୨୮୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଦେଶରେ ୭ଟି ହାଇ-ସ୍ପିଡ୍ ରେଳ କରିଡର ସହ ପର୍ଯ୍ୟଟନର ବିକାଶ ପାଇଁ 'ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହସ୍ପିଟାଲିଟି' ଗଠନ କରାଯିବ। ସ୍ୱାସ୍ଥ୍ୟ କ୍ଷେତ୍ରରେ ୩ଟି ନୂତନ ଅଖିଳ ଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନ (ଏଆଇଆଇଏ) ସ୍ଥାପନ ହେବ। ଏହି ବଜେଟ୍ ସାମଗ୍ରିକ ଭାବେ ଏକ ସମୃଦ୍ଧ ଓ ସଶକ୍ତ ଭାରତ ଗଠନରେ ସହାୟକ ହେବ। ଏହି ବଜେଟରୁ ଓଡ଼ିଶା ଭଳି ରାଜ୍ୟ ବିଶେଷ ଭାବେ ଲାଭବାନ ହେବ ବୋଲି ଶ୍ରୀ ପ୍ରଧାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏଥିସହ ବଜେଟ୍‌ରେ ଓଡ଼ିଶାର ବିକାଶକୁ ପ୍ରାଥମିକତା ଦିଆଯାଇଥିବା ବେଳେ ଓଡ଼ିଶାକୁ ପୂର୍ବ-ଭାରତର ଆର୍ଥିକ ପ୍ରଗତିର ପେଣ୍ଠସ୍ଥଳୀ ଭାବେ ଗଢ଼ିତୋଳିବା ପାଇଁ ଏକ ଶକ୍ତିଶାଳୀ ବ୍ଲୁପ୍ରିଣ୍ଟ ପ୍ରଦାନ କରାଯାଇଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ବ୍ରାହ୍ମଣୀ ଓ ମହାନଦୀ ଦେଇ ତାଳଚେର-ଅନୁଗୋଳଠାରୁ ପାରାଦୀପ-ଧାମରା ପର୍ଯ୍ୟନ୍ତ ୫ ନମ୍ବର ଜାତୀୟ ଜଳପଥର ବିକାଶ ଏବଂ ରାଜ୍ୟରେ ନୂତନ 'ରେୟାର ଆର୍ଥ କରିଡର'ର ପ୍ରତିଷ୍ଠା ଓଡ଼ିଶାର ଶିଳ୍ପ ଓ ଖଣିଜ ଭିତ୍ତିଭୂମିକୁ ଏକ ନୂତନ ସ୍ତରକୁ ନେବ। ଓଡ଼ିଶାର ସାଧାରଣ ଜନତା, ଚାଷୀ, ମହିଳା, ଯୁବ, ଜନଜାତି ସମେତ ସବୁବର୍ଗଙ୍କୁ ଗୁରୁତ୍ୱ ଦେଉଥିବା ଏକ ଜନହିତକର ବଜେଟ୍ ଉପସ୍ଥାପିତ ହୋଇଛି। ଏସ୍‌ଏଚ୍‌ଜି ଓ ମତ୍ସ୍ୟଜୀବୀ ସଂଗଠନଗୁଡ଼ିକୁ ଷ୍ଟାର୍ଟଅପ୍ ମାଧ୍ୟମରେ ବଜାର ସହ ଯୋଡିବା ସହ ଉପକୂଳବର୍ତ୍ତୀ ଅଞ୍ଚଳରେ ମତ୍ସ୍ୟ ଚାଷକୁ ସୁଦୃଢ଼ କରାଯିବାର ବ୍ୟବସ୍ଥା ହୋଇଥିବା ବେଳେ ଓଡ଼ିଶାର ସମୁଦ୍ର କୂଳରେ ଗହିରମଥା ପରି ସ୍ଥାନଗୁଡ଼ିକରେ 'ଟର୍ଟଲ ଟ୍ରେଲ୍ସ' ଭଳି ପ୍ରକଳ୍ପ ରାଜ୍ୟ ପର୍ଯ୍ୟଟନ ଶିଳ୍ପକୁ ଏକ ନୂତନ ପରିଚୟ ଦେବ ବୋଲି ଶ୍ରୀ ପ୍ରଧାନ ମତ ଦେଇଛନ୍ତି।

## ଯୁବ...

ପାଣ୍ଠି ବାବଦରେ ୫୦୦ କୋଟି ଟଙ୍କା ରଖାଯାଇଛି। ଚଳିତ ବଜେଟ୍‌ରେ ଥିବା ପ୍ରାବଧାନଗୁଡ଼ିକ ସମୃଦ୍ଧ ଓଡ଼ିଶା-ବିକଶିତ ଭାରତର ଲକ୍ଷ୍ୟକୁ ହାସଲ କରିବାରେ ସହାୟକ ହେବ ବୋଲି ଶ୍ରୀ ମାଝୀ କହିବା ସହ ସବୁ ଦୃଷ୍ଟିକୋଣରୁ ଏହା ଏକ ଐତିହାସିକ ବଜେଟ୍ ବୋଲି କହିଛନ୍ତି।

## ବିକଶିତ...

ଆକାଶ ପ୍ରଦାନ କରିବ। ଏହି ବଜେଟ ବିଶ୍ୱାସ ଆଧାରିତ ଶାସନ ଓ ମାନବକୈନ୍ଦ୍ରିକ ଆର୍ଥିକ ଢାଞ୍ଚାକୁ ସାକାର କରିଛି। ଏହା ଏକ ଅନନ୍ୟ ବଜେଟ୍, ଯାହା ବିତ୍ତୀୟ ନିଅଣ୍ଟ ହ୍ରାସ କରିବା ସହ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଉପରେ ଧ୍ୟାନକେନ୍ଦ୍ରିତ କରିବ ଏବଂ ଉଚ୍ଚ ପୁଞ୍ଜି ବ୍ୟୟ ଓ ଉଚ୍ଚ ଅଭିବୃଦ୍ଧିକୁ ସୁନିଶ୍ଚିତ କରିଛି। ନିକଟରେ ସ୍ୱାକ୍ଷରିତ ହୋଇଥିବା ପ୍ରମୁଖ ବାଣିଜ୍ୟ ଚୁକ୍ତିଗୁଡ଼ିକ ଦେଶର ଯୁବପିଢ଼ି ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ପାଇଁ ସର୍ବାଧିକ ଲାଭ ସୁନିଶ୍ଚିତ କରିବ। 'ମେକ୍ ଇନ୍ ଇଣ୍ଡିଆ' ଓ 'ଆତ୍ମନିର୍ଭର ଭାରତ' ଅଭିଯାନକୁ ତ୍ୱରାନ୍ୱିତ କରିବା ଲାଗି ବଜେଟରେ ଏକ ମହତ୍ୱାକାଂକ୍ଷୀ ରୋଡମ୍ୟାପ୍ ଉପସ୍ଥାପିତ ହୋଇଛି। 'ବାୟୋଫାର୍ମା ଶକ୍ତି ମିଶନ', 'ସେମିକଣ୍ଡକ୍ଟର ମିଶନ ୨.୦', 'ଇଲେକ୍ଟ୍ରୋନିକ୍ କମ୍ପୋନେଣ୍ଟସ୍ ମାନୁଫାକ୍ଚରିଂ ସ୍କିମ୍', 'ରେୟାର ଆର୍ଥ କରିଡର' ନିର୍ମାଣ, ଗୁରୁତ୍ୱପୂର୍ଣ୍ଣ ଖଣିଜ କ୍ଷେତ୍ରକୁ ସୁଦୃଢ଼ କରିବା ସହ ବୟନ ଶିଳ୍ପ କ୍ଷେତ୍ରରେ ନୂତନ ଯୋଜନା, ଉଚ୍ଚ-ବୈଷୟିକ ଉପକରଣ ଉତ୍ପାଦନକୁ ପ୍ରୋତ୍ସାହିତ କରିବ ବୋଲି ଶ୍ରୀ ମୋଦି କହିଛନ୍ତି।

ପ୍ରଧାନମନ୍ତ୍ରୀ କୃଷି, ଦୁଗ୍ଧ ଓ ମତ୍ସ୍ୟଚାଷକୁ ସରକାର ସର୍ବଦା ସର୍ବୋଚ୍ଚ ପ୍ରାଥମିକତା ଦେଇ କହିଛନ୍ତି ଯେ ଚଳିତ ବର୍ଷର ବଜେଟରେ ନଡ଼ିଆ, କାଜୁ, କୋକା ଏବଂ ଚନ୍ଦନ କାଠ ଉତ୍ପାଦନରେ ନିୟୋଜିତ କୃଷକମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଏହାଛଡ଼ା ଭାରତ ବିସ୍ତାର ଏଆଇ ଉପକରଣ କୃଷକମାନଙ୍କୁ ସେମାନଙ୍କ ନିଜ ଭାଷାରେ ସୂଚନା ପ୍ରଦାନ କରିବାରେ ବହୁତ ସାହାଯ୍ୟ କରିବ। ସେ ଆହୁରି କହିଥିଲେ ଯେ ମତ୍ସ୍ୟଚାଷ ଏବଂ ପଶୁପାଳନ କ୍ଷେତ୍ରରେ ଉଦ୍ୟମିତାକୁ ପ୍ରୋତ୍ସାହନ ଦେବା ଦ୍ୱାରା ଗ୍ରାମାଞ୍ଚଳରେ ଅଧିକ ନିଯୁକ୍ତି ଏବଂ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି ହେବ। ପ୍ରଧାନମନ୍ତ୍ରୀ ଶେଷରେ କହିଥିଲେ ଯେ ଏହି ବଜେଟ୍ ମହତ୍ୱାକାଂକ୍ଷୀ ଏବଂ ଦେଶର ଆକାଂକ୍ଷାକୁ ପୂରଣ କରୁଛି ବୋଲି କହିବା ସହ ପ୍ରଧାନମନ୍ତ୍ରୀ ଶ୍ରୀମତୀ ସୀତାରମଣ ଓ ତାଙ୍କ ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି।

## ଭାଇ- ଭଉଣୀଙ୍କ ସଲିଳ ସମାଧି

ଯାଜପୁର,୧।୨(ସଂଚାର ବ୍ୟୁରୋ): ଡକାଡକି ହୋଇ ଚାଲିଗଲେ ଭାଇ-ଭଉଣୀ। ଭାଇକୁ ବଞ୍ଚାଇବାକୁ ଯାଇ ବୁଡ଼ିଗଲେ ଭଉଣୀ। ପୋଖରୀରେ ବୁଡ଼ି ଉଭୟ ଭାଇ-ଭଉଣୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଯାଜପୁର ଜିଲ୍ଲା ସଦର ଥାନା ଅନ୍ତର୍ଗତ ଭୁବନେଶ୍ୱରପୁର ପଞ୍ଚାୟତ ସମସରପୁର ଗାଁରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଯାଜପୁର ଜିଲ୍ଲା ସଦର ଥାନା ଅନ୍ତର୍ଗତ ଭୁବନେଶ୍ୱରପୁର ପଞ୍ଚାୟତ ସମସରପୁର ଗାଁର ଉଭୟ ଭାଇ-ଭଉଣୀ ପୋଖରୀ ନିକଟକୁ ଯାଇଥିଲେ। ଅସାବଧାନତା ବଶତଃ ଆଗେ ପୋଖରୀରେ ବୁଡ଼ି ଯାଇଥିଲେ ଭାଇ। ତେବେ ଭାଇକୁ ବଞ୍ଚାଇବାକୁ ଯାଇ ଭଉଣୀ ମଧ ପୋଖରୀ ଭିତରୁ ପଳାଇଯାଇଥିଲେ। ଫଳରେ ଉଭୟ ଭାଇ-ଭଉଣୀ ପୋଖରୀରେ ବୁଡ଼ି ଯାଇଥିଲେ। ଉଭୟ ଭାଇ-ଭଉଣୀ ନାବାଳିକା ଓ ନାବାଳକ ବୋଲି ଜଣାପଡିଛି। ଉଭୟଙ୍କୁ ଉଦ୍ଧାର କରି ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି। ଉଭୟଙ୍କ ପରିଚୟ ମିଳିପାରିନଥିବା ବେଳେ ଭଉଣୀର ବୟସ ୧୩ ବର୍ଷ ଏବଂ ଭାଇର ବୟସ ୧୦ ବର୍ଷ ହେବ ବୋଲି କୁହାଯାଉଛି।

# ଡ୍ରେନେଜ କଟ୍ ପୁନରୁଦ୍ଧାର ନାମରେ ମହାଦୁର୍ନୀତି ଅଭିଯୋଗ

## ଚାଷୀଙ୍କ ସମସ୍ୟା ତ୍ରିଗୁଣିତ ହେବା ନେଇ ସାଧାରଣରେ ଚର୍ଚ୍ଚା



**ଡେରାବିଶ,୧।୨ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅଞ୍ଚଳରେ ଡ୍ରେନେଜ ଗୁଡ଼ିକରୁ ଜଳ ନିଷ୍କାସନ ସମସ୍ୟା ଲାଗି ରହିଥିବାରୁ ଚାଷୀଙ୍କ ଦୁଃଖ ବଢ଼ିବାରେ ଲାଗିଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଡେରାବିଶ ବ୍ଲକ ଅଧୀନ ୧୬, ୧୯ ଓ ୨୦ ନମ୍ବର ଡ୍ରେନେଜ କଟ୍‌ର ପୁନରୁଦ୍ଧାର ପାଇଁ କେନ୍ଦ୍ରାପଡ଼ା ଡ୍ରେନେଜ ବିଭାଗ ପକ୍ଷରୁ ଠିକା ସଂସ୍ଥାଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ପ୍ରତ୍ୟେକ ଡ୍ରେନେଜ କଟରେ ପୁନରୁଦ୍ଧାର ପାଇଁ ପ୍ରାୟ ୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ସମ୍ପୃକ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଗଜେନ୍ଦ୍ର ସେଠୀ କହିଛନ୍ତି। ବର୍ତ୍ତମାନ ଏହି ଡ୍ରେନେଜ କଟର କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ତାହା ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଡ୍ରେନେଜ ଖୋଳା ବଦଳରେ ଠିକାଦାର ଡ୍ରେନେଜ ବନ୍ଧରୁ ମାଟି ତାଡି ସେହି ବନ୍ଧରେ ପକାଇ ଦେଇଥିବା ଅଭିଯୋଗ ହୋଇଛି। ଫଳରେ ଅଧିକ ବର୍ଷାଜଳ ଚାଷଜମିରେ ପୂର୍ବଭଳି ଜମି ରହିବା ସହ ନିଷ୍କାସନ ହୋଇପାରିବ ନାହିଁ ବୋଲି ଅଞ୍ଚଳର ଚାଷୀ ଗୋପୀନାଥ ପଲେଇ କହିଛନ୍ତି। ଡ୍ରେନେଜ ବନ୍ଧ ଉପରେ ଥିବା ବହୁସଂଖ୍ୟାରେ ତାଳ ଗଛଗୁଡ଼ିକୁ ବନ ବିଭାଗର ବିନା ଅନୁମତିରେ ଜେସିବି ଲଗାଇ ଠିକା ସଂସ୍ଥା ଉପାଡି ଦେଇ ସେହି ଡ୍ରେନେଜ ବନ୍ଧରେ ପକାଇ ତା' ଉପରେ ମାଟି ପକାଇଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। କୋଟି କୋଟି ଟଙ୍କାରେ ନିର୍ମିତ ହୋଇଥିବା ଏହି ଡ୍ରେନେଜ କାର୍ଯ୍ୟ ଚାଷୀଙ୍କ ଦୁଃଖକୁ ଆହୁରି ତିନି ଗୁଣା ବଢ଼ାଇବ ବୋଲି ଚାଷୀ ଗୌରାଙ୍ଗ ମହାରଣା କହିଛନ୍ତି। ଗୌରାଙ୍ଗଙ୍କ କହିବା ଅନୁଯାୟୀ, କେନ୍ଦ୍ରାପଡ଼ା ଡ୍ରେନେଜ କଟ୍ ବିଭାଗ କର୍ତ୍ତୃପକ୍ଷ ଓ ଠିକାଦାରଙ୍କ ମିଶି ଏହି ଡ୍ରେନେଜ କଟ୍ ପୁନରୁଦ୍ଧାର ନାମରେ କୋଟି କୋଟି ଟଙ୍କା ହଡପ କରିବା ପାଇଁ ମସୁଧା କରାଯାଇଛି। ଏହି କାର୍ଯ୍ୟର ନିରପେକ୍ଷ ତଦନ୍ତ କରିବା ପାଇଁ ବିଭିନ୍ନ ଚାଷୀ ମହଲରେ ଦାବି କରାଯାଇଛି।

ଏ ସମ୍ପର୍କରେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଗଜେନ୍ଦ୍ର ସେଠୀଙ୍କୁ ପଚାରିବାରୁ ପୁଅ ବାହାଘର ଥିବାରୁ ସେ ବ୍ୟସ୍ତରେ ରହୁଛନ୍ତି । କାର୍ଯ୍ୟସ୍ଥଳକୁ କୌଣସି ଅଧିକାରୀ କାହିଁ ଯାଉନାହାନ୍ତି ବୋଲି ପଚାରିବାରୁ ସେଠୀ କହିଲେ ମାଟି କାମ ସମୟରେ ଅଧିକାରୀଙ୍କ ଉପସ୍ଥିତି ଆବଶ୍ୟକ ନାହିଁ ବିଭାଗ ପକ୍ଷରୁ ଠିକାଦାରଙ୍କୁ ଦିଆଯାଇଥିବା ଡିଜାଇନ ଅନୁଯାୟୀ କାର୍ଯ୍ୟ କରିବା ନେଇ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟ ଚାଲିଥିବା ପ୍ରତ୍ୟେକ ଡ୍ରେନେଜ ନିକଟରେ ସୂଚନା ଫଳକ ମରାଯାଇ ନ ଥିବା ସମ୍ପର୍କରେ ପ୍ରଶ୍ନ କରାଯିବାରୁ ଯନ୍ତ୍ରୀ ସେଠୀ ଅତି ହାଲୁକା ଭାବେ ନେଇ ଠିକାଦାର ସୂଚନା ଫଳକ ମାରିଦେବେ ବୋଲି କହିଥିଲେ।

## ଅସ୍ତରଙ୍ଗ ଗଙ୍ଗାଦେବୀ ସମୁଦ୍ର ନିକଟରୁ ୧୦ ଫୁଟର କୁମ୍ଭୀର ଉଦ୍ଧାର



**କାକଟପୁର/ଅସ୍ତରଙ୍ଗ,୧।୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ସମୁଦ୍ର କୂଳରେ ଦୀର୍ଘ ଦିନ ହେଲା କୁମ୍ଭୀର ଆତଙ୍କ ଦେଖା ଦେଇଥିବାରୁ ସ୍ଥାନୀୟ ଅଂଚଳବାସୀ ଭୟଭୀତ ଥିଲେ। ଶନିବାର ମଧ୍ୟାହ୍ନ ସମୟରେ ଅସ୍ତରଙ୍ଗ ନିକଟସ୍ଥ ଅଣଣଣ ସମୁଦ୍ର କୂଳରେ ଏକ କୁମ୍ଭୀର ଖରା ଖାଉଥିବା ବେଳେ ସ୍ଥାନୀୟ ଅଞ୍ଚଳର ମତ୍ସ୍ୟଜୀବୀ ଦେଖିଥିଲେ। କୁମ୍ଭୀର ଦେଖିବାକୁ ଲୋକଙ୍କ ଭିଡ଼ ହେବାରୁ କୁମ୍ଭୀରଟି ସମୁଦ୍ର ମଧ୍ୟକୁ ପ୍ରବେଶ କରିଥିଲା। ଅସ୍ତରଙ୍ଗ ବନ ବିଭାଗ ଉକ୍ତ କୁମ୍ଭୀରକୁ ଧରିବାକୁ ଚେଷ୍ଟା ଜାରି ରଖିଥିବା ବେଳେ ରାଜନଗର ବନବିଭାଗ ତରଫରୁ କୁମ୍ଭୀର ଧରିବାକୁ ସ୍ୱତନ୍ତ୍ର ରାପିଡ ରେସକ୍ୟୁର ୬ଜଣିଆ ଟିମ୍ ଅସ୍ତରଙ୍ଗ ସମୁଦ୍ର କୂଳରେ ପହଂଚି ଦୀର୍ଘ ୮ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ଅସ୍ତରଙ୍ଗ ବନ କର୍ମଚାରୀ ଓ ରେସକ୍ୟୁ ଟିମ୍ ୧୦ଫୁଟ ଲମ୍ବର ଏକ ବିରାଟକାୟ କୁମ୍ଭୀରକୁ କୌଶଳକ୍ରମେ ଗଙ୍ଗାଦେବୀ ସମୁଦ୍ର କୂଳରୁ ଜାଲ ମାଧ୍ୟମରେ ଧରିବାକୁ ସକ୍ଷମ ହୋଇଥିଲେ। ପରେ ବନ କର୍ମଚାରୀ ଏକ ଟାଟା ଏସି ଗାଡ଼ିରେ ରାଜନଗର ବନ ବିଭାଗକୁ ପଠାଯାଇଥିଲା।

## ଲୁଧିଆନା ଉଷ୍ଣାର ସେଲ ପକ୍ଷରୁ ଲଟାରି ଉଠାଣ କାର୍ଯ୍ୟକ୍ରମ



**ବାଲିଆପାଳ,୧।୨ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଛକ ଠାରେ ଲୁଧିଆନା ଉଷ୍ଣାର ସେଲ ପକ୍ଷରୁ ୯୦ ଦିନ ଧରି ଚାଲିଥିବା ୫୦୦ ଟଙ୍କାରୁ ଉର୍ଦ୍ଧ୍ୱ ସେଲର ଲଟାରି ଉଠାଣ କାର୍ଯ୍ୟକ୍ରମ ଅତିଥି ଓ ଗ୍ରାହକଙ୍କ ଗହଳରେ ଅନୁଷ୍ଠିତ ହୋଇଛି। ଲୁଧିଆନା ଉଷ୍ଣାର ସେଲ ପକ୍ଷରୁ ଶୀତଦିନ ପାଇଁ ବିଭିନ୍ନ ପ୍ରକାରର ଶୀତ ବସ୍ତ୍ର କିଣା କିଣି କଲେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଲକି ଡ୍ର ବ୍ୟବସ୍ଥା କରାଯାଇଥିଲା। ଏହି ଲଟାରି ଉଠାଣ କାର୍ଯ୍ୟକ୍ରମରେ ବାଲିଆପାଳ ଥାନା ଅଧିକାରୀ ସାଲଖାନ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଥମ ଭାଗ୍ୟଶାଳୀ ବିଜେତା ବେତଗଡ଼ିଆ ଗ୍ରାମର ପ୍ରଭାତୀ ବାରିକଙ୍କୁ ଇଲେକ୍ଟ୍ରି ସ୍କୁଟି ଉପହାର ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ କାହ୍ନୁଚରଣ କରଣ ପ୍ରମାଣିକ, ରାମ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେଲ୍ ପରିଚାଳକ ଶିବ କୃଷ୍ଣ ପ୍ରମାଣିକଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଲକି ଡ୍ରରେ ଦ୍ୱିତୀୟ ଉପହାର ନିମନ୍ତେ ୪୦ ଜଣ, ତୃତୀୟ ଉପହାର ପାଇଁ ୧୨୪ ବିଜେତା ହୋଇପାରିଛନ୍ତି ପଦ୍ମିନୀ ବାରିକଙ୍କୁ ଶ୍ରେଷ୍ଠ ସେଲସମ୍ୟାନ ଭାବରେ ସମ୍ମାନିତ କରାଯାଇଥିଲା।

## ଗହୀରମଥାରୁ ଦୁଇ ଟ୍ରଲର ଜବତ, ୨୦ ମତ୍ସ୍ୟଜୀବୀ ଗିରଫ



**ରାଜନଗର,୧।୨ (ସଂଚାର ବ୍ୟୁରୋ):** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଦଳ ଏଫ.ବି. ମା' ଅନ୍ନପୂର୍ଣ୍ଣା ଓ ବାବା ରଘୁନାଥ-୨ ନାମକ ୨ଟି ଟ୍ରଲରକୁ ଜବତ କରିଛି। ଏସିଏଫ ମାନସ ଦାସଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବନ ବିଭାଗର କର୍ମଚାରୀ ମାନେ ଅନ୍ନପୂର୍ଣ୍ଣା ଟ୍ରଲରରୁ ଗୋଟିଏ ଜିପିଏସ,ଗୋଟିଏ ଭିଏଚଏଫ, ଗୋଟିଏ ଫିସଫାଇଣ୍ଡର, ୧୨ଟି ଟ୍ରଲି ନେଟ, ୧କ୍ୱିଣ୍ଟାଲ ୧୦କେଜି ମାଛ ଜବତ କରିବା ସହ ୧୨ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗିରଫ ମତ୍ସ୍ୟଜୀବୀମାନେ ହେଲେ କପିଳଦେବ ବର, ପଦ୍ମ ମଣ୍ଡଳ, ପଙ୍କଜ ବର, ଶିବପ୍ରସାଦ ବର, ରଂଜନ ପାଖିରା, ରଂଜିତ ବର, କାର୍ତ୍ତିକ ମଣ୍ଡଳ, ରବିନ ଦାସ, ଅଜୟ ମଣ୍ଡଳ, ଗଣେଶ ମଣ୍ଡଳ, ଲକ୍ଷ୍ମୀଧର ରାଉଳ, ବିଷ୍ଣୁପଦ ବର । ତିନିଜଣ ମତ୍ସ୍ୟଜୀବୀ ବାଲେଶ୍ୱର ଜିଲ୍ଲାର ହୋଇଥିବା ବେଳେ ଅନ୍ୟ ୯ଜଣ ମତ୍ସ୍ୟଜୀବୀ ପଶ୍ଚିମବଙ୍ଗ ଓ ହାଓଡ଼ା ପୂର୍ବମେଦିନ ଜିଲ୍ଲାର । ସେହିପରି ବାବା ରଘୁନାଥ-୨ ଟ୍ରଲରରୁ ଗୋଟିଏ ଜିପିଏସ, ଦୁଇଟି ଭିଏଚଏଫ, ଗୋଟିଏ ଫିସଫାଇଣ୍ଡର, ୧୦ଟି ଟ୍ରଲିଂ ନେଟ ଓ ୨୨କ୍ୱିଣ୍ଟାଲ ୮୦କେଜି ମାଛ ଜବତ କରିବା ସହ ୮ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି । ଗିରଫ ମତ୍ସ୍ୟଜୀବୀମାନେ ହେଲେ ରମାକାନ୍ତ ମଲିକ, ସୂର୍ଯ୍ୟମଣି ମଲିକ, ସରୋଜ ମଲିକ, ମନ୍ମଥ ମଲିକ, ପ୍ରଶାନ୍ତ ତରାଇ, ଦୀପକ ମାଝି, ସୁରେନ୍ଦ୍ର ଦାସ, ରମେଶ ମାଝି। ଗିରଫ ମତ୍ସ୍ୟଜୀବୀମାନେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର । ଦୁଇଟି ଟ୍ରଲରରୁ ଗିରଫ ସମସ୍ତ ମତ୍ସ୍ୟଜୀବୀଙ୍କୁ କେନ୍ଦ୍ରାପଡା ସିଜେଏମଙ୍କ କୋର୍ଟରେ ହାଜର କରାଯାଇଥିଲା । ଜାମିନୀ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି ।

## ସିମେଣ୍ଟ ବୋଝେଇ ଟ୍ରକ ଓଲଟି ଚାଳକ ସମେତ ହେଲପର ଆହତ

● ଠିକା ସଂସ୍ଥା କର୍ମଚାରୀ ଅଟକ

**ବାଲିଅନ୍ତା,୧।୨ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ବଇଁଚୁଆ ସ୍ଥିତ ନିର୍ମାଣାଧୀନ ଧନୁଆ ବ୍ରିଜ ନିକଟରେ ଏକ ସିମେଣ୍ଟ ବୋଝେଇ ଟ୍ରକ ଓଲଟି ପଡିବାରୁ ଘଟଣାସ୍ଥଳରେ ଟ୍ରକ ଚାଳକ ଓ ହେଲପର ଗୁରୁତର ଆହତ ହୋଇଛନ୍ତି । ବ୍ରିଜ ଠିକା ସଂସ୍ଥା କର୍ମଚାରୀ ଚିକିତ୍ସା ନେଇ ଉଭୟଙ୍କୁ ହସ୍ପିଟାଲ ନେଇଥିଲେ। ସୂଚନା ଅନୁସାରେ ୨ ବର୍ଷ ହେଲା ବଇଁଚୁଆ ପଞ୍ଚାୟତ ଧବଳାହାର ନିକଟରେ ଧନୁଆ- କୁଶଭଦ୍ରା ନଦୀ ସଂଯୋଗ ସ୍ଥଳରେ ବ୍ରିଜ ନିର୍ମାଣ କାର୍ଯ୍ୟ ଚାଲିଛି। ଆଜି ଉକ୍ତ ଟ୍ରକ ସିମେଣ୍ଟ ନେଇ ଯାଉଥିବା ବେଳେ ନିୟନ୍ତ୍ରଣ ହରାଇ ଓଲଟି ପଡିଥିଲା । ବାଲିଅନ୍ତା ଥାନା ପୁଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ ଜବତ କରିବା ସହ ଜଣେ ଠିକା ସଂସ୍ଥା କର୍ମଚାରୀଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି ।



### ପ୍ରଧାନଶିକ୍ଷକଙ୍କୁ ଫସାଇ ଦିଆଯାଇଥିବା ଅଭିଯୋଗ

## ବିଦ୍ୟାଳୟ ବନ୍ଦ କଲେ ଅଭିଭାବକ



**ନିଶ୍ଚିନ୍ତକୋଇଲି,୧।୨ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ଗୋପୀନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାଷ ଚନ୍ଦ୍ର ଦାସଙ୍କୁ ମିଥ୍ୟା ମାମଲାରେ ଫସାଇ ଦିଆଯାଇ ଜେଲ୍ ପଠାଇ ଦିଆଯାଇଥିବାକୁ ନେଇ ଶନିବାର ଦିନ ବହୁ ଛାତ୍ରଛାତ୍ରୀଙ୍କ ଅଭିଭାବକ ଆନ୍ଦୋଳନ କରି ସ୍କୁଲ ବନ୍ଦ କରିଥିଲେ। ଖବରପାଇ ଘଟଣାସ୍ଥଳରେ ନିଶ୍ଚିନ୍ତକୋଇଲି ଆଇଆଇସି ଅନୀତା ସାହୁ ଏବଂ ମଣ୍ଡଳ ଶିକ୍ଷାଅଧିକାରୀ ସଂଯୁକ୍ତା ମହାପାତ୍ର ୩ ଘଣ୍ଟାକାଳ ବିଦ୍ୟାଳୟରେ ରହି ଅଭିଭାବକଙ୍କୁ ବୁଝାସୁଝା କରିବା ପରେ ସୋମବାର ଦିନ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦିଆଯିବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ଏହି ବିଦ୍ୟାଳୟରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ରାଜନୈତିକ କନ୍ଦଳ ଲାଗି ରହିଥିବାରୁ ସେଥିରେ ନିରୀହ ପ୍ରଧାନଶିକ୍ଷକ ଜଣକୁ ଫସାଇ ଦିଆଯାଇଥିବା ଅଭିଭାବକମାନେ ଦାବି କରିଛନ୍ତି। ପ୍ରଧାନଶିକ୍ଷକ ଶ୍ରୀ ଦାସ ଜଣେ ଶାନ୍ତ, ସରଳ ଓ ଆମାୟିକ ବ୍ୟକ୍ତି ହୋଇଥିବା ବେଳେ କ'ଣ ପାଇଁ ତାଙ୍କୁ ମିଥ୍ୟା ମାମଲାରେ ଜେଲ୍ ପଠାଇ ଦିଆଯାଇଛି ସେ ନେଇ ଅଭିଭାବକମାନେ ଆଇଆଇସିଙ୍କୁ ତାହାର ଜବାବ ଦେବା ପାଇଁ କହିଥିଲେ। ଅଭିଭାବକଙ୍କର ବିଭିନ୍ନ ପ୍ରଶ୍ନରେ ମଣ୍ଡଳ ଶିକ୍ଷାଅଧିକାରିଣୀ ଓ ଆଇଆଇସି ନିରୁତ୍ତର ହୋଇଥିଲେ। ପ୍ରଧାନଶିକ୍ଷକଙ୍କର ପ୍ରକୃତ ଘଟଣାର ସତ୍ୟାସତ୍ୟ ପରଦାଫାସ୍ ନହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଦ୍ୟାଳୟରେ ତାଲା ପଡ଼ିବ ବୋଲି ବହୁ ଅଭିଭାବକମାନେ ଚେତାବନୀ ଦେଇଥିଲେ। ଏହି ବିଦ୍ୟାଳୟରେ ଦୀର୍ଘ ବର୍ଷ ହେବ ଜନୈକ ଶିକ୍ଷୟିତ୍ରୀ ଏଠାରେ ରହି ତା'ର କାୟାବିସ୍ତାର କରି ବିଦ୍ୟାଳୟରେ ବିଭିନ୍ନ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି କରୁଥିଲା ବେଳେ ମଣ୍ଡଳ ଶିକ୍ଷାଅଧିକାରୀ କ'ଣ ପାଇଁ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଏଠାରୁ ବଦଳି କରିନଥିଲେ ସେ ନେଇ ମଧ ଅଭିଭାବକମାନେ ପ୍ରଶ୍ନ ଉଠାଇଥିଲେ।

## ଶ୍ରୀବଳଦେବଜୀଉଙ୍କ କନ୍ଦରାସୁର ବଧ ବେଶ



**କେନ୍ଦ୍ରାପଡ଼ା,୧।୨ (ସଂଚାର ବ୍ୟୁରୋ):** କନ୍ଦରାସୁର ବଧ ବେଶରେ ଦର୍ଶନ ଦେଲେ ତୁଳସୀ-କ୍ଷେତ୍ରାଧିପତି ମହାପ୍ରଭୁ ଶ୍ରୀବଳଦେବଜୀଉ । ଆଜି ପବିତ୍ର ମାଘ ପୂର୍ଣ୍ଣିମାରେ ଆରାଧ ଦେବତା କନ୍ଦରାସୁର ବଧ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି । ସନ୍ଧ୍ୟା ନୀତି ସମ୍ପନ୍ନ ପରେ ପୂଜାପଣ୍ଡାଙ୍କ ଦ୍ୱାରା ଶ୍ରୀଜୀଉଙ୍କ ବେଶ ଅନୁଷ୍ଠିତ ହୋଇଥିଲା । ଶ୍ରୀ ଜୀଉଙ୍କୁ ମାଠ ଏବଂ ମଉଳି ପିନ୍ଧା ଯାଇ ସୋଳ ମଣ୍ଡଳ ଦିଆଯାଇ ହସ୍ତ, ଶ୍ରୀପୟର ଏବଂ ହସ୍ତରେ ହଳ ମୁଷଳ ଦ୍ୱାରା ଦାନବ ସୁର କନ୍ଦରାସୁର ନିଧନ ବେଶ ଭକ୍ତଙ୍କୁ ଆକର୍ଷିତ କରିଥିଲା। ଏହି ବେଶ ଦେଖିବା ଲାଗି ରାତି ତମାମ ଭିଡ଼ ଲାଗି ରହିଥିଲା । ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ହୋଇ ଅନ୍ୟ ନୀତି କାନ୍ତି କରାଯାଇଥିଲା। ପୌରାଣିକ ତଥ୍ୟ ଅନୁଯାୟୀ ଦାନବ ସୁର କନ୍ଦରାସୁର ଲଳିତ ଗିରିରେ ବାସ କରୁଥିଲା । ପ୍ରବଳ ପ୍ରତାପୀ ଥିଲା। ଧର୍ମ କାର୍ଯ୍ୟରେ ବାଧା ଦେଉଥିଲା । ପ୍ରଭୁ ବଳରାମ ତିର୍ଥ ସମ୍ପନ୍ନ ସାରି ସେହି ଅଳରେ ପହିଥିଲେ । ଋଷି ମୁନିଙ୍କ ଠାରୁ ସବୁ ଜାଣିବାକୁ ପାଇଥିଲେ। ଏହାପରେ ପ୍ରଭୁ ବଳରାମ ଅସୁରକୁ ଯୁଦ୍ଧ ଆହ୍ୱାନ ଦେଇଥିଲେ। ପ୍ରଭୁଙ୍କ ହସ୍ତରେ ଅସୁର କନ୍ଦରାସୁର ନିଧନ ହୋଇଥିଲା। ଅସୁର କନ୍ୟା ତୁଳସୀ ପ୍ରଭୁ ବଳରାମଙ୍କ ନିକଟରେ ଗୁହାରି କରିଥିଲା ପତ୍ନୀ ଭାବରେ ତାଙ୍କୁ ଗ୍ରହଣ କରିବାକୁ । ପ୍ରଭୁ ତୁଳସୀଙ୍କୁ ପତ୍ନୀ ଭାବରେ ଗ୍ରହଣ କରିଥିଲେ। କନ୍ଦରାସୁରରୁ କେନ୍ଦ୍ରାପଡ଼ା ଦେବୀ ତୁଳସୀ ନାମରେ ତୁଳସୀ କ୍ଷେତ୍ର ଭାବେ ପରିଚିତ ହେଲା ।

## ମୃତଚାଷୀଙ୍କ ଦୁଆରେ ପହଞ୍ଚିଲା ସମବାୟ



### ମଣ୍ଡିରେ ଧାନ ବିକ୍ରି ଓ ଋଣ ସହାୟତା ପାଇଁ ଆଶ୍ୱାସନା ଦେଲେ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ

**ଖୋର୍ଦ୍ଧା,୧।୨ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଅଧିନସ୍ଥ ବଡ଼କୁମାରୀ ପଞ୍ଚାୟତ ଡିହଖଉରୁଣୀ ଗ୍ରାମରେ ଜଣେ ଗରିବ ଚାଷୀ ଧରମୁ ଛୁଆଲସିଂହ(୫୬)ଙ୍କର ଅସୁସ୍ଥତା କାରଣରୁ ଚିକିତ୍ସାଧିନ ଅବସ୍ଥାରେ ଏକ ଘରୋଇ ଡାକ୍ତରଖାନାରେ ଗତ ୨୫ ତାରିଖରେ ଅକାଳ ବିୟୋଗ ଘଟିଛି । ଧରମୁ ଡିହଖଉରୁଣୀ ସେବା ସମବାୟ ସମିତିର ଧାନ ମଣ୍ଡିରେ ଧାନ ବିକ୍ରି ପାଇଁ ଜଣେ ଚାଷୀ ଭାବେ ନାମ ପଞ୍ଜିକୃତ କରିଥିଲେ । ତାଙ୍କର ଅକାଳ ବିୟୋଗ ଖବର ପାଇ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରକାଶ ରାଉତରାୟଙ୍କ ସହିତ ଡିହଖଉରୁଣୀ ସେବା ସମବାୟ ସମିତି ପରିଚାଳନା କମିଟି ସଭାପତି ବେଲାଳସେନ ବଳିୟାରସିଂହ, ସମ୍ପାଦକ ଲକ୍ଷ୍ମୀଧର ଷଣ୍ଢ ଏବଂ ସମିତିର କର୍ମଚାରୀ ମାନେ ଯାଇ ମୃତଚାଷୀ ଧରମୁଙ୍କ ଦୁଆରେ ପହଂଚି ତାଙ୍କ ପରିବାରକୁ ସମବେଦନ ଜଣାଇଥିଲେ । ଏଥି ସହିତ ମଣ୍ଡିରେ ଧାନ ବିକ୍ରି ପାଇଁ ଧରମୁଙ୍କ ନାମରେ ଆସିଥିବା ଟୋକନ ଅନୁସାରେ ତାଙ୍କ ବିଧବା ପତ୍ନୀ କିପରି ବର୍ଷକର ଆୟ ଅମଳ ଧାନକୁ ବିକ୍ରି କରିପାରିବେ ସେଥିପାଇଁ ସମିତି ପକ୍ଷରୁ ସହଯୋଗ କରାଯିବା ପାଇଁ ସମିତି ସମ୍ପାଦକଙ୍କୁ କହିବା ସହିତ ତାଙ୍କ ପତ୍ନୀଙ୍କୁ କୃଷିଋଣ ସହାୟତା ଯୋଗାଇ ଦେବାକୁ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସମିତି ସମ୍ପାଦକଙ୍କୁ ପରାମର୍ଶ ଦେଇଥିଲେ । ଏଭଳି ବିପଦ ସମୟରେ ସମବାୟ ସମିତି ପକ୍ଷରୁ ଥିବା ସହଯୋଗ ଗୁଡିକୁ ନିଶ୍ଚିତ ଯୋଗାଇଦିଆଯିବ ବୋଲି ଆଶ୍ୱାସନା ଦେଇଥିଲେ ।

## ମନ୍ତ୍ରୀଙ୍କ ଦ୍ୱାରା ଭୂମିହୀନଙ୍କୁ ପଟ୍ଟା ବଣ୍ଟନ, ସାମ୍ବାଦିକଙ୍କୁ ଉପେକ୍ଷା

**ନବରଙ୍ଗପୁର/ରାଇଘର,୧।୨ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ରାଇଘର ମୁଖ୍ୟ ଦପ୍ତର ସ୍ଥିତ ତହସିଲ କାର୍ଯ୍ୟାଳୟ ଠାରେ ଓଡ଼ିଶା ସରକାରଙ୍କ ଜନହିତକାରୀ ବସୁନ୍ଧରା ଯୋଜନାରେ ଭୂମିହୀନ ମାନଙ୍କୁ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ଗଣଶିକ୍ଷା ଓ ଆଦିବାସୀ ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଭୂମିହୀନ ପରିବାରମାନଙ୍କୁ ଜମିର ପଟ୍ଟା ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ବିଜେପି ଉପସଭାପତି ରମେଶ ସାହୁ, ଶିବନାଥ ବାନାର୍ଜୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଯୋଜନା ମାଧ୍ୟମରେ ଭୂମିହୀନ ଲୋକମାନେ ନିଜସ୍ୱ ଜମିର ଆଇନଗତ ଅଧିକାର ପାଇ ଖୁସି ପ୍ରକାଶ କରିଥିଲେ। ମନ୍ତ୍ରୀ ଶ୍ରୀ ଗଣ୍ଡ ଓଡ଼ିଶା ସରକାରଙ୍କ ଲୋକକଲ୍ୟାଣମୁଖୀ ନୀତି ବିଷୟରେ ଆଲୋକପାତ କରି ଭୂମିହୀନଙ୍କୁ ସଶକ୍ତ କରିବାରେ ବସୁନ୍ଧରା ଯୋଜନାର ଗୁରୁତ୍ୱ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୬୧ ଜଣ ଭୂମିହୀନ ହିତାଧିକାରୀଙ୍କୁ ପଟା ବଣ୍ଟନ କରାଯାଇଥିଲ।

ଅନ୍ୟ ପକ୍ଷରେ ପଟା ବଣ୍ଟନ ଭଳି ଏକ ସରକାରୀ କାର୍ଯ୍ୟକ୍ରମରେ ସାମ୍ବାଦିକ ମାନଙ୍କୁ ଡକାଯାଇ ନଥିବା ଫଳରେ ଅସନ୍ତୋଷ ଦେଖାଯାଇ ଥିଲା । ଯଦି ଏହିଭଳି ସରକାରୀ କାର୍ଯ୍ୟକ୍ରମ ରେ ସାମ୍ବାଦିକଙ୍କୁ ଉପେକ୍ଷା କରାଯାଏ ତେବେ ଆଗାମୀ ଦିନରେ ସମସ୍ତ ସରକାରୀ କାର୍ଯ୍ୟକ୍ରମକୁ ସାମ୍ବାଦିକ ମାନେ ବୟ କାଟ କରିବେ ବୋଲି ପ୍ରକାଶ କରିଛନ୍ତି ।

## ଅମୃତ ମହୋତ୍ସବର ତୃତୀୟ ଦିବସ



**କଟକ,୧।୨ (ସଂଚାର ବ୍ୟୁରୋ):** କଟକ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଦିବ୍ୟଜୀବନ ସଂଘର ଅମୃତ ମହୋତ୍ସବର ଆଜି ତୃତୀୟ ଦିବସ। ଆଜି ଏହି ଆଧ୍ୟାତ୍ମିକ ସମ୍ମିଳନୀରେ ପରମହଂସ ସ୍ୱାମୀ ପ୍ରଜ୍ଞାନାନନ୍ଦ ଶ୍ରୀମଦ୍ ଭାଗବତ ଗୀତାର 'ଜ୍ଞାନଯୋଗ' ସମ୍ପର୍କରେ ପ୍ରବଚନ ଦେଉଥିଲେ। ସ୍ୱାମୀ ସତ୍ୟ ପ୍ରଜ୍ଞାନାନନ୍ଦ ସରସ୍ୱତୀ 'ରାମ କଥା', ସ୍ୱାମୀ ଅଖଣ୍ଡାନନ୍ଦ ମହାରାଜ ସନାତନ ସଂସ୍କୃତିରେ ଉପାସନା ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ଏହି ଅବସରରେ ଶ୍ରଦ୍ଧାଳୁ ମାନଙ୍କୁ ଆଶୀର୍ବଚନ ପ୍ରଦାନ କରିବା ସହ ଶାନ୍ତି ପାଠ କରିଥିଲେ। ଆସନ୍ତାକାଲି ଉଦଯାପନୀ ଦିବସରେ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧକ୍ଷତାରେ ସର୍ବଧର୍ମ ସଦ୍ଭାବନା ସଭା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।

## ଗଞ୍ଜାମ ଥାନା ଅଞ୍ଚଳରେ ଆସାମାଜିକ ଯୁବକଙ୍କ ଉତ୍ପାତ

### ପୁଲିସ ହସ୍ତକ୍ଷେପ ସମୟରେ ଆକ୍ରମଣ

**ଛତ୍ରପୁର,୧।୨ (ସଂଚାର ବ୍ୟୁରୋ):** ଗଞ୍ଜାମ ଥାନା ଅନ୍ତର୍ଗତ ବଡବଜ଼ାର ଅଞ୍ଚଳରେ କିଛି ଆସାମାଜିକ ଯୁବକ ମାରଣାସ୍ତ୍ର ସହ ଗଣ୍ଡଗୋଳ କରି ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରୁଥିବା ସମୟରେ ସ୍ଥାନୀୟ ପୁଲିସ ତତ୍କ୍ଷଣାତ୍ ହସ୍ତକ୍ଷେପ କରିଥିଲା ।ତେବେ ଏହି ସମୟରେ ଏକ ଅଭିଯୁକ୍ତଙ୍କ ଆକ୍ରମଣରେ ଜଣେ ପୁଲିସ ଅଧିକାରୀ ଆହତ ହୋଇଛନ୍ତି।

ଗଞ୍ଜାମ ଥାନାର ଏସ୍ଆଇ ଅନିରୁଦ୍ଧ ସ୍ୱାଇଁଙ୍କ ଲିଖିତ ଅଭିଯୋଗ ଅନୁସାରେ, ୧ ଫେବୃଆରୀ ୨୦୨୬ ଅପରାହ୍ନ ସମୟରେ ବିଶ୍ୱସନୀୟ ସୂତ୍ରରୁ ସୂଚନା ମିଳିଥିଲା ଯେ ରାଜେଶ ଦାଶ (୨୮) ଓ ତାଙ୍କ ସହଯୋଗୀମାନେ ଘାତକ ଅସ୍ତ୍ର ସହ ବଡବଜ଼ାର ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରୁଛନ୍ତି।

ସୂଚନା ପାଇ ପୁଲିସ ଟିମ ଘଟଣା ସ୍ଥଳରେ ପହଞ୍ଚିବା ସମୟରେ ଅଭିଯୁକ୍ତମାନେ ଉତ୍ତେଜିତ ଅବସ୍ଥାରେ ଗାଳିଗୁଲଜ ଓ ଧମକମୂଳକ ଭାଷାରେ ସାଧାରଣ ଲୋକଙ୍କୁ ଭୟଭୀତ କରୁଥିବା ଦେଖାଯାଇଥିଲା। ପୁଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସମୟରେ ଅଭିଯୁକ୍ତ ପୁଲିସ ଅଧିକାରୀଙ୍କୁ ଧକ୍କା ଦେଇ, ଟାଣି ନେଇ ଗଳା ଦବାଇ ହତ୍ୟା ଉଦ୍ଦେଶ୍ୟରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

ଏହି ଆକ୍ରମଣରେ ଶ୍ରୀ ସ୍ୱାଇଁଙ୍କ ଶରୀରର ବିଭିନ୍ନ ଅଂଶରେ ଆଘାତ ଲାଗିଥିବା ବେଳେ, ପୁଲିସ ମୁଖ୍ୟ ଅଭିଯୁକ୍ତକୁ ନିୟନ୍ତ୍ରଣରେ ଆଣି ଥାନାକୁ ନେଇଥିଲା। ଅନ୍ୟ ମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଛନ୍ତି ।ଘଟଣାକୁ ନେଇ ଗଞ୍ଜାମ ଥାନାରେ କେସ୍ ନମ୍ବର ୨୮/୨୦୨୬ ରୁଜୁ କରାଯାଇ ବିଭିନ୍ନ ଧାରାରେ ତଦନ୍ତ ଆରମ୍ଭ ହୋଇଛି। ଅଞ୍ଚଳର ଶାନ୍ତି-ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଇଛି।

## 'ସାମ୍ବାଦିକ ନିରପେକ୍ଷ ସମ୍ବାଦଦାତା' ସମ୍ମାନରେ ସମ୍ମାନୀତ ହେଲେ ମୁକ୍ତେଶ୍ୱର



**କେନ୍ଦ୍ରାପଡା,୧।୨(ସଂଚାର ବ୍ୟୁରୋ):** ପ୍ରତ୍ୟେକ ଦିନ ଘଟୁଥିବା ଘଟଣା ଏବ ଅଞ୍ଚଳର ବିଭିନ୍ନ ସମସ୍ୟା କୁ ନିରପେକ୍ଷ ସହ ସମ୍ବାଦ ଲେଖନୀ ରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଏହି କାର୍ଯ୍ୟ ପାଇଁ ବେଶ୍ ପ୍ରଶଂସନୀୟ ମଧ୍ୟ ହୋଇପାରିଛନ୍ତି। ସାମ୍ବାଦିକ ବାଭେ ନିଜର କର୍ତ୍ତବ୍ୟ ପାଳନ କରୁଥିବାରୁ ଆଜି ତାଙ୍କୁ ସମ୍ମାନୀତ କରାଯାଇଛି। କେନ୍ଦ୍ରାପଡା ଜିଲ୍ଲାର ଯୁବ ସାମ୍ବାଦିକ ତଥା ଦୈନିକ "ସଂଚାର" ର କେନ୍ଦ୍ରାପଡା ଜିଲ୍ଲା ପ୍ରତିନିଧି ମୁକ୍ତେଶ୍ୱର ସ୍ୱାଇଁ ଦୀର୍ଘଦିନ ଧରି କଲମ ମୁନରେ ଅନେକ ଅସହାୟ ଗରିବ ଲୋକଙ୍କ ସାହାରା ପାଲଟିଛନ୍ତି । ଏହି କର୍ତ୍ତବ୍ୟରତ ଯୁବ ସାମ୍ବାଦିକ ଙ୍କୁ ଆଜି ଗରଦପୁର ବ୍ଲକ ଅନ୍ତର୍ଗତ ଚାଉଳିଆ ବାମେରା ଠାରେ ଶାସ୍ତ୍ରୀଜୀ ଯୁବ ସଂଗଠନ ପକ୍ଷରୁ "ସାମ୍ବାଦିକ ନିରପେକ୍ଷ ସମ୍ବାଦଦାତା" ସମ୍ମାନରେ ସମ୍ମାନିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସୂଚନା ଅଧିକାର ରାଜ୍ୟ ଆବାହକ ପ୍ରଦୀପ ଦାସ, ନବ ନିର୍ମାଣ କୃଷକ ସଂଗଠନ ନେତା ଶେଷଦେବ ନନ୍ଦ,ରାଜ୍ୟ ସଚେତନ ନାଗରିକ ମହାମଞ୍ଚ ଆବାହକ ବୃନ୍ଦାବନ ଦାସ,କେନ୍ଦ୍ରାପଡା ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା ସଭାପତି ହିମାଂଶୁ ନାୟକ ପ୍ରମୁଖ ଉପସ୍ଥିତ ରହି ମାନପତ୍ର ପ୍ରଦାନ କରିଥିଲେ।

## ସତ୍ୟବାଦୀ ମହୋତ୍ସବ କମିଟି ପକ୍ଷରୁ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା



**ସତ୍ୟବାଦୀ,୧।୨ (ସଂଚାର ବ୍ୟୁରୋ):** ସତ୍ୟବାଦୀ ପଞ୍ଚସଖା ପଡିଆରେ ଆସନ୍ତା ୫ତାରିଖ ରୁ ଚାରି ଦିନ ବ୍ୟାପି ୧୦ତମ ସତ୍ୟବାଦୀ ମହୋତ୍ସବ ଅନୁଷ୍ଠିତ ହେବ।ଏହି ଅବସରରେ ମହୋତ୍ସବ କମିଟି ପକ୍ଷରୁ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପରିସରରେ ସତ୍ୟବାଦୀ ବ୍ଲକ ବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ବ୍ଲକ ର ୧୫୩ ବିଦ୍ୟାଳୟ ର ୨୫୦ ଜଣ ଛାତ୍ରଛାତ୍ରୀ ଏଥିରେ ଭାଗ ନେଇଥିଲେ।କନିଷ୍ଠ, ମଧମ ଓ ବରିଷ୍ଠ ବିଭାଗ ରେ ପ୍ରତିଯୋଗିତା ଚିତ୍ରାଙ୍କନ,ସାଧାରଣ ଜ୍ଞାନ, ସଂଗୀତ ଓ ପ୍ରବନ୍ଧ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବିଭାଗରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଷ୍ଠ କୃତି ପ୍ରତିଯୋଗୀ ଙ୍କୁ ମହୋତ୍ସବ ରେ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ ପୂର୍ବକ ସଂବୋଧିତ କରାଯିବ ବୋଲି ମହୋତ୍ସବ କମିଟି ର ସଂପାଦକ ଦୀପକ କୁମାର ଶତପଥି ସୂଚନା ଦେଇଛନ୍ତି। ସତ୍ୟବାଦୀ ମହୋତ୍ସବ କମିଟି ପକ୍ଷରୁ ସଂଯୋଜକ ଜାନକୀ ବରାଳ, ସାଂସ୍କୃତିକ ସଂପାଦକ ବଦ୍ରିନାରାୟଣ ଖୁଣ୍ଟିଆ,ସରସ୍ୱତୀ ବିଦ୍ୟା ମନ୍ଦିର ପ୍ରଧାନ ଗୁରୁଜୀ ଦେବ କୁମାର ମିଶ୍ର, ସହ ସଂପାଦକ ଭବାନୀ ଶଙ୍କର ନନ୍ଦ ଓ ବସନ୍ତ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ।ବିଚାରକ ଭାବରେ ରାଜେଶ ସାହୁ, ପୂଜାରାଣୀ ସାହୁ, ଦିଗାମ୍ବର ରଥ ଓ ପରେଶ ମହାନ୍ତି ଦାୟିତ୍ୱ ସଂପାଦନ କରିଥିଲେ।ସି ଆର ସି ସୁନୀଲ କୁମାର ବେହେରା ସରସ୍ୱତୀ ବିଦ୍ୟା ମନ୍ଦିର ସଂପାଦକ ବାଉରୀବନ୍ଧୁ ସ୍ୱାଇଁ ଓ ମୃର୍ତ୍ୟୁଜୟ ମହାପାତ୍ର ପରିଚାଳନା ରେ ସହଯୋଗ କରିଥିଲେ।

## ମଦ୍ରାସା ତାହେରିଆ ହନିଫିଆରେ ବାର୍ଷିକ କ୍ରୀଡ଼ା ଉତ୍ସବ



**ଧାମନଗର,୧।୨ (ସଂଚାର ବ୍ୟୁରୋ):** ଧାମନଗର ଏନଏସି ଅନ୍ତର୍ଗତ ୪ନମ୍ବର ୱାର୍ଡ ଅଧିନ ମୁନସିପାଟଣା ଗ୍ରାମରେ ଥିବା ମଦ୍ରାସା ତାହେରିଆ ହନିଫିଆ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସେକ ନାସିରୁଦ୍ଦିନଙ୍କ ସଭାପତିତ୍ୱରେ ନିକଟସ୍ଥ ତାଳପଦା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସେଠୀ ସଭାକୁ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜୀବନାନନ୍ଦ ପଣ୍ଡା ପ୍ରଶାସନିକ ଅଧିକାରୀ, ବରେଣ୍ୟ ଅତିଥି ଭାବେ ପିଏସପି ପତ୍ରଚାର ଶିକ୍ଷା ପରିଷଦ ସଭାପତି ମନୋଜ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସିଆରସିସି ମହମ୍ମଦ ମୁଜାଫର ହୋସେନ, ହାଇକୋର୍ଟ ବରିଷ୍ଠ ଆଇନଜୀବୀ ଏମଡି ମଦନି ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ ୧୯୯୪ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରୁ ଶିକ୍ଷାଲାଭ କରି ପୁରାତନ ଛାତ୍ର ଡାକ୍ତର ସୟଦ ସାହିଦ ହୋସେନ, ଆଲାମ କାଦରୀ, ଆଇନଜୀବୀ ଆଫ୍ରୋଜା ଖାତୁନ, ସେକ ଇସ୍ରାଇଲ ଅହେମ୍ମଦ ପ୍ରମୁଖ ସରକାରୀ ଓ ବେସରକାରୀ ସଂସ୍ଥାରେ ପ୍ରତିଷ୍ଠିତ ହୋଇ ବିଦ୍ୟାଳୟ ଗୌରବ ଆଣିଥିବାରୁ ସେମାନଙ୍କୁ ବିଦ୍ୟାଳୟ ତରଫରୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଦ୍ୟାଳୟ ଛାତ୍ରଛାତ୍ରୀ ବିଭିନ୍ନ ବର୍ଗର କ୍ରୀଡ଼ା ପ୍ରତିଯୋଗିତାରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମଧ ପୁରସ୍କାର ପ୍ରଦାନ କରାଯାଇଛି।

## ମା' ପାଟଖଣ୍ଡା ମନ୍ଦିର ଦାନହୁଣ୍ଡିରୁ ୫୪,୩୦୦ ବାହାରିଲା




**ଫୁଲବାଣୀ,୧।୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବାଲିଗୁଡା ଅଞ୍ଚଳ ର ଅଧିଷ୍ଠାତ୍ରୀ ଦେବୀ ଶ୍ରୀଶ୍ରୀଶ୍ରୀ ମା' ପାଟଖଣ୍ଡାଙ୍କ ମନ୍ଦିରର ଭିତରେ ଓ ବାହାରେ ଥିବା ହୁଣ୍ଡିକୁ ରବିବାର ସନ୍ଧ୍ୟାରେ କମିଟିର ସଭାପତି ସନ୍ୟାସୀ ପାତ୍ର, ସମ୍ପାଦକ କେ. ସୁଶାନ୍ତ କୁମାର ପାତ୍ର ଓ କୋଷାଧକ୍ଷ ମହେଶ୍ୱର ଡାକୁଆଙ୍କ ସମେତ ସମସ୍ତ ସଦସ୍ୟଙ୍କ ଉପସ୍ଥିତରେ ଖୋଲା ଯାଇଥିଲା । ସେଥିରୁ ନଗଦ ୫୪ ହଜାର ୩୦୦ ଟଙ୍କା ମିଳିଥିବା ବେଳେ ୭୪୦ ମିଲି ଗ୍ରାମର ଏକ ଗହଣା ମିଳିଥିବା ବିଷୟ କମିଟି ପକ୍ଷରୁ ସୂଚନା ମିଳିଛି। ଏ ସମସ୍ତ ଟଙ୍କା ଓ ଜିନିଷ ଗୁଡିକୁ ସମସ୍ତଙ୍କ ଉପସ୍ଥିତରେ କୋଷାଧକ୍ଷ ଶ୍ରୀ ଡାକୁଆଙ୍କୁ କମିଟିର ନିଜସ୍ୱ ଲକରରେ ସୁରକ୍ଷିତ ଭାବେ ରଖିବା ପାଇଁ ଦାୟିତ୍ୱ ଦିଆଯାଇଥିଲା । ଦୀର୍ଘଦିନ ପରେ କମିଟିର ସମସ୍ତ ସଦସ୍ୟ, ଜନସାଧାରଣ ଓ ପୋଲିସ କର୍ମଚାରୀଙ୍କ ଗୋଚରରେ ଅବଗତ କରାଯାଇଥିବାରୁ ନୂତନ କମିଟି କର୍ତ୍ତୃପକ୍ଷଙ୍କୁ ଅଞ୍ଚଳବାସୀଙ୍କ ତରଫରୁ ସାଧୁବାଦ ଜଣାଯାଇଛି । ଏ ସମ୍ପର୍କରେ ସମ୍ପାଦକ ଶ୍ରୀ ପାତ୍ର ନିଜ ବକ୍ତବ୍ୟରେ କହିଛନ୍ତି ଯେ, ଆମ୍ଭେ ଦାୟିତ୍ୱ ଗ୍ରହଣ କରିବା ଦିନ ଠାରୁ ମନ୍ଦିର ସମ୍ମୁଖରେ ପ୍ରତ୍ୟେକ ମାସର ଆୟ ବ୍ୟୟର ସବିଶେଷ ତଥ୍ୟ ସହ ଲିଖିତ ଆକାରରେ ଜନସାଧାରଣଙ୍କ ଅବଗତ ଉଦେଶ୍ୟରେ ପ୍ରକାଶିତ କରାଯାଉଛି। ଆଗାମୀ ଦିନରେ ମନ୍ଦିର ପରିଚାଳନା କାର୍ଯ୍ୟକ୍ରମକୁ ମଧ ତ୍ରୁଟିମୁକ୍ତ କରିବା ପାଇଁ ଚେଷ୍ଟା ଜାରୀ ରଖିବୁ ବୋଲି ପ୍ରକାଶ କରିଥିଲ।

## ସିଟି salad



### ରାଜାଙ୍କ ଛତ୍ରଛାୟା ତଳେ ଶକ୍ତି ସୁରକ୍ଷିତ



ରାଜ୍ୟରେ ଏବେ ଡିଜିଟାଲ ମିଟର ଠାରୁ ଆରମ୍ଭ କରି ସିକ୍ୟୁରିଟି ଜମା ଅର୍ଥକୁ ନେଇ ଆନ୍ଦୋଳନ ଚାଲିଛି। ଆଳୁ ଖୋଳୁ ଖୋଳୁ ମହାଦେବୀ ବାହାରିଲା ଭଳିଆ ଗରିବ ଲୋକଙ୍କ ମାଗଣା ମିଟରରୁ ବି ବିତରଣ କମ୍ପାନୀ କୋଟି କୋଟି ଟଙ୍କା ଆଦାୟ କରିଦେଉଛି। ସବୁଆଡୁ ବିରୋଧ ହେଉଛି। ହେଲେ ବିତରଣ କମ୍ପାନୀ ଏହାକୁ ଖାତିର କରୁନାହିଁ। ବିଭାଗୀୟ ମନ୍ତ୍ରୀ ବି ମୁହଁ ଖୋଲୁ ନାହାନ୍ତି। ଏ ସଂକ୍ରାନ୍ତରେ ଶକ୍ତି ବିଭାଗର ଜଣେ ବାବୁଙ୍କ କହିବା କଥା ଯେ ଏହି ବିଭାଗର ମାଲିକ ହେଲେ ରାଜା। ବିଜେଡି ସରକାରରେ ରାଜାଙ୍କ ହାତରେ ଶକ୍ତି ବିଭାଗ ଥିଲାବେଳେ ବିଜେପି ସରକାରରେ ବି ରାଜାଙ୍କ ହାତରେ ଶକ୍ତି ବିଭାଗ ରହିଛି। ତେଣୁ ରାଜାଙ୍କ ଛତ୍ରଛାୟା ତଳେ ବିଭାଗ ଅତ୍ୟନ୍ତ ସୁରକ୍ଷିତ। କାହାର ବିରୋଧକୁ ସେମାନେ ଖାତିର କରୁନାହାନ୍ତି। ଓଲଟା ଲୋକଙ୍କୁ ପରିହାସ କଲା ଭଳିଆ ଲୋକାଭିମୁଖୀ ଯୋଜନା ନାଁରେ ମନ୍ତ୍ରୀଙ୍କ ସହିତ ଫଟୋ ଉଠାଉଛନ୍ତି ତ କେବେ କେବେ ବିଭିନ୍ନ ଗଣମାଧ୍ୟମରେ ବେନାମୀ ଲେଖା ବି ବାହାର କରିଦେଉଛନ୍ତି। ଏସବୁ ଦେଖିଲା ପରେ ଏବେ ରାଜାଙ୍କ ହାତରେ ଶକ୍ତି ବିଭାଗ ଥିବାରୁ ସେବେ ଯେଭଳି ଅବସ୍ଥା ଥିଲା ଏବେ ସେଭଳି ଅବସ୍ଥା। ମଝିରେ ଅବଶ୍ୟ ଆଉ କିଛି ନେତାଙ୍କ ହାତରେ ବିଭାଗ ରହିଛି। ହେଲେ ରାଜାଙ୍କ ଛତ୍ରଛାୟା ତଳେ ଅଧିକ ଦିନ ରହିବାକୁ ହିଁ ଶକ୍ତି ବିଭାଗର ମନ।

### ଅରବିନ୍ଦଙ୍କୁ ଭିତିରିଆ ସାବାସୀ



ବିଜେଡିରୁ ନିଲମ୍ବିତ ହୋଇଥିବା ବାବୁ ଅରବିନ୍ଦ ମହାପାତ୍ର ଏବେ ଚର୍ଚ୍ଚାରେ। ଏହି ଯୁବ ନେତା ଏବେ ବିଧାନସଭା ବିଜେଡି ସଭାପତିଙ୍କୁ ଚକ୍କର ଦେଉଛନ୍ତି। ନବୀନ ବି ପ୍ରଥମଥର ପାଇଁ କୌଣସି ନେତାଙ୍କୁ ନିଲମ୍ବନ ନେଇ ସଫେଇ ଦେଉଛନ୍ତି। ହେଲେ ଆଲୋଚନା ହେଉଛି ଅରବିନ୍ଦଙ୍କର ଏତେ ବଳ ଆସୁଛି କେଉଁଠୁ। ଏ ସଂକ୍ରାନ୍ତରେ ଆମେ ଜଣେ ଶଙ୍ଖଙ୍କୁ ପଚାରିଲୁ। ସିଏ ଯାହା କହିଲେ ଆମେ ନିଜ କାନକୁ ବିଶ୍ୱାସ କରିପାରିଲୁ ନାହିଁ। ନେତା ଜଣଙ୍କ କହିଲେ ଅରବିନ୍ଦଙ୍କୁ ବିଜେଡିର ଭିତିରିଆ ସମର୍ଥନ ମିଳୁଛି। ନୂଆପଡା ଉପନିର୍ବାଚନ ପରେ ଯେଉଁମାନେ ନବୀନଙ୍କ ଉପରେ [illegible] ଚୋବାଉଛନ୍ତି ସେମାନେ [illegible] ଅରବିନ୍ଦଙ୍କୁ ଭିତିରିଆ ସାବାସୀରେ ପୋତି ଦେଉଛନ୍ତି। ଟେଲିଫୋନ୍ କଲେ କାଳେ ଧରା ପଡିଯିବେ ସେଥିପାଇଁ ଦୂତ ପଠାଇ ସାବାସୀ ଦେବାରେ ଲାଗିଛନ୍ତି। ସେମାନଙ୍କ ଠାରୁ ବଳ ପାଇବାପରେ ଏବେ ଅରବିନ୍ଦ ଯୁଦ୍ଧଂ ଦେହି ଡାକରା ଦେଉଛନ୍ତି। ଏହି ତାଲିକାରେ ଦୁଇ ତିନି ଜଣ ଯୁବ ବିଧାୟକ ବି ଅଛନ୍ତି। ଛାତ୍ର ଓ ଯୁବ ସଂଗଠନ ଗଠନ ସମୟରେ ସେମାନଙ୍କ କଥା [illegible] ଦେଉଛନ୍ତି। ଦିନକୁ ଦିନ ଲୁଚାଛପାରେ ସାବାସୀ ଦେଉଥିବା ନେତାଙ୍କ ସଂଖ୍ୟା ବଢୁଥିବାରୁ ଆଗାମୀ ଦିନରେ ଅରବିନ୍ଦ କୁଆଡେ ମଇଦାନରେ ସମୁଖ ଲଢେଇ କରିବେବୋଲି ଶଙ୍ଖନେତା ଜଣଙ୍କ କହିବାବେଳେ ଆମେ ଖାଲି ତାଙ୍କ ମୁହଁକୁ ଚାହିଁଥିଲୁ।

### ଆମ୍ ବସ୍‌ର ନୂଆ ନାମକରଣ




ରାଜଧାନୀରେ ଗଡୁଥିବା ଆମ ବସ୍‌ର ନାମକଣ ଅଳ୍ପଦିନ ତଳେ ସରକାର କରିଥିଲେ। ପୂର୍ବରୁ ଥିବା ମୋ ବସ୍ ର ନାମ ବଦଳି ଆମ ବସ୍ ହୋଇଥିଲା। ହେଲେ ଏବେ ରାଜଧାନୀବାସୀ ଏହାର ନାମ ଯମ ବସ୍ କରିଦେଲେଣି। ଗଣମାଧମରେ ବି ଏନେଇ ଲେଖା ଓ କାର୍ଟୁନ ବାହାରୁଛି। ତେବେ ଆମ୍ ବସ୍ ବିଭାଗର ଜଣେ ବାବୁଙ୍କ କହିବାକଥା ଯେ ବସ୍ ର ନାମ ବଦଳିବା ପରେ ସବୁତକ ଅଘଟଣ ଘଟୁଛି। ରାସ୍ତାଘାଟରେ ଲୋକେ ବସ୍‌କୁ ଦେଖି ଧାଇଁ ପଳାଉଛନ୍ତି। ଅଧିକାଂଶ ସ୍ଥାନରେ ଲୋକେ ବସ୍ କର୍ମଚାରୀଙ୍କୁ ବାଡେଇବାକୁ ସୁଯୋଗ ଖୋଜୁଛନ୍ତି। ଅଟୋ ଚାଳକମାନେ ତ ଆମ ବସ୍‌ର ଚରମ ଶତ୍ରୁ ପାଲଟିଛନ୍ତି। ତେବେ ବସ୍‌ର ନାମକରଣ ସହିତ ବାବୁମାନେ ପଇସା ଲୋଭରେ ଯେବେଠାରୁ ଏଥିରେ ରଙ୍ଗ ବେରଙ୍ଗର ବିଜ୍ଞାପନ ଲଗାଇବା ଆରମ୍ଭକଲେ ସେବେଠାରୁ ଏହାକୁ ଶନିଦଶା ପଡିଛି। ଲୋକେ ଏବେ ଏହାର ନାମ ବଦଳାଇ ଯମ ବସ୍ କରିଦେଲେଣି। ଯେଉଁଠାରେ ସାମାନ୍ୟ ଦୁର୍ଘଟଣା ବି ଘଟୁଛି ସେଠାରେ ଲୋକେ ମେଳି ହୋଇ ଯେଭଳି ଆକ୍ରମଣ କରୁଛନ୍ତି ସେଥିରେ ବିଚରା ବସ୍ କର୍ମଚାରୀ ଘାଇଲା ହେଉଛନ୍ତି। ଏହି ସଂସ୍ଥା ଦାୟିତ୍ୱରେ ଥିବା ବାବୁମାନେ ସ୍ଥିତି ସମ୍ଭାଳିବା ବଦଳରେ ନୂଆ ନୂଆ ଯୋଜନା ଘୋଷଣା କରିବାରେ ବ୍ୟସ୍ତ। ଶେଷ ଘୋଷଣାଟି ହେଉଛି ମହିଳମାନେ ଆମ ବସ୍ ଚଳାଇବେ। ଦେଖିବାକୁ ବାକି ରହିଲା ମହିଳା ଷ୍ଟିଅରିଂ ଧରିବାପରେ ଆମ ବସ୍ ଗଡୁଛି ନା ଯମ୍ ବସ୍ ଗଡୁଛି।

### ଗୋଡ଼ରେ ଗାଡ଼ି ଚଢ଼ାଇଦେଲେ ନେତା



କ୍ଷମତାରେ ନଥିଲେ ବି ନବୀନ ନିବାସ ନିକଟରେ ଏବେ ଭାରି ଗହଳି। ସେ ଗହଳି ଦେଖିବାକୁ ଆମେ ଟିକେ ସିଆଡେ ଚାଲି ଯାଇଥିଲୁ। ହେଲେ ପହଞ୍ଚିଲା ବେଳକୁ ଜଣେ ବାବୁ ଗୋଡକୁ ଧରି ବସି ଯନ୍ତ୍ରଣାରେ ଛଟପଟ ହେଉଥାନ୍ତି। ଆମେ ପଚାରିଲାଣୁ ବାବୁ ଜଣଙ୍କ ବଡ କଷ୍ଟରେ କହିଲେ ନିବାସରୁ ବିଷର୍ଣ୍ଣ ବଦନରେ ବାହାରିଥିବା ଜଣେ ନେତାଙ୍କ ଗାଡି ତାଙ୍କ ଗୋଡ ଉପରେ ଚଢି ଯାଇଛି। ଆମେ ଟିକେ ଅଧିକ ଉତ୍ସୁକ ହୋଇ ନେତାଙ୍କ ସଂକ୍ରାନ୍ତରେ ଖୋଳତାଡ କରି ଯାହା ବୁଝିଲୁ ଦୀର୍ଘଦିନ ପରେ ନେତା ଜଣଙ୍କ ନିବାସରେ ପାଦ ପକାଇଥିଲେ। ଭେଟ ଘାଟ ସମୟରେ ନିଜ ପାଇଁ ରାଜ୍ୟସଭା ଟିକଟଟି ଦାବି କରିଥିଲେ। ହେଲେ ଟିକଟ କଥା ଶୁଣି ନିବାସ ପତି ସିଧା ସିଧା ମନାକରି ଦେଲେ। ସେତେବେଳକୁ ନିବାସପତିଙ୍କ ସହିତ ନେତା ଜଣଙ୍କ ଫଟୋ ଉଠାଇ ସାରିଥାନ୍ତି। ନାସ୍ତିବାଣି ଶୁଣିବାପରେ ତୁରନ୍ତ ସ୍ଥାନ ଛାଡି ପଳାଇଲେ। ପଛରୁ ବି କେହି ଡାକିଲେ ନାହିଁ। ରାଗ ଗର ଗର ହୋଇ ଡ୍ରାଇଭରକୁ ଜୋର କରି ଗାଡି ଚଳାଇବାକୁ କହିଲେ। ଗାଡି ଭିତରେ ବସିଥିବା ମାଲିକଙ୍କ ରାଗ ତମତମ ଦେଖି ଡ୍ରାଇଭର ଏତେ ଜୋରରେ ଗାଡି ଚଳାଇଲା ଯେ ଫାଟକ ନିକଟରେ କଡ ପଟକୁ ଛିଡା ହୋଇଥିବା ବାବୁ ଜଣଙ୍କ ଗୋଡ ଉପରେ ଚଢାଇ ପଳାଇଲା। ସିଏ ଏବେ ବିଚରା ଛଟପଟ ହେଉଛନ୍ତି। ଏତିକି ବେଳେ କିଏ ଜଣେ ତାଙ୍କୁ ଡାକ୍ତରଖାନା ନେବାକୁ ଆସିବାରୁ ଗୋଡକୁ ଧରି ବାବୁଜଣଙ୍କ ଯାଇ ଗାଡିରେ ବସିଲେ। ଆମେ ଖାଲି ନେତାଙ୍କ କଥା ଭାବୁଥିଲୁ।

### ଲୋକଭବନ ଛକ ହୋଇଯିବ ପୋଷ୍ଟର ଛକ



ରାଜଭବନର ନାମ ବଦଳି ଇତି ମଧ୍ୟରେ ଲୋକ ଭବନ ହୋଇଛି। ସେହି ଆଧାରରେ ରାଜଭବନ ଛକର ନାମ ଲୋକଭବନ ଛକ ହେବାକଥା। ଏ ସଂକ୍ରାନ୍ତରେ ଆମେ ରାଜଭବନର ଜଣେ ବାବୁଙ୍କୁ ପଚାରିଲୁ ଛକର ନାମ କେବେ ବଦଳିବ। ହେଲେ ବାବୁ ଯାହା କହିଲେ ତାହା ଆଶ୍ଚର୍ଯ୍ୟ କରିଦେବା ଭଳି। ବାବୁ କହିଲେ ଛକର ଅବସ୍ଥା ଯାହା ହେଲାଣି ଏଣିକି ଲୋକେ ଏହାକୁ ପୋଷ୍ଟର ଛକ ବୋଲି ଲୋକେ କହିବେ। ଏଠାରେ ତ ସ୍ଥାୟୀଭାବେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କର ପୋଷ୍ଟର ଲାଗିଛି। ଏହା ସାଙ୍ଗକୁ ବିଭିନ୍ନ ସରକାରୀ ବିଭାଗର ପୋଷ୍ଟର ଲାଗୁଛି। ସରକାରଙ୍କ ଦେଖାଦେଖି ବାବା ମାତାଙ୍କ ପୋଷ୍ଟର ବି ଲାଗିଲାଣି। ବିରୋଧି ଦଳ ନେତାଏ ବି ସେମାନଙ୍କ ପୋଷ୍ଟର ଏଠାରେ ଲଗାଉଛନ୍ତି। ଏହାଛଡା ରାଜଧାନୀର ଅନ୍ୟ ନେତାଏ ବି ବିଭିନ୍ନ ବାହାନା କରି ଏଠାରେ ନିଜ ନିଜର ବଡ ବଡ ପୋଷ୍ଟର ଲଗାଉଛନ୍ତି। ପ୍ରତିଦିନ ନୂଆନୂଆ ପୋଷ୍ଟର ଦେଖିବାକୁ ମିଳୁଛି। ସହରରେ ଏଭଳି ପୋଷ୍ଟର ମାରିଲେ ବିଏମସି କାର୍ଯ୍ୟାନୁଷ୍ଠାନ ନେବାକଥା। ହେଲେ ଖୋଦ୍ ବିଏମସି ଏବେ ଏହାକୁ ନେଇ ଅଡୁଆରେ ପଡିଛି। ଯଦି ପୋଷ୍ଟର ହଟାଇବ ତେବେ କାହାର ହଟାଇବ ? ଯାହାର ହଟାଇବ ସିଏ ଅନ୍ୟର ହଟାଇବାକୁ ଦାବି କରିବ। ତେଣୁ ସିଆଡେ ନଜର ନପକାଇବା ସବୁଠାରୁ ଭଲ। ଏଭଳି ସ୍ଥିତିରେ ରାଜଭବନ ଛକରେ ଯେଭଳି ପୋଷ୍ଟର ୱାର ଚାଲିଛି ଆଗାମୀ ଦିନରେ ଏହାର ନାମ ନିଶ୍ଚିତ ପୋଷ୍ଟର ଛକ ହେବ ବୋଲି ବାବୁ ଜଣଙ୍କ ଜୋର ଦେଇ କହିବାରୁ ଆମେ ତାଙ୍କୁ ଘଣ୍ଟାଛକ କଥା ପଚାରିଲୁ। ହେଲେ ସିଏ ସହରରେ ନୂଆ ହୋଇଥିବାରୁ କେବଳ ପୋଷ୍ଟର କଥା କହି ସେଠାରୁ ବିଦାୟ ନେଇଥିଲେ।

# ଉତ୍ତର ଭାରତ ସହ ଦୃଢ଼ହେଲା ସାଂସ୍କୃତିକ ସମନ୍ୱୟ

**ଭୁବନେଶ୍ୱର,୧।୨ (ସଂଚାର ବ୍ୟୁରୋ):** ଓଡିଶା ଓ ଉତ୍ତର ଭାରତ ମଧ୍ୟରେ ସାଂସ୍କୃତିକ ସମନ୍ୱୟକୁ ସୁଦୃଢ଼ କରିବାକୁ ଆରମ୍ଭ ହୋଇଥିବା ଓଡିଶା ପରବ ୨୦୨୬ ବେଶ ଜାକଜମକର ସହ ଉଦଯାପିତ ହୋଇଛି। ତିନି ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟର ପର୍ଯ୍ୟଟନ, କଳା ଓ ସଂସ୍କୃତିର ପ୍ରଦର୍ଶନ କରାଯାଇଥିଲା। ପର୍ଯ୍ୟଟନ ବିଭାଗ ଓ ଫିକିର ମିଳିତ ଉଦ୍ୟମରେ ଏହି ପରବ ତିନିଦିନ ଧରି ଚାଲିଥିଲା। ରାଜ୍ୟର ପର୍ଯ୍ୟଟନ କ୍ଷେତ୍ର ପାଇଁ ନିବେଶ ସୁଯୋଗ ସୃଷ୍ଟି କରିବା ଦିଗରେ ମଧ ଏହି ଉତ୍ସବ ଏକ ମାଧ୍ୟମ ସାଜିଥିଲା।

ଏଥିରେ ରାଜ୍ୟର ସମୃଦ୍ଧ ଐତିହ୍ୟ, ପରମ୍ପରା, ହସ୍ତଶିଳ୍ପ, ହସ୍ତକଳା, ଖାଦ୍ୟ ଓ ପର୍ଯ୍ୟଟନ ଅଭିଜ୍ଞତା ଏବଂ ଓଡ଼ିଶା ଓ ଆସାମ ମଧ୍ୟରେ ଥିବା ସମ୍ପର୍କ ପ୍ରଦର୍ଶିତ ହୋଇଥିଲା।



ଉଦ୍‌ଯାପିତ ହେଲା ଓଡ଼ିଶା ପରବ ୨୦୨୬

ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଏହି ଅଭିଯାନ ମାଧ୍ୟମରେ ରାଜ୍ୟର ସାଂସ୍କୃତିକ ବୈଭବ ଅନ୍ୟ ରାଜ୍ୟରେ ପ୍ରଦର୍ଶିତ ହୋଇପାରିଥିଲା। ଏହାଦ୍ୱାରା ପାରସ୍ପରିକ ରାଜ୍ୟ ଓ ଲୋକମାନଙ୍କ ମଧ୍ୟରେ ସମ୍ପର୍କ ଦୃଢ଼ ହୋଇପାରିବା ସହ ଆଧୁନିକ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଆହୁରି ସୁଦୃଢ଼ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ଉଦଘାଟନୀ ଉତ୍ସବରେ ଓଡିଶୀ ନୃତ୍ୟ ପରିବେଷଣ, ଆଦିବାସୀ କଳା ଓ ସଂସ୍କୃତିର ପ୍ରଦର୍ଶନ କାର୍ଯ୍ୟକ୍ରମକୁ ଆହୁରି ରଙ୍ଗୀନ କରିଥିଲା। ପରବ ୨୦୨୬ ଜରିଆରେ ରାଜ୍ୟ ସରକାର ଓଡିଶାରେ ପର୍ଯ୍ୟଟନ କ୍ଷେତ୍ରରେ ନିବେଶ ପାଇଁ ରହିଥିବା ସୁଯୋଗ ସମ୍ପର୍କରେ ମଧ ଆଲୋଚନା କରିଥିଲେ। ଏହି ଅବସରରେ ଆସାମ ଓ ଉତ୍ତର ଭାରତରେ ରହୁଥିବା ଓଡିଆ ସମାଜ ଏବଂ କିଛି ନିବେଶକଙ୍କ ସହ ମଧ ଆଲୋଚନା ହୋଇଥିଲା। ଏଥିରେ ଓଡିଶା ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଆସାମର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ଜଳସମ୍ପଦ ମନ୍ତ୍ରୀ ଅଶୋକ ସିଂହଲ, ରାଜ୍ୟ ପର୍ଯ୍ୟଟନ ସଚିବ ବଲୱନ୍ତ ସିଂହ ଓ ଉଭୟ ରାଜ୍ୟର ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ଉତ୍ତର ଭାରତରେ ରହୁଥିବା ଓଡିଆ ଲୋକମାନେ ଓଡିଶା ଓ ଆସାମ ମଧ୍ୟରେ ସାଂସ୍କୃତିକ ସମନ୍ୱୟ ବୃଦ୍ଧି କରିବାରେ ସାସ୍କୃତିକ ବ୍ରାଣ୍ଡ ଆମ୍ବାସଡର ଭାବେ କାମ କରିବାକୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଦୁଇ ରାଜ୍ୟ ମଧ୍ୟରେ ସାଂସ୍କୃତିକ ଏବଂ ପର୍ଯ୍ୟଟନ ସମନ୍ୱୟ ପାଇଁ ଓଡିଶା ସରକାରଙ୍କ ଉଦ୍ୟମକୁ ଆସାମ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରଶଂସା କରିଥିଲେ।

## ବଡ଼ବିଲରେ ପୁଲିସ ଏନକାଉଣ୍ଟର
## ବ୍ୟାଙ୍କ ଡକାୟତିର ମୁଖ୍ୟ ଅଭିଯୁକ୍ତ ଗୁରୁତର



**କେନ୍ଦୁଝର,୧।୨(ସଂଚାର ବ୍ୟୁରୋ):** ଗତ କିଛିଦିନ ତଳେ କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅଞ୍ଚଳରେ ବ୍ୟାଙ୍କ ଅଫ ମହାରାଷ୍ଟ୍ରରେ ବଡ଼ ଧରଣର ଡକାୟତି ହୋଇଥିଲା। ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ମୁଖ୍ୟ ଅଭିଯୁକ୍ତ ସିପୁ କୁମାର ଖସିଯାଇଥିଲା। ସିପୁ ଘର ବିହାରର ପାଟଣା ଜିଲ୍ଲା ପିପରା ଗାଁରେ। ବହୁ ହତ୍ୟା , ବେଆଇନ ଅସ୍ତ୍ରଶସ୍ତ୍ର, ଡକାୟତି , ଚୋରି ଓ ଜୋର ଜବରଦସ୍ତ ଟଙ୍କା ଆଦାୟ ଭଳି ସଙ୍ଗିନ ମାମଲା ଓଡ଼ିଶା, ବିହାର ଓ ଝାରଖଣ୍ଡରେ ରହିଛି। ତାକୁ ଦଣଇଶଖଉ ଓଡ଼ିଶା ଝାରଖଣ୍ଡ ସୀମା ଟାଙ୍କୁରା ଜଙ୍ଗଲରେ ଅପରସନ ଆରମ୍ଭ କରିଥିଲା ବଡବିଲ ପୁଲିସ। ଯେଉଁଥିରେ ସିପୁ ଖସିଯିବା ପାଇଁ ପୁଲିସ ଉପରକୁ ଗୁଳି ଚଳାଇଥିଲା। ପୁଲିସ ନିଜ ସୁରକ୍ଷା ପାଇଁ ଓଲଟା ଫାୟାରିଂ କରିବା ଫଳରେ ସିପୁର ଗୋଡ଼ରେ ଗୁଳି ବାଜିଥିଲା। ତାକୁ ପୁଲିସ କାବୁ କରି ଗୁରୁତର ଅବସ୍ଥାରେ ବଡ଼ବିଲ ମେଡିକାଲରେ ଭର୍ତ୍ତି କରିଛି। ତା ନିକଟରୁ ଏକ ଦେଶୀ ବନ୍ଧୁକ ପୁଲିସ ଜବତ କରିଛି।

## ଚୌଦ୍ୱାର ମଣ୍ଡଳ କାରାଗାରରେ କଏଦୀଙ୍କ ଆତ୍ମହତ୍ୟା




**କଟକ, ୧।୨(ସଂଚାର ବିରୋ):** କଟକ ଚୌଦ୍ୱାର ମଣ୍ଡଳ କାରାଗାରରେ ବିଚାରାଧୀନ ଜଣେ କଏଦୀ ଆତ୍ମହତ୍ୟା କରିଛନ୍ତି। ସେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ କଏଦୀ ଜଣଙ୍କ ଘର କଟକ ହାତୀପୋଖରୀ ଅଞ୍ଚଳର ବୋଲି ସୂଚନା ମିଳିଛି। ମୃତ କଏଦୀ ଜଣଙ୍କ ସେଲ୍ ରେ ଥିବା ଭିତରେ ମୃତ୍ୟୁବରଣ କରିଛି, ଆସାମୀ ମହମ୍ମଦ କଲିମ୍ ଦରଘାବଜାର ଅଞ୍ଚଳର ଏକ ଘଟଣାରେ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ୧୩/୧୨/୨୦୨୫ ରୁ ଜେଲ୍ ରେ ଥିଲେ ବୋଲି ସୂଚନା ମିଳିଛି। ମୃତଦେହକୁ ଉଦ୍ଧାର କରି କଟକ ଏସସିବି ମେଡିକାଲକୁ ପଠାଯାଇଛି । ଦୀର୍ଘ ଦିନ ହେବ ଚୌଦ୍ୱାର ମଣ୍ଡଳ କାରାଗାରରୁ ବିବାଦ ପିଛାଛାଡୁନି। କେତେବେଳେ କଏଦ ଫେରାର ହେଉଛନ୍ତି ତ ଆଉ କେତେବେଳେ କଏଦ ଜେଲ୍ ଭିତରେ ଆତ୍ମହତ୍ୟା କରୁଛନ୍ତି। ଏହିଭଳି ସମସ୍ୟା ଘେର ଭିତରେ ଏବେ କଟକ ଚୌଦ୍ୱାର ମଣ୍ଡଳ କାରାଗାର ରହିଛି। ଜେଲ୍ ରେ କଏଦୀ କେତେ ସୁରକ୍ଷିତ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

● ଜିଲ୍ଲାପାଳଙ୍କ ଆଦେଶକୁ ରଦ୍ଦକଲେ ହାଇକୋର୍ଟ

## ମଙ୍ଗଳ ସଂପ୍ରସାରଣ ଅଧିକାରୀଙ୍କ ବଦଳି ଆଦେଶ ବାତିଲ



**ରାୟଗଡା,୧।୨(ସଂଚାର ବ୍ୟୁରୋ):** ମଙ୍ଗଳ ସଂପ୍ରସାରଣ ଅଧିକାରୀମାନଙ୍କ ବଦଳି ପ୍ରକ୍ରିୟାରେ ଏକ ବଡ଼ ଆଇନଗତ ନିଷ୍ପତ୍ତି ଶୁଣାଇଛନ୍ତି ଓଡ଼ିଶା ଉଚ୍ଚ ନ୍ୟାୟାଳୟ। ଜିଲ୍ଲାପାଳଙ୍କ ଦ୍ୱାରା ଜାରି ହୋଇଥିବା ବଦଳି ନିର୍ଦ୍ଦେଶକୁ ବେଆଇନ ଦର୍ଶାଇ ହାଇକୋର୍ଟ ଜିଲ୍ଲାପାଳଙ୍କ ଆଦେଶକୁ ରଦ୍ଦ କରିଛନ୍ତି। ରାୟଗଡ଼ା ଜିଲ୍ଲାପାଳଙ୍କ ଦ୍ୱାରା ଗତ ୧୦.୧୨.୨୦୨୫ ରିଖରେ ୭ ମଙ୍ଗଳ ସଂପ୍ରସାରଣ ଅଧିକାରୀଙ୍କୁ ଜିଲ୍ଲାରେ ବିଭିନ୍ନ ସ୍ଥାନକୁ ଅଦଳବଦଳ କରି ବଦଳି ଆଦେଶ ଜାରି କରିଥିଲେ। ଏହି ଆଦେଶକୁ ଚ୍ୟାଲେଞ୍ଜ କରି ରାୟଗଡା ମଙ୍ଗଳ ସଂପ୍ରସାରଣ ଅଧିକାରୀ ପ୍ରକାଶ କୁମାର ନାୟକ ଓ ଅନ୍ୟମାନେ ହାଇକୋର୍ଟରେ ପୃଥକ ପୃଥକ ରିଟ୍ ପିଟିସନ ଦାୟର କରିଥିଲେ। ବିଚାରପତି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏହି ସମସ୍ତ ମାମଲାକୁ ଏକତ୍ର ଶୁଣାଣି କରି ୨୮.୦୧.୨୦୨୬ ରିଖରେ ନିଷ୍ପତ୍ତି ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏଏସସି ଏସ.ପି. ଦାସ ପକ୍ଷ ରଖିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଓକିଲ ଜି.ଆର. ସେଠୀ ଯୁକ୍ତି ଦର୍ଶାଇଥିଲେ ଯେ, ‘ଓଡ଼ିଶା ସବଅର୍ଡିନେଟ୍ ୱେଲଫେୟାର ସର୍ଭିସେସ୍ ରୁଲ୍ସ, ୧୯୯୨’ ଅନୁଯାୟୀ ଜିଲ୍ଲାପାଳଙ୍କର ବଦଳି କରିବା ପାଇଁ କୌଣସି ଆଇନଗତ କ୍ଷମତା ନାହିଁ। ଉକ୍ତ ନିୟମାବଳୀ ଅନୁଯାୟୀ, କେବଳ ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗର ନିର୍ଦ୍ଦେଶକ ହିଁ ଏହି ଅଧିକାରୀଙ୍କୁ ବଦଳି କରିବା ପାଇଁ ଏକମାତ୍ର ସକ୍ଷମ କର୍ତ୍ତୃପକ୍ଷ।

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ପ୍ରଧାନଶିକ୍ଷକ ଗିରଫ

● ଗିରଫଦାରୀକୁ ବିରୋଧ କରି କିଛି ଅଭିଭାବକଙ୍କ ଧାରଣା



**ସାଲେପୁର,୧।୨(ସଂଚାର ବ୍ୟୁରୋ) :** ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ପ୍ରଧାନଶିକ୍ଷକ ଗିରଫ ହୋଇଛନ୍ତି। ଗିରଫଦାରୀକୁ ବିରୋଧ କରି କିଛି ଅଭିଭାବକ ଧାରଣା ଆରମ୍ଭ କରିଛନ୍ତି। କଟକ ସରପଡା ପଞ୍ଚାୟତ ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ନାଁରେ ଏପରି ଅଭିଯୋଗ ଆସିଛି। ଜଣେ ଛାତ୍ରୀଙ୍କୁ ପ୍ରଧାନଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗରେ ଗିରଫ କରାଯାଇଛି। କିନ୍ତୁ କିଛି ଅଭିଭାବକ କହିଛନ୍ତି, ରାଜନୈତିକ ଆକ୍ରୋଶ ରଖି ପ୍ରଧାନଶିକ୍ଷକଙ୍କୁ ଫସାଇ ଦିଆଯାଇଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ବିଦ୍ୟାଳୟ ସମ୍ମୁଖରେ କିଛି ଅଭିଭାବକ ଧାରଣା ଦେଇଛନ୍ତି। ଖବର ପାଇ ନିଶ୍ଚିନ୍ତକୋଇଲି ପୁଲିସ ଓ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରିଣୀ ଅଭିଭାବକଙ୍କୁ ବୁଝାସୁଝା କରିଥିଲେ। ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଇଥିଲା। ସେପଟେ ପ୍ରାଥମିକ ତଦନ୍ତ ପରେ ପ୍ରଧାନଶିକ୍ଷକଙ୍କୁ ଗିରଫ କରାଯାଇଥିବା କହିଛନ୍ତି ସାଲେପୁର ଡିଏସ୍‌ପି।

## ମାତୃହନ୍ତା ପୁଅକୁ ଆଜୀବନ ଜେଲ

**କଟକ, ୧।୨(ସଂଚାର ବ୍ୟୁରୋ):** ମା’ ଟଙ୍କା ନଦେବାରୁ ମା’ ଛାତି ଉପରେ ଚଢ଼ିମାରିବା ଅଭିଯୋଗରେ ପୁଅକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି କୋର୍ଟ। ମା’କୁ ଖର୍ଚ୍ଚ କରିବାକୁ ଟଙ୍କା ମାଗିବାରୁ ମା’ ନିଜର ଅସମର୍ଥତା ପ୍ରକାଶ କରିଥିଲା ପୁଅ ଆଗରେ। ହେଲେ ନିଷ୍ଠୁର ପୁଅ ନିର୍ମମ ଭାବେ ତା’ର ମା’କୁ ଘୋଷାରି ନେଇ ତଳେ ପକାଇ ଯେଉଁ ମା’ର ଛାତିରୁ କ୍ଷୀର ଖାଇ ଏ ଦୁନିଆଁକୁ ଆସିଥିଲା, ସେଇ ଛାତି ଉପରେ ଗୋଇଠା ପରେ ଗୋଇଠା ମାରି ମା’ର ଆକୁଳ କ୍ରନ୍ଦନକୁ ଭ୍ରୁକ୍ଷେପ ନକରି ପଞ୍ଜରା ହାଡ଼କୁ ଭାଙ୍ଗି ଦେଇଥିଲା। ବିଚରା ଅସହାୟ ମା’ ତଳେ ପଡିଥିବା ବେଳେ ଅନ୍ୟପୁଅ ବିଶ୍ୱଭୂଷଣ ଦଳେଇ ମା’କୁ ନେଇ ଆଠଗଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ଗୁରୁତର ଭାବେ କଟକ ବଡ଼ମେଡିକାଲକୁ ନେଇଥିଲେ। ହେଲେ ମା’ର ସେଠାରେ ମୃତ୍ୟୁ ହୋଇଯାଇଥିଲା। ଘଟଣାଟି ଘଟିଥିଲା ଗତ ୨୦୨୨ ମସିହା ଏପ୍ରିଲ ମାସ ୯ ତାରିଖ ଦିନ ଆଠଗଡ ଥାନା ନିକଟ ହେମମାଳପୁର ଗ୍ରାମର ସୁଷମା ଦଳେଇଙ୍କ ଘରେ। ତାଙ୍କ ପୁଅ ବିଭୂତି ଭୂଷଣ ଦଳେଇ ସେଦିନ ମା’କୁ ଟଙ୍କା ମାଗିଥିଲା। ହେଲେ ମା’ ମନା କରିବାରୁ ନିଷ୍ଠୁର ଭାବେ ମା’କୁ ମାଡ଼ ମାରି ଛାତି ଉପରେ ଚଢ଼ି ପଞ୍ଜରା ହାଡ଼କୁ ଭାଙ୍ଗି ଦେଇଥିଲା। ମା’ ମୁର୍ମୁଷ ଅବସ୍ଥାରେ ତଳେ ପଡିଥିବା ଦେଖି ଅନ୍ୟ ଜଣେ ପୁଅ ବିଶ୍ୱଭୂଷଣ ମା’କୁ ବଞ୍ଚାଇବା ପାଇଁ ମେଡ଼ିକାଲ ନେଇଥିଲେ। ହେଲେ ମା’ ଆଉ ଫେରିନଥିଲେ। ସବୁଦିନ ପାଇଁ ଏ ଦୁନିଆରୁ ବିଦାୟ ନେଇଥିଲେ।

## ଆକାଶବାଣୀ ସ୍ୱୀକୃତିପ୍ରାପ୍ତ ମ୍ୟୁଜିକ କମ୍ପୋଜର୍ସ ଆସୋସିଏସନ ବୈଠକ



**କଟକ,୧।୨(ସଂଚାର ବ୍ୟୁରୋ):** ରାଜ୍ୟସ୍ତରୀୟ ଆକାଶବାଣୀ ସ୍ୱୀକୃତିପ୍ରାପ୍ତ ମ୍ୟୁଜିକ କମ୍ପୋଜର୍ସ ଆସୋସିଏସନର ବୈଠକ ସଭାପତି ପ୍ରଫୁଲ୍ଲ ମିତ୍ରଙ୍କ ଅଧକ୍ଷତାରେ ଚହଟାସ୍ଥିତ ରଶ୍ମି ପ୍ୟାଲେସ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଭାରତୀୟ ସଙ୍ଗୀତ, ଓଡ଼ିଶାର ବିଭିନ୍ନ ଶୈଳୀର ସଙ୍ଗୀତ ତଥା ଲୋପ ପାଇ ଆସୁଥିବା ସଙ୍ଗୀତର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ସଙ୍ଗୀତ ସଂଯୋଜକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସର୍ବସମ୍ମତି କ୍ରମେ ମତ ପ୍ରକାଶ ପାଇଥିଲା। ଏଥିପାଇଁ ସଙ୍ଗୀତ ସଂଯୋଜକ ମାନଙ୍କର ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ସେହିପରି ଗଣମାଧ୍ୟମର ଭୂମିକା ସେତିକି ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ ପାଇଥିଲା। ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବେ ବୋଲି ଆମକା (ଆକାଶବାଣୀ ସ୍ୱୀକୃତି ପ୍ରାପ୍ତ ମ୍ୟୁଜିକ କମ୍ପୋଜର୍ସ ଆସୋସିଏସନ) ନିବେଦନ କରିଛି। ଏହି ସଭାରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ସଙ୍ଗୀତ ନିର୍ଦ୍ଦେଶକ ସର୍ବଶ୍ରୀ ଓମ୍ ପ୍ରକାଶ ମହାନ୍ତି, ମନ୍ମଥ ମିଶ୍ର, ସୁବାଷ ଦାସ, ଚୌଧୁରୀ ଭାରତୀକୃଷ୍ଣ ଦାସ, ଜଗନ୍ନାଥ କୁଅଁର, ବିଶ୍ୱନାଥ ମିଶ୍ର, ଗୁରୁ ପ୍ରସାଦ ଦାସ, ସୁଶାନ୍ତ ନାଥ, ପ୍ରଫୁଲ୍ଲ ବେହେରା, ଗଙ୍ଗାଧର ଦାସ, ବିଜୟ ସାମନ୍ତରାୟ, ଶଙ୍କର ପ୍ରଧାନ, ସନ୍ନ୍ୟାସୀ ପରିଛା, ଧୀରେନ୍ ପଟ୍ଟନାୟକ, ପରମାନନ୍ଦ ସାହୁ, ରଞ୍ଜନ ମିଶ୍ର, ମନୋରଞ୍ଜନ ପାଢ଼ୀ ଆଦି ୬୦ରୁ ଊର୍ଦ୍ଧ୍ୱ ସଙ୍ଗୀତ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ଉକ୍ତ ସଭାରେ ବିଶିଷ୍ଟ ଅତିଥି ଭାବରେ ଦୁଇ ବରିଷ୍ଠ ପୁଲିସ ଅଧିକାରୀ ଅମିତାଭ ମହାପାତ୍ର ଓ କୃଷ୍ଣଚନ୍ଦ୍ର ସେଠୀ ମାର୍ଗଦର୍ଶନ କରିଥିଲେ। ପ୍ରାରମ୍ଭରେ ଦିବଂଗତ ସିତାର ବାଦକ ତଥା ସଙ୍ଗୀତ ସଂଯୋଜକ ରବିଶଙ୍କର ପ୍ରଧାନ, ଅଖିଳ ଲେଙ୍କା, ଭାନୁମତୀ ସାହୁ, ନିହାର ରଞ୍ଜନ ମହାନ୍ତି ଓ ରାଧାକାନ୍ତ ନନ୍ଦଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

## ଚୌଦ୍ୱାରରେ ରାତ୍ରି ଆଶ୍ରୟସ୍ଥଳୀ ଯୋଜନା ପ୍ରହସନ



**କଟକ,୧।୨(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଅନୁମତି କ୍ରମେ କେହି ମୁକ୍ତ ଆକାଶ ତଳେ ରାତ୍ରିରେ ଶୋଇବେ ନାହିଁ କି କେହି ହୋମ ଲେସ ହେବେନାହିଁ। ସେଥିପାଇଁ ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା ୨୫. ୧୦.୨୫ ରେ ସମସ୍ତ ପୌର ସଂସ୍ଥାକୁ ନିର୍ଦେଶ ଦେଇଥିଲେ। କିଛି ସାମ୍ବାଦିକ ପୌରାଧିକାରୀଙ୍କୁ ଏହି ଚିଠି ବିଷୟରେ ପଚାରିବାରୁ ନିକଟରେ ଏକ ବ୍ୟାନର ଲଗାଇ ଦେଇ ଗୋଟିଏ ଘରେ ୫ଟି ଫୋଲଡିଂ ଖଟ ପକାଇଥିଲେ। ଜଣେ ସୁପର ଭାଇଜର ଓ ଜଣେ କେୟାର ଟେକର ନିଯୁକ୍ତି ଦେଇ ବସି ପଡିଛନ୍ତି। ଆଜିପର୍ଯ୍ୟନ୍ତ ଜଣେ ବି ଗରିବ ଲୋକ ରହିନାହାନ୍ତି, କି ଅଞ୍ଚଳରେ କେତେ ଏହିଭଳି ଅଛନ୍ତି, ତା’ର ଅନୁଧ୍ୟାନ କରାଯାଇନାହିଁ। ଅନ୍ୟପକ୍ଷରେ କାଳୀ ମନ୍ଦିର, ରୂପଯାତ୍ରା ପଡିଆ, କଳିଙ୍ଗ ଛକ, ମହିଳା କଲେଜ ଓ ବିରାଟ ବଜାର ନିକଟରେ କିଛି ବ୍ୟକ୍ତି ରାତିରେ ପ୍ରବଳ ଶୀତରେ ରାତ୍ରିଯାପନ କରୁଥିବାର ଦେଖାଯାଇଛି। ଏହି ଘଟଣା ଉପରେ ପୌରାଧକ ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କୁ ପଚାରିବାରୁ ସେ ବିଶେଷ ଭାବରେ କିଛି ଜାଣିନାହାନ୍ତି ବୋଲି କହିଥିଲେ।

ଅତି ଆଶର୍ଯ୍ୟର କଥା ଏହି ଆଶ୍ରୟ ସ୍ଥଳୀରେ ସବୁଦିନ ରାତି ୧୧ଟା ପର୍ଯ୍ୟନ୍ତ ତାଲା ପଡ଼ି ରହୁଛି। ତେଣୁ କାହା ସ୍ୱାର୍ଥରେ ଏହି ଘର। ଏହି ଘଟଣା ଉପରେ ବିଧାୟକ ସୌଭିକ ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଲେ, ସେ ତଦନ୍ତ କରିବେ। ଏପରିକି ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କୁ ପଚାରିବାରୁ ସେ ଏହି ଚିଠି କିମ୍ବା କୌଣସି ପାରିଷଦ ବୈଠକରେ ଆଲୋଚନା କରାଯାଇନାହିଁ ବୋଲି ପ୍ରକାଶଥିଲେ । କିନ୍ତୁ ଏଠି ସବୁଠୁ ବଡ ପ୍ରଶ୍ନ ଉଠୁଛି ଯେ, ଅଧକ୍ଷ, ଉପାଧ୍ୟକ୍ଷାଙ୍କ ସହ ବିଧାୟକ ଏହି ବିଷୟରେ କୌଣସି ଜାଣିନଥିବା କହୁଥିବା ବେଳେ ଗୃହ ନିର୍ମାଣ ହେଲା କେମିତି ଓ ଆଶ୍ରୟସ୍ଥଳୀ ଲେଖିଲା କିଏ, ତା ଏବେ ସାଧାରଣରେ ବଡ ପ୍ରଶ୍ନ ଉଠିଲାଣି । ଅନ୍ୟ ପଟେ ଅସହାୟମାନଙ୍କ ପାଇଁ ପ୍ରହସନ ପାଲଟିଛି ଶୀତ ଆଶ୍ରୟ ସ୍ଥଳୀ ।

## ୩୮ ଲକ୍ଷର ଜମି ଠକେଇ ମାମଲାରେ ବିଲ୍ଡର ଗିରଫ



**କଟକ,୧।୨(ସଂଚାର ବ୍ୟୁରୋ) :** ଜମି ଠକେଇ ଘଟଣାରେ ବିଲଡର ଗିରଫ ହୋଇଛନ୍ତି। ୩୮ ଲକ୍ଷ ଟଙ୍କାର ଜମି ଠକେଇ ମାମଲାରେ ବିଲଡର ସଞ୍ଜୀବ ବିଶ୍ୱାଳଙ୍କୁ ଗିରଫ କରିଛି କଟକ ସଦର ଥାନା ପୁଲିସ।। ଦୁଇ ଜଣ ବ୍ୟକ୍ତିଙ୍କୁ ଜମି ଦେବାକୁ କହି ଠକି ଥିବା ଅଭିଯୋଗ ହୋଇଥିଲା। ୨୦୨୨ ମସିହାରୁ ଟଙ୍କା ଦେଇ ଜମି ପାଇ ନ ଥିଲେ ଅଭିଯୋଗକାରୀ। ବାରଙ୍ଗ ଏବଂ ଗୋପାଳପୁର ଅଞ୍ଚଳରେ ଅଫିସ ଖୋଲି ଠକୁଥିଲେ ଗିରଫ ଅଭିଯୁକ୍ତ। ଏନେଇ ଅଭିଯୋଗ ହେବା ପରେ ଶେଷରେ ପୁଲିସ ପଦକ୍ଷେପ ନେଇ ବିଲ୍ଡରକୁ ଗିରଫ କରି ତଦନ୍ତ କରୁଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ






# ଜାନୁଆରୀରେ ୧.୯୩ କୋଟି ଛୁଇଁଲା ରାଜସ୍ୱ

ନୂଆଦିଲ୍ଲୀ,୧।୨: ଦେଶର ଅର୍ଥନୀତି ପାଇଁ ଏକ ଭଲ ଖବର ସାମ୍ନାକୁ ଆସିଛି। ଚଳିତ ବର୍ଷ ଜାନୁଆରୀ ମାସରେ ମୋଟ ଦ୍ରବ୍ୟ ଓ ସେବା କର (ଜିଏସଟି) ସଂଗ୍ରହ ୧.୯୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଯାହା ଗତ ବର୍ଷ ତୁଳନାରେ ୬.୨ ପ୍ରତିଶତ ଅଧିକ। ମୁଖ୍ୟତଃ ଆମଦାନୀ ଶୁଳ୍କରେ ବୃଦ୍ଧି ଯୋଗୁଁ ଏହି ସଫଳତା ମିଳିଥିବା ଜଣାପଡ଼ିଛି। ଜାନୁଆରୀ ମାସର ଜିଏସଟି ରିପୋର୍ଟ ଅନୁଯାୟୀ, ଘରୋଇ କାରବାର ଅପେକ୍ଷା ଆମଦାନୀ କ୍ଷେତ୍ରରୁ ଅଧିକ ରାଜସ୍ୱ ଆସିଛି। ଗତ ମାସରେ ରିଫଣ୍ଡ ପରିମାଣ ୩.୧ ପ୍ରତିଶତ ହ୍ରାସ ପାଇ ୨୨,୬୬୫ କୋଟି ଟଙ୍କା ରହିଥିବା ବେଳେ, ନିଟ୍ ଜିଏସଟି ସଂଗ୍ରହ ୭.୬ ପ୍ରତିଶତ ବୃଦ୍ଧି ସହ ୧.୭୧ ଲକ୍ଷ କୋଟି ଟଙ୍କା ରହିଛି। ଆମଦାନୀ ଜନିତ ଟିକସ ସଂଗ୍ରହରେ ୧୦.୧ ପ୍ରତିଶତର ବଡ଼ ଧରଣର ବୃଦ୍ଧି ଘଟିଥିବା ବେଳେ ଘରୋଇ କାରବାରରୁ ସଂଗୃହିତ ଟିକସରେ ୪.୮ ପ୍ରତିଶତ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ତେବେ ସେସ୍ ସଂଗ୍ରହରେ ବଡ଼ ଧରଣର ହ୍ରାସ ଘଟି ଏହା ୫,୭୬୮ କୋଟି ଟଙ୍କାରେ ସୀମିତ ରହିଛି। ଯାହା ଗତ ବର୍ଷ ସମାନ ଅବଧିରେ ୧୩,୦୦୯ କୋଟି ଟଙ୍କା ଥିଲା।

୨୦୨୫ ସେପ୍ଟେମ୍ବରରୁ ପ୍ରାୟ ୩୭୫ଟି ସାମଗ୍ରୀ ଉପରେ ଜିଏସଟି ହାର ହ୍ରାସ ପାଇବା ଏବଂ କେବଳ ତମ୍ବାଖୁ ଜାତୀୟ ଦ୍ରବ୍ୟ ଉପରେ ସେସ୍ ସୀମିତ ରହିବା ଯୋଗୁଁ ଏହି ପରିବର୍ତ୍ତନ ଦେଖାଦେଇଛି।



# ଶସ୍ତା ହୋଇଗଲା ସୁନା-ରୁପା

ନୂଆଦିଲ୍ଲୀ, ୧।୨: ବଜେଟ୍ ପୂର୍ବରୁ କ୍ରାସ୍। ଶସ୍ତା ହେଲା ସୁନା ଏବଂ ରୁପା। ବଜେଟ୍ ଆସିବାର କିଛି ଘଣ୍ଟା ପୂର୍ବରୁ ସୁନା ଏବଂ ରୁପା ଦର କମିଯାଇଛି। ଗୋଟିଏ ଝଟକାରେ ଦୁଇ ଧାତୁର ଦରରେ ଅହେତୁକ ହ୍ରାସ ଘଟିଛି। ଗତ ସପ୍ତାହରେ ସୁନା ଏବଂ ରୁପା ଦାମରେ ଅହେତୁକ ହ୍ରାସ ପରିଲକ୍ଷିତ ହୋଇଥିଲା। ରୁପା ଗୋଟିଏ ଦିନରେ ୩୦ ପ୍ରତିଶତ ଶସ୍ତା ହୋଇଥିବା ବେଳେ ସୁନା ବି ୧୭ ପ୍ରତିଶତ କମିଥିଲା। ରବିବାର ବଜେଟ୍ ଦିନରେ ମଧ୍ୟ ଏହି ଟ୍ରେଣ୍ଡ୍ ଜାରି ରହିଛି। କମୋଡିଟି ମାର୍କେଟ୍ ଏମସିଏକ୍ସ ସହ ସେୟାର ବଜାରରେ ମଧ୍ୟ ସୁନା-ରୁପା ଟ୍ରେଡ୍ କରୁଛି। ମାର୍କେଟ୍ ଖୋଲୁଖୋଲୁ ଦାମ୍ ଖସି ଯାଇଛି। ବଜାର ଖୋଲୁଖୋଲୁ ୧ କେଜି ରୁପା ହଠାତ ୨୭ ହଜାର ଟଙ୍କା ଶସ୍ତା ହୋଇଯାଇ। ସେହିପରି ସୁନା ମଧ୍ୟ ୯ ହଜାର ଟଙ୍କା ଶସ୍ତା ହୋଇଯାଇଛି। ଜାନୁଆରୀ ଶେଷ ବେଳକୁ ସୁନା-ରୁପା ଦର ରେକର୍ଡ ସ୍ତରରେ କମିଥିଲା। ଏହାପୂର୍ବରୁ ଗୁରୁବାର ରୁପା ୪ ଲକ୍ଷ ଅତିକ୍ରମ କରିଥିଲା। କିନ୍ତୁ ଏହାପର ଦିନ ଅର୍ଥାତ ଶୁକ୍ରବାର ରୁପା ଦାମ୍ ଲକ୍ଷେ ୨୮ ହଜାର କମି ୨ ଲକ୍ଷ ହଜାରକୁ ଆସିଯାଇଥିଲା। ଏବେ ବଜେଟ୍ ଦିନରେ ୯ ପ୍ରତିଶତ ଅର୍ଥାତ ୨୭ ହଜାର ୫୦୦ ଟଙ୍କା ଦାମ୍ ହ୍ରାସ ପାଇଛି। ଅର୍ଥାତ ଏବେ ରୁପା ଦର ହୋଇଯାଇଛି ୨ ଲକ୍ଷ ୬୫ ହଜାର ୬୫୨ ଟଙ୍କା। ସେହିପରି ସୁନାର ଏପ୍ରିଲ ୨ ଦର ଏମସିଏକ୍ସରେ ୧୦ ଗ୍ରାମ୍ ପିଛା ଲକ୍ଷେ ୯୩ ହଜାରର ଐତିହାସିକ ସ୍ତର ଛୁଇଁଥିଲା। ପରେ ୪୨ ହଜାର ୨୪୭ ଟଙ୍କା ଶସ୍ତା ହୋଇଯାଇଥିଲା। ଏମସିଏକ୍ସରେ ସୁନା ଦର ୧୦ ଗ୍ରାମ୍ ପିଛା ରହିଛି ଲକ୍ଷେ ୫୦ ହଜାର ୮୪୯ ଟଙ୍କାରେ ପହଁଚିଥିଲା। ରବିବାର ଏହା ଆଉ ୧୩ ହଜାର ୫୦୦ ଟଙ୍କା ଶସ୍ତା ହୋଇ ଲକ୍ଷେ ୩୮ ହଜାର ୬୩୪ ଟଙ୍କା ହୋଇଯାଇଛି।

# ବଢ଼ିଲା କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ଦାମ୍



ନୂଆଦିଲ୍ଲୀ, ୧।୨: ବଜେଟ୍ ପୂର୍ବରୁ ବଢ଼ିଲା କମର୍ସିଆଲ ଏଲପିଜି ସିଲିଣ୍ଡରର ଦାମ୍। ଯାହା ସାଧାରଣ ନାଗରିକ ଏବଂ ବ୍ୟବସାୟୀଙ୍କୁ ବଡ଼ ଝଟକା ଦେଇଛି। ସରକାର ୧୯ କିଲୋଗ୍ରାମର କମର୍ସିଆଲ ଏଲପିଜି ସିଲିଣ୍ଡରର ଦାମ୍ ୫୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ୧୪ କିଲୋଗ୍ରାମର ଘରୋଇ ସିଲିଣ୍ଡର ଦାମରେ କୌଣସି ପରିବର୍ତ୍ତନ ହୋଇନାହିଁ। ଘରୋଇ ସିଲିଣ୍ଡରଗୁଡିକ ୮ ଏପ୍ରିଲ ୨୦୨୫ରେ ନିର୍ଦ୍ଧାରିତ ହୋଇଥିବା ପୁରୁଣା ମୂଲ୍ୟରେ ମିଳୁଛି। ରନ୍ଧନ ଗ୍ୟାସର ମୂଲ୍ୟ ବୃଦ୍ଧି ପରେ, ଦିଲ୍ଲୀରେ ୧୯ କିଲୋଗ୍ରାମର ଏଲପିଜି ସିଲିଣ୍ଡରର ମୂଲ୍ୟ ଏବେ ୧୭୪୦.୫୦ ଟଙ୍କାକୁ ବୃଦ୍ଧି ପାଇଛି। କୋଲକାତାରେ ଏହି ମୂଲ୍ୟ ୧୮୪୪.୫୦ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ପୂର୍ବରୁ ଏହାର ମୂଲ୍ୟ ୧୬୪୨.୫୦ ଟଙ୍କା ଥିବାବେଳେ ମୁମ୍ବାଇରେ ୧୬୯୨.୦୦ ଟଙ୍କାରେ ଏବେ ଉପଲବ୍ଧ ହେବ। ଚେନ୍ନାଇରେ ଏହି ମୂଲ୍ୟ ଏବେ ୧୮୯୯.୫୦ ଟଙ୍କାକୁ ବୃଦ୍ଧି ପାଇଛି। ସରକାର ସ୍ପଷ୍ଟ କରିଛନ୍ତି ଯେ, ଏହି ୫୦ ଟଙ୍କା ବୃଦ୍ଧି ହୋଟେଲ, ରେଷ୍ଟୁରାଣ୍ଟ, ଢାବା ଏବଂ ଅନ୍ୟାନ୍ୟ ବାଣିଜ୍ୟିକ ପ୍ରତିଷ୍ଠାନରେ ବ୍ୟବହୃତ କମର୍ସିଆଲ ସିଲିଣ୍ଡର ପାଇଁ ପ୍ରଯୁଜ୍ୟ। ଘରୋଇ ବ୍ୟବହାର ପାଇଁ ୧୪.୨ କିଲୋର ଏଲପିଜି ସିଲିଣ୍ଡରର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏହାକୁ ଶେଷ ଥର ପାଇଁ ୮ ଏପ୍ରିଲ୍ ୨୦୨୫ରେ ସଂଶୋଧିତ କରାଯାଇଥିଲା।

ଅନ୍ୟପଟେ ପେଟ୍ରୋଲିୟମ୍ ମାର୍କେଟିଂ ସହିତ ଜଡିତ ଥିବା ସରକାରୀ କମ୍ପାନୀଗୁଡିକ ପ୍ରତି ମାସର ଆରମ୍ଭରେ ଏଲପିଜି ସିଲିଣ୍ଡର ଦାମର ସମୀକ୍ଷା କରିଥାଆନ୍ତି। ଏଥିରେ ପ୍ରଥମେ ଜାନୁଆରୀରେ ୧୯ କିଲୋରେ କମର୍ସିଆଲ ଗ୍ୟାସ୍ ସିଲିଣ୍ଡରର ଦାମ୍ ବୃଦ୍ଧି କରାଯାଇଥିଲା। ଗତ ବର୍ଷ ନଭେମ୍ବର ଏବଂ ଡିସେମ୍ବରରେ, ଏହି ସିଲିଣ୍ଡରର ମୂଲ୍ୟ ଯଥାକ୍ରମେ ପାଞ୍ଚ ଏବଂ ଦଶ ଟଙ୍କା ହ୍ରାସ କରାଯାଇଥିଲା।

## ଶେୟାର ବଜାରରେ ଭୟର ବାତାବରଣ

# ସେନସେକ୍ସ ୧୫୦୦ ପଏଣ୍ଟ ଖସିଲା

ନୂଆଦିଲ୍ଲୀ,୧।୨: ଭାରତୀୟ ଶେୟାର ବଜାରକୁ ଲାଗିଛି ବଜେଟ୍ ଝଟ୍କା। ପ୍ରାରମ୍ଭିକ କାରବାରରେ ବଜାର ଲାଭରେ ଥିଲେ ହେଁ, ଅର୍ଥମନ୍ତ୍ରୀଙ୍କ ଭାଷଣ ପରେ ବଜାର ତଳମୁହଁ ହୋଇଥିଲା। ନିବେଶକମାନେ ବହୁମାତ୍ରାରେ ଶେୟାର ବିକ୍ରି କରିବା ଫଳରେ ସେନସେକ୍ସ ପ୍ରାୟ ୧,୫୦୦ ପଏଣ୍ଟ ଏବଂ ନିଫ୍ଟି ୨୪,୮୫୦ ପଏଣ୍ଟ ତଳକୁ ଖସି ଆସିଛି। ଏହା ବଜାରରେ ଏକ ଭୟର ବାତାବରଣ ସୃଷ୍ଟି କରିଛି। ଅର୍ଥମନ୍ତ୍ରୀ ଫ୍ୟୁଚର୍ସ ଉପରେ ସିକ୍ୟୁରିଟିଜ୍ ଟ୍ରାଞ୍ଜାକ୍ସନ ଟ୍ୟାକ୍ସ ବା ଏସଟିଟିକୁ ୦.୦୨% ରୁ ୦.୦୫%କୁ ବୃଦ୍ଧି କରିଛନ୍ତି। ଏହି ଘୋଷଣା ପରେ ବିଏସଇ ଏବଂ ଆଞ୍ଜେଲ ୱାନ୍ ଭଳି କମ୍ପାନୀର ଶେୟାର ୧୦% ପର୍ଯ୍ୟନ୍ତ ହ୍ରାସ ପାଇଛି। ବଜେଟ୍ ପୂର୍ବରୁ ସୂଚକାଙ୍କ ଉପର ମୁହାଁ ଥିବାରୁ ଉଚ୍ଚ ସ୍ତରରେ ନିବେଶକମାନେ ନିଜର ଲାଭ ସଂଗ୍ରହ କରିବାକୁ ଶେୟାର ବିକ୍ରି କରିଥିଲେ। ବଜେଟ୍ ଦିନ ସାଧାରଣତଃ ବଜାରରେ ଅଧିକ ହଟଚମଟ ଦେଖାଯାଏ। ଏହି ସମୟରେ ଇଣ୍ଡିଆ ଭିଆଇଏକ୍ସ (ଅସ୍ଥିରତା ସୂଚକାଙ୍କ) ୧୭% ରୁ ଅଧିକ ବୃଦ୍ଧି ପାଇଛି, ଯାହା ନିବେଶକଙ୍କ ମନରେ ଅନିଶ୍ଚିତତା ସୃଷ୍ଟି କରିଛି। ଏହି ସମୟରେ ଏସବିଆଇ, ହିନ୍ଦାଲକୋ ଏବଂ କୋଲ୍ ଇଣ୍ଡିଆ ଭଳି ବଡ଼ କମ୍ପାନୀଗୁଡ଼ିକର ଶେୟାରରେ ୫% ପର୍ଯ୍ୟନ୍ତ ହ୍ରାସ ଦେଖିବାକୁ ମିଳିଛି। ବିଶେଷଜ୍ଞଙ୍କ ମତରେ, ଟ୍ୟାକ୍ସ ବୃଦ୍ଧି ଏବଂ ବିଶ୍ୱସ୍ତରୀୟ ପରିସ୍ଥିତି ଯୋଗୁଁ ବଜାର କିଛି ଦିନ ପର୍ଯ୍ୟନ୍ତ ଅସ୍ଥିର ରହିପାରେ।





# ଆଇଫୋନକୁ ଟକ୍କର ଦେବ ଷ୍ଟାରଲିଙ୍କ୍ ଫୋନ୍!

ନୂଆଦିଲ୍ଲୀ, ୧।୨: ଏଲନ ମସ୍କ ଏମିତି ଜଣେ ବ୍ୟକ୍ତି, ଯାହା ଅନେକ ପ୍ରକାରର ବିଜନେସସକୁ ଲିଡ୍ କରୁଛନ୍ତି, ଇଲେକ୍ଟ୍ରିକ୍ କାର୍ କମ୍ପାନୀ ଟେସଲା ଠାରୁ ନେଇ ସ୍ପେସ୍ ମିଶନ ଓ ଏଆଇ ଯାଏ ଅନେକ କ୍ଷେତ୍ରରେ ସେ ନିଜର ବ୍ୟବସାୟ ସାମ୍ରାଜ୍ୟକୁ ବିସ୍ତାର କରିଛନ୍ତି। ଏମିତି ଲାଗୁଛି ଯେ, ମସ୍କ ଏତେ ସବୁ ପରେ ବି ଅଟକିବାକୁ ଚାହୁଁ ନାହାନ୍ତି। ତାଙ୍କର ମହତ୍ୱାକାଂକ୍ଷା ଅନ୍ୟ ସେକ୍ଟରରେ ଏଣ୍ଟ୍ରି କରିବାକୁ ମଧ୍ୟ ଆଶା କରିଛନ୍ତି। ଇଲେକ୍ଟ୍ରିକ୍ କାର, ଏଆଇ ଚ୍ୟାଟବଟ୍ ଓ ସ୍ପେସ୍ ଏକ୍ସପ୍ଲୋର କରିବା ପରେ ମସ୍କ ଏବେ ସ୍ମାର୍ଟଫୋନ ଇଣ୍ଡଷ୍ଟ୍ରୀରେ ତାଙ୍କର ହାତ ରଖି ପାରନ୍ତି। ସେ ଏ ନେଇ ସଙ୍କେତ ଦେଇଛନ୍ତି। ହେଲେ ଏହା କୌଣସି ପ୍ରଥମ ସୁଯୋଗ ନୁହେଁ, ଯେବେ ମସ୍କ ସ୍ମାର୍ଟଫୋନ ଲଞ୍ଚ କରିବାର କୌଣସି ସଙ୍କେତ ଦେଇଛନ୍ତି।

**ଏଲନ ମସ୍କଙ୍କ ବଡ଼ ପ୍ଲାନିଂ**

**ମାର୍କେଟକୁ ଆସିପାରେ ଷ୍ଟାରଲିଙ୍କର ଫୋନ୍**

**ୟୁଜରଙ୍କ କମେଣ୍ଟର ଉତ୍ତରଦେଲେ ଏଲନ ମସ୍କ**

**ମସ୍କ ଏବେ ସ୍ମାର୍ଟଫୋନ ଇଣ୍ଡଷ୍ଟ୍ରୀରେ ଏଣ୍ଟ୍ରି କରିପାରନ୍ତି**

ମସ୍କ ନିଜର ଏହି ଇଚ୍ଛାର ଖୁଲାସା ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଏକ୍ସରେ ଏକ ରିପ୍ଲାଇରେ କରିଛନ୍ତି। ଜଣେ ୟୁଜର କମେଣ୍ଟ କରିଥିଲେ ଯେ, ସେ ଷ୍ଟାରଲିଙ୍କ୍ ବ୍ରାଣ୍ଡର ଫୋନ୍ ଦେଖିବାକୁ ଚାହାନ୍ତି। ୟଜର ଏକ୍ସରେ ଲେଖିଛନ୍ତି ଯେ, ଷ୍ଟାରଲିଙ୍କର ଫୋନ୍ ତ ଦମଦାର ହେବ। ଷ୍ଟାରଲିଙ୍କ୍ ସାଟେଲାଇଟ୍ ସ୍ତରୀୟ ଇଣ୍ଟରନେଟ୍ ସର୍ଭିସ୍ ଅଟେ, ଯାହାକୁ ଏଲନ ମସ୍କଙ୍କ କମ୍ପାନୀ ସ୍ପେସ୍ ଏକ୍ସ ଚଲାଉଛି। ଏଲନ ମସ୍କ ୟୁଜରଙ୍କ କମେଣ୍ଟର ରିପ୍ଲାଇ ଦେଇଛନ୍ତି। ସେ ଲେଖିଛନ୍ତି ଯେ, ସେ ଏହି ଆଇଡିଆ ପାଇଁ ପ୍ରସ୍ତୁତ। ମସ୍କ ରିପ୍ଲାଇ କରିଛନ୍ତି, ଏମିତି ହେବା ଅସମ୍ଭବ ନୁହେଁ। ହେଲେ ମସ୍କ ଏହା ମଧ୍ୟ କହିଛନ୍ତି ଯେ, ତାଙ୍କର ଫୋନ୍ ବର୍ତ୍ତମାନର ସ୍ମାର୍ଟଫୋନ୍ ଠାରୁ ଭିନ୍ନ ହେବ। ଷ୍ଟାରଲିଙ୍କ୍ ବ୍ରାଣ୍ଡେଡ୍ ଫୋନ୍ ପରଫର୍ମାନ୍ସ ଉପରେ ଅଧିକ ଫୋକସ କରିବ।



# ଆଜିର ସୁନା ଦର

ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୮,୬୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୫,୪୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୮,୬୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୫,୪୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୮,୬୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୫,୪୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୯,୮୬୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୬,୫୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୮୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୬,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୮,୬୨୦ ଓ ୧,୪୫,୪୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୩,୩୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ସମ୍ପର୍କର ସେତୁ ବାନ୍ଧେ ମେଳା ମହୋତ୍ସବ

## ‘ମୋ ଗାଁ - ମୋ ଗର୍ବ’ ଟାଇଟଲ ଗୀତ ଉନ୍ମୋଚିତ

## ଶିକ୍ଷା, ସ୍ୱାସ୍ଥ୍ୟ ଓ ମୌଳିକ ସେବା ପହଞ୍ଚାଇବାକୁ ଲକ୍ଷ୍ୟ: ଆବାହକ



**କାକଟପୁର/ଅସ୍ତରଙ୍ଗ,୧।୨ (ସଂଚାର ବ୍ୟୁରୋ):** କଳା, ସାହିତ୍ୟ, ସ୍ଥାପତ୍ୟ, ଐତିହ୍ୟ ପରମ୍ପରା ଧର୍ମକୁ ନେଇ ସଂସ୍କୃତିର ସୃଷ୍ଟି। ସଂସ୍କୃତି ଦ୍ୱାରା ନିରୂପିତ ପରିସ୍ଥିତି ଓ ପରିବେଶ ର ମୂଲ୍ୟବୋଧ ହିଁ ସଭ୍ୟତା। ଦୀର୍ଘ ତିନି ଦଶନ୍ଧି ପରେ ପୁନର୍ବାର ଉଜ୍ଜୀବିତ ହୋଇଥିବା ଐତିହାସିକ ମାଘ ସପ୍ତମୀ ମେଳାର ପୁନଃରାମ୍ଭ ହୋଇ ଚଳିତ ବର୍ଷ ଉଦ୍‌ଯାପିତ।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଆଳସାହି ନିକଟସ୍ଥ ଶ୍ରୀ ଶ୍ରୀ ଅଣାକାର ଗାଦିବ୍ରହ୍ମ ପୀଠରେ ଗତ ୨୩ତାରିଖ ଠାରୁ ଆରମ୍ଭ ହୋଇଥିବା ମେଳା ଶନିବାର ଶୀତୁଆ ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଦୀର୍ଘ ୯ଦିନ ବ୍ୟାପି ଗାଦିବ୍ରହ୍ମ ଙ୍କ ପୀଠରେ ଯଂଜ୍ଞ ଉତ୍ସବ ସହ ସ୍ଥାନୀୟ ଅଂଚଳର କୁନି କୁନି ପ୍ରତିଭା ମାନଙ୍କ ଅନ୍ତଃନିହିତ ଗୁଣକୁ ପରିପ୍ରକାଶ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷ ସନ୍ଧ୍ୟା ରେ ଅତିଥି ଭାବେ ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାଏକ,ମୋ ଗାଁ ମୋ ଗର୍ବ ଆବାହକ ଇଂ ଅରୁଣ କୁମାର ବିଶ୍ୱାଳ, ସମେତ ମାନ୍ୟଗଣ୍ୟ ଅତିଥି ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ମାନେ ନିଜ ବକ୍ତବ୍ୟରେ କହିଥିଲେ ମେଳା ମହୋତ୍ସବ କେବଳ ମନୋରଞ୍ଜନ ପାଇଁ ନୁହେଁ। ସ୍ଥାନୀୟ ଅଂଚଳର ବିକାଶରେ ଏହା ଗୁରୁତ୍ୱ ରଖେ। ମେଳା ମହୋତ୍ସବ ଦ୍ୱାରା ସ୍ଥାନୀୟ ଅଞ୍ଚଳର ପ୍ରତିଭା ପାଇଁ ମଞ୍ଚଦିଏ, ବିକାଶର ଚିନ୍ତନ ପାଇଁ ସୁଯୋଗ ସୃଷ୍ଟି କରେ ।

ମୋ ଗାଁ ମୋ ଗର୍ବ ଆବାହକ ଅରୁଣ କୁମାର ବିଶ୍ୱାଳ ନିଜ ବକ୍ତବ୍ୟରେ ଓଡିଶାର ପରମ୍ପରା, ସଂସ୍କୃତି ଓ ନୈତିକ ମୂଲ୍ୟବୋଧ କୁ ଆଧାର କରୁଥିବା ଏହି ପରିବେଷଣ ଉପସ୍ଥିତ ଦର୍ଶକ ମାନଙ୍କୁ ଗଭୀର ଆର୍କଷିତ କରିଥିଲା ଓ ସମସ୍ତ ଙ୍କ ଦ୍ୱାରା ଉଚ୍ଚ ପ୍ରଶଂସା ପାଇଥିଲା। ଶ୍ରୀ ବିଶ୍ୱାଳ ପୁନର୍ବାର କହିଥିଲେ ମାଘ ସପ୍ତମୀ ମେଳା ର ସଫଳ ସମାପ୍ତି କେବଳ ଗୋଟିଏ ଉତ୍ସବ ର ଶେଷ ନୁହେଁ। ଏହା ଏକତା, ବିଶ୍ୱାସ ଓ ଆମ ସାଂସ୍କୃତିକ ଐତିହ୍ୟର ଉତ୍ସବ। ଗାଁ ଏକ ସହ ପ୍ରତ୍ୟେକ ଙ୍କ ମଧ୍ୟରେ ଏକତା ଭାବ ସହ ଏକାଗ୍ରତା ରହିଲେ, କିଛି ଅସମ୍ଭବ ନୁହେଁ। ମୋ ଗାଁ ମୋ ଗର୍ବ କୌଣସି ସ୍ଲୋଗାନ ନୁହେଁ ବରଂ ଗ୍ରାମକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ମୌଳିକ ସେବା ପହଞ୍ଚାଇବାକୁ ଲକ୍ଷ୍ୟ କରିଥିବା ଏକ ଲୋକ କେନ୍ଦ୍ରିକ ସାମାଜିକ ଆନ୍ଦୋଳନ ବୋଲି ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଅତିଥି ମାନଙ୍କ ଉପସ୍ଥିତ ରେ ମୋ ଗାଁ ମୋ ଗର୍ବ ଟାଇଟଲ ଗୀତର ମୁକ୍ତିଲାଭ ହୋଇଥିଲା। ଆଗାମୀ ଦିନରେ ଗାଁ ସହ ସ୍ଥାନୀୟ ଅଞ୍ଚଳର ଉର୍ନ୍ନତି ମୂଳକ କାର୍ଯ୍ୟ ଜାରି ରହିବ। ଆମ ଅସ୍ତରଙ୍ଗ ବ୍ଲକ କଳା ସଂସ୍କୃତିର ମାଟି। ପୁନର୍ବାର ମେଳା ମହୋତ୍ସବ ଆରମ୍ଭ ହୋଇଥିବାରୁ କଳା, ସଂସ୍କୃତି ର ପ୍ରଚାର ପ୍ରସାର ବଢିବ। ଦୀର୍ଘ ତିନି ଦଶନ୍ଧି ଐତିହାସିକ ମାଘ ସପ୍ତମୀ ମେଳା ବନ୍ଦ ହୋଇଯିବା ପରେ ସ୍ଥାନୀୟ ଅଞ୍ଚଳବାସୀ ଙ୍କ ଭିତରେ ଏହାକୁ ନେଇ ଦୁଃଖ ରହିଥିଲା। ସମସ୍ତ ଙ୍କ ସହଯୋଗ ରେ ପୁଣି ଆରମ୍ଭ ହୋଇଥିବାରୁ ସମସ୍ତେ ଖୁସି ବ୍ୟକ୍ତ କରିଛନ୍ତି। ଶେଷରେ ଆୟୋଜିତ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଝୁଲନ୍ତା ଶବ ଉଦ୍ଧାର: ପରିବାର ଆଣିଲା ହତ୍ୟା ଅଭିଯୋଗ

**ନବରଙ୍ଗପୁର/ରାଇଘର,୧।୨ (ସଂଚାର ବ୍ୟୁରୋ):** କୁନ୍ଦେଇ ଥାନା ଅଧୀନରେ ଥିବା ତୁମୁଡା ଗ୍ରାମର ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଥିବାବେଳେ ପରିବାର ଏହାକୁ ହତ୍ୟା ଅଭିଯୋଗ କରିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ ତୁମୁଡା ଗ୍ରାମର ମଙ୍ଗୁ ଗଣ୍ଡଙ୍କ ଝିଅ ଗଙ୍ଗା ବାଇ ଗଣ୍ଡ (୧୮) ପ୍ରତିଦିନ ଭଳି ଶନିବାର ରାତିରେ ପରିବାର ସହ ଖାଇବା ପରେ ଶୋଇବାକୁ ଯାଇଥିଲା। କିନ୍ତୁ ସକାଳେ ସେ ଘରେ ନଥିବା ପରିବାର ଲୋକେ ଦେଖିବାକୁ ପାଇ ସାହି ପଡିଶା ଖୋଜିଥିଲେ। ପରେ ଖବର ପାଇଥିଲେ ଘର ଠାରୁ ଏକ କିଲୋମିଟର ଦୂର ମାଲାପାରା ଗ୍ରାମର ଏକ ପୋଖରୀ ନିକଟରେ ଥିବା ବମ୍ବୁର ଗଛରେ ଗଙ୍ଗା ବାଇଙ୍କ ଝୁଲନ୍ତା ମୃତ ଶରୀର ଝୁଲୁଛି। ଏହାପରେ କୁନ୍ଦେଇ ପୋଲିସକୁ ଖବର କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କରିବା ସମୟରେ ପରିବାର ଲୋକେ ଏହାକୁ ବିରୋଧ କରିଥିଲେ। ପରିବାର ଲୋକେ ଗଙ୍ଗା ଆତ୍ମହତ୍ୟା କରିନଥିବା ଏବଂ ତାକୁ କିଏ ମାରି ଟାଙ୍ଗି ଦେଇଥିବା ଅଭିଯୋଗ କରିଥିଲେ। ପରେ ପୋଲିସ ସନ୍ଧାନୀ କୁକୁର ଆଣି ତଦନ୍ତ ଆରମ୍ଭ କରିଥିଲା। ଏବଂ ସନ୍ଦେହ କାରିକୁ ଅଟକ ରଖିବା ପରେ ଶବ ଉଦ୍ଧାର କରାଯାଇଥିଲା। ଏହାପରେ ମୃତ ଶରୀର କୁ ବ୍ୟବଛେଦ ସାରି ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଉକ୍ତ ଘଟଣାକୁ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚାଲିଥିବା କୁନ୍ଦେଇ ଥାନା ଅଧିକାରୀ ଦୁର୍ଗା ପ୍ରସାଦ ବ୍ରହ୍ମା ପ୍ରକାଶ କରିଛନ୍ତି।

## ଜାତୀୟ ସଡ଼କ ସୁରକ୍ଷା ମାସର ସମାପନ ସମାରୋହ



**ଫୁଲବାଣୀ,୧।୨ (ସଂଚାର ବ୍ୟୁରୋ):** କନ୍ଧମାଳର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଅଧ୍ୟକ୍ଷତାରେ ଫୁଲବାଣୀର ଗାନ୍ଧୀ ସ୍ମୃତି ଭବନରେ ଜାତୀୟ ସଡ଼କ ସୁରକ୍ଷା ମାସର ସମାପନା ସମାରୋହ ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ସହକାରୀ ପୋଲିସ ଅଧିକ୍ଷକ, ସିଡିଓ ଏବଂ ଇଓ କନ୍ଧମାଳ, ସିଡିଏମଓ, ଅବକାରୀ ଅଧିକ୍ଷକ, ପିଡି ଡିରଡିଏ, ସବ କଲେକ୍ଟର ଫୁଲବାଣୀ ଏବଂ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ଅନ୍ୟାନ୍ୟ ସମ୍ମାନିତ ସଦସ୍ୟମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ସ୍କାଉଟ୍ ଛାତ୍ର ଅଂଶଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ୪ ଜଣ ଭଲ ସମରିଟାନ୍‌ଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ଜାତୀୟ ସଡ଼କ ସୁରକ୍ଷା ମାସ ସମୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଏହା ପରେ ସଡ଼କ ସୁରକ୍ଷା ଉପରେ ସାଂସ୍କୃତିକ ନୃତ୍ୟ ପ୍ରଦର୍ଶନ ଏବଂ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସଡ଼କ ସୁରକ୍ଷା କାର୍ଯ୍ୟକଳାପ ପରିବେଷଣ କରାଯାଇଥିଲା। ସଡ଼କ ସୁରକ୍ଷା ମାସରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିବା ଏବଂ ସଡ଼କ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିଥିବା ବିଭିନ୍ନ ଅଂଶୀଦାରମାନଙ୍କୁ ମଧ ସମ୍ମାନିତ କରାଯାଇଥିଲା।

## ଭେଷଜ ପଟେଲ ମହାବିଦ୍ୟାଳୟ ଅଧକ୍ଷାଙ୍କ ଅବସର




**ସୁନ୍ଦରଗଡ଼,୧।୨ (ସଂଚାର ବ୍ୟୁରୋ):** ହେମଗିରି ବ୍ଲକ ଅନ୍ତର୍ଗତ ଡୁଡୁକା ସ୍ଥିତ ଭେଷଜ ପଟେଲ ମହା ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ମିନତୀ ମିଶ୍ର ଜାନୁୟାରୀ ୩୧ ତାରିଖ ଦିନ ଅବସର ଗ୍ରହଣ କଲେ। ଏହି ଅବସରରେ ସହକର୍ମୀ ମାନଙ୍କ ଦ୍ୱାରା ଏକ ସଭା କାର୍ଯ୍ୟ ଆୟୋଜନ କରାଯାଇଥିଲା । ଅଧାପକ ବିଭୁତି ମିଶ୍ର, ପ୍ରମୋଦ ପଣ୍ଡା ଓ ପ୍ରଦୀପ ଦାସ ମଞ୍ଚାସିନ ଥିଲେ । ଉପସ୍ଥିତ ଅଧାପକ, ଅଧାପିକା ଓ କର୍ମଚାରୀ ମାନେ ଅଧକ୍ଷାଙ୍କ କାର୍ଯ୍ୟକାଳରେ ମହାବିଦ୍ୟାଳୟ ପ୍ରତି ଅବଦାନ ସମ୍ପର୍କରେ ଭୂୟସୀ ପ୍ରଶଂସା କରିଥିଲେ । ଅଧାପିକା ଡ. ଦିପ୍ତିମୟୀ ସେଠ ମଞ୍ଚ ପରିଚାଳନା କରିଥିବା ବେଳେ ଅଧାପିକା ସ୍ମିତା କାଲୋ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ବିଦାୟୀ ଅଧକ୍ଷା ପରବର୍ତ୍ତୀ ଅଧକ୍ଷ ଭାବେ ପ୍ରାଧାପକ ପ୍ରମୋଦ କୁମାର ପଣ୍ଡାଙ୍କୁ ଆନୁଷ୍ଠାନିକ ଭାବେ ଦାୟୀତ୍ୱ ହସ୍ତାନ୍ତର କରିଥିଲେ । ସଭାରେ ଶ୍ରୀମତୀ ମିଶ୍ରଙ୍କ ସ୍ୱାମୀ ଅଶ୍‌ବିନୀ କୁମାର ମିଶ୍ର, ଝିଅ ଉପାସନା, ଜ୍ୱାଇଁ ବରୁଣ, ବଡ ଭଉଣୀ ଅନ୍ନପୂର୍ଣ୍ଣା ରଥ, ପୁତ୍ର ଓ ପୁତ୍ରବଧୂ ସମସ୍ତେ ଉପସ୍ଥିତ ଥିଲେ ।

## ସ୍ୱାମୀ ବିବେକାନନ୍ଦ ଶିକ୍ଷା ନିକେତନ ବାର୍ଷିକ କ୍ରୀଡ଼ା ଉତ୍ସବ

**ପଟ୍ଟାମୁଣ୍ଡାଇ,୧।୨ (ସଂଚାର ବ୍ୟୁରୋ):** ଦୀନବନ୍ଧୁ ଏଜୁକେସନାଲ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ସ୍ୱାମୀ ବିବେକାନନ୍ଦ ଆବାସିକ ଶିକ୍ଷା ନିକେତନର କ୍ରୀଡ଼ା ଉତ୍ସବ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି' ଟ୍ରଷ୍ଟ୍ ଅଧକ୍ଷ କମଲ କିରଣ ସାହୁ କ୍ରୀଡ଼ା ପତାକା ହଲାଇ ଓ ମଶାଲ ଜଳାଇ ଉତ୍ସବର ଉଦଘାଟନ କରିଥିଲେ।ଏଥିରେ ଦୌଡ଼ ଲମ୍ବ ଡିଆଁ ଉଚ୍ଚ ଡିଆଁ କୌତୁକ ପୋଷାକ, ମ୍ୟୁଜିକ ଚେୟାର ଆଦି ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଶତାଧିକ ଛାତ୍ର ଛାତ୍ରୀ ଭାଗ ନେଇଥିଲେ । ଏହି ବାର୍ଷିକ କ୍ରୀଡାର ଉଦଯାପନୀ ଉତ୍ସବ ରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ମୁଖ୍ୟଅତିଥି ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ମୁଖ୍ୟବକ୍ତା ଓ ଥାନା ଏଏସଆଇ ମାମୁନି ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱୟଂ ସଂପୂର୍ଣ୍ଣ ଛାତ୍ରଛାତ୍ରୀ ତିଆରି କରିବା କ୍ଷେତ୍ରରେ ଶିକ୍ଷା ସହ କ୍ରୀଡାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତ ପ୍ରକାଶ କରିବା ସହିତ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରିବା ସହିତ ଶ୍ରେଷ୍ଠ ସ୍ୱେଛାସେବୀ ଭାବେ ଦଶମ ଶ୍ରେଣୀର ଛାତ୍ର ସୁମନ ବେହେରାଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ।



## କଲ୍ୟାଣକାରୀ ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞ

**କେନ୍ଦ୍ରାପଡ଼ା,୧।୨(ସଂଚାର ବ୍ୟୁରୋ):** ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମ ପରିସରରେ କଲ୍ୟାଣକାରୀ ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞ କଳସଯାତ୍ରା ଓ ଯଜ୍ଞ ଆହୂତି ଶୁଭାରମ୍ଭ ହୋଇଯାଇଛି । ଏଥିରେ ସପ୍ତାହ ବ୍ୟାପି ଅନ୍ନଯଜ୍ଞ, ସେବାଯଜ୍ଞ, ନାମଯଜ୍ଞ,ଘୃତଯଜ୍ଞ ଓ ଜ୍ଞାନଯଜ୍ଞ ପରି ପ ମହାଯଜ୍ଞ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହେଉଅଛି । ଏହି ଯଜ୍ଞରେ ରାଜ୍ୟ ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାର ବ୍ୟବସ୍ଥା କରାଯାଇଛି । ଏଥିସହିତ ମା'ମାନଙ୍କୁ ଆଧାତ୍ମିକତା ସହ ଯୋଡିବା ନିମନ୍ତେ ଆବଶ୍ୟକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଏହି ଯଜ୍ଞରେ ବହୁ ସାଧୁସନ୍ଥ, ସମ୍ମାନସ୍ପଦ ବ୍ୟକ୍ତିବିଶେଷ ଓ ବୁଦ୍ଧିଜୀବୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ମହାନଯଜ୍ଞରେ ସମସ୍ତେ ଉପସ୍ଥିତ ରହି ବିଭୁକୃପା ଲାଭ କରିବାକୁ ଆଶ୍ରମ ପକ୍ଷରୁ ବାବାଜୀ ନୃସିଂହନାଥ ଦାସ ନିବେଦନ କରିଛନ୍ତି ।



## ତୁମୁଡ଼ିବନ୍ଧ ଗସ୍ତ କରି ସମସ୍ୟା ବୁଝିଲେ ଜିଲ୍ଲାପାଳ



**କନ୍ଧମାଳ,୧।୨ (ସଂଚାର ବ୍ୟୁରୋ):** ସରକାରୀ ଯୋଜନାର ସୁବିଧା ସଠିକ୍ ଭାବେ କନ୍ଧମାଳ ଜିଲ୍ଲାର ତୁମୁଡିବନ୍ଧ ବ୍ଲକ ର ଆଦିବାସୀ ଅଧୁଷିତ ଅଞ୍ଚଳ ବେଲଘର, ଗୁମା, ଝିରିପାଣି ଧୂଡସି ଗ୍ରାମ ଗୁଡ଼ିକରେ ସୁବିଧା ମିଳିପାରୁନଥିବା ଖବର ପାଇ ଏହାକୁ ଗୁରୁତ୍ୱ ସହ ନେଇ ଗ୍ରାମବାସୀଙ୍କ ସମସ୍ୟାକୁ ଅତି ନିକଟରୁ ଦେଖିବା ପାଇଁ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ସମସ୍ତ ଅଧିକାରୀଙ୍କୁ ଧରି ଏକ ବାଇକ ଯୋଗେ ଅଣ ଅସାରିଆ ରାସ୍ତା ରେ ନିଜେ ବାଇକ ଚଲାଇ ଲୋକଙ୍କ ସମସ୍ୟା ଦେଖିବାକୁ ବାହାରି ପଡ଼ିଥିଲେ। ଜିଲ୍ଲାପାଳଙ୍କ ଏଭଳି ଦୁର୍ଗମ ପାହାଡ଼ିଆ ଅଞ୍ଚଳକୁ ଗସ୍ତ କରି ଗ୍ରାମବାସୀଙ୍କ ସହ ସିଧାସଳଖ କଥା ହୋଇ ସୁବିଧା ଅସୁବିଧା ବୁଝି ଥିଲେ। ଏବଂ ଦୀର୍ଘଦିନର ଅନେକ ସମସ୍ୟା ସମାଧାନ ହେବ ବୋଲି ଗ୍ରାମବାସୀଙ୍କୁ ଆଶ୍ୱାସନା ଦେଇ ଫେରିଥିବା ଦେଖିବାକୁ ମିଳିଛି। ଜିଲ୍ଲାପାଳଙ୍କ ଏହି ଗସ୍ତ ଦେଖି ଲୋକଙ୍କ ମନରେ ଅନେକ ଦିନର ଦୁଃଖ ଦୂର ହେବା ନେଇ ଆଶା ଓ ବିଶ୍ୱାସ ଜାଗ୍ରତ ହୋଇ ଅଛି।ଏହି ଗସ୍ତ ସମୟରେ ତୁମୁଡିବନ୍ଧ ବିଡ଼ିଓ ବନବିହାରୀ ହରପାଲ,କୋଟଗଡ଼ ବିଡ଼ିଓ ଶୁଭକାନ୍ତ ବାଲିଗୁଡା ପିଆଇଟିଡିଏ କୃପାସିନ୍ଧୁ ବେହେରା ଏବଂ ଅନେକ ଅଧିକାରୀଗଣ ଉପସ୍ଥିତ ରହିଥିଲେ।

## ମହାବିଦ୍ୟାଳୟ ଅଧକ୍ଷଙ୍କୁ ଅବସର ସମ୍ବର୍ଦ୍ଧନା

**ରାଜନଗର,୧।୨ (ସଂଚାର ବ୍ୟୁରୋ):** ରାଜନଗର ସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତି ଆଜି ଅବସର ଗ୍ରହଣ କରିଛନ୍ତି। ବିଦାୟୀ ଅଧକ୍ଷ ମହାବିଦ୍ୟାଳୟ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଷ୍ଟାଫ୍ ଆସୋସିଏସନ୍ ସଭାପତି ଅଧାପକ ସନ୍ଦିପ୍ କୁମାର ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଣିଜ୍ୟ ଅଧାପକ ଅଭିମନ୍ୟୁ ରାଉତ, ଶିକ୍ଷା ବିଭାଗର ଅଧାପକ ବିଚିତ୍ରାନନ୍ଦ ପାଣି, ସମାଜ ବିଜ୍ଞାନର ଅଧାପିକା ମିତା ରାଉତ ମଞ୍ଚରେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧାପକ, ଅଧାପିକା, କର୍ମଚାରୀ ମାନଙ୍କ ତରଫରୁ ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କୁ ଉତ୍ତରୀୟ ମାନପତ୍ର ଉପଢୌକନ ପୁଷ୍ପଗୁଛ ଇତ୍ୟାଦି ପ୍ରଦାନ କରାଯାଇଥିଲା। ଶ୍ରୀ ମହାନ୍ତି ତାଙ୍କ ବକ୍ତବ୍ୟରେ ଶିକ୍ଷାର୍ଥୀ ମାନଙ୍କ ଭବିଷ୍ୟତ ଜୀବନ ସୁସଂଗଠିତ କରିବା ଓ ଛାତ୍ରଛାତ୍ରୀମାନେ ପାଠ୍ୟକ୍ରମ ସହିତ ଗବେଷଣା, ସୃଜନଶୀଳତା ଓ ସାମାଜିକ ସେବାରେ ନିଜକୁ ନିଯୁକ୍ତ କରିବା ଆବଶ୍ୟକ। ଅଧାପକ ରତ୍ନାକର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ଆଳି,୧।୨ (ସଂଚାର ବ୍ୟୁରୋ):** ଆଳି ବ୍ଲକ କଳସପୁର ନଅର ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଛନ୍ତି ଶିକ୍ଷକ ସଦାନନ୍ଦ ଲେଙ୍କା । ଏହି ଅବସରରେ ଶିକ୍ଷକ ଓ ଛାତ୍ର ଛାତ୍ରୀ ମାନେ ଅବସର ପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଶିକ୍ଷକ ସଦାନନ୍ଦ ଲେଙ୍କା ୧୯୯୦ ରୁ ଶିକ୍ଷା ଆରମ୍ଭ ରମ୍ଭିଳା ପ୍ରାଥମିକ ବିଦ୍ୟାଳୟରୁ କରି ୨୦୨୬ ମସିହା ପର୍ଯ୍ୟନ୍ତ ଶିକ୍ଷାଦାନ କରି ପିଲାମାନଙ୍କ ଉଜ୍ଜଳ ଭବିଷ୍ୟତ ସ୍ୱପ୍ନ ଦେଖି ନଅର ସାହି ପ୍ରାଥମିକ ବିଦ୍ୟାଳୟରୁ ଅବସର ନେଇ ଛନ୍ତି। ଏହି ସ୍କୁଲ ରେ ୫ ବର୍ଷ ଶିକ୍ଷା ଦାନ କରିଥିଲେ। ୩୭ ବର୍ଷ ଶିକ୍ଷା ଦାନରେ ସେ କେତେ ଛାତ୍ର ଛାତ୍ରୀ ମାନଙ୍କୁ ଗଢିବାରେ ବିଧାଣି ସାଜିଥିବେ। ଅବସରରେ ସମ୍ବର୍ଦ୍ଧନା ସଭା ଦମଦାର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିନୋଦ ବିହାରି ଦେଙ୍କ ସଭାପତିତ୍ୱରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସର କାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ବ୍ଲକ ପୂର୍ବତନ ଅବସର ପାପ୍ତ ସହ ଶିକ୍ଷାଧିକାରୀ ଉଦକର ସାମଲ ଯୋଗ ଦେଇ ଥିବା ବେଳେ ସମ୍ମାନୀୟ ଅତିଥି ନୃସିଂହ ନନ୍ଦ, ବିରେନ୍ଦ୍ର କୁମାର ଦାସ, ସିଆରସି ବରାହ ଚରଣ ବିଶ୍ୱାଳ, କୃଷ୍ଣ ଚନ୍ଦ୍ର ନାୟକ ରହିଥିଲେ। ମୁଖ୍ୟ ପରିଚାଳକ ସୁଶାନ୍ତ କୁମାର ଦାସ ପ୍ରଧାନ ଶିକ୍ଷକ ଜେନଭଳି ଉଇବାଡ ଓ ପ୍ରମିଳା ନନ୍ଦୀ ପ୍ରଧାନ ଶିକ୍ଷତ୍ରି ନଅରସାହି ପ୍ରମୁଖଙ୍କ ସମେତ ଅବସର ପ୍ରାପ୍ତ ଶିକ୍ଷକ ଶିକ୍ଷୟତ୍ରୀ, କର୍ମରତ ଶିକ୍ଷକ ଓ ଛାତ୍ରଛାତ୍ରୀ, ଗ୍ରାମବାସୀ ଯୋଗ ଦେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ତମ ବାର୍ଷିକ ଉତ୍ସବ



**ସତ୍ୟବାଦୀ,୧।୨ (ସଂଚାର ବ୍ୟୁରୋ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପଞ୍ଚାବିଂଶତମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମପ୍ରକାଶ ମିଶ୍ର, ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି, ଓଡିଶାର କୋଷାଧକ୍ଷ ସତ୍ୟନାରାୟଣ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ।

ବିଧାୟକ ଓମ୍ ପ୍ରକାଶ ମିଶ୍ର, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବିଧାୟକ ତାଙ୍କ ଭାଷଣରେ କହିଥିଲେ ଯେଉଁ ପିଲା ର ଜିଜ୍ଞାସା ନ ରହିଛି ସେ ପର୍ଯ୍ୟନ୍ତ ପିଲା ଆଗେଇ ପାରିବ ନାହିଁ। ଜିଜ୍ଞାସା ହିଁ ସଫଳତାର ଚାବିକାଠି ବୋଲି ସେ କହିଥିଲେ ଏବଂ ସବୁ ଛାତ୍ରଛାତ୍ରୀ ଜିଜ୍ଞାସୁ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ।ସେ ଆହୁରି କହିଥିଲେ କି ଆଜିର ଦିନରେ ପ୍ରତିଟି ସଫଳ ବ୍ୟକ୍ତିର ପଛରେ ନିଶ୍ଚିତ ଜଣେ ଗୁରୁ ରହିଛନ୍ତି। ଅନ୍ୟତମ ଅତିଥି ଭାବେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ସମ୍ପାଦକ ବାଉରୀବନ୍ଧୁ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୟନ୍ତ କୁମାର ତ୍ରିପାଠୀ, ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ର ପ୍ରଧାନ ଗୁରୁଜୀ ଦେବ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି ବିଦ୍ୟାଳୟ ର ସମ୍ପାଦକ ଶ୍ରୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ପକ୍ଷରୁ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀ ପାଣିଗ୍ରାହୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଏହି ବିଦ୍ୟାଳୟ ଶିକ୍ଷା ଦେବା ସହ ପିଲାମାନଙ୍କୁ ସତ ବାଟରେ ଯିବା ପାଇଁ ଆଗେଇ ନେଇଥାଏ ବୋଲି କହିଥିଲେ। ଦଶମ ଶ୍ରେଣୀରେ ଏ ଗ୍ରେଡ଼ ପାଇଥିବା ଛାତ୍ରଛାତ୍ରୀ ମାନଙ୍କ ସହ ବିଭିନ୍ନ ପରୀକ୍ଷାରେ ସଫଳତା ଲାଭ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ସିଲ୍ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅତିଥି ମାନଙ୍କ ଦ୍‌ବାରା ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟତ୍ରୀ ସସ୍ମିତା ବିଶ୍ୱାଳ ସଂଯୋଜନା କରିଥିଲେ।

## ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ରୁଦ୍ର ମହାଯଜ୍ଞ



**ପଟ୍ଟାମୁଣ୍ଡାଇ, ୧।୨(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପ୍ରକୃତିପଲ୍ଲୀ ଷଣ୍ଢପଲ୍ଲୀ ଗ୍ରାମରେ ୫ଦିନ ବ୍ୟାପି ବିଶାଳ ଆଧାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଷଣ୍ଢପଲ୍ଲୀ ଗ୍ରାମବାସୀଙ୍କ ସମେତ ବିଭିନ୍ନ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଆରାଧ ଦେବତା ପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ବହୁ ବେଦଜ୍ଞ ବ୍ରାହ୍ମଣ ପଣ୍ଡିତଙ୍କ ମନ୍ତ୍ର ଧ୍ୱନି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ତ୍ରିଦିନାତ୍ମକ ରୁଦ୍ର ମହା ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ବିଶାଳ ଆଧାତ୍ମିକ କାର୍ଯ୍ୟକ୍ରମ ମଧ୍ୟରେ ଷଣ୍ଢପଲ୍ଲୀ ଗ୍ରାମର ଗ୍ରାମ ଦେବତୀ ମା ବୁଢ଼ୀ ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ମଧ ପାଳିତ ହୋଇଯାଇଛି। ଏହି ମହାର୍ଘ୍ୟ କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇ ପ୍ରଭୁ ଚନ୍ଦ୍ରଶେଖର ଓ ମା ବୁଢ଼ୀ ମଙ୍ଗଳାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ ।

## ମିତ୍ରପୁର ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ



**ନୀଳଗିରି, ୧।୨ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ୍ ମିତ୍ରପୁର ସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ୩୬ତମ ବାର୍ଷିକଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। କୋମଳମତି ଶିଶୁମାନଙ୍କ ଚିନ୍ତାଚେତନାର ଅନ୍ତର୍ନିହିତ ଗୁଣାବଳୀର ବିକାଶ ସହିତ ଶୈକ୍ଷିକ ବାତାବରଣରେ ନିଜକୁ ସାମିଲକରି ନିଜର ଶ୍ରେଷ୍ଠତ୍ୱବ ପ୍ରତିପାଦିତ କରିବା ହେଉଛି ଉତ୍ସବର ମୂଳଲକ୍ଷ୍ୟ ବୋଲି ଉତ୍ସବର ମୁଖ୍ୟଅତିଥି ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଶ୍ରୀଯୁକ୍ତ ଚନ୍ଦ୍ରବିନ୍ଦୁ ଦାସ ଉପସ୍ଥିତ ଅଭିଭାବକ, ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଏକ ବର୍ଣ୍ଣାଢ଼୍ୟ ପରିବେଶରେ ଅତିଥିମାନଙ୍କୁ ସ୍ୱାଗତ କରାଯାଇ ମଞ୍ଚାସିନ କରାଯାଇଥିଲା। ଆରାଧ ଦେବତା ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ ସହିତ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ସଭାପତି ସରିତା ଖଣ୍ଡେଲୱା ଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଚନ୍ଦ୍ରବିନ୍ଦୁ ଦାସ ମୁଖ୍ୟବକ୍ତା ଭାବେ ରଶ୍ମିରଞ୍ଜନ ଦାସ, ସମ୍ମାନିତ ଅତିଥି ରୂପେ ଭଗବାନ ଦାସ, ପରିଚାଳନାସମିତି ସମ୍ପାଦକ ଯତୀନ କୁମାର ଦାସ, ପ୍ରଧାନଆଚାର୍ଯ୍ୟ ମାଳତୀ ମହାନ୍ତି, ସମାଜସେବୀ ଗୋପାଳ ମହାପାତ୍ର ପ୍ରମୁଖ ଉପସ୍ଥିତରହି ଛାତ୍ରଛାତ୍ରୀ ମାନଙ୍କୁ ନିଜନିଜର ଶୈଖଣିୟ ବକ୍ତବ୍ୟ ରଖିଥିଲେ। ବାର୍ଷିକଉତ୍ସବ ଉପଲକ୍ଷେ ପିଲାମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପେନସନ ମେଳା



**ବାରିପଦା, ୧।୨ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠି ଙ୍କ ସଭାପତିତ୍ୱରେ ଚଳିତ ଜାନୁଆରୀ ମାସରେ ଅବସର ଗ୍ରହଣ କରିଥିବା ୮ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଥିବା ସମସ୍ତ ସରକାରୀ ଓ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ରୁ ଏହି କର୍ମଚାରୀ ମାନେ ଅବସର ଗ୍ରହଣ କରିଛନ୍ତି । ଜିଲ୍ଲାସ୍ତରୀୟ ଏହି ବିଦାୟ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।ସେକ୍ସନ ଅଫିସର ସୁଦୀପ୍ତ କୁମାର ମୌଲିକ୍, ବରିଷ୍ଠ ସହାୟକ ଶକୁନ୍ତଳା ସେଠୀ ଓ କନିଷ୍ଠ ସହାୟକ କ୍ଷେତ୍ର ମୋହନ ବେହେରା ପ୍ରମୁଖଙ୍କ ଉପସ୍ଥିତରେ ବିଦାୟୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସେଠୀ ଅବସର ଗ୍ରହଣ କରୁଥିବା ସମସ୍ତଙ୍କୁ ସମସ୍ତ କାଗଜପତ୍ର ସହ ଉତ୍ତରୀୟ ପ୍ରଦାନ କରିବା ସହିତ ସେମାନଙ୍କର ଉତ୍ତରୀୟ ଉନ୍ନତି କାମନା କରିଥିଲେ ।

### ବିଶ୍ୱନାଥପୁରରେ ସବ-ରେଜିଷ୍ଟ୍ରାର କାର୍ଯ୍ୟାଳୟ ସ୍ଥାପନ ନେଇ ଲାଞ୍ଜିଗଡ଼ବାସୀଙ୍କ ବିରୋଧ

## ଲାଞ୍ଜିଗଡ଼ରେ କାର୍ଯ୍ୟାଳୟ ଉଦ୍‌ଘାଟନ ନ ହେଲେ ଆନ୍ଦୋଳନ ଚେତାବନୀ

**ଲାଞ୍ଜିଗଡ,୧।୨ (ସଂଚାର ବ୍ୟୁରୋ):** ଗତ ୨୧ ଜାନୁଆରୀରେ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଦ୍ୱାରା ବିଜ୍ଞାପିତ ଲାଞ୍ଜିଗଡର ସବ-ରେଜିଷ୍ଟ୍ରାର କାର୍ଯ୍ୟାଳୟକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶ୍ୱନାଥପୁର ଠାରେ ସ୍ଥାପନ କରିବା ନେଇ ଏହାକୁ ବିରୋଧ କରି ହଜାର ହଜାର ସଂଖ୍ୟାରେ ଲାଞ୍ଜିଗଡ ଅଞ୍ଚଳବାସୀ ଏକତ୍ରିତ ହୋଇ ଲାଞ୍ଜିଗଡ଼ ଥାନାଧିକାରୀ ଯଶୋବନ୍ତ ହିଆଲଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନାନୁସାରେ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ବିଜ୍ଞାପିତ ପତ୍ର ସଂଖ୍ୟା ପିଟି -୧ ଆରଡ଼ିଏମ - ଆରଇଜି- ଆରଇଜିଏନ -୦୦୪୮-୨୦୨୦-୩୦୩୭/ଆରଏଣ୍ଡଡିଏମ ତା ୨୧/୧/୨୦୨୬ ନିର୍ଦ୍ଦେଶନାମା ମୁତାବକ ଲାଞ୍ଜିଗଡ ଠାରେ ସବ୍ ରେଜୀଷ୍ଟାର ଅଫିସ ୨ ଫେବୃଆରୀ ୨୦୨୬ରେ ଲାଞ୍ଜିଗଡ଼ ଠାରେ ଉଦଘାଟନ କରିବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ନାମା ଜାରି ହୋଇଅଛି। ଉକ୍ତ କାର୍ଯ୍ୟାଳୟଟି ଉଦଘାଟନ କରିବା ପାଇଁ ସମସ୍ତ ପ୍ରକାର ସୁବ୍ୟବସ୍ଥା ଲାଞ୍ଜିଗଡ ଠାରେ କରାଯାଇ ଅଛି। କିନ୍ତୁ ଏହାକୁ ନେଇ ୩୧ ତାରିଖ ଶନିବାର ଦିନ ଲାଞ୍ଜିଗଡ ତହସିଲ କାର୍ଯ୍ୟାଳୟରେ ଭବାନୀପାଟଣା ଉପଜିଲ୍ଲାପାଳ ଓ ତହସିଲଦାରଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉକ୍ତ ସବ୍ ରେଜିଷ୍ଟାର କାର୍ଯ୍ୟାଳୟକୁ ଲାଞ୍ଜିଗଡ଼ ଠାରେ ଉଦଘାଟନ କରିବା ପରିବର୍ତ୍ତେ ବିଶ୍ୱନାଥପୁର ଠାରେ ଉଦଘାଟନ କରିବା ପାଇଁ ଜିଲ୍ଲା ପ୍ରଶାସନ ଏକ ତରଫା ପ୍ରସ୍ତାବ ଦେଇଥିଲେ। ତେଣୁ ଜିଲ୍ଲା ପ୍ରଶାସନର ଉକ୍ତ ନିଷ୍ପତିକୁ ଲାଞ୍ଜିଗଡ଼ ଅଞ୍ଚଳବାସୀ ସମ୍ପୂର୍ଣ୍ଣ ବିରୋଧ କରିଥିଲେ।



### ଥାନାଧିକାରୀଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ସରକାରଙ୍କ ନିର୍ଦ୍ଦେଶନାମା ମୁତାବକ ୨ ଫେବୃଆରୀ ୨୦୨୬ ତାରିଖ ଦିନ ଲାଞ୍ଜିଗଡ ଠାରେ ସବ ରେଜିଷ୍ଟ୍ରାର କାର୍ଯାଳୟ ଉଦଘାଟନ କରାଯାଉ, ନଚେତ ଯେତେଦିନ ପର୍ଯ୍ୟନ୍ତ ଲାଞ୍ଜିଗଡ ଠାରେ ଉଦଘାଟନ ନ ହୋଇଛି ସେପର୍ଯ୍ୟନ୍ତ ଲାଞ୍ଜିଗଡ଼ବାସୀଙ୍କ ଗଣଆନ୍ଦୋଳନ, ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲ୍ଲା ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବା ପାଇଁ ପଛେଇବୁ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଏଥିସହିତ ଶନିବାର ସନ୍ଧ୍ୟାରେ ଲାଞ୍ଜିଗଡ ଅଞ୍ଚଳବାସୀ ହଜାର ହଜାର ସଂଖ୍ୟାରେ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଲାଞ୍ଜିଗଡ଼ ସହର ପରିକ୍ରମା କରି ଏକ ବିଶାଳ ପଦଯାତ୍ରା କରି ଲାଞ୍ଜିଗଡ଼ ଥାନାଧିକାରୀ ଯଶୋବନ୍ତ ହିଆଲଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।




# କମ୍ ବୟସ୍କଙ୍କଠାରେ କାହିଁକି ବଢୁଛି ଥାଇରଏଡ ସମସ୍ୟା



ଯଦି ଆପଣ ଥକିବା, ଓଜନ ବଢ଼ିବା ପରି ସମସ୍ୟାକୁ ସାମ୍ନା କରୁଥାନ୍ତି, ତେବେ ସାବଧାନ ରୁହନ୍ତୁ। ଏହା ହାଇପୋଥାଇରଏଡ୍ର ଲକ୍ଷଣ ହୋଇପାରେ। ଆଜିକାଲି ଖୁବ୍ କମ୍ ବୟସର ମହିଳାମାନଙ୍କ ଠାରେ ଥାଇରଏଡ୍ ସମସ୍ୟା ଦେଖିବାକୁ ମିଳୁଛି। ଫଳରେ ମହିଳାମାନଙ୍କ ଠାରେ କେଶ ଝଡ଼ିବା, ଥକ୍କାପଣ ଓ ଓଜନ ବଢ଼ିବା ପରି ଲକ୍ଷଣମାନ ଦେଖାଯାଉଛି। ଅସନ୍ତୁଳିତ ଖାଦ୍ୟ ପାନୀୟ, ଚିନ୍ତା ଓ ଆୟୋଡିନର ଅଭାବ ଏହି ରୋଗ ପାଇଁ ମୁଖ୍ୟତଃ ଦାୟୀ। ଥାଇରଏଡ୍ ଗ୍ରନ୍ଥି ଶରୀରର ସାଧାରଣ କାର୍ଯ୍ୟ ପରିଚାଳନା ପାଇଁ ଆବଶ୍ୟକ ହର୍ମୋନ୍ କ୍ଷରଣ କରିଥାଏ। ଯେତେବେଳେ ଏହା ସକ୍ରିୟ ଭାବେ କାମ କରି ନଥାଏ, ତେବେ ବ୍ୟକ୍ତିଠାରେ ଶାରୀରିକ ଓ ମାନସିକ ଅସୁସ୍ଥତା ଅନୁଭବ ହୋଇଥାଏ। କମ୍ ବୟସର ମହିଳାଙ୍କଠାରେ ଥାଇରଏଡ୍ ସମସ୍ୟା ଦେଖାଯିବାର କାରଣ, ଲକ୍ଷଣ ସହ କେମିତି ସାବଧାନ ରହିପାରିବେ।

ପ୍ରମୁଖ କାରଣ-କମ୍ ବୟସରେ ମହିଳାମାନଙ୍କଠାରେ ଥାଇରଏଡ୍ ହେବାର ଅନେକ କାରଣ ରହିଛି, ଯେପରିକି ଭୂତାଣୁଜନିତ ସଂକ୍ରମଣ, ଚିନ୍ତା, ଆୟୋଡିନ୍, ଆଇରନ୍ ଓ ଜିଙ୍କ୍ ପରି ପୋଷକ ତତ୍ତ୍ୱର ଅଭାବ ସହ କମ୍ ଶାରୀରିକ ସକ୍ରିୟତା ଆଦି ସାମିଲ ରହିଥାଏ। ବ୍ୟସ୍ତବହୁଳ ଦିନଚର୍ଯ୍ୟା ଯୋଗୁ ମହିଳାମାନେ ପ୍ରାୟତଃ ଜଙ୍କ୍ ଓ ପ୍ୟାକେଜ୍ଡ ଖାଦ୍ୟ ଖାଇବା ଦ୍ୱାରା ଥାଇରଏଡ୍ ଗ୍ରନ୍ଥି ପ୍ରଭାବିତ ହେଉଛି।

ଲକ୍ଷଣ: ଯଦି ମାସିକ ଧର୍ମରେ ଅନିୟମିତତା, ଓଜନ ବଢ଼ିବା, କେଶ ଝଡ଼ିବା, ଦୁର୍ବଳ ଲାଗିବା ତ୍ୱଚା ଶୁଷ୍କ ହେବା, ଗଳାରେ ଭାରୀପଣ, ଚିଡଚିଡା ଲାଗିବା କିମ୍ବା ଖରାପ କୋଲେଷ୍ଟେରଲ୍ ବଢ଼ିବା ପରି ଲକ୍ଷଣମାନ ଦେଖା ଦେଲେ ତୁରନ୍ତ ଡାକ୍ତର ପରାମର୍ଶ କରାଇ ନେବା ଉଚିତ୍।

ସାବଧାନ ରୁହନ୍ତୁ: ଡାକ୍ତରଙ୍କ ପରାମର୍ଶକ୍ରମେ ନିୟମିତ ଔଷଧ ଖାଇବା ସହ ଆବଶ୍ୟକ ପୋଷକ ତତ୍ତ୍ୱଯୁକ୍ତ ଖାଦ୍ୟକୁ ଗୁରୁତ୍ୱ ଦେବା ଜରୁରି। ଭିଟାମିନ୍-ଡି, ପ୍ରୋବାୟୋଟିକ୍ ଆହାର ନେବା ଆବଶ୍ୟକ। ସେହିପରି ମୌସୁମୀ ଫଳ ମଧ୍ୟ ଖୁବ୍ ହିତକର। ସୈନ୍ଧବ ଲୁଣ ଓ ଚିନିଠାରୁ ଯଥାସମ୍ଭବ ଦୂରେଇ ରହିବା ଭଲ। ଆଇରନ୍ ଓ ମ୍ୟାଗ୍ନେସିୟମ୍ ଯୁକ୍ତ ପାଳଙ୍ଗ ଓ ପତ୍ରଯୁକ୍ତ ଶାଗକୁ ଗୁରୁତ୍ୱ ଦିଅନ୍ତୁ। ନିୟମିତ ଯୋଗ, ପହଁରିବା ଓ ଶାରୀରିକ ସକ୍ରିୟତାକୁ ଗୁରୁତ୍ୱ ଦେବାକୁ ଭୁଲନ୍ତୁନି। ଏଥିପାଇଁ ଯୋଗ ବା ବ୍ୟାୟାମର ସହାୟତା ନେଇପାରିବେ।

# ନିୟମିତ ଖାଆନ୍ତୁ ଅମୃତଭଣ୍ଡା



ଅମୃତଭଣ୍ଡାରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ହଜମ କ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ। ଏଥିରେ ଭିଟାମିନ୍-ସି ଭରି ରହିଛି। ତେଣୁ ଏହାକୁ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ଅମୃତଭଣ୍ଡାରେ ପୋଟାସିୟମ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରି ରହିଛି। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଉଚ୍ଚ ରକ୍ତଚାପକୁ ମଧ୍ୟ ନିୟନ୍ତ୍ରଣରେ ରଖିଥାଏ। ଏହା ମଧ୍ୟ ଚର୍ମରେ ଚମକ ଆଣିଥାଏ। ନିୟମିତ ଅମୃତଭଣ୍ଡା ଖାଇଲେ ତାହାର ଆଉ ଏକ ଉପକାରୀ ଗୁଣ ରହିଛି। ତାହା କ'ଣ ଜାଣନ୍ତି? ଏହାଦ୍ୱାରା ଦୃଷ୍ଟିଶକ୍ତି ଆହୁରି ପ୍ରଖର ହୋଇଥାଏ। ଏଥିରେ ଥିବା ପପେନ୍ ଏନ୍‌ଜାଇମ୍ ଆମ ଶରୀରର ଓଜନ କମାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ସବୁଠାରୁ ଖାସ୍ କଥା ହେଲା ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା କ୍ୟାନ୍ସର ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ। ପାଚିଲା ଅମୃତଭଣ୍ଡା ଆମ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।

# ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରିତ କରିବ ବ୍ରୋକୋଲୀ

ଆଜିକାଲି ଉଚ୍ଚ ରକ୍ତଚାପ ସମସ୍ୟା ଖୁବ୍ ସାଧାରଣ ହୋଇପଡିଛି। ଉଚ୍ଚ ରକ୍ତଚାପ ଅର୍ଥାତ୍ ରକ୍ତର ଚାପ ସାମାନ୍ୟଠାରୁ ଅଧିକ। ସାଧାରଣ ରକ୍ତଚାପ ୧୨୦/୮୦ ରହିଥାଏ। କିନ୍ତୁ ଏହାଠାରୁ ଅଧିକ ଅର୍ଥାତ୍ ଲଗାତାର ୧୪୦/୯୦ ରହିବା ଅର୍ଥ ହେଉଛି ଉଚ୍ଚ ରକ୍ତଚାପ। ଲଗାତାର ବାହାରେ ଛଣାଛଣି ଖାଇବା ଓ ପ୍ରୋସେସଡ୍ ଖାଦ୍ୟ ଖାଇବା ଦ୍ୱାରା ମୋଟାପଣ ବଢ଼ିବା ସହ ଉଚ୍ଚ ରକ୍ତଚାପ ସମସ୍ୟା ବଢ଼ିଥାଏ। ଏହି ସମସ୍ୟା ପାଇଁ ବୟସର କୌଣସି ପ୍ରତିବନ୍ଧକ ନଥାଏ। ଚିନ୍ତା, ନିଦ ନ ହେବା, ଅବସାଦ, ଅଧିକ ଧୂମପାନ ବା ମଦ୍ୟପାନ ଉଚ୍ଚ ରକ୍ତଚାପର କାରଣ ହୋଇଥାଏ। ଉଚ୍ଚ ରକ୍ତଚାପକୁ ସାମାନ୍ୟ ଭାବିଠାରୁ ଦୂରେଇ ରୁହନ୍ତୁ। ନଚେତ୍ ହୃଦ୍ଘାତ, ଷ୍ଟ୍ରୋକ୍, ଆଖି ସମସ୍ୟା ଓ କିଡ୍ନୀ ନଷ୍ଟ ହେବାର ଆଶଙ୍କା ବଢ଼ିଯାଇପାରେ। ଉଚ୍ଚ ରକ୍ତଚାପକୁ ବହୁ ମାତ୍ରାରେ ବ୍ରେକୋଲୀ ନିୟନ୍ତ୍ରିତ କରୁଥିବା ଗବେଷଣାରୁ ଜଣାପଡିଛି। ବ୍ରୋକୋଲୀରେ ପୋଟାସିୟମ୍, ମ୍ୟାଗ୍ନେସିୟମ୍, ଭିଟାମିନ୍-ସି,କେ, ଏ, ଫେଲେଟ୍, ଆଇରନ୍, ଫାଇବର ଓ ଆଣ୍ଟିଅକ୍ସିଡାଣ୍ଟ ପରି ପୋଷକ ତତ୍ତ୍ୱ ରହିଥାଏ। ଏଥିରେ ଥିବା ନାଇଟ୍ରେଟ୍ ରକ୍ତ କୋଷିକାକୁ ଆରାମ ଦେବା ସହ ରକ୍ତ ପ୍ରବାହରେ ସୁଧାର ଆଣିଥାଏ। ଫଳରେ ରକ୍ତଚାପ ନିୟନ୍ତ୍ରିତ ରହିଥାଏ। ନ୍ୟାସନାଲ ଲାଇବ୍ରେରୀ ଅଫ୍ ମେଡିସିନ୍ର ସର୍ଭେରୁ ଅନୁସାରେ ବ୍ରୋକୋଲୀ, ବନ୍ଧାକୋବି ଓ ଫୁଲକୋବି ଖାଇବା ଦ୍ୱାରା ଶରୀରରେ ସିଷ୍ଟୋଲିକ୍ ରକ୍ତଚାପରେ ୨.୫ ଏମ୍‌ଏମ୍‌ଏଚ୍‌ଜିର କମ୍ ରହିଥାଏ। ଯଦି ଏହି ମାତ୍ରା ଶରୀରରେ କମ୍ ରହେ, ତେବେ ହୃଦ୍ଘାତ ସମସ୍ୟା ୫ ପ୍ରତିଶତ କମ୍ କରାଯାଇପାରିବ। ଇଂଲଣ୍ଡର କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ସର୍ଭେରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିମାନଙ୍କୁ ଡାଏଟ୍ରେ ୧୨ ସପ୍ତାହ ଯାଏ ବ୍ରୋକୋଲୀ ଦିଆଯାଇଥିଲା। ପରିଣାମ ଅନେକ ଲୋକଙ୍କର କୋଲେଷ୍ଟେରଲ୍ କମିଯାଇଥିଲା। ଖରାପ କୋଲେଷ୍ଟେରଲ୍ କମ୍ ହେବା ଯୋଗୁ ହୃଦ୍ଘାତର ଆଶଙ୍କା କମ୍ ହୁଏ। ଜଣାପଡିଛି ଯେ ବ୍ରୋକୋଲୀରେ ଥିବା ତତ୍ତ୍ୱ ରକ୍ତ ସଞ୍ଚାଳନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ସହ ଆଣ୍ଟିଅକ୍ସିଡାଣ୍ଟ ଷ୍ଟ୍ରେସ୍ କମ୍ କରେ, ଯାହା ରକ୍ତଚାପ ବଢ଼ିବାର ପ୍ରମୁଖ କାରଣ।



# ବେକ ଯନ୍ତ୍ରଣାରେ ତକିଆ ଦେବା ଉଚିତ କି?

ପ୍ରାୟ ଲୋକ ମୁଣ୍ଡ ତଳେ ତକିଆ ଦେଇ ଶୋଇବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଅନେକ ଲୋକଙ୍କର ବେକ ଯନ୍ତ୍ରଣା ସମସ୍ୟା ରହିଥାଏ। ଏହି ସ୍ଥିତିରେ ତକିଆ ଦେଇ ଶୋଇବା ଉଚିତ୍ ବା ଅନୁଚିତ୍? ଚାଲନ୍ତୁ ଜାଣିବା...

ଡାକ୍ତର ଦୀପକ ଅରୋରାଙ୍କ ଅନୁସାରେ, ଆମେ ଶୋଇବା ସମୟରେ ମୁଣ୍ଡତଳେ ତକିଆ ଦେବା ବହୁତ ଜରୁରି। ଏଥିପାଇଁ ତକିଆର ଆକାରକୁ ଧ୍ୟାନ ଦେବା ଦରକାର। ଶୋଇବା ସମୟରେ ଭୁଲ୍ ଶୈଳୀରେ ନ ଶୋଇବା ଜରୁରି। ଯେପରିକି ଫ୍ଲେକ୍ସଡ୍, ଏକ୍ସଟେନ୍ସନ୍ ବା ସାଇଡ୍ୱେଜ୍ ନ ହେବା ଆବଶ୍ୟକ। ଶୋଇବା ସମୟରେ ବେକ ସବୁବେଳେ ସିଧା ରହିବା ଦରକାର।

ଡାକ୍ତରଙ୍କ ଅନୁସାରେ ଯେତେବେଳେ ଆମେ ସିଧା ଶୋଇବା ସେତେବେଳେ ପତଳା ତକିଆ ଦରକାର ହୁଏ। କିନ୍ତୁ ଯେତେବେଳେ ବାରମ୍ବାର କଡ ଲେଉଟାଇ ଶୋଇଥାଉ, ସେତେବେଳେ ମୋଟ ତକିଆ ଦେବା ଉଚିତ୍। ଏହା ବେକ ଓ କାନ୍ଧ ଭିତରେ ଥିବା ଫାଙ୍କାକୁ ପୂରଣ କରିଥାଏ। ଯଦି ଓଲଟା ଶୋଉଥାନ୍ତି, ତେବେ ଏହା ବେକ ପାଇଁ ଆଦୌ ଭଲ ନୁହେଁ। ଏପରି ଶୋଉଥିଲେ ଦୀର୍ଘ ଦିନ ପରେ ବେକ ଯନ୍ତ୍ରଣା ହେବାର ଆଶଙ୍କା ରହିଥାଏ। କିଛି ଲୋକଙ୍କର ଭ୍ରାନ୍ତ ଧାରଣା ରହିଛି ଯେ ବେକ ତଳେ ତକିଆ ନ ଦେଇ ଶୋଇବା ଉଚିତ୍। ଡାକ୍ତରଙ୍କ ଅନୁସାରେ ଆମେ ଶୋଇବା ସମୟରେ ତକିଆ ଦେବା ଉଚିତ୍। ଡାକ୍ତରଙ୍କ ମତରେ ଶୋଇବା ଶୈଳୀ ଅନୁସାରେ ତକିଆ ବ୍ୟବହାର କରିବା ଉଚିତ୍। ଅଧିକ ବେକ ଯନ୍ତ୍ରଣା ସମସ୍ୟାରୁ ରକ୍ଷା ପାଇବା ପାଇଁ ଉପଯୁକ୍ତ ଶୈଳୀରେ ଶୋଇବା ସହ ହାଲ୍କା ବ୍ୟାୟାମ କରିବା ଜରୁରି। ଅଧିକ ଯନ୍ତ୍ରଣା ବା ସମସ୍ୟା ହେଲେ ଡେରି ନ କରି ତୁରନ୍ତ ଡାକ୍ତର ପରାମର୍ଶ କରାଇ ନେବା ଉଚିତ୍। ଅବହେଳା କଲେ ସମସ୍ୟା ହୋଇପାରେ।



# ବ୍ଲାକ୍ କଫି ଗ୍ରୀନ୍ ଟି କେଉଁଟି ଶୀଘ୍ର କମାଇବ ଓଜନ



ମୋଟାପଣ ଏପରି ଏକ ସମସ୍ୟା ଯାହାକୁ ଦୂର କରିବା ବହୁତ କଷ୍ଟକର ହୋଇପାରେ। ଆଜିର ସମୟରେ ପ୍ରତି ଚାରି ଜଣଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ମୋଟାପଣକୁ ନେଇ ଚିନ୍ତିତ। ତେଣୁ, ଲୋକମାନେ ଓଜନ ହ୍ରାସ କରିବା ପାଇଁ ବିଭିନ୍ନ ଟିପ୍ସ ଆପଣେଇଥାନ୍ତି। ଆପଣ ପ୍ରାୟତଃ ଲୋକମାନଙ୍କୁ ଏହା କହିବା ଶୁଣିଥିବେ ଯେ ସକାଳେ ଖାଲି ପେଟରେ ବ୍ଲାକ୍ କଫି ଏବଂ ଗ୍ରୀନ୍ ଟି' ପିଇବା ଦ୍ୱାରା ଓଜନ ଶୀଘ୍ର କମିଥାଏ।କିନ୍ତୁ ଲୋକମାନେ ଭାବନ୍ତି ଯେ ଓଜନ ହ୍ରାସ ପାଇଁ କେଉଁଟି ଅଧିକ ପ୍ରଭାବଶାଳୀ, ବ୍ଲାକ୍ କଫି ନା ଗ୍ରୀନ୍ ଟି'। ଆସନ୍ତୁ ଜାଣିବା ସେବିଷୟରେ...

ବ୍ଲାକ୍ କଫିରେ କ୍ୟାଫିନ ପ୍ରଚୁର ପରିମାଣରେ ଥାଏ, ଯାହା ତୁରନ୍ତ ମେଟାବୋଲିଜିମକୁ ବୃଦ୍ଧି କରେ। ଏହା ଲିପୋଲିସିସ୍ (ଚର୍ବି ଜଳାଇବା) ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ ଏବଂ ବ୍ୟାୟାମ ପୂର୍ବରୁ ଏହାକୁ ପିଇଲେ ଅଧିକ କ୍ୟାଲୋରୀ ନଷ୍ଟ କରିବାରେ ସାହାଯ୍ୟ କରେ।ତଥାପି, ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ମଧ୍ୟ ହୋଇପାରେ। ଖାଲି ପେଟରେ ବ୍ଲାକ୍ କଫି ପିଇବା ଦ୍ୱାରା କିଛି ଲୋକଙ୍କ ମଧ୍ୟରେ ଏସିଡିଟି, ପେଟ ପୋଡ଼ିବା ଭଳି ସମସ୍ୟା ହୋଇପାରେ। ଏହା ଚାପ ହରମୋନ (କର୍ଟିସଲ) ମଧ୍ୟ ବୃଦ୍ଧି କରିପାରେ।

ଗ୍ରୀନ୍ ଟି' ରେ କ୍ୟାଟେଚିନ୍ ନାମକ ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା ଧୀରେ ଧୀରେ କିନ୍ତୁ ସୁରକ୍ଷିତ ଭାବରେ ଚର୍ବି ଜାଳିବାରେ ସାହାଯ୍ୟ କରେ। ଏହା ବ୍ଲାକ୍ କଫି ଅପେକ୍ଷା ପେଟ ପାଇଁ ଅଧିକ ମୃଦୁ ଏବଂ ଶରୀରକୁ ବିଷମୁକ୍ତ କରେ। କିନ୍ତୁ ଏହାର କିଛି ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ଅଛି। ଏହାକୁ ଖାଲି ପେଟରେ ପିଇଲେ ଏଥିରେ ଥିବା ଟାନିନ୍ କିଛି ଲୋକଙ୍କ ପାଇଁ ବାନ୍ତି କିମ୍ବା ପେଟ ଦରଜ ହୋଇପାରେ।

ଖାଲି ପେଟରେ ୧-୨ ଗ୍ଲାସ ଉଷୁମ ପାଣି ପିଅନ୍ତୁ। ମାତ୍ର ୨୦-୩୦ ମିନିଟ୍ ପରେ, କଫି କିମ୍ବା ଚା' ପିଅନ୍ତୁ। ଯଦି ଆପଣ ସକାଳେ ବ୍ୟାୟାମ କରନ୍ତି, ତେବେ ବ୍ଲାକ୍ କଫି ଏକ ଉତ୍କୃଷ୍ଟ ପୂର୍ବ-କସରତ ପାନୀୟ।ଏହା ଆପଣଙ୍କୁ ଅଧିକ ଶକ୍ତି ଦେବ। ଯଦି ଆପଣ ବ୍ୟାୟାମ କରୁନାହାଁନ୍ତି ଏବଂ କେବଳ ଆପଣଙ୍କର ମେଟାବୋଲିଜିମ୍ ଚାଲୁ ରଖିବାକୁ ଚାହୁଁଛନ୍ତି, ତେବେ ଗ୍ରୀନ୍ ଟି' ଏକ ସୁରକ୍ଷିତ ବିକଳ୍ପ।



# ରକ୍ତ ଅଭାବରୁ ଯିବନି କାହା ଜୀବନ

- ସ୍ୱେଚ୍ଛାକୃତ ଭାବେ ୧୧୬ୟୁନିଟ ରକ୍ତ ସଂଗୃହୀତ
- ୧୦୮ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ




**କାକଟପୁର/ଅସ୍ତରଙ୍ଗ,୧।୨ (ସଂଚାର ବ୍ୟୁରୋ):** ରକ୍ତଦାନ ଏକ ମହତ ଦାନ, ରକ୍ତଦାନ ହେଉଛି ଜୀବନ ଦାନ। ଏମିତି ଅନେକ ଲୋକ ଅଛନ୍ତି ଅନ୍ୟକୁ ରକ୍ତଦାନ କରି ଜୀବନ ବଞ୍ଚାଇବାରେ ସବୁବେଳେ ଚେଷ୍ଟିତ। ରବିବାର ପୁରୀ ଜିଲ୍ଲା ଏସ୍ପି ଙ୍କ ନିର୍ଦ୍ଦେଶ କ୍ରମେ କାକଟପୁର ଥାନା ପରିସରରେ ଆମ ପୋଲିସ କାର୍ଯ୍ୟକ୍ରମ ମାଧ୍ୟମରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, କାକଟପୁର ଥାନାଅଧିକାରୀ ବସନ୍ତ କୁମାର ସାହୁ ଶିବିରକୁ ଶୁଭ ଉଦ୍‌ଘାଟନ କରିବା ସହ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଉପସ୍ଥିତ ଅତିଥିମାନେ ଏହି ରକ୍ତଦାନ ଶିବିରରେ ରକ୍ତଦାନ ଜୀବନ ଦାନ, ରକ୍ତ ଅଭାବରୁ କାହାରିକୁ ମୃତ୍ୟୁବରଣକୁ ଦେବା ନାହିଁ। ରକ୍ତଦାନ ମହାପୂଣ୍ୟ ଆଦି ବାର୍ତ୍ତାର ପ୍ରସାର ମାତ୍ରାଧିକ ହେଲେ ସମାଜରେ ଆହୁରି ଅନେକ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ଆଗେଇ ଆସିବେ ବୋଲି ମତବ୍ୟକ୍ତ କରିଥିଲେ। ସାମ୍ପ୍ରତିକ ସ୍ଥିତିରେ ଥାଲାସେମିଆ ରୋଗୀ ଙ୍କ ସଂଖ୍ୟା ଯେଉଁ ଭଳି ଭାବରେ ବୃଦ୍ଧି ପାଉଛି, ସେହି ପରିମାଣରେ ରୋଗୀ ମୃତ୍ୟୁ ବରଣ କରୁଛନ୍ତି। ତେଣୁ ଆଜିର ଯୁବ ସମାଜ ଏହାକୁ ହୃଦୟଙ୍ଗମ କରି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ଆଗେଇ ଆସିବାକୁ ଥାନାଅଧିକାରୀ ବସନ୍ତ କୁମାର ସାହୁ ନିବେଦନ କରିଥିଲେ। ଏହି ଶିବିରରେ ୧୧୬ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ରକ୍ତଦାନ ଶିବିରରେ ପୋଲିସ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି, ରାଜନେତା, ସମାଜସେବୀ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ସ୍ବଚ୍ଛୋକୃତ ରକ୍ତଦାନ ଶିବିରରେ ଭାଗ ନେଇଥିଲେ। କାକଟପୁର ପୋଲିସ ତରଫରୁ ଏଭଳି ନିଆରା କାର୍ଯ୍ୟ କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିବା ବେଳେ କାକଟପୁର ଅଂଚଳର ୯୯ଜଣ ଓ ଅସ୍ତରଙ୍ଗ ଅଂଚଳର ୯ଜଣ ବରିଷ୍ଠ ନାଗରିକ ମାନଙ୍କୁ ପୁରୀ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ପ୍ରଦତ୍ତ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ କୁ କାକଟପୁର ଥାନାର କର୍ମଚାରୀ ମାନେ ପରିଚାଳନା କରିଥିଲେ।

# ଯାଜପୁରରେ ଅଗ୍ନି ଉତ୍ସବର ଉଜ୍ଜ୍ୱଳ ଝଲକ

### ଅଗିରା ପୂର୍ଣ୍ଣମୀରେ ଧାର୍ମିକ ଭକ୍ତି ସହ ଲୋକସଂସ୍କୃତିର ମହାମିଳନ



**ଯାଜପୁର,୧।୨(ସଂଚାର ବ୍ୟୁରୋ):** ପବିତ୍ର ଅଗିରା ପୂର୍ଣ୍ଣମୀ ଅବସରରେ ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳ ଭକ୍ତି, ପାରମ୍ପରିକତା ଓ ଉତ୍ସାହର ରଙ୍ଗରେ ରଙ୍ଗିତ ହୋଇଯାଇଥିଲା। ପୁରାତନ ପରମ୍ପରାକୁ ଜୀବନ୍ତ ରଖି ଗ୍ରାମ ଠାରୁ ସହର ପର୍ଯ୍ୟନ୍ତ ଆଜି ଅଗ୍ନି ଉତ୍ସବ ଧୁମଧାମରେ ପାଳିତ ହୋଇଛି।ସନ୍ଧ୍ୟା ହେବା ସହିତ ଗ୍ରାମ ଦେଉଳ ମଠ ଓ ଖୋଲା ପଡ଼ିଆରେ ଅଗ୍ନି ଜ୍ୱାଳା ପ୍ରଜ୍ୱଳିତ ହୋଇ ଆକାଶକୁ ଛୁଇଁଥିବା ଅଗ୍ନିଶିଖା ଭକ୍ତମାନଙ୍କ ମନରେ ଅଲୌକିକ ଭାବନା ସୃଷ୍ଟି କରିଥିଲା। ମହିଳାମାନେ ନୂଆ ପୋଷାକ ପିନ୍ଧି ପୂଜାର୍ଚ୍ଚନା କରିଥିବା ବେଳେ, ଯୁବମାନେ ପାରମ୍ପରିକ ଢୋଲ, ମହୁରୀ ଓ ଘଣ୍ଟାର ଧ୍ୱନିରେ ପରିବେଶକୁ ମୁଗ୍ଧ କରିଦେଇଥିଲେ।ଅନେକ ସ୍ଥାନରେ ଭକ୍ତମାନେ ଅଗ୍ନି ପରିକ୍ରମା କରି ଶାନ୍ତି, ସମୃଦ୍ଧି ଓ ପରିବାରର ମଙ୍ଗଳ କାମନା କରିଥିଲେ। ବୃଦ୍ଧମାନଙ୍କ କହିବା ଅନୁଯାୟୀ, ଏହି ଉତ୍ସବ କେବଳ ଧାର୍ମିକ ଆଚାର ନୁହେଁ, ଏହା ଗ୍ରାମୀଣ ସମାଜର ଏକତା ଓ ସାମୁହିକ ସଂସ୍କୃତିର ପ୍ରତୀକ।ଶିଶୁମାନଙ୍କ ଉଲ୍ଲାସ, ଯୁବମାନଙ୍କ ସେବାଭାବ ଓ ବୃଦ୍ଧମାନଙ୍କ ଆଶୀର୍ବାଦରେ ପ୍ରତ୍ୟେକ ସ୍ଥାନରେ ଉତ୍ସବ ଏକ ମେଳାର ରୂପ ନେଇଥିଲା। କେତେକ ସ୍ଥାନରେ ଭଜନ ସନ୍ଧ୍ୟା, ପାଲା ମଧ୍ୟ ଆୟୋଜିତ ହୋଇଥିଲା, ଯାହା ଦର୍ଶକଙ୍କୁ ଆକର୍ଷିତ କରିଥିଲା। ପ୍ରଶାସନ ପକ୍ଷରୁ ଶାନ୍ତି-ଶୃଙ୍ଖଳା ରକ୍ଷା ପାଇଁ କିଛି ସ୍ଥାନରେ ସତର୍କତାମୂଳକ ବ୍ୟବସ୍ଥା ନିଆଯାଇଥିବା ବେଳେ, ସାରା ଜିଲ୍ଲାରେ ଉତ୍ସବ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିବା ଖବର ମିଳିଛି।

# ଯୋଡ଼ିଙ୍ଗା ଠାରେ ବିଜେପି ପକ୍ଷରୁ ମିଶ୍ରଣ ପର୍ବ ଓ ଭି ବି ଜି ରାମ ଜି କର୍ମଶାଳା

- ଯୋଡ଼ିଙ୍ଗାରୁ ବାଜିଲା ନିର୍ବାଚନ ବିଗୁଲ



**ରାଇଘର,୧।୨(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ରାଇଘର ବ୍ଲକର ଯୋଡ଼ିଙ୍ଗା ଠାରେ ବିଜେପି ପକ୍ଷରୁ ଏକ ମିଶ୍ରଣ ପର୍ବ ଓ ଭି ବି ଜି ରାମ ଜି କାର୍ଯ୍ୟକ୍ରମ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା । ରାଇଘର ଜୋନ ନମ୍ବର ୨ ଯୋଡ଼ିଙ୍ଗା ବିଜେପି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଗଣଶିକ୍ଷା ଓ ଆଦିବାସୀ ଉନ୍ନୟନ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିବା ବେଳେ ରାଜ୍ୟ ଉପ ସଭାପତି ରମେଶ ସାହୁ, ଶିବନାଥ ବାଗାର୍ତ୍ତି, ସନ୍ତୋଷ ମହାପାତ୍ର, ଶିବକୁମାର ଗଣ୍ଡ, ପୂର୍ଣ୍ଣଚନ୍ଦ୍ର ଗଣ୍ଡ, ବିଶ୍ୱନାଥ ସିଙ୍ଗ ପ୍ରମୁଖ ମଞ୍ଚାସୀନ ଥିବାବେଳେ କାର୍ଯ୍ୟକ୍ରମକୁ ଶରତ ଜେନା ପରିଚାଳନା କରିଥିଲେ । ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଆଜୀବିକା ମିଶ୍ରଣ ଗ୍ରାମୀଣ ଯୋଜନା ମାଧ୍ୟମରେ ଲୋକଙ୍କୁ ୧୦୦ ଦିନ ପରିବର୍ତ୍ତେ ୧୨୫ ଦିନର କାମ ଯୋଗାଇ ଦିଆଯିବ, ଏହି ଯୋଜନା ମାଧ୍ୟମରେ ବିଭିନ୍ନ ଯୋଜନା ଗୁଡ଼ିକ ଗ୍ରହଣ କରି ଆବଶ୍ୟକତା ଅନୁସାରେ ଖର୍ଚ୍ଚ କରାଯାଇ ପାରିବ ବୋଲି ରମେଶ ସାହୁ ପ୍ରକାଶ କରିଥିଲେ । ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶ ରେ ଅନୁପ୍ରାଣିତ ହୋଇ ରାଇଘର ଜୋନ ୨ ଅନ୍ତର୍ଗତ ଯୋଡ଼ିଙ୍ଗା, ଜଲଙ୍ଗପାରା, କୋଦେଲ୍କ, ଚାକଟିସିମୋଡା ପଂଚାୟତର ଶତାଧିକ ବିଜୁ ଜନତା ଦଳ ଓ କଂଗ୍ରେସ ଦଳର କର୍ମୀ ଆଜି ଏହି ମିଶ୍ରଣ ପର୍ବରେ ଯୋଗଦେଇ ଦଳରେ ସାମିଲ ହୋଇଥିଲେ । ଯୋଡ଼ିଙ୍ଗାର ପୂର୍ବତନ ସରପଞ୍ଚ ଚୁନୁ ଗଣ୍ଡ, ମନୋହର ଗଣ୍ଡ, ରତିରାମ ଗଣ୍ଡ, ବନସିଂ ଗଣ୍ଡଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇଥିଲେ ।

# କୋଲିଡିହରେ ବିଶ୍ୱଶାନ୍ତି ମହାଯଜ୍ଞ



**ଆଳି,୧।୨(ସଂଚାର ବ୍ୟୁରୋ):** ଆଳି ବ୍ଲକ କୋଲିଡିହ ପଂଚାୟତର ସାତମୌଜା ଛକରେ ଶ୍ରୀ ହନୁମାନ ମହାପ୍ରଭୁଙ୍କର ଉନବିଂଶ ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ମହାସମାରୋହରେ ପାଳିତ ହେଉଅଛି। ଏହି ଉପଲକ୍ଷେ ଅଙ୍କୁରାରୋପଣ ପରେ ଆଧାତ୍ମିକ ବାତାବରଣର ମାଙ୍ଗଳିକ କଳଶଯାତ୍ରା ସମଗ୍ର ଅଂଚଳରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ଲଉଡ଼ି ନୃତ୍ୟ ସାଙ୍ଗକୁ ନାମ ସଂକୀର୍ତନରେ ଶତାଧିକ କଳଶଧାରୀ ବେଦମନ୍ତ୍ର ସହିତ ବ୍ରାହ୍ମଣୀ ନଦୀରୁ ଜଳଧାରଣ କରି ଯଜ୍ଞ ସ୍ଥଳରେ ପହଂଚିବାର ଦୃଶ୍ୟ ଥିଲା ଅତ୍ୟନ୍ତ ମନୋରମ। ଚନ୍ଦନନଗର, ବିଜୟନଗର, ଜାମୁଦଣ୍ଡା, ମହାନ୍ତିପଡ଼ା, ଦିନିୟାରୀ, ଇଚ୍ଛାପୁର, କୋଲିଡିହ ଗ୍ରାମବାସୀ ମାନଙ୍କର ପ୍ରୟାସରେ ତ୍ରିଦିନାତ୍ମକ ଯଜ୍ଞରେ ଧାର୍ମିକ ଚେତନା ଜାଗ୍ରତ କରାଇବା ସହିତ ଭାଇଚାରାର ସମ୍ପର୍କକୁ ଦିଗୁନ୍ନିତ କରିଥିଲା।

**ଶାଳଜଙ୍ଗା ମଠ ବିବାଦ**

# ତିରିଶ ଘଣ୍ଟା ପରେ ଥାନାରୁ ମୁକୁଳିଲେ ବାବା ଗଦାଧର



**ପାରାଦ୍ୱୀପ,୧।୨ (ସଂଚାର ବ୍ୟୁରୋ):** ପ୍ରସିଦ୍ଧ ଶାଳଜଙ୍ଗା ମଠର ମାଘ ମେଳା ଗତ ଶନିବାର ଠାରୁ ଆରମ୍ଭ ହୋଇଛି। ଆସନ୍ତା ୭ଦିନ ଧରି ଏହି ମେଳା ଚାଲିବାକୁ ଥିବା ବେଳେ ଗତ କାଲି ରାତି ଅର୍ଥାତ ଶନିବାର ରାତି ଠାରୁ ମଠ ପରିସରରେ ପ୍ରବଳ ଭକ୍ତ ସମାଗମ ଦେଖିବାକୁ ମିଳିଛି। ମଠ ଚତୁରପାର୍ଶ୍ୱ ରେ ଦୋକାନ ବଜାର ଏବଂ ଅପେରା ପାର୍ଟୀ ପଡ଼ି ମେଳାକୁ ଆହୁରି ଆକର୍ଷିତ କରିଛି, କିନ୍ତୁ ଏହି ମେଳା ସମୟରେ ମଠର ଗାଦିରେ ବସି ଅଖଣ୍ଡ ଝଡିବତୀ ଲଗାଇବା ସହ ଯିଏ ଭକ୍ତ ମାନଙ୍କୁ ଆଶୀର୍ବାଦ ଓ ବିଭୁତି ଦେବା କଥା ସେ ସେହି ସମୟରେ ନାଉଗାଁ ଥାନାରେ ଦେଢ଼ ରାତି ଓ ଗୋଟିଏ ଦିନ କାଟି ଶେଷରେ ନିଜ ସମ୍ପର୍କୀୟଙ୍କ ଜିମାନାମାରେ ନାଉଗାଁ ତହସିଲରେ କୋଡିଏ ହଜାର ଟଙ୍କା ସିକୁରିଟି ବଣ୍ଡ ଦେଇ ମୁକ୍ତି ପାଇଛନ୍ତି। ଶାଳଜଙ୍ଗା ମଠର ପରିସରକୁ ପାଦ ଥାପିବେ ନାହିଁ ବୋଲି ପ୍ରଶାସନକୁ ଲିଖିତ ଭାବେ ଜଣାଇବା ପରେ ଏବେ ମଠାଧୀସ ଗଦାଧର ଦାସଙ୍କର ନୂଆ ଠିକଣା

**ବାବାଙ୍କ ନୂଆ ଠିକଣା ନେଇ ପ୍ରଶ୍ନବାଚୀ?**

କେଉଁଠି ହେଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ କି ଶାଳଜଙ୍ଗା ମଠର ସିଦ୍ଧ ପୁରୁଷ ବାବା କୁଳମଣି ଦାସଙ୍କର ଦେହ ତ୍ୟାଗ ପରେ ଅନ୍ତେବାସୀ ଗଦାଧର ଦାସ ମଠର ମଠା ଧୀସ ହୋଇଥିଲେ। କିନ୍ତୁ ମଠରେ ଉପୁଜିଥିବା ଆର୍ଥିକ ଅନିୟମିତତା ଓ ଜମି ତୋଷରପାତ ଅଭିଯୋଗକୁ ସାମ୍ନା କରି ନପାରି ବାବା ଶେଷରେ ରାତି ଅଧିଆ ମଠର ପ୍ରାଚିର ଡେଇଁ ଫେରାର ହେଲେ। ଗ୍ରାମବାସୀ ଓ ଅନ୍ତେବାସୀ ମିଳିତ ଭାବେ ମଠ ମଧ୍ୟକୁ ବାବା ଗଦାଧରଙ୍କୁ ପୁରେଇ ନଦେବା ପାଇଁ ପ୍ରଶାସନକୁ ଲିଖିତ ଭାବେ ଜଣାଇବା ପରେ ଆରମ୍ଭ ହୋଇଥିଲା ବାବାଙ୍କ ପାଇଁ ପ୍ରକୃତ ଅଡୁଆ। ଶ୍ରଦ୍ଧାଳୁ, ଗ୍ରାମବାସୀ ତଥା ଭକ୍ତ ମାନଙ୍କ ବିଶ୍ୱାସନିୟତା ହରାଇ ବାବା ମାଘ ମେଳା ର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ଶୁକ୍ରବାର ରାତିରେ ନାଉଗାଁ ଦେଇ ମଠକୁ ଆସୁଥିବା ବେଳେ ଅଧା ରାସ୍ତାରେ ବାବାଙ୍କୁ ଉଠେଇ ନେଇଥିଲା ପୁଲିସ। ଏବେ ତାଙ୍କର ନୂଆ ଠିକଣା କେଉଁଠି ହେବ ବୋଲି ସମସ୍ତେ ଚର୍ଚ୍ଚା କରୁଛନ୍ତି ।

# ଜିଲ୍ଲାସ୍ତରୀୟ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ




**ରାଜନଗର,୧।୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଅନ୍ତର୍ଗତ କୁରୁଣ୍ଟି ଗ୍ରାମପଞ୍ଚାୟତସ୍ଥ ଚନ୍ଦ୍ରଶିଖର ଠାରେ ଥିବା ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟ ପରିସରରେ କେନ୍ଦ୍ରାପଡା ଜିଲ୍ଲାର ସଂସ୍କୃତ କଲେଜ ସଂଘ ଆନୁକୂଲ୍ୟରେ ଆୟୋଜିତ କ୍ରିଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ୨୩ ଗୋଟି ସଂସ୍କୃତ କଲେଜର ଛାତ୍ରଛାତ୍ରୀ ମାନେ ଯୋଗଦେଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଉଦଯାପନୀ ଉତ୍ସବରେ ଅନୁଷ୍ଠାନର ଅଧକ୍ଷ ସର୍ବେଶ୍ୱର ଲେଙ୍କାଙ୍କ ଅଧକ୍ଷତାରେ ପରିଚାଳିତ ସଭାରେ ମୁଖ୍ୟ ଅତିଥି ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡଃ ବସନ୍ତ କୁମାର ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଅଧାପକ ରାଜକିଶୋର ପାଣି ବେଦପାଠ କରିଥିଲେ । ମୁଖ୍ୟବକ୍ତା ଭାବେ ଶ୍ରୀ ଜଗନ୍ନାଥ ବିଶ୍ୱବିଦ୍ୟାଳୟର ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ତଥା ଷ୍ଟେଟ ସିଲେକସନ ବୋର୍ଡର ସମ୍ପାଦକ, ଉଚ୍ଚଶିକ୍ଷା ବିଭାଗ , ଓଡିଶା ଓ ସମ୍ମାନୀତ ବକ୍ତା ଭାବେ ଯୀଶୁଖ୍ରୀଷ୍ଟ ଦାସ , ତହସିଲଦାର ରାଜନଗର ଯୋଗଦେଇ ସଂସ୍କୃତଭାଷାରେ ରଚିତ ବହୁ ପ୍ରାଚୀନ ପ୍ରସିଦ୍ଧଗ୍ରନ୍ଥ ଭାରତୀୟ ସଂସ୍କୃତ ଓ ପରମ୍ପରାର ସ୍ୱାକ୍ଷରବାହନ କରିଛି ଓ ସଂସ୍କୃତହିଁ ଆମ ସଂସ୍କୃତିର ଭାଷା ବୋଲି ମତବ୍ୟକ୍ତ କରିଥିଲେ । ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ମାନଙ୍କର ବୌଦ୍ଧିକ ବିକାଶ କରିଥାଏ ଓ କ୍ରିଡା ସୁସ୍ଥ ତଥା ନିରାମୟ ଶରୀର ଗଠନ କରିଥାଏ ବୋଲି ବକ୍ତାମାନେ ମତ ଦେଇଥିଲେ । ସଂସ୍କୃତ କଲେଜ ଗୁଡିକରୁ ଅବସର ନେଇଥିବା ପ୍ରତିଭାମାନଙ୍କୁ ମାନପତ୍ର , ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ୨୦୨୫ ମସିହାରେ କେନ୍ଦ୍ରାପଡା ଜିଲ୍ଲା ସଂସ୍କୃତ କଲେଜମାନଙ୍କରୁ ଅବସର ନେଇଥିବା ଅଧକ୍ଷ , ଅଧାପକ ଓ କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପୂର୍ବରୁ ଅବସର ନେଇଥିବା ଦୁଇଜଣ ସଂସ୍କୃତ ବିଦ୍ୱାନ ପ୍ରାଧାପକ ତଥା ଅବସରପ୍ରାପ୍ତ ଅଧକ୍ଷ ଅକ୍ଷୟ କୁମାର ମିଶ୍ର ଓ ପ୍ରାଧାପକ ସୁକାନ୍ତ କୁମାର ଜେନାଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା।

# ଜମ୍ବୁ ଥାନା ତରଫରୁ ସଡ଼କ ସଚେତନତା କାର୍ଯ୍ୟକ୍ରମ




**ମହାକାଳପଡ଼ା,୧।୨ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ପକ୍ଷରୁ କମ୍ୟୁନିଟି ପୋଲିସ୍ କାର୍ଯ୍ୟକ୍ରମ ଅଧୀନରେ 'ଯୁବ ସଚେତନତା–ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ' ଶନିବାର ଆୟୋଜିତ ହୋଇଯାଇଛି। ଥାନା ଅଧିକାରିଣୀ ଅନିତା ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରାମନଗର ଠାରୁ ଖରିନାସି ପର୍ଯ୍ୟନ୍ତ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ପୁଲିସ କର୍ମଚାରୀ ମାନଙ୍କ ସହ ସ୍ଥାନୀୟ ଯୁବକ-ଯୁବତୀ, ଛାତ୍ର ଛାତ୍ରୀ ଓ ସାଧାରଣ ଲୋକେ ଯୋଗଦେଇ ସଡ଼କ ସୁରକ୍ଷା, ଟ୍ରାଫିକ୍ ନିୟମ ମାନିବା, ହେଲମେଟ୍ ଓ ସିଟ୍ ବେଲ୍ଟ ବ୍ୟବହାର, ମଦ୍ୟପାନ କରି ଗାଡ଼ି ଚାଳନ ନକରିବା ଭଳି ବିଷୟରେ ସଚେତନତା ସନ୍ଦେଶ ପ୍ରଚାର କରିଥିଲେ। ଏହିପରି କମ୍ୟୁନିଟି ପୁଲିସ କାର୍ଯ୍ୟକ୍ରମ ମାଧମରେ ଯୁବପିଢ଼ିଙ୍କୁ ସଚେତନ କରି ସଡ଼କ ଦୁର୍ଘଟଣା କମାଯାଇ ପାରିବ ବୋଲି ଥାନା ଅଧିକାରିଣୀ ଶ୍ରୀମତୀ ସ୍ୱାଇଁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଏସଆଇ ଆଲୋକ ରଥ,ଏଏସଆଇ ବାପୁଜୀ ଶେଖର ପଲାଇ, ଗୃହରକ୍ଷୀ ରାକେଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ନବନିଯୁକ୍ତ ପଦାଧିକାରୀଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଓ ସାଙ୍ଗଠନିକ କର୍ମଶାଳା




**ମହାକାଳପଡ଼ା,୧।୨(ସଂଚାର ବ୍ୟୁରୋ):** ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମହାକାଳପଡ଼ା ସଦର ୨୦ ନଂ ମଣ୍ଡଳ ଅନ୍ତର୍ଗତ ବଡକୁଳ ଶକ୍ତିକେନ୍ଦ୍ର ସ୍ଥିତ ଦହିମାଛ ଗ୍ରାମର ଧଡିବାବା ମଠ ଠାରେ ମଣ୍ଡଳ ସ୍ତରୀୟ ନବନିଯୁକ୍ତ ପଦାଧିକାରୀ ଓ ମଣ୍ଡଳ କମିଟିର ସଦସ୍ୟମାନଙ୍କର ଏକ ସମ୍ବର୍ଦ୍ଧନା ଉତ୍ସବ ଓ ସାଙ୍ଗଠନିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ଚୟନ ହୋଇଥିବା ସମସ୍ତ ପଦାଧିକାରୀ ଦଳର ସାଙ୍ଗଠନିକ କାର୍ଯ୍ୟକୁ ଗୁରୁତ୍ୱ ଦେଇ ସଙ୍ଗଠନକୁ ତୃଣମୂଳ ସ୍ତରରେ ଆହୁରି ମଜବୁତ୍ କରିବା ପାଇଁ କର୍ମଶାଳାରେ ଯୋଗଦେଇଥିବା ନେତୃ ମଣ୍ଡଳୀମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ବିଜେପି ସମ୍ପାଦକ ପ୍ରଶାନ୍ତ ସେଠୀ ପରିଚାଳନା କରିଥିଲାବେଳେ ରାଜ୍ୟ ବିଜେପି ଉପସଭାପତି ବିଷ୍ଣୁ ଦାସ, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ଅମିତାଭ ସୁଆର, ପ୍ରତିମା ନାୟକ, ବଡକୁଳ ସରପଞ୍ଚ ପ୍ରଜ୍ଞା ପରମିତା କର, ମହାକାଳପଡ଼ା ସରପଞ୍ଚ ରତିକାନ୍ତ ପଣ୍ଡା, ସରୋଜକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର



**ମାର୍ଶାଘାଇ,୧।୨(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ କରିଲୋପାଟଣା ମହାବିଦ୍ୟାଳୟରେ ଅଷ୍ଟମ ଦିବସୀୟ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଲଳିତ ମୋହନ ସାମନ୍ତରାୟ ଉଦଯାପନୀ ଉତ୍ସବରେ ସଭାପତିତ୍ୱ କରିଥିଲେ ଏବଂ ପ୍ରାକ୍ତନ ପ୍ରାଧାପକ ବସନ୍ତ କୁମାର ତ୍ରିପାଠୀ ଅତିଥି ଭାବେ ଯୋଗଦେଇଥିଲେ । ଅଧାପକ ମାନସ ରଞ୍ଜନ ରାଉତ, ପ୍ରଫୁଲ୍ଲ ମହାନ୍ତି,ଶୈଳେନ୍ଦ୍ର କୁମାର ପଟ୍ଟନାୟକ,ଶୈଳେନ୍ଦ୍ର ମିଶ୍ର,ସମୀର ରଞ୍ଜନ ସେଠୀ,ସଂଗ୍ରାମ କେଶରୀ ନାଥ,ଅଧାପିକା ଶିଖା ସାହୁ ପ୍ରମୁଖ ଯୋଗଦେଇ ଆତ୍ମରକ୍ଷା କୌଶଳ ସାହାଯ୍ୟରେ ବାଳିକାମାନେ ନିଜକୁ ଅନେକ କ୍ଷେତ୍ରରେ ନିଜକୁ ସୁରକ୍ଷା ଦେଇପାରିବେ । ପ୍ରଶିକ୍ଷିକା ସସ୍ମିତା ପ୍ରଧାନ, ଶଶୀରେଖା ସାହୁ ୮୩ ଜଣ ଛାତ୍ରୀମାନଙ୍କୁ ପ୍ରଶିକ୍ଷିତ କରିଥିଲେ । ସଂଯୋଜିକା ଅଧାପିକା ଅଭିଲିପସା ମଲ୍ଲ, ଅଧାପିକା ରୁପାଲୀ ନାୟକ,ଅଧାପିକା ରଶ୍ମୀପ୍ରଭା ତ୍ରିପାଠୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ଦୟାନନ୍ଦ ଗୁରୁକୁଳ ଶିକ୍ଷାଶ୍ରମର ରକ୍ତଦାନ ଶିବିର




**ବୈଶିଙ୍ଗା,୧।୨(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନ ଅନ୍ତର୍ଗତ ମନ୍ତ୍ରୀଡ଼ାହି ସ୍ଥିତ ଦୟାନନ୍ଦ ଗୁରୁକୁଳ ଶିକ୍ଷାଶ୍ରମ ଓ ଓଡ଼ିଶା ରକ୍ତଦାତା ସଙ୍ଗଠନର ମିଳିତ ସହଯୋଗରେ ଶିକ୍ଷାଶ୍ରମର ବାର୍ଷିକୋତ୍ସବ ପାଳନ ଅବସରରେ ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ପାଣିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ମୁଖ୍ୟ ଅତିଥି ସାମାଜିକ କର୍ମୀ ରାମକିଙ୍କର ନାୟକ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ସଂଯୋଜକ ଅଧାପକ ଗୌରାଙ୍ଗ ପଣ୍ଡା, ସିନ୍ଧିଆ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡ଼ା. ତନ୍ମୟ କୁମାର ଭୂୟାଁ, ସୁବର୍ଣ୍ଣରେଖା ମହାବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ଡ଼. ପ୍ରେମାନନ୍ଦ ସେଠୀ, କୃଷି ଅଧିକାରୀ ପ୍ରଦୀପ କୁମାର ବେହେରା ଓ ଓଡ଼ିଶା ରକ୍ତଦାତା ସଙ୍ଗଠନର ସାଧାରଣ ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାନର ମହତ୍ତ୍ୱ ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିବା ସହ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଓଡ଼ିଶା ରକ୍ତ ଭଣ୍ଡାରକେନ୍ଦ୍ରର ମୋନାନି ମଲ୍ଲିକ, ସୁଦେସ୍ନା ସ୍ୱାଇଁ,ବିନୋଦ ବିହାରୀ ଦାସ ଓ ବିଦ୍ୟାଧର ସାହୁ ପ୍ରମୁଖ ଯୋଗଦେଇ ଏହି ଶିବିରରୁ ୨୩ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ହେମନ୍ତ ବେହେରା, ଅର୍ଚ୍ଚନା ବେହେରା, ବିଦ୍ୟାଭାରତୀ ପାଣି, ଅଶୋକ ମଢୁଆଳ, ଚାରୁ ଲେଙ୍କା, ସଞ୍ଜୟ କୁମାର ପ୍ରଧାନ, ଗୌରାଙ୍ଗ ସାହୁ, ନିତ୍ୟାନନ୍ଦ ବାରିକ, ଶଶୀକାନ୍ତ ବେହେରା ଓ ସୋହମ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷାଶ୍ରମ ତରଫରୁ ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତା ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯିବା ସହ ପ୍ରମାଣପତ୍ର ପ୍ରଦାନ କରା ଯାଇଥିଲା।

# କେନ୍ଦ୍ରାପଡ଼ା କଲେଜରେ ଗାନ୍ଧୀଙ୍କ ଅହିଂସା ନୀତି ଶୀର୍ଷକ ଆଲୋଚନାଚକ୍ର




**କେନ୍ଦ୍ରାପଡ଼ା,୧।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଦର୍ଶନଶାସ୍ତ୍ର ବିଭାଗ ଆନୁକୂଲ୍ୟରେ ବିଭାଗୀୟ ଶ୍ରେଣୀକକ୍ଷରେ 'ଗାନ୍ଧୀଙ୍କ ଅହିଂସା ନୀତି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଦର୍ଶନଶାସ୍ତ୍ର ବିଭାଗ ମୁଖ୍ୟ ପ୍ରାଧାପକ ସତ୍ୟରଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା ଡ. ମୌସୁମୀ କାନୁନ୍‌ଗୋ ବକ୍ତା ଭାବେ ଯୋଗଦେଇ କହିଲେ ଏକ ସୁସ୍ଥ ସମାଜ ଗଠନରେ ଗାନ୍ଧୀଙ୍କ ଅହିଂସା ନୀତି ଏକ ବୃହତ ଅସ୍ତ୍ର ଭାବେ କାମ କରିଥାଏ । ଚିନ୍ତାଧାରା, ବିଚାରଧାରା ଓ କାର୍ଯ୍ୟଧାରାରେ ଅହିଂସାକୁ ପାଥେୟ କରି ବାଟ ଚାଲିଲେ ଜୀବନ ସୁଖମୟ ହେବା ସହିତ ସମାଜ ସୁଦୃଢ ହୋଇପାରିବ ବୋଲି କହିଥିଲେ । ଅହିଂସା ଓ ସତ୍ୟ ପରସ୍ପର ପରିପୂରକ । ଏଥିସହିତ ଡ. କାନୁନଗୋ ଗାନ୍ଧିଜୀଙ୍କ ସତ୍ୟାଗ୍ରହ, ସର୍ବୋଦୟ, ସ୍ୱଦେଶୀ ଓ ସ୍ୱଚ୍ଛତା ଉପରେ ଆଲୋକପାତ କରିଥିଲେ । ଗାନ୍ଧୀଙ୍କ ମତରେ ସତ୍ୟ ହେଉଛି ଅହିଂସା ଓ ଅହିଂସା ହେଉଛି ସତ୍ୟ ବୋଲି ସେ କହିଥିଲେ। କଲେଜ ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗାନ୍ଧୀଙ୍କ ଅହିଂସା ନୀତି ଉପରେ ବକ୍ତବ୍ୟ ରଖିଥିଲେ । ଦର୍ଶନଶାସ୍ତ୍ର ବିଭାଗର ଯୁକ୍ତ-୩ ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ବର୍ଷାରାଣୀ ସେଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଭାଗୀୟ ମୁଖ୍ୟ ପ୍ରାଧାପକ ଶ୍ରୀ ମିଶ୍ର ବିଷୟବସ୍ତୁ ଉପରେ ସଂକ୍ଷୀପ୍ତ ଟିପ୍ପଣୀ ଉପସ୍ଥାପନା କରିଥିଲେ । ଶେଷରେ ଅଧାପକ ଅଚ୍ୟୁତାନନ୍ଦ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୂର୍ବତନ ଜିଲ୍ଲାପରିଷଦ ଅନିରୁଦ୍ଧଙ୍କ ଦେହାନ୍ତ



**ନୀଳଗିରି,୧।୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲାର ଜିଲ୍ଲା ପରିଷଦ ୧ ନମ୍ବର ଜୋନ୍‌ର ପୂର୍ବତନ ଜିଲ୍ଲା ପରିଷଦ ତଥା ପୂର୍ବତନ ସରପଞ୍ଚ ସ୍ୱର୍ଗତ ଅନିରୁଦ୍ଧ ବିଶ୍ୱାଳଙ୍କ (୬୮)ଦେହାନ୍ତ ହୋଇଯାଇଛି । ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଦୀର୍ଘ ଦିନ ଧରି ଘରେ ଚିକିତ୍ସିତ ହେଉଥିବା ବେଳେ ଆଜି ଅପରାହ୍ନ ୨ ଘଟିକାରେ ତାଙ୍କର ଦେହନ୍ତ ହୋଇଯାଇଛି। ଖବର ପାଇ ନୀଳଗିରିର ପୂର୍ବତନ ବିଧାୟକ ଇଂସୁକାନ୍ତ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମର ଶରୀରରେ ପୁଷ୍ପ ଗୁଚ୍ଛପ୍ରଦାନ କରିବା ସହିତ ଶୋକ ସନ୍ତପ୍ତ ପରିବାରଙ୍କୁ ଆଶ୍ୱାସନା ଦେଇଛନ୍ତି । ଘରବାଡ଼ିରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି।

# କଳାହାଣ୍ଡିରେ ଆଖୁ ବଡ଼ିର ଚାହିଦା ଅଧିକ



**କଳାହାଣ୍ଡି,୧।୨(ସଂଚାର ବ୍ୟୁରୋ):** ଓଡ଼ିଆଙ୍କ ପାରମ୍ପରିକ ଖାଦ୍ୟରେ ବଡିର ସ୍ୱତନ୍ତ୍ର ସ୍ଥାନ ରହିଛି। ପଶ୍ଚିମ ଓଡ଼ିଶାରେ ତିଆରି ବଡିର ସ୍ୱାଦ ନିଆରା । ବର୍ତ୍ତମାନ କଳାହାଣ୍ଡି ଜିଲାର ବିଭିନ୍ନ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଗୃହିଣୀମାନଙ୍କ ବଡି ପକା ଶେଷ ପର୍ଯ୍ୟାୟରେ ରହିଛି। ସାଧାରଣତଃ ଶୀତ ଦିନରେ ଅର୍ଥାତ ଡିସେମ୍ବରରୁ ଫେବୃଆରୀ ମାସ ମଧରେ ବଡି ତିଆରି କରାଯାଏ। ଆଉ ଏହାକୁ ତିଆରିରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ଗୃହିଣୀମାନେ।

ପଶ୍ଚିମ ଓଡିଶାର ବିଭିନ୍ନ ପ୍ରକାର ବଡି ମଧରେ ଆଖୁ ବଡି, କଖାରୁ ବଡି, ଭଜା ବଡି, ଖୁଡୁଙ୍ଗ ବଡି, ଫୁଲ ବଡି, ଲିଆ ବଡି, ମୁଗ ବଡି, କଟିଙ୍ଗ ବଡି, ଚିନାବାଦମ ବଡି ଅନ୍ୟତମ। ଆଖୁ ବଡି ତିଆରି ପାଇଁ ପ୍ରଥମେ ଆଖୁକୁ ଖଣ୍ଡ ଖଣ୍ଡ କରାଯାଇ ଚଞ୍ଛା ଯିବା ପରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ବିରି ଚକଟା ସହ ମିଶାଇ ବଡି ପ୍ରସ୍ତୁତ କରାଯାଇଥାଏ। ପରେ ତାହାକୁ ଖରାରେ କିଛି ଦିନ ଶୁଖାଇବା ପରେ ଏହି ବଡି ପ୍ରସ୍ତୁତ ହୋଇଥାଏ।କଳାହାଣ୍ଡିରେ ଆଖୁ ବଡିର ଚାହିଦା ଅଧିକ ରହିଛି। ଅଞ୍ଚଳରେ ଖାଦ୍ୟପେୟର ଏକ ଅଭିନ୍ନ ଅଙ୍ଗ ହେଉଛି ବଡି ବୋଲି ଧର୍ମଗଡ଼ ନିକଟସ୍ଥ ଛିଲିପା ଓ ଗୋଲାମୁଣ୍ଡା ବ୍ଲକ ର ଚିଚିଆ ଗ୍ରାମର ଗୃହିଣୀ ମାନେ କହନ୍ତି। ତେବେ ବଡିଯେ କେବଳ ଦୈନନ୍ଦିନ ଖାଦ୍ୟ ଭାବରେ ବ୍ୟବହାର କରାଯାଏ ତା' ନୁହେଁ, ଏହା ପଛରେ ରହିଛି ଅନେକ କାହାଣୀ।

ଝିଅ ବାହା କରିବା ସମୟରେ ବଡିର ନିହାତି ଆବଶ୍ୟକତା ରହିଥାଏ। କାରଣ ବଡିକୁ ଝିଅ ସାଥିରେ ନିଜ ଶାଶୁ ଘରକୁ ନେବା ପାଇଁ ଯୌତୁକରେ ଦିଆଯାଇଥାଏ। ଏହାର ବର୍ଣ୍ଣ ଶ୍ୱେତ ହୋଇଥିବାବେଳେ ଏହାକୁ ଶୁଭ ଓ ଶାନ୍ତିର ପ୍ରତୀକ ବୋଲି କିମ୍ବଦନ୍ତୀ କହେ। ଆଉ ଯୌତୁକରେ ବଡି ଦେବା ଦ୍ୱାରା ଘରେ ଶୁଖ ଶାନ୍ତି ଆସିଥାଏ ବୋଲି ମଧ ବିଶ୍ୱାସ ରହିଛି। ଏହାସହିତ ଜଣେ ମା' ଛୁଆ ଜନ୍ମ କଲା ପରେ ସେହି ପ୍ରସୂତି ମା'ଙ୍କୁ କେବଳ ବଡି ତରକାରୀ ରନ୍ଧାଯାଇ ଦିଆଯାଇଥାଏ। କାରଣ ଶିଶୁ ଯେତେବେଳେ ମା' କ୍ଷୀର ଖାଇଥାଏ ସେଥିରେ ମା' ଖାଉଥିବା ସମସ୍ତ ଜିନିଷ ଛୁଆ ଗ୍ରହଣ କରେ। ଖାଦ୍ୟପେୟରେ ତେଲ ମସଲାଜାତୀୟ ଖାଦ୍ୟ ଦିଆଯିବା ଦ୍ୱାରା ଛୁଆ ଉପରେ ପ୍ରଭାବ ପଡିବା ଆଶଙ୍କା ରହିଥାଏ। ଏହାଛଡା ବଡି ଏକ ସଂରକ୍ଷଣ ଖାଦ୍ୟ ।